# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଜୁଲାଇ ୨୨/୨୦୨୨ (୧୬ ପୃଷ୍ଠା) | Sambalpur, Friday, July 22/2022 | Page 16 | ₹ 7.00 | ★★

୧୮ଶ ଭାଗ ୨୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ସିଂହରାଜଙ୍କୁ ୨ ସ୍ୱର୍ଣ୍ଣ ପଦକ

ମ୍ୟୁନିକ୍‌ରେ ଅନୁଷ୍ଠିତ ପାରା ଶୁଟିଂ ବିଶ୍ୱକପ୍‌ରେ ଭାରତୀୟ ଶୁଟର ସିଂହରାଜ ଆଧାନା ୨ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୫

୧୨

## ଖତ୍‌ରୋକି ଖିଲାଡି ଟ୍ରଫିରୁ ବଞ୍ଚିତ ଜନ୍ନତ

ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇ ମଧ ଖତ୍‌ରୋକି ଖିଲାଡି-୧୨ ଟ୍ରଫିରୁ ବଞ୍ଚିତ ହୋଇଛନ୍ତି ବଲିଉଡ୍ ଅଭିନେତ୍ରୀ ଜନ୍ନତ ଜୁବେର।



# ଦ୍ରୌପଦୀ ରାଷ୍ଟ୍ରପତି

## ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ପ୍ରଥମ ଆଦିବାସୀ ମହିଳା

**ନୂଆଦିଲ୍ଲୀ, ୨୧।୭**

ଓଡ଼ିଶାର ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଝିଅ ଦ୍ରୌପଦୀ ମୁର୍ମୁ ଗୁରୁବାର ଭାରତର ନୂଆ ରାଷ୍ଟ୍ରପତି ହୋଇଛନ୍ତି। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ସେ ଦୁଇ-ତୃତୀୟାଂଶ ଭୋଟ ହାସଲ କରି ପ୍ରଥମ ଆଦିବାସୀ ମହିଳା ରୂପେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଅଳଙ୍କୃତ କରିଛନ୍ତି। ଏଥିସହ ସେ ସ୍ୱାଧୀନୋତ୍ତର ଭାରତରେ ଜନ୍ମିତ ପ୍ରଥମ ରାଷ୍ଟ୍ରପତି ହେବାର ସୌଭାଗ୍ୟ ମଧ୍ୟ ଲାଭ କରିଛନ୍ତି। ଦ୍ରୌପଦୀଙ୍କ ବିଜୟ ପରେ ତାଙ୍କ ପାଖକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ଦ୍ରୌପଦୀଙ୍କ ପ୍ରତିଦ୍ୱନ୍ଦ୍ୱୀ ଯଶୱନ୍ତ ସିହ୍ନା ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ଅନେକ ନେତା ଟୁଇଟ୍ କରି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସମେତ କେତେଜଣ କେନ୍ଦ୍ରମନ୍ତ୍ରୀ ଦ୍ରୌପଦୀଙ୍କୁ ସାକ୍ଷାତ୍ କରି ଶୁଭେଚ୍ଛା ଜଣାଇଥିବାବେଳେ ନୂଆ ରାଷ୍ଟ୍ରପତିଙ୍କ ଗାଁରେ ଉତ୍ସବ ପାଳନ କରାଯାଇଛି। ସେ ଆସନ୍ତା ୨୫ ତାରିଖରେ ପଞ୍ଚଦଶ ରାଷ୍ଟ୍ରପତି ରୂପେ ଶପଥ ନେବେ।

୧୯୫୮ ଜୁନ୍ ୨୦ରେ ମୟୂରଭଞ୍ଜ ଜିଲା ଉପରବେଡ଼ା ଗ୍ରାମରେ ଜନ୍ମିତ ଦ୍ରୌପଦୀ ଶ୍ୟାମଚରଣ ମୁର୍ମୁଙ୍କୁ ବିବାହ କରିଥିଲେ। ବ୍ୟାଙ୍କରେ ଚାକିରି କରୁଥିବା ଶ୍ୟାମଚରଣଙ୍କର ୨୦୧୪ରେ ପରଲୋକ ହୋଇଥିଲା। ଏହି ଦମ୍ପତିଙ୍କ ଦୁଇ ପୁଅଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଝିଅ ଅଛନ୍ତି। ଦ୍ରୌପଦୀ ୧୯୯୭ରେ ଭାଜପାରେ ଯୋଗଦେବା ପରେ ରାଇରଙ୍ଗପୁର ଏନ୍‌ଏସିରେ କାଉନ୍‌ସିଲର ଏବଂ ୨୦୦୦ରେ ଅଧକ୍ଷା ହୋଇଥିଲେ। ଓଡ଼ିଶାରେ ବିଜେଡି-ଭାଜପା ମେଣ୍ଟ ସରକାର ଚାଲିଥିବାବେଳେ ୨୦୦୦ରୁ ୨୦୦୪ ମଧ୍ୟରେ ବିଭିନ୍ନ ବିଭାଗର ମନ୍ତ୍ରୀ ଥିଲେ। ଦ୍ରୌପଦୀ ୨୦୧୫ ମେ' ୧୮ରୁ ୨୦୨୧ ଜୁଲାଇ ୧୨ ପର୍ଯ୍ୟନ୍ତ ଝାଡ଼ଖଣ୍ଡର ପ୍ରଥମ ମହିଳା ରାଜ୍ୟପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। ଗତ ଜୁନ୍ ୨୨ରେ ଭାଜପା ତାଙ୍କୁ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ କରିଥିଲା। ଦ୍ରୌପଦୀଙ୍କ ବିରୋଧରେ ବିରୋଧୀ ଦଳଗୁଡ଼ିକ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ତୃଣମୂଳ ☞ପୃଷ୍ଠା-୪

## ଦ୍ରୌପଦୀଙ୍କୁ ୬୪%, ଯଶୱନ୍ତଙ୍କୁ ୩୬% ଭୋଟ



ଦ୍ରୌପଦୀ ମୁର୍ମୁ

# ବିଲ୍ ଗେଟ୍ସଙ୍କୁ ଟପିଲେ ଆଦାନୀ

## ବିଶ୍ୱର ୪ର୍ଥ ଧନୀ



ଗୌତମ ଆଦାନୀ

**ନୂଆଦିଲ୍ଲୀ, ୨୧।୭**

ଭାରତୀୟ ଉଦ୍ୟୋଗପତି ଗୌତମ ଆଦାନୀ ମାଇକ୍ରୋସଫ୍ଟ ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କୁ ପଛରେ ପକାଇ ବିଶ୍ୱର ଚତୁର୍ଥ ଧନୀ ବ୍ୟକ୍ତି ହୋଇଛନ୍ତି। ଗୁରୁବାର ପ୍ରକାଶିତ ଫୋର୍ବସ ରିଅଲ-ଟାଇମ୍ ବିଲିୟନେୟାର ତାଲିକା ଅନୁସାରେ ୬୦ ବର୍ଷୀୟ ବିଜ୍‌ନେସ ଟାଇକୁନ୍ ଆଦାନୀଙ୍କ ମୋଟ ସମ୍ପତ୍ତି ୧୧୫.୫ ବିଲିୟନ ଡଲାର ରହିଛି। ବିଲ୍ ଗେଟ୍ସଙ୍କ ସମ୍ପତ୍ତି ୧୦୪.୬ ବିଲିୟନ ଡଲାର ଥିବା ଏଥିରୁ ଜଣାପଡ଼ିଛି। ୯୦ ବିଲିୟନ୍ ଡଲାର ସହ ☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ**

### ଶ୍ରୀଲଙ୍କାର ପତନାବସ୍ଥା

### ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ୩ରୁ ୧୦ କୋଟି କରିବାକୁ ଦାବି

ପୃଷ୍ଠା-୫







Stylish and spacious interiors



2nd Row - one touch tip tumble captain & split seats



Bose premium sound system (8 speakers)



Voice enabled smart panoramic sunroof



Surround view monitor with 360° camera

**Powertrain options :** 1.5 l diesel CRDi & 2.0 l petrol MPi with 6MT & 6AT
**Fuel economy:** diesel (20.4~ kmpl – MT) & petrol (14.5~ kmpl – MT)
Bluelink connected car technology comes with Over The Air (OTA) map updates. 16 map updates in 8 years.

HYUNDAI

To know more, give a missed call on 8884709630 | 3 Year Unlimited Kilometer Warranty | 3 Years road side assistance (RSA) 3 Years free Bluelink subscription | Lowest cost of maintenance.** | Hyundai Mobility Membership | Hyundai Cl!ck to Buy | Up to 100% on - road funding.* Lowest rate of interest starting @ 7.25%.* Minimal processing fee - as low as nil.*

**FOR INFORMATION CONTACT:** TOLL FREE: 1800114645; **ANGUL: BINOD HYUNDAI**, PH: 8093147272, **BALANGIR: BINOD HYUNDAI**, PH: 8117067272; **BHUBANESWAR: UTKAL HYUNDAI**, PAHAL, PH: 6371750223; RASULGARH, PH: 8093066006; PATIA, PH: 9861455661; **ADITYA HYUNDAI**, TAMANDO, PH: 7873999645, NAYAGARH, PH: 7873999331; SACHIVALAYA MARG, UNIT IV, PH: 7873999988, LEWIS ROAD, PH: 7873999523; **BERHAMPUR: UTKAL HYUNDAI**, PH: 9437964843; **BALASORE: PREMIER HYUNDAI**, PH: 9938449806; BHADRAK, PH: 9938449806; **BARIPADA: PREMIER HYUNDAI**, PH: 9938449811; **CUTTACK: OSL HYUNDAI**, PH: 9338104597; PARADEEP, PH: 7077736600; JAGATSINGHPUR, PH: 7077736590; **UTKAL HYUNDAI**, PH: 9437063221; KEONJHAR, PH: 9937117471, JAJPUR, PH: 7077719045; **ROURKELA: KOSHALA HYUNDAI**, PH: 7440022333; RAJGANGPUR, PH: 8093598037; **SAMBALPUR: AAKASHDEEP HYUNDAI**, PH: 9437070126; **BARGARH: SAKAMBARI HYUNDAI**, PH: 6370101797; **JHARSUGUDA: INFINITY HYUNDAI**, PH: 7077011114; SUNDERGARH, PH: 7606003303; **JEYPORE: HSPL HYUNDAI**, PH: 8480330001; SIMILIGUDA, PH: 8480330001; RAYAGADA, PH: 8480330001; BHAWANIPATNA, PH: 8480330040; **UTTARA: ADITYA HYUNDAI**, PH: 7873999545, PURI, PH: 7873999980;

*Terms & Conditions apply. Features & specifications shown may not be part of standard fitment & are subject to change without prior notice. Functionality of Bluelink depends on adequate power supply and uninterrupted network connectivity to infotainment system. The Bluelink system is designed in such a way that it makes vehicle theft difficult if its circuit and battery connection is uninterrupted. ##Hyundai ALCAZAR (Petrol) has lowest average yearly periodic maintenance service cost of ₹3 156 for 5 years in Delhi. **Source:** Cardekho.com. ~As per ARAI test result. Loan is at the sole discretion of financier. Visit your nearest Hyundai dealership for more details. Hyundai urges you to follow traffic rules – these are meant to keep you safe on roads.

## ସଂକ୍ଷେପରେ

### ଶପଥ ନେଲେ ୱିକ୍ରମସିଂଘେ

**କଲମ୍ବୋ, ୨୧।୭:** ଗମ୍ଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଶ୍ରୀଲଙ୍କାର ଅଷ୍ଟମ ରାଷ୍ଟ୍ରପତି ଭାବେ ରାନିଲ ୱିକ୍ରମସିଂଘେ ଗୁରୁବାର ପାର୍ଲାମେଣ୍ଟରେ ଶପଥ



ନେଇଛନ୍ତି। ପ୍ରଧାନ ବିଚାରପତି ଜୟନ୍ତ ଜୟସୁରିୟା ତାଙ୍କୁ ଶପଥ ପାଠ କରାଇଥିଲେ। ୬ ଥରର ପ୍ରଧାନମନ୍ତ୍ରୀ ୱିକ୍ରମସିଂଘେ ରାଷ୍ଟ୍ରପତି ହେବା ପରେ ରାଷ୍ଟ୍ରପତି ଭବନ ଏବଂ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଜବରଦସ୍ତି ପଶି ଭଙ୍ଗାରୁଜା କରିଥିବା ବିକ୍ଷୋଭକାରୀଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ନେଇଛନ୍ତି। ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ବିକ୍ଷୋଭକାରୀ ପୂର୍ବତନ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ଇସ୍ତଫା ଦାବିରେ ତାଙ୍କ କାର୍ଯ୍ୟାଳୟର ପ୍ରବେଶପଥ ଅବରୋଧ କରିବା ସହ ପରେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଧସେଇ ପଶିଥିଲେ। ୱିକ୍ରମସିଂଘେ ରାଷ୍ଟ୍ରପତି ନିର୍ବାଚିତ ହେବାକ୍ଷଣି ପୋଲିସ ସେଠାରୁ ପୋଷ୍ଟର ଓ ଟେଣ୍ଟ ହଟାଇଛି। ସୂଚନାଯୋଗ୍ୟ, ୱିକ୍ରମସିଂଘେ ବୁଧବାର ୨୨୫ ସଦସ୍ୟତା ବିଶିଷ୍ଟ ସଂସଦର ୧୩୪ ଏମ୍‌ପିଙ୍କ ସମର୍ଥନ ପାଇ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। କିଛି ଦିନ ମଧ୍ୟରେ ୨୦ରୁ ୨୫ ସଦସ୍ୟଙ୍କୁ ନେଇ ସେ ନୂଆ କ୍ୟାବିନେଟ ଗଠନ କରିବେ।

### ବ୍ଲକ୍ ହୋଇଛି ୯୪ ୟୁଟ୍ୟୁବ୍ ଚ୍ୟାନେଲ

**ନୂଆଦିଲ୍ଲୀ, ୨୧।୭:** ଦେଶ ସ୍ୱାର୍ଥ ବିରୋଧୀ କାର୍ଯ୍ୟକଳାପ ପାଇଁ ୨୦୨୧-୨୨ରେ କେନ୍ଦ୍ର ସରକାର ୯୪ ୟୁଟ୍ୟୁବ୍ ଚ୍ୟାନେଲ, ୧୯ ସୋସିଆଲ ମିଡିଆ ଆକାଉଣ୍ଟ ଏବଂ ୭୪୭ ୟୁଆର୍‌ଏଲ୍ ତଥା ୱେବସାଇଟ୍‌କୁ ବ୍ଲକ କରିଛନ୍ତି। ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନ ଅନୁସାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଗୁରୁବାର ରାଜ୍ୟ ସଭାରେ କହିଛନ୍ତି। ଏଭଳି କାର୍ଯ୍ୟକଳାପରେ ସମ୍ପୃକ୍ତ ରହୁଥିବା ବ୍ୟକ୍ତି ଏବଂ ଅନୁଷ୍ଠାନ ଉପରେ କଡ଼ା ନଜର ରଖାଯାଉଥିବା ସେ ପ୍ରକାଶ କରିଛନ୍ତି।

### ଯୋର ପାଣି ପିଇ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅସୁସ୍ଥ



**ଚଣ୍ଡିଗଡ଼, ୨୧।୭:** ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂ ମାନ୍ ସୁଲତାନପୁର ଲୋଧିରେ ଥିବା କାଲି ବେନ୍ ଯୋର ପାଣି ପିଇ ଅସୁସ୍ଥ ହୋଇଛନ୍ତି। ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ବୁଧବାର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଗୁରୁବାର ସେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇଛନ୍ତି। ତାଙ୍କ ପାକସ୍ଥଳୀରେ ସଂକ୍ରମଣ ହୋଇଥିବା ଜଣାପଡ଼ିଛି। ମାନ୍ ରବିବାର ପବିତ୍ର କାଲି ବେନ୍‌ରୁ ଏକ ଗ୍ଲାସ୍ ପାଣି ପିଇ ଦେଇଥିଲେ। ଅସୁସ୍ଥ ହେବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ତାଙ୍କୁ ଭେଟିବାକୁ ଡାକ୍ତରଖାନା ଯାଇଥିଲେ।



ଗ୍ରୀଷ୍ମପ୍ରବାହରୁ ମୁକ୍ତି ପାଇବା ପାଇଁ ଜର୍ମାନୀର ୟୁଜ୍‌ଡମ୍ ଦ୍ୱୀପସ୍ଥିତ ବାଲ୍‌ଟିକ୍ ବେଳାଭୂମିରେ ଲୋକେ ମଜା ନେଉଛନ୍ତି।

# ଗର୍ଭପାତ କରାଇପାରିବେ ଅବିବାହିତା

## ୨୪ ସପ୍ତାହର ଗର୍ଭବତୀଙ୍କୁ ସୁପ୍ରିମକୋର୍ଟଙ୍କ ଅନୁମତି

**ନୂଆଦିଲ୍ଲୀ, ୨୧।୭**

୨୪ ସପ୍ତାହର ଗର୍ଭବତୀ ଥିବା ଜଣେ ଅବିବାହିତା ଯୁବତୀଙ୍କୁ ଗର୍ଭପାତ କରାଇବାକୁ ସୁପ୍ରିମକୋର୍ଟ ଗୁରୁବାର ଅନୁମତି ଦେଇଛନ୍ତି। ଫଳରେ ୨୦ ସପ୍ତାହରୁ ଅଧିକ ସମୟ ଗର୍ଭବତୀ ହେବା ପରେ କୌଣସି ଯୁବତୀ ଗର୍ଭପାତ କରାଇପାରିବେ ନାହିଁ ବୋଲି ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟ ସୁପ୍ରିମକୋର୍ଟରେ ଖାରଜ ହୋଇଛି। ଏମ୍ସର ଏକ ମେଡିକାଲ ବୋର୍ଡ ଯୁବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ତାଙ୍କ ଜୀବନ ପ୍ରତି କୌଣସି ବିପଦ ନ ଆସିବା ଭଳି ଡାକ୍ତରୀ ପଦ୍ଧତିରେ ଗର୍ଭପାତ କରାଇବାକୁ ସର୍ବୋଚ୍ଚ ଅଦାଲତ ଅନୁମତି ଦେଇଛନ୍ତି।

ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଥିଲେ, ଜଣେ ଅବିବାହିତାଙ୍କୁ ଅବାଞ୍ଛିତ ଭାବେ ଗର୍ଭଧାରଣ କରିବାକୁ ଦେବା ମେଡିକାଲ ଟର୍ମିନେଶନ ଅଫ୍ ପ୍ରେଗ୍‌ନାନ୍ସି (ଏମ୍‌ଟିପି) ଆକ୍ଟର ଉଦ୍ଦେଶ୍ୟ ଓ ଚିନ୍ତାର ବିପରୀତ ହେବ। ଯୁବତୀ ଜଣକ ରୋଜଗାର କରୁ ନ ଥିବାରୁ ପିଲାର ଭରଣପୋଷଣ ତାଙ୍କ ପାଇଁ କଷ୍ଟକର ହେବ। ଏଥିସହ ସେ ମାନସିକ ସ୍ତରରେ ମଧ୍ୟ ପିଲାକୁ ପାଳିବାକୁ ପ୍ରସ୍ତୁତ ନାହାନ୍ତି। ତେଣୁ ଉକ୍ତ ଆଇନର ପ୍ରାବଧାନ ଅନୁସାରେ ଏକ ମେଡିକାଲ ବୋର୍ଡ ଗଠନ କରି ଯୁବତୀଙ୍କ ଗର୍ଭପାତ କରାଇବାକୁ ସର୍ବୋଚ୍ଚ ଅଦାଲତ ଏମ୍ସ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହିଳା ଜଣକ ଗର୍ଭପାତ ଅନୁମତି ପାଇଁ ପୂର୍ବରୁ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ଶୁଣାଣି କରି ହାଇକୋର୍ଟ ଗତ ୧୬ ତାରିଖରେ କହିଥିଲେ, ସହମତିଭିତ୍ତିରେ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ ହୋଇଥିବା ଅବିବାହିତା ଯୁବତୀ ୨୦ ସପ୍ତାହ ପରେ ଗର୍ଭପାତ କରାଇପାରିବେ ନାହିଁ। ଏହା ଭ୍ରୂଣହତ୍ୟାକୁ ପ୍ରୋତ୍ସାହିତ କରିବ। ତେଣୁ ପ୍ରସବ ପରେ ଯୁବତୀ ଶିଶୁଙ୍କୁ ମେଡିକାଲ କିମ୍ବା ଅନ୍ୟ ସୁରକ୍ଷିତ ସ୍ଥାନରେ ରଖିପାରିବେ। ଏହା ଦ୍ୱାରା ଅନ୍ୟ କେହି ସମ୍ପୃକ୍ତ ଶିଶୁଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିପାରିବେ ବୋଲି ହାଇକୋର୍ଟ ଟିପ୍ପଣୀ ଦେଇଥିଲେ।

# ସର୍ବକନିଷ୍ଠ, ପ୍ରଥମ ଆଦିବାସୀ



ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

**ନୂଆଦିଲ୍ଲୀ, ୨୧।୭**

ଓଡ଼ିଶାର ମୟୂରଭଞ୍ଜ ଜିଲା ରାଇରଙ୍ଗପୁରରୁ ରାଇସିନା ହିଲ୍ ଯାତ୍ରା ଦ୍ରୌପଦୀ ମୁର୍ମୁଙ୍କ ପାଇଁ ସହଜ ନ ଥିଲା। କାଉନସିଲରରୁ ପୌରାଧ୍ୟକ୍ଷା, ରାଜ୍ୟ କ୍ୟାବିନେଟରେ ମନ୍ତ୍ରୀ ହେବା ପରେ ଝାଡ଼ଖଣ୍ଡର ପ୍ରଥମ ମହିଳା ରାଜ୍ୟପାଳ ହେବାର ସୌଭାଗ୍ୟ ଲାଭ କରିଥିଲେ ଦ୍ରୌପଦୀ। ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସ୍ଥାନରେ ପଞ୍ଚଦଶ ରାଷ୍ଟ୍ରମୁଖ୍ୟ ଭାବେ ସୋମବାର ସେ ଶପଥ ନେବେ। ଏହି ୬୪ ବର୍ଷୀୟା ଧର୍ମପରାୟଣା ମହିଳା ଦେଶର ସର୍ବକନିଷ୍ଠ ତଥା ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ହୋଇଛନ୍ତି।

ଦ୍ରୌପଦୀ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସାକ୍ଷାତ କରି ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ସେ ଟୁଇଟ୍ କରି ଲେଖିଛନ୍ତି, ଭାରତ ଇତିହାସ ରଚିଛି। ୧୩୦ କୋଟି ଭାରତୀୟ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରୁଥିବାବେଳେ ପୂର୍ବ ଭାରତର ଆଦିବାସୀ ସମୁଦାୟର ଜଣେ ଝିଅ ଆମ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ସେ ଆମ ନାଗରିକ ବିଶେଷକରି ବଞ୍ଚିତ ଓ ପଛୁଆବର୍ଗର ଲୋକଙ୍କ ପାଇଁ ଆଶାର କିରଣ ଭଳି ଉଭା ହୋଇଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହାକୁ ଦେଶ ପାଇଁ ଗର୍ବର ମୁହୂର୍ତ୍ତ ବୋଲି ଅଭିହିତ କରିଛନ୍ତି। ଦ୍ରୌପଦୀ ନିଃସ୍ୱାର୍ଥପର ଭାବେ ଦେଶସେବାରେ ନିଜକୁ ଉତ୍ସର୍ଗ କରି ସଂଘର୍ଷ କରିବା ଏବଂ ସଫଳତା ଶୀର୍ଷକୁ ଛୁଇଁବା ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ବୋଲି ସେ କହିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ମତରେ ଦ୍ରୌପଦୀଙ୍କ ବିଜୟ ଭାରତୀୟ ଗଣତନ୍ତ୍ରର ଦୃଢ଼ତାକୁ ପ୍ରତିପାଦିତ କରିଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା କହିଛନ୍ତି, ଆଦିବାସୀ ପୃଷ୍ଠଭୂମିରୁ ଆସି ରାଷ୍ଟ୍ରପତି ପଦ ଅଳଙ୍କୃତ କରିବା ଦେଶପାଇଁ ଏକ ସ୍ୱର୍ଣ୍ଣିମ ମୁହୂର୍ତ୍ତ। ଦ୍ରୌପଦୀଙ୍କ ପ୍ରଶାସନିକ ତଥା ସାମାଜିକ କ୍ଷେତ୍ରରେ ଅଭିଜ୍ଞତା ଏବଂ ସାମର୍ଥ୍ୟରୁ ଦେଶ ଲାଭାନ୍ୱିତ ହେବ।

## ରାଷ୍ଟ୍ରପତି ନିର୍ଭୟରେ ସମ୍ବିଧାନ ରକ୍ଷକ ଦାୟିତ୍ୱ ତୁଲାନ୍ତୁ

### ଦ୍ରୌପଦୀଙ୍କୁ ଶୁଭେଚ୍ଛା ଜଣାଇଲେ ଯଶୱନ୍ତ



ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ବିଜୟୀ ହେବା ପରେ ବିରୋଧୀ ପ୍ରତିଦ୍ୱନ୍ଦ୍ୱୀ ଯଶୱନ୍ତ ସିହ୍ନା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଯଶୱନ୍ତ ଏହି ଅବସରରେ ଟୁଇଟରରେ ଏକ ବିବୃତି ଜାରି କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ଦ୍ରୌପଦୀ ପଞ୍ଚଦଶ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିବା ସମୟରେ ବିନା କୌଣସି ଭୟ କିମ୍ବା ଅନୁଗ୍ରହରେ ସମ୍ବିଧାନ ରକ୍ଷକ ଦାୟିତ୍ୱ ତୁଲାଇବେ ବୋଲି ଆଶା।

ରାଷ୍ଟ୍ରପତି ନିର୍ବାଚନରେ ପରାଜିତ ପ୍ରାର୍ଥୀ ଯଶୱନ୍ତ ଆହୁରି ଲେଖିଛନ୍ତି, ଦେଶରେ ଏଭଳି ଭାବେ ରାଜନୈତିକ ଦୁର୍ନୀତି କେବେ ଦେଖିବାକୁ ମିଳି ନ ଥିଲା। ରାଜନୀତିର ବିଷାକ୍ତ ଧ୍ରୁବୀକରଣ ଗଣତନ୍ତ୍ର ଓ ସାମ୍ପ୍ରଦାୟିକ ସଦ୍ଭାବ ପ୍ରତି ବିପଦ ସୃଷ୍ଟି କରିଛି। ଏଭଳି ସମୟରେ ଦ୍ରୌପଦୀ ପଞ୍ଚଦଶ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ସେ ନିର୍ଭୟରେ ଦେଶର ସମ୍ବିଧାନ ରକ୍ଷକ ଭାବେ କାର୍ଯ୍ୟ କରିବେ ବୋଲି ଦେଶବାସୀ ଆଶା କରନ୍ତି। ଏହି ଅବସରରେ ଯଶୱନ୍ତ ତାଙ୍କୁ ଭୋଟ ଦେଇଥିବା ବିରୋଧୀ ଦଳଗୁଡ଼ିକର ନେତାମାନଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଇଟାଲୀ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

- ଆସ୍ଥା ଭୋଟ ବର୍ଜନ କଲେ ସହଯୋଗୀ
- ୨ ବର୍ଷରେ ପଦ ଛାଡ଼ିଲେଣି ୨ ପ୍ରଧାନମନ୍ତ୍ରୀ

**ରୋମ, ୨୧।୭**

ଇଟାଲୀ ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘି ଗୁରୁବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଏହି ୟୁରୋପୀୟ ରାଷ୍ଟ୍ରରେ ସୃଷ୍ଟି ହୋଇଥିବା ରାଜନୈତିକ ସଙ୍କଟ ମଧ୍ୟରେ ୫ ଦଳକୁ ନେଇ ଗଠିତ ଶାସକ ମେଣ୍ଟ ସହଯୋଗୀମାନେ ଆସ୍ଥା ଭୋଟ ବର୍ଜନ କରିବା ପରେ ମାରିଓ ସରକାର ସଂଖ୍ୟାଲଘୁ ହୋଇଯାଇଥିଲା। ଫଳରେ ସେ ବାଧ୍ୟ ହୋଇ ରାଷ୍ଟ୍ରପତି ସେର୍ଗିଓ ମାଟାରେଲାଙ୍କୁ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ଫଳରେ ଦେଶରେ ଖୁବ୍‌ଶୀଘ୍ର ନିର୍ବାଚନ ଅନୁଷ୍ଠିତ ହେବାର ସମ୍ଭାବନା ଦେଖାଦେଇଛି। ନୂଆ ପ୍ରଧାନମନ୍ତ୍ରୀ ନିର୍ବାଚିତ ନ ହେବା ପର୍ଯ୍ୟନ୍ତ ମାରିଓ କାମଚଳା ପ୍ରଧାନମନ୍ତ୍ରୀ ରହିବେ।

କୋଭିଡ୍-୧୯ ପରିଚାଳନାରେ ବିଫଳତା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଜିଉସେପେ କୋଣ୍ଟେ ଗତ ବର୍ଷ ଇସ୍ତଫା ଦେଇଥିଲେ। ଏହାପରେ ମାରିଓ ମେଣ୍ଟ ସରକାର ଗଢ଼ିବା ସହ ୨୦୨୧ ଫେବୃୟାରୀରେ ଇଟାଲୀ ପ୍ରଧାନମନ୍ତ୍ରୀ ହୋଇଥିଲେ। ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ଭାବେ ଜଣା ମାରିଓ ଦେଶର ୫ମ ପ୍ରଧାନମନ୍ତ୍ରୀ। ଗତ ସପ୍ତାହରେ ୫-ଷ୍ଟାର ମେଣ୍ଟ ସହଯୋଗୀ ମାରିଓଙ୍କୁ ସମର୍ଥନ ଦେବେନାହିଁ ବୋଲି ଘୋଷଣା କରିଥିଲେ। ମେଣ୍ଟରେ ଥିବା ଦକ୍ଷିଣପନ୍ଥୀ ଫୋର୍ଜା ଇଟାଲିଆ ଏବଂ ଲିଗ୍ ଦଳ ବୁଧବାର ରାତିରେ ଆସ୍ଥା ଭୋଟ ଦେବାକୁ ମନା କରିଥିଲେ। ମାରିଓଙ୍କ ଇସ୍ତଫା କେବଳ ଇଟାଲୀ ନୁହେଁ, ବରଂ ସମଗ୍ର ୟୁରୋପରେ ଅସ୍ଥିରତା ସୃଷ୍ଟି କରିଛି। ୟୁକ୍ରେନ୍‌କୁ ୟୁରୋପୀୟ ସଂଘରେ ସାମିଲ କରିବାକୁ ମାରିଓ ସମର୍ଥନ କରିବା ସହ କିଭ୍ ଉପରେ ଆକ୍ରମଣ ପାଇଁ ରୁଷିଆକୁ ସମାଲୋଚନା କରିଥିଲେ। ସେହିପରି ଏହି ୟୁରୋପୀୟ ଦେଶରେ ରାଜନୈତିକ ସଙ୍କଟ ରୁଷିଆକୁ ସୁହାଇବ। ଅନ୍ୟପକ୍ଷରେ ମୁଦ୍ରାସ୍ଫୀତି, ପ୍ରବଳ ଗ୍ରୀଷ୍ମପ୍ରବାହ, ଜଙ୍ଗଲ ନିଆଁ ଆଦି ସମସ୍ୟା ଦେଇ ଇଟାଲୀ ଗତିକରୁଥିବାବେଳେ ସ୍ଥାୟୀ ସରକାର ନ ଆସିଲେ ଏହାର ସମାଧାନ ହେବା କଷ୍ଟକର ହୋଇପଡ଼ିବ।



ମାରିଓ ଡ୍ରାଘି

# ମୋତେ କ୍ୟାନ୍‌ସର ହୋଇଛି: ବାଇଡେନ୍

**ୱାଶିଂଟନ୍, ୨୧।୭**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବୁଧବାର ଦେଇଥିବା ଭାଷଣର ଏକ ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। ତାଙ୍କୁ କ୍ୟାନ୍‌ସର ହୋଇଥିବା ବାଇଡେନ୍ କହୁଥିବାର ଶୁଣିବାକୁ ମିଳିଛି। ବାଇଡେନ୍‌ଙ୍କ ଏଭଳି ବକ୍ତବ୍ୟକୁ ନେଇ ଅନେକେ ଚକିତ ହୋଇଥିବାବେଳେ ହ୍ୱାଇଟ୍ ହାଉସ୍ ପକ୍ଷରୁ ଏହା ଉପରେ ସ୍ପଷ୍ଟୀକରଣ ରଖାଯାଇଛି। ଗତ ବର୍ଷ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପୂର୍ବରୁ ବାଇଡେନ୍ ଚର୍ମ କ୍ୟାନ୍‌ସରରେ ପୀଡ଼ିତ ଥିଲେ। ଚିକିତ୍ସା ପରେ ସେ ଏଥିରୁ ଆରୋଗ୍ୟ ଲାଭ କରିସାରିଛନ୍ତି। ଏହି କଥା ଜଣାଇବା ପାଇଁ ବାଇଡେନ୍ ଇଚ୍ଛା କରି ଏପରି କହିଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନର ସାମ୍ନା କରିବା ପାଇଁ କେତେକ ନିଷ୍ପତ୍ତି କାର୍ଯ୍ୟକାରୀ କରାଇବା ଉପରେ ଚର୍ଚ୍ଚା କରୁଥିବାବେଳେ ବାଇଡେନ୍ ଏହା କହିଥିଲେ। ଏଥିସହ ସେ ତାଙ୍କ ପିଲାବେଳର କେତୋଟି ଘଟଣା ମଧ୍ୟ ଅବତାରଣା କରିଥିଲେ। ବାଇଡେନ୍‌ଙ୍କ ଘର ନିକଟରେ ଥିବା ଏକ ତୈଳ ରିଫାଇନାରୀ କିପରି ତାଙ୍କର ଏବଂ ଆଖପାଖ ଲୋକଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥିଲା ସେନେଇ ରାଷ୍ଟ୍ରପତି ଉଦାହରଣ ଦେଇଥିଲେ।



ଜୋ ବାଇଡେନ୍

# ପୂର୍ବତନ ମୁଖ୍ୟ ବିଚାରପତିଙ୍କ ଫେସ୍‌ବୁକ୍ ହ୍ୟାକ୍

## ଯୁକ୍ତ ୨ ଛାତ୍ର ଗିରଫ

**କୋଲକାତା, ୨୧।୭:** ତେଲଙ୍ଗାନା ଏବଂ ଉତ୍ତରାଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି (ଅବସରପ୍ରାପ୍ତ) ରାଘବେନ୍ଦ୍ର ସିଂ ଚୌହାନ୍‌ଙ୍କ ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍ କରିବା ଅଭିଯୋଗରେ ପୋଲିସ ଜଣେ ଯୁକ୍ତ ୨ ଛାତ୍ରଙ୍କୁ ଗିରଫ କରିଛି। ପଶ୍ଚିମବଙ୍ଗର ମାଟିଆ ଏବଂ ଉତ୍ତରାଖଣ୍ଡର ନୈନିତାଲ ପୋଲିସ ମିଳିତ ଭାବେ ୧୮ ବର୍ଷୀୟ ଛାତ୍ର ରାଜିବୁଲ ମିସ୍ତ୍ରିଙ୍କୁ ନର୍ଥ ୨୪ ପ୍ରଗଣା ଜିଲାରୁ ଗିରଫ କରିଥିବା ଗୁରୁବାର ସୂଚନା ଦେଇଛି। ସ୍ଥାନୀୟ କୋର୍ଟରେ ହାଜର କରାଯିବା ପରେ ଉତ୍ତରାଖଣ୍ଡ ପୋଲିସ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବା ପାଇଁ ଅଦାଲତ ଅନୁମତି ଦେଇଛନ୍ତି। ଗତ ମେ'ରେ ଜଷ୍ଟିସ୍ ଚୌହାନଙ୍କ ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍ ହୋଇଥିଲା। ଜୁଲାଇ ୧୮ରେ ପୁଣି ତାଙ୍କ ଆକାଉଣ୍ଟ ହ୍ୟାକ୍ କରାଯାଇ ଉକ୍ତ ପେଜ୍‌ରେ ଉତ୍ତେଜନାମୂଳକ ପୋଷ୍ଟ କରାଯାଇଥିବା ସେ ଅଭିଯୋଗ କରିଥିଲେ। ଏ ନେଇ ନୈନିତାଲ ଥାନାର ମାଲ୍ଲିଟାଲ ଥାନାରେ ମାମଲା ରୁଜୁ ହୋଇଥିଲା।





ସୋନିଆ ଗାନ୍ଧୀଙ୍କୁ ଇଡି ଜେରା ପ୍ରତିବାଦରେ ନୂଆଦିଲ୍ଲୀ ସ୍ଥିତ ଏଆଇସିସି ମୁଖ୍ୟାଳୟରେ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ। (ଫଟୋ: ଚମନ ଗୌତମ)

# ସୋନିଆଙ୍କୁ ଇଡି ଜେରା

- କଂଗ୍ରେସର ଶକ୍ତି ପ୍ରଦର୍ଶନ
- ସଡ଼କରୁ ସଂସଦ ବିକ୍ଷୋଭ

**ନୂଆଦିଲ୍ଲୀ, ୨୧।୭**

ନ୍ୟାଶନାଲ ହେରାଲ୍ଡ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ୩ ଘଣ୍ଟା ଜେରା କରିଛି। ଏହାର ପ୍ରତିବାଦରେ କଂଗ୍ରେସ କର୍ମୀମାନେ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅନ୍ୟପକ୍ଷେ ଆସନ୍ତା ୨୫ ତାରିଖରେ ଇଡି ପକ୍ଷରୁ ଦ୍ୱିତୀୟ ଥର ଜେରା ପାଇଁ ସୋନିଆଙ୍କୁ ପୁଣି ସମନ କରି ଡକାଯାଇଛି।

କିଛିଦିନ ତଳେ କୋଭିଡ୍ ସଂକ୍ରମିତ ହୋଇଥିବା ୭୫ ବର୍ଷୀୟା ସୋନିଆ ମାସ୍କ ପିନ୍ଧି ଜେଡ୍ ପ୍ଲସ୍ କାଟାଗୋରି ସୁରକ୍ଷା ବଳୟ ମଧ୍ୟରେ ଲୁଟିଏନ୍ସ ଦିଲ୍ଲୀର ଏପିଜେ ଅବ୍ଦୁଲ କଲାମ ରୋଡ୍‌ସ୍ଥିତ ଇଡି ମୁଖ୍ୟାଳୟରେ ପହଞ୍ଚିଥିଲେ। ସୋନିଆଙ୍କ ସହ ତାଙ୍କ ପୁଅ ରାହୁଲ ଗାନ୍ଧୀ ଓ ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଯାଇଥିଲେ। ସୋନିଆଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ପ୍ରିୟଙ୍କାଙ୍କୁ ପ୍ରବର୍ତ୍ତନ ଭବନକୁ ଯିବା ପାଇଁ ଅନୁମତି ଦିଆଯାଇଥିଲା। ଇଡି ଅଧିକାରୀମାନେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨ ଘଣ୍ଟା ଧରି ପଚରାଉଚରା କରିଥିଲେ। ସୋନିଆଙ୍କ ଅନୁରୋଧକ୍ରମେ ତାଙ୍କୁ ଛାଡ଼ି ଦେଇଥିଲେ। ଏନେଇ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ଇଡି ସୋନିଆଙ୍କୁ ପଚାରିବା ପାଇଁ ଆଉ କୌଣସି ପ୍ରଶ୍ନ ନ ଥିବା ଦର୍ଶାଇ ଛାଡ଼ିଦେଇଛି। କିନ୍ତୁ ରାତି ୮ଟା କିମ୍ବା ୯ଟା ଯାଏ ଇଡି ଅଫିସରେ ରହି ପ୍ରଶ୍ନର ଉତ୍ତର ଦେବାକୁ ସୋନିଆ ପ୍ରସ୍ତୁତ ଥିଲେ ବୋଲି ଜୟରାମ ଟୁଇଟ୍ କରିଛନ୍ତି। ଏହା ପୂର୍ବରୁ ସୋନିଆଙ୍କ ପୁଅ ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଜେରା କରିଥିବା ଅଧିକାରୀମାନେ ଗୁରୁବାର ସୋନିଆଙ୍କୁ ପଚରାଉଚରା କରିଥିଲେ। ସେମାନଙ୍କ ସହ ଜଣେ ମହିଳା ଅଧିକାରୀ ମଧ୍ୟ ଥିଲେ। ସେପଟେ କଂଗ୍ରେସ ଏହାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଦର୍ଶାଇ ଶକ୍ତି ପ୍ରଦର୍ଶନ କରିଛି। ଏହି ପ୍ରସଙ୍ଗକୁ ନେଇ ସଡ଼କରୁ ସଂସଦ ପର୍ଯ୍ୟନ୍ତ ଦଳ ପକ୍ଷରୁ ବିକ୍ଷୋଭ କରାଯାଇଛି। ବିଭିନ୍ନ ରାଜ୍ୟର କଂଗ୍ରେସ ମୁଖ୍ୟାଳୟରେ ଦଳୀୟ ନେତା ଓ କର୍ମୀ ବିକ୍ଷୋଭ କରିଥିବାବେଳେ ପାର୍ଲାମେଣ୍ଟରେ ସଦସ୍ୟମାନେ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଡିଏମ୍‌କେ, ଶିବସେନା, ଆର୍‌ଜେଡି ଏବଂ ବାମପନ୍ଥୀଙ୍କ ସମେତ ୧୩ ଦଳର ନେତାମାନେ ପାର୍ଲାମେଣ୍ଟରେ ଏକ ବିବୃତି ଜାରି କରି କେନ୍ଦ୍ର ଉପରେ ବର୍ଷିଥିଲେ। କେନ୍ଦ୍ର ସରକାର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଓ ସମାଲୋଚକମାନଙ୍କୁ ହଇରାଣ କରିବା ପାଇଁ ଅକ୍ଳାନ୍ତ ଅଭିଯାନ ଚଳାଇଥିବା ବିରୋଧୀ କହିଥିଲେ।



କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ଇଡି କାର୍ଯ୍ୟାଳୟକୁ ଯାଉଛନ୍ତି।




# ପାହାଡ଼ ଉପରେ ପିଲା ପଢୁଛନ୍ତି ପାଠ

## ଟେଲିଫୋନ ଟାୱାର ନିର୍ମାଣକୁ ନେଇ ବିଧାନସଭାରେ ଉଦ୍‌ବେଗ

### ୩୦୯୩ ଗ୍ରାମରେ ନିର୍ମାଣ ହେବ ୪୮୩ ଟାୱାର: ମନ୍ତ୍ରୀ

**ଭୁବନେଶ୍ୱର,୨୧।୭(ବ୍ୟୁରୋ)**

ଗାଁଗୁଡ଼ିକରେ ଟେଲିଫୋନ୍ ଟାୱାର ନ ଥିବାରୁ ବିଧାନସଭାରେ ଉଭୟ ଦଳର ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବର୍ତ୍ତମାନ ପ୍ରତ୍ୟେକ କାମ ଇଣ୍ଟରନେଟ୍ ଜରିଆରେ କରାଯାଉଛି। ଟେଲିଫୋନ ଟାୱାର ନ ଥିବାରୁ ପିଲାମାନଙ୍କୁ ପାହାଡ଼ ଉପରକୁ ଯିବାକୁ ପଡୁଥିଲା। ଏବେ ଟେକ୍ନୋଲୋଜିର ସମୟ ହୋଇଥିବାରୁ ଅଧିକରୁ ଅଧିକ ଟେଲିଫୋନ ଟାୱାର ନିର୍ମାଣର ଆବଶ୍ୟକତା ରହିଛି। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ, ୩୦୯୩ ଗାଁରେ ୪୮୩ଟି ଟେଲିଫୋନ ଟାୱାର ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ଏ ନେଇ କେନ୍ଦ୍ର ସରକାର ମଧ୍ୟ ଅନୁମତି ଦେଇଛନ୍ତି। ସେଥିରୁ ୧୫୮ ଟାୱାରର ନିର୍ମାଣ ଶେଷ ହୋଇଛି। ଅବଶିଷ୍ଟ ୩୨୫ଟି ଟାୱାର ୧୦ଟି ଜିଲାରେ ନିର୍ମାଣ ହେବ। ଏହାଛଡ଼ା ଆଉ ୧୦୦ ଟେଲିଫୋନ ଟାୱାର ସ୍ଥାପନ ପାଇଁ ପ୍ରସ୍ତାବ ରହିଛି। ସରକାରୀ କାର୍ଯ୍ୟାଳୟ ଉପରେ ମଧ୍ୟ ଟେଲିଫୋନ ଟାୱାର ନିର୍ମାଣ କରିବା ପାଇଁ ଯୋଜନା କରାଯାଉଛି।

ମୂଳ ପ୍ରଶ୍ନକର୍ତ୍ତା ବିଜେଡି ସଭ୍ୟ ରମେଶ ଚନ୍ଦ୍ର ବେହେରା ପଚାରିଥିଲେ, ଦଶପଲ୍ଲା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୂଆଗାଁ, ଗଣିଆ ଓ ଦଶପଲ୍ଲା ବ୍ଲକରେ କେତୋଟି ବିଏସ୍‌ଏନ୍‌ଏଲ ଓ ବେସରକାରୀ ସଂସ୍ଥାର ଟାୱାର ସ୍ଥାପନ କରାଯାଇଛି। କେଉଁ ସ୍ଥାନରେ ଟାୱାର ପ୍ରତିଷ୍ଠା ପାଇଁ କ'ଣ ବ୍ୟବସ୍ଥା କରାଯାଇଛି। ମନ୍ତ୍ରୀ କହିଲେ, ଗଣିଆ ବ୍ଲକର ଛାମୁଣ୍ଡିଆ ପଞ୍ଚାୟତରେ ଜିଓ ତରଫରୁ ଓ ଦଶପଲ୍ଲା ବ୍ଲକର ଚଢ଼େୟାପଲ୍ଲୀ, କଳସଖମଣ ଓ ଘୁଗୁଡିପଡ଼ା ପଞ୍ଚାୟତରେ ବିଏସ୍‌ଏନ୍‌ଏଲ୍ ଓ ଜିଓ ତରଫରୁ ମୋବାଇଲ ଟାୱାର ସ୍ଥାପନ ଲାଗି ବ୍ୟବସ୍ଥା ହୋଇଥିଲା। ସେଥିରୁ ଚଢ଼େୟାପଲ୍ଲୀ, କଳସଖମଣ ଓ ଘୁଗୁଡିପଡ଼ା ପଞ୍ଚାୟତରେ ଟାୱାର ସ୍ଥାପନ କରାଯାଇଛି। ବିଜେଡି ସଭ୍ୟ ନୃସିଂହ ସାହୁ, ଭାଜପା ସଭ୍ୟ ସନାତନ ବିଜୁଳି, ବିଜେଡି ସଭ୍ୟ ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ମୋବାଇଲ ଟାୱାର ନ ଥିବା ଗ୍ରାମରେ ଟାୱାର ବସାଇବାକୁ ଦାବି କରିଥିଲେ। ମନ୍ତ୍ରୀ କହିଥିଲେ, ମୋବାଇଲ ଟାୱାର ନିର୍ମାଣ କେନ୍ଦ୍ର ସରକାରଙ୍କ କ୍ଷମତା ପରିସରଭୁକ୍ତ। ମୋବାଇଲ ସେବା ସଂଯୋଗ ପାଇଁ ପ୍ରତି ୬ ମାସରେ ଥରେ ଏ ନେଇ ବୈଠକ ହେଉଛି। ନିକଟରେ କ୍ୟାବିନେଟ୍‌ରେ ଡିମ୍‌ଡ ଟୁ ବି ଆପ୍ରୁଭ୍‌କୁ ଅନୁମୋଦନ କରାଯାଇଛି। ସରକାରୀ କୋଠାରେ ଟାୱାର ନିର୍ମାଣ ହେବ।

## ଆଜି ଢେଙ୍କାନାଳ ବନ୍ଦ

**ଢେଙ୍କାନାଳ ଅଫିସ, ୨୧।୭** ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଛି। ଏହାର ପ୍ରତିବାଦରେ ଜିଲା ଓକିଲ ସଂଘର ଆହ୍ୱାନକ୍ରମେ ଶୁକ୍ରବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ୧୨ ଘଣ୍ଟିଆ ଢେଙ୍କାନାଳ ବନ୍ଦ ଡାକରା ଦିଆଯାଇଛି।




ManipalCigna Health Insurance

**ManipalCigna Health Insurance Company Limited (Formerly known as CignaTTK Health Insurance Company Limited)**
Corporate Identity Number: U66000MH2012PLC227948. Registered Office: 4th Floor - Unit No. 401/402, Raheja Titanium, Off. Western Express Highway, Goregaon (East), Mumbai – 400 063. Maharashtra, India. IRDAI Regn. No. 151 T: +91 22 61703600.
Website: www.manipalcigna.com Email: customercare@manipalcigna.com

**NOTICE OF RELOCATION OF THE MANIPALCIGNA HEALTH INSURANCE COMPANY LIMITED BHUBANESWAR MICRO BRANCH OFFICE**

**Please note that with effect from 26th September 2022 our Bhubaneswar Micro Branch Office is shifting:**

From:
Room No. 13, 2nd Floor, Deendayal Bhavan, Ashok Nagar, Unit-II, Bhubaneswar, Dist- Khurda-751 009, Odisha, India

To:
Ground floor, Plot no 357/3473 & 358/3474, Besides Reliance 4G Office, Jayadev Vihar, Bhubaneshwar-751022, Odisha, India

Place : Bhubaneswar
Date : 22nd July 2022






**ଆଜିର ମନ୍ତବ୍ୟ**

"କୋଭିଡ୍ ମହାମାରୀବେଳେ କେନ୍ଦ୍ର ସରକାର ୟୁପିଏସ୍‌ସି, ଏସ୍‌ଏସ୍‌ସି, ଆଇବିପିଏସ୍ ଆଦି ପରୀକ୍ଷା ମାଧ୍ୟମରେ ୧.୫୯ ଲକ୍ଷ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେଇଛନ୍ତି।"

– ଜିତେନ୍ଦ୍ର ସିଂ, କେନ୍ଦ୍ର କାର୍ମିକ ରାଷ୍ଟ୍ରମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୁଙ୍ଗା ଯାହା ସପନ ଦେଖେ, ମନ କଥା ମନରେ ରଖେ।**

ମୂକ ବ୍ୟକ୍ତି ମନର କଥାକୁ କାହା ଆଗରେ ବର୍ଣ୍ଣନା କରିପାରି ନ ଥାନ୍ତି। ଦେଖିଥିବା ସ୍ୱପ୍ନ ଭଳି ଆଖି ଦେଖା କଥାକୁ ଅନ୍ୟ ଆଗରେ ବ୍ୟକ୍ତ କରିବାରେ ଅସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଘଇତା ସାଙ୍ଗରେ ଲାଗିଛି କଳି; ପିଠା ଖାଉଥାଏ କବାଟ କିଳି।**

ସ୍ୱାମୀ ସ୍ତ୍ରୀଙ୍କ ସମ୍ବନ୍ଧ ପରି ଘନିଷ୍ଠ ସମ୍ବନ୍ଧ। ଲୋକେ ଜାଣିବାକୁ ଦୁହିଁଙ୍କ ମଧ୍ୟରେ ପ୍ରବଳ ଶତ୍ରୁତା। ଅଥଚ ନିଜ ନିଜ ଭିତରେ ବୁଝାମଣା ଏକଦମ୍ ଠିକ୍। କପଟୀ ବ୍ୟକ୍ତିଙ୍କ ଏପରି ଭିତିରିଆ ମନ୍ଦ ସ୍ୱଭାବ କୁ ବାହାର ଲୋକେ ସହଜରେ ଜାଣି ନ ପାରି ଧୋକା ଖାଇଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମୟୂରଭଞ୍ଜ ଜିଲାରେ ଉତ୍ସବ

■ ଦୁଲୁକିଲା ଜନ୍ମମାଟି

■ ଖୁସିରେ ବିଭୋର ଜିଲାବାସୀ

ବାରିପଦା ଅଫିସ, ୨୧।୭

ମୟୂରଭଞ୍ଜ ମାଟିର ଝିଅ ଦ୍ରୌପଦୀ ମୁର୍ମୁ ଦେଶର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ସମଗ୍ର ଜିଲା ଉତ୍ସବମୁଖର ହୋଇଉଠିଛି। ରାଇରଙ୍ଗପୁରସ୍ଥିତ ବଇଦାପୋଷି ବାସଭବନ, କୁସୁମୀ ବ୍ଲକ ଉପରବେଡ଼ା ଜନ୍ମମାଟି ଓ ଶାଶୁଘର ପାହାଡ଼ପୁର ଗ୍ରାମ ସମେତ ସାରା ଜିଲାରେ ଅଦିନିଆ ଦୀପାବଳିର ମାହୋଲ ସୃଷ୍ଟି ହୋଇଛି। ଜିଲାର କୋଣ ଅନୁକୋଣରୁ ତାଙ୍କ ପାଖକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ଗୁରୁବାର ଭୋଟ ଗଣତି ଆରମ୍ଭ ହେବା ପୂର୍ବରୁ ଅଞ୍ଚଳବାସୀ ତଥା ଆତ୍ମୀୟସ୍ୱଜନମାନେ ଦ୍ରୌପଦୀଙ୍କ ଘର ସମ୍ମୁଖରେ ପହଞ୍ଚିଥିଲେ। ବିଭିନ୍ନ ଦେବଦେବୀ ମନ୍ଦିର ଓ ଆଦିବାସୀଙ୍କ ପୂଜାସ୍ଥଳୀ ଜାହିରା ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ଦ୍ରୌପଦୀଙ୍କ ପୈତୃକ ଘର ଉପରବେଡ଼ା ଗ୍ରାମରେ ପରିବାର ଲୋକେ ପୂଜାପାଠ କରି ତାଙ୍କର ଶୁଭ ମନାସିଥିଲେ। ଭାଉଜ, ପୁତୁରା, ପୁତୁରାବୋହୂ ଓ ପଡ଼ୋଶୀମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ନାଚଗୀତରେ ମସ୍‌ଗୁଲ ରହିଥିଲେ। ସେହିପରି ଶାଶୁଘର ପାହାଡ଼ପୁର ଗ୍ରାମରେ ଦ୍ରୌପଦୀଙ୍କ ସ୍ୱାମୀ ଶ୍ୟାମଚରଣ, ବଡ଼ ପୁଅ ଲକ୍ଷ୍ମଣ ଓ ସାନ ବିରଞ୍ଚିଙ୍କ ସ୍ମୃତିରେ ପ୍ରତିଷ୍ଠା ହୋଇଥିବା ଏସ୍‌ଏଲ୍‌ଏସ୍ ସ୍ମାରକୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଆନନ୍ଦଉଲ୍ଲାସ ସହିତ ବିଜୟ ଉତ୍ସବ ପାଳନ କରିଛନ୍ତି। ଛାତ୍ରୀମାନେ ସାନ୍ତାଳୀ ଭାଷାର ଗୀତ ଓ ସ୍ୱରର ତାଳେ ତାଳେ ନୃତ୍ୟ ପରିବେଷଣ କରିଥିବା ବେଳେ ଛାତ୍ରମାନେ ଅନୁରୂପ ଭାବେ ନାଚଗୀତରେ ମସ୍‌ଗୁଲ ହୋଇଥିଲେ।

ଭାଉଜ ଚୂଡ଼ାମଣି ଟୁଡୁ କହନ୍ତି, ଦ୍ରୌପଦୀଙ୍କ ପାଇଁ ଆମେ ଗର୍ବିତ । ସେ ଆମ ପାଇଁ ପ୍ରେରଣାଦାୟିନୀ ସାଜିଛନ୍ତି। ରାଷ୍ଟ୍ରପତି ହେବା ପରେ ଉପରବେଡ଼ା ଗାଁ ସମେତ ଆଖପାଖ ଗାଁଗୁଡ଼ିକର ଉନ୍ନତି ହେବ। ଏହାସହିତ ଜିଲାର ଉଜ୍ଜ୍ୱଳ ବିକାଶ ହେବା ନେଇ ସେ ଆଶାବାଦୀ ରହିଛନ୍ତି। ସହରବାସୀ ପରସ୍ପରକୁ ମିଠାଇ ଖୁଆଇ ଆଲିଙ୍ଗନ କରି ବିଜୟ ଉତ୍ସବକୁ ଧୁମ୍‌ଧାମ୍‌ରେ ପାଳନ କରୁଛନ୍ତି। ଭାରତ ମାତାର ଜୟଗାନ କରି ଭାଜପା କର୍ମକର୍ତ୍ତାମାନେ ଖୁସି ମନାଇବାରେ ବ୍ୟସ୍ତ ରହିଛନ୍ତି। ନିର୍ବାଚନୀ ଫଳାଫଳ ଘୋଷଣା ହେବା ପରେ ଦ୍ରୌପଦୀ ମୁର୍ମୁଙ୍କ ବାସଭବନ ନିକଟରେ ବାଜା, ବାଣ, ରୋଶଣି ଓ ଡିଜେ ବଜାଇ ଲୋକେ ଖୁସିରେ ବିଭୋର ହୋଇପଡ଼ିଛନ୍ତି। ପ୍ରବଳ ଜନସମାଗମ ହେବାରୁ ୨୨୦ନଂ. ଜାତୀୟ ରାଜପଥରେ କିଛି ସମୟ ପାଇଁ ଗାଡ଼ିମୋଟର ଚଳାଚଳ ବନ୍ଦ ହୋଇଯାଇଥିଲା। ଭାଜପା ପକ୍ଷରୁ ସନ୍ଧ୍ୟାରେ ଏକ ରାଲି ସହର ପରିକ୍ରମା କରିଥିଲା। ଏହା ପ୍ରତ୍ୟେକଟି ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ଦିନ ବୋଲି ଭାଜପା କର୍ମକର୍ତ୍ତାମାନେ କହିଛନ୍ତି। ସେହିପରି ବିଜୟ ଉତ୍ସବକୁ ବିଜେଡି ପକ୍ଷରୁ ଉତ୍ସାହର ସହିତ ପାଳନ କରାଯାଇଛି। ଦଳୀୟ କର୍ମକର୍ତ୍ତାମାନେ ସହରର ଦୁର୍ଗା ମଣ୍ଡପଠାରେ ପହଞ୍ଚି ସହରବାସୀଙ୍କୁ ମିଠା ବାଣ୍ଟିଥିଲେ। ସେହିପରି ବାରିପଦାସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ କର୍ମକର୍ତ୍ତାମାନେ ଧୁମ୍‌ସା ମାଦଳର ତାଳେ ତାଳେ ବିଜୟ ଉତ୍ସବ ପାଳନ କରିଥିଲେ।

# ୧୨ଶହ ମୁହାଁ ଦୈନିକ ସଂକ୍ରମଣ

ଭୁବନେଶ୍ୱର, ୨୧।୭ (ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ହୁହୁ ହୋଇ ବଢ଼ି ଚାଲିଛି। ସଂକ୍ରମଣ ସ୍ଥିତିରେ ହଠାତ୍ ପରିବର୍ତ୍ତନ ଦେଖିବାକୁ ମିଳିଛି। ଜୁଲାଇ ଆରମ୍ଭରୁ ଦିନକୁ ୨ଶହରୁ ୩ଶହ ମଧ୍ୟରେ ଆକ୍ରାନ୍ତ ଚିହ୍ନଟ ହେଉଥିଲେ। ଏବେ ଦୈନିକ ସଂକ୍ରମଣ ୧୧ଶହ ପାର୍ କରି ୧୨ଶହ ମୁହାଁ ହୋଇଛି। ଅର୍ଥାତ୍ ୨୦ ଦିନରେ ସଂକ୍ରମଣ ୬ ଗୁଣ ବଢ଼ିଛି। ଗତ ୨୪ ଘଣ୍ଟାରେ ରାଜ୍ୟରୁ ୧୧୯୬ ନୂଆ ସଂକ୍ରମିତ ଚିହ୍ନଟ ହୋଇଛି। କ୍ୱାରାଣ୍ଟାଇନ୍‌ରୁ ୬୯୯ଜଣ ରହିଥିବାବେଳେ ୪୯୭ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ଅପରପକ୍ଷେ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ୧୬୯ଜଣ ୧୮ବର୍ଷରୁ କମ୍ ଶିଶୁ ଓ କିଶୋର ରହିଛନ୍ତି। ଖୋର୍ଦ୍ଧା ଜିଲାରୁ ୩୧୨ଜଣ ନୂଆ ସଂକ୍ରମିତ ଥିବାବେଳେ ସୁନ୍ଦରଗଡ଼ରୁ ୧୭୪ଜଣ, କଟକରୁ ୧୦୯ଜଣ, ମୟୂରଭଞ୍ଜରୁ ୧୦୨ଜଣ, ସୋନପୁରରୁ ୫୨ଜଣ, ସମ୍ବଲପୁରରୁ ୭୦ଜଣ, ନୟାଗଡ଼ରୁ ୩୬ଜଣ, ଝାରସୁଗୁଡାରୁ ୩୩ଜଣ, ଯାଜପୁରରୁ ୨୮ଜଣ, ପୁରୀରୁ ୨୭ଜଣ, ବାଲେଶ୍ୱର ଓ ରାୟଗଡ଼ାରୁ ୧୯ଜଣ ଲେଖାଏ, ବୌଦ୍ଧରୁ ୧୬ଜଣ, ଜଗତ୍‌ସିଂହପୁର ଓ ବଲାଙ୍ଗୀରରୁ ୧୫ଜଣ ଲେଖାଏ, କେନ୍ଦୁଝରରୁ ୧୪ଜଣ, ଭଦ୍ରକ, ବରଗଡ଼ ଓ ନବରଙ୍ଗପୁରରୁ ୧୨ଜଣ ଲେଖାଏ, କେନ୍ଦ୍ରାପଡ଼ାରୁ ୧୧ଜଣ, କୋରାପୁଟରୁ ୯ଜଣ, କଳାହାଣ୍ଡି ଓ ଗଜପତିରୁ ୬ଜଣ ଲେଖାଏ, କନ୍ଧମାଳରୁ ୫ଜଣ, ଅନୁଗୋଳରୁ ୪ଜଣ, ଦେବଗଡ଼ ଓ ଢେଙ୍କାନାଳରୁ ୩ଜଣ ଲେଖାଏ, ଗଞ୍ଜାମରୁ ୨ଜଣ ଏବଂ ଷ୍ଟେଟ୍ ପୁଲରୁ ୭୦ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# ଜୀବନ ଯୁଦ୍ଧରେ ହାରିଗଲେ ଅଭିନେତ୍ରୀ ରାଜେଶ୍ୱରୀ

ଭୁବନେଶ୍ୱର, ୨୧।୭ (ବ୍ୟୁରୋ)



ଜିଇବାକୁ ଦୀର୍ଘ ଦିନର ସଂଘର୍ଷ। ତା' ମଧ୍ୟରେ ଅନ୍ୟକୁ ପ୍ରେରଣା ଦେବା ଅନ୍ୟ ସହ ଖୁସି ବାଣ୍ଟି ଜୀବନରେ ଆଗକୁ ବଢ଼ିବାର ସାହସ ଦେଖାଇଥିବା ଟେଲି ଅଭିନେତ୍ରୀ ରାଜେଶ୍ୱରୀ ରାୟ ମହାପାତ୍ର ଆଜିକିନ୍ତୁ ଜୀବନ ଯୁଦ୍ଧରେ ହାରିଯାଇଛନ୍ତି।

ବୁଧବାର ରାତି ପ୍ରାୟ ୨ଟା ୨୫ରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ମାତ୍ର ୩୬ବର୍ଷ ବୟସ ହୋଇଥିଲା। ୨୦୧୯ରୁ ରାଜେଶ୍ୱରୀ ମସ୍ତିଷ୍କ ଓ ଫୁସ୍‌ଫୁସ୍ କ୍ୟାନ୍ସରରେ ପୀଡ଼ିତ ଥିଲେ। ସ୍ୱାମୀ ସଞ୍ଜୟ ମହାପାତ୍ରଙ୍କ କହିବାନୁସାରେ, ସେ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ନିୟମିତ ଚିକିତ୍ସିତ ହେଉଥିଲେ। ଧୀରେ ଧୀରେ ସୁସ୍ଥ ହୋଇ ଆସୁଥିଲେ। ଘରେ ଥିବାବେଳେ ବୁଧବାର ତାଙ୍କ ମୁଣ୍ଡ ଜୋର୍‌ରେ ବିନ୍ଧିବାରୁ ବାଲେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା।

ରାଜେଶ୍ୱରୀ ପରିବାର ସହ ବାଲେଶ୍ୱର ଟାଉନ୍ ନିକଟ ଗୋପାଳଗାଁସ୍ଥିତ ନିଜ ଘରେ ରହୁଥିଲେ। ସେ ଏକାଧିକ ଓଡ଼ିଆ ଧାରାବାହିକରେ ଅଭିନୟ କରି ପ୍ରଶଂସା ସାଉଣ୍ଟିଥିଲେ। 'ଉଆଁସୀ କନ୍ୟା', 'ବସୁନ୍ଧରା', 'ସଂସ୍କାର', 'ସ୍ୱାଭିମାନ', 'ଦେବୀ', 'କୁମ୍‌କୁମ୍' ଆଦି ଧାରାବାହିକ ରାଜେଶ୍ୱରୀଙ୍କୁ ପରିଚିତ କରାଇଥିଲା। ସେହିପରି ଚଳଚ୍ଚିତ୍ର 'ସତ୍ୟମେବ ଜୟତେ', 'ଆରେ ସାଥୀ ଆ', 'ବ୍ଲାକମେଲ୍'ରେ ଜବରଦସ୍ତ ଅଭିନୟ କରିଥିଲେ। ଧାରାବାହିକ 'ଉଆଁସୀ କନ୍ୟା'ରେ ଅଳକା ଚରିତ୍ର ତାଙ୍କୁ ଲୋକପ୍ରିୟତା ଆଣି ଦେଇଥିଲା। ବିଶେଷକରି ଖଳନାୟିକା ଭୂମିକାରେ ସେ ଦର୍ଶକଙ୍କ ମନ ଜିଣି ପାରିଥିଲେ। ତାଙ୍କ ମୃତ୍ୟୁରେ ଓଲିଉଡ୍ ଓ ଟେଲି ଜଗତରେ ଗଭୀର ଶୋକ ପ୍ରକାଶ ପାଇଛି।

# ରାଷ୍ଟ୍ରପତିଙ୍କ ଶପଥ ସମାରୋହରେ ଯୋଗଦେବେ ନବୀନ

ଭୁବନେଶ୍ୱର, ୨୧।୭ (ବ୍ୟୁରୋ)

ଭାରତର ୧୫ତମ ରାଷ୍ଟ୍ରପତି ଭାବେ ଆସନ୍ତା ୨୫ ତାରିଖରେ ଶପଥ ନେବେ ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ ମିଳିଥିବାବେଳେ ଏଥି ଲାଗି ସେ ଆସନ୍ତା ୨୩ ତାରିଖରେ ନୂଆଦିଲ୍ଲୀ ଗସ୍ତ କରିବେ। ୪ ଦିନିଆ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ୍ କରିବେ ଏବଂ ୨୬ ତାରିଖରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ମଧ୍ୟ ଶପଥ ସମାରୋହରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି।

# ଶିକ୍ଷକଙ୍କ ଅବହେଳାରୁ ଆଶ୍ରମ ବିଦ୍ୟାଳୟର ଛାତ୍ରଙ୍କ ମୃତ୍ୟୁ

■ ୮ ଦିନ ତଳେ ଜ୍ୱର ହୋଇଥିଲା, ଡାକ୍ତରଖାନା ନେଇ ନ ଥିଲେ

■ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀକଲେ ପରିବାର ଲୋକେ

■ ଜ୍ୱରରେ ମୃତ୍ୟୁ ହୋଇଥିବା ନେଇ ପ୍ରଧାନ ଶିକ୍ଷକ ଦେଲେ ଏତଲା

ଦଶମନ୍ତପୁର, ୨୧।୭ (ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତ ସଦରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସରେ ଜଣେ ଛାତ୍ରଙ୍କର ଗୁରୁବାର ମୃତ୍ୟୁ ଘଟିଛି। ଏନେଇ ପ୍ରଧାନ ଶିକ୍ଷକଙ୍କ ପକ୍ଷରୁ ଥାନାରେ ଏତଲା ହୋଇଛି। ମୃତ ଛାତ୍ର ଜଣକ ରାୟଗଡ଼ା ଜିଲା କାଶୀପୁର ବ୍ଲକ ଚନ୍ଦ୍ରଗିରି ପଞ୍ଚାୟତ ମାଳିଗାଁ ଗ୍ରାମର ମାନିକ ନାୟକଙ୍କ ପୁଅ କୃଷ୍ଣ ନାୟକ(୯)ବୋଲି ଜଣାପଡିଛି । ଖବରରୁ ଜଣାପଡ଼ିଛି, ମାନିକଙ୍କ ୬ ପୁଅ ମଧ୍ୟରୁ ସାନପୁଅ କୃଷ୍ଣ ଲୁଲ୍ଲା ଉଚ୍ଚ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ଛାତ୍ରାବାସରେ ରହି ଅଧ୍ୟୟନ କରୁଥିଲେ। ୮ ଦିନ ତଳେ କୃଷ୍ଣ ଜ୍ୱରରେ ପୀଡ଼ିତ ଥିଲେ। ତାଙ୍କ ଅବସ୍ଥା ଜାଣିବା ପରେ ଛାତ୍ରାବାସର ଏନ୍‌ଏମ୍ ହରିବାଳା ନାୟକ ତାଙ୍କୁ କିଛି ଔଷଧ ଦେଇଥିଲେ। ପରିବାର ଲୋକଙ୍କୁ ଖବର ଦେବାରୁ କୃଷ୍ଣଙ୍କ ବଡ଼ଭାଇ ନକୁଳ ହଷ୍ଟେଲକୁ ଆସି କୃଷ୍ଣଙ୍କୁ ସାକ୍ଷାତକରି ଫେରିଥିଲେ। ତେବେ ଜ୍ୱର ହେବା ସମୟରେ କୃଷ୍ଣଙ୍କୁ ଯଦି ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଧାନ ଶିକ୍ଷକ କିମ୍ବା ହଷ୍ଟେଲ ଦାୟିତ୍ୱରେ ଥିବା କର୍ମଚାରୀ ନେଇ ଚିକିତ୍ସା କରାଇଥାନ୍ତେ ତେବେ ଆମ ପୁଅ ସୁସ୍ଥ ହୋଇଥାନ୍ତା ବୋଲି ପରିବାର ଲୋକେ ପ୍ରକାଶ କରିଛନ୍ତି। ବିଦ୍ୟାଳୟ କର୍ତ୍ତପକ୍ଷଙ୍କ ଅବହେଳା ଯୋଗୁ ପୁଅର ମୃତ୍ୟୁ ହେଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ପକ୍ଷରୁ ମାଳିଗାଁରେ ଥିବା କୃଷ୍ଣଙ୍କ ସମ୍ପର୍କୀୟ ସୁଦର୍ଶନ ନାୟକଙ୍କୁ କୃଷ୍ଣଙ୍କ ଅବସ୍ଥା ଗୁରୁତର ଥିବା ଖବର ଦେଇଥିଲେ। କୃଷ୍ଣଙ୍କ ସାଥୀ ଅନିଲ ମାଝି, ମହେନ୍ଦ୍ର ମାଝି, ଦଶମନ୍ତ ନାୟକ, ଥବିର ନାୟକ, ଧନେଶ୍ୱର ମାଝି, ଆଶିଷ ନାୟକ ଓ ରୋଷେୟା ନାନୁ ପରଜା ଏକ ଅଟୋ ଯୋଗେ ତାଙ୍କୁ ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣୁଥିଲେ ବେଳେ ବାଟରେ କୃଷ୍ଣଙ୍କ ମୃତ୍ୟୁ ହୋଇଥିବା ରୋଷେୟା ନାନୁ କହିଛନ୍ତି। ଖବର ପାଇ ବିଭାଗୀୟ ଅଧିକାରୀ ମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପ୍ରଧାନ ଶିକ୍ଷକ ପ୍ରବୀଣ କୁମାର ଜ୍ୱରରେ ସମ୍ପୃକ୍ତ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ଥାନାରେ ଏତଲା ଦେଇଛନ୍ତି। ଏହାକୁ କୃଷ୍ଣଙ୍କ ପରିବାର ଲୋକେ ବିରୋଧ କରିଛନ୍ତି। ଏତଲାକୁ ଭିତ୍ତିକରି ଥାନା ଅଧିକାରୀ ବିଜୟରାଜ ମାଝିଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଛି। କେସ୍ ନଂ. ୭/୨୨ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ନିକଟରେ ସୁନାବେଡ଼ା ଛାତ୍ରୀନିବାସରେ ରହି ପଢୁଥିବା ଦଶମନ୍ତପୁର ବ୍ଲକ ଚଣାବାଡ଼ ପଞ୍ଚାୟତ କିଟେସ ଗ୍ରାମର ପାତାଳ ବେନ୍ୟାଙ୍କ ଝିଅ ନିଶି (୧୩)ଙ୍କ ଅସୁସ୍ଥତା ଯୋଗୁ ଛାତ୍ରୀନିବାସରେ ମୃତ୍ୟୁ ହୋଇଥିଲା।

## ଦ୍ରୌପଦୀ ରାଷ୍ଟ୍ରପତି...

ପ୍ରଥମ ପୃଷ୍ଠାରୁ...

କଂଗ୍ରେସ (ଟିଏମ୍‌ସି) ନେତା ଯଶୱନ୍ତ ସିହ୍ନାଙ୍କୁ ପ୍ରାର୍ଥୀ କରିଥିଲେ। ଜୁଲାଇ ୧୮ରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ୯୯%ରୁ ଊର୍ଦ୍ଧ୍ୱ ମତଦାନ ହୋଇଥିଲା। ପାର୍ଲାମେଣ୍ଟ ହାଉସ୍‌ର ରୁମ୍ ନମ୍ବର ୬୩ରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଭୋଟ ଗଣତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିନ୍ତୁ ପ୍ରକୃତ ଗଣତି ଅପରାହ୍ନ ୧ଟା ୩୦ରେ ଆରମ୍ଭ ହୋଇଥିଲା। ୧୦ ଘଣ୍ଟାର ଗଣତି ଶେଷ ହେବା ପରେ ରାତିରେ ଫଳାଫଳ ପ୍ରକାଶ ପାଇଛି।ରାଷ୍ଟ୍ରପତି ନିର୍ବାଚନରେ ଏମ୍‌ପି ଏବଂ ବିଧାୟକମାନଙ୍କୁ ନେଇ ଗଠିତ ଇଲେକ୍ଟୋରାଲ କଲେଜର ମୋଟ ଭୋଟ ମୂଲ୍ୟ ୧୦,୮୬,୪୩୧ ଥିଲା। ବିଜୟ ପାଇଁ ଅର୍ଦ୍ଧାଧିକ ଅର୍ଥାତ୍ ୫,୪୩,୨୧୬ ଭୋଟ ଆବଶ୍ୟକ ଥିବାବେଳେ ଦ୍ରୌପଦୀ ତୃତୀୟ ରାଉଣ୍ଡରେ ୫,୭୭,୭୭୭ ଭୋଟ ପାଇସାରିଥିଲେ। ରାଜ୍ୟ ସଭା ସେକ୍ରେଟାରି ଜେନେରାଲ ପି.ସି.ମୋଦିଙ୍କଠାରୁ ମିଳିଥିବା ସୂଚନାନୁସାରେ ମୋଟ ୮ ଏମ୍‌ପି ଭୋଟ ଦେଇ ନ ଥିଲେ। ୧୫ ଏମ୍‌ପିଙ୍କ ଭୋଟ ନାକଚ ହୋଇଯାଇଥିଲା। ୧୭ ଏମ୍‌ପି ଦ୍ରୌପଦୀଙ୍କ ସପକ୍ଷରେ କ୍ରସ୍‌ଭୋଟିଂ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ମୋଟ ୪,୭୫୪ ବୈଧ ଭୋଟ ମଧ୍ୟରୁ ଦ୍ରୌପଦୀଙ୍କୁ ୫୪୦ ଏମ୍‌ପିଙ୍କ ସମେତ ୨,୮୨୪ ଅର୍ଥାତ୍ ୬୪% ଏବଂ ଯଶୱନ୍ତଙ୍କୁ ୨୦୮ ଏମ୍‌ପିଙ୍କ ସମେତ ୧,୮୭୭ ଭୋଟ ଅର୍ଥାତ୍ ୩୬% ସମର୍ଥନ ମିଳିଛି। ଦ୍ରୌପଦୀ ୬,୭୬,୮୦୩ ଏବଂ ଯଶୱନ୍ତ ୩,୮୦,୧୭୭ ଭୋଟ ପାଇଛନ୍ତି।

## ବିଲ୍ ଗେଟ୍ସଙ୍କୁ ଟପିଲେ...

ଭାରତୀୟ ବିଜ୍‌ନେସମ୍ୟାନ୍ ମୁକେଶ ଅମ୍ବାନୀ ତାଲିକାର ୧୦ ନମ୍ବର ସ୍ଥାନରେ ରହିଛନ୍ତି। ଟେସ୍‌ଲା ଏବଂ ସ୍ପେସ୍‌ଏକ୍ସ ମାଲିକ ତଥା ଆମେରିକୀୟ ଉଦ୍ୟୋଗପତି ଏଲନ୍ ମସ୍କ ୨୩୫.୮ ବିଲିୟନ ଡଲାର ସହ ତାଲିକାର ଶୀର୍ଷରେ ଅଛନ୍ତି। ଲୁଇସ୍ ଭୁଇଟନ୍‌ର ସିଇଓ ବର୍ନାଡ ଆର୍ନଲ୍ଡ ୧୫୫.୭ ବିଲିୟନ୍ ଡଲାର ସହ ଦ୍ୱିତୀୟରେ ଥିବାବେଳେ ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍ ୧୪୩.୯ ବିଲିୟନ୍ ଡଲାର ସମ୍ପତ୍ତି ସହ ତାଲିକାର ତୃତୀୟରେ ରହିଛନ୍ତି। ଗତ ଏପ୍ରିଲ ୪ରେ ଆଦାନୀ ୧୦୦ ବିଲିୟନ୍ ଡଲାର ସମ୍ପତ୍ତି କ୍ଲବ୍‌ରେ ସାମିଲ ହୋଇଥିବାବେଳେ ଏବେ ତାଙ୍କ ନାମ ବିଶ୍ୱର ଟପ୍ ୫ ଧନୀଙ୍କ ମଧ୍ୟରେ ସ୍ଥାନିତ ହୋଇଛି। ଏଥିସହ ସେ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ହୋଇଛନ୍ତି। ଗତ ୨ ବର୍ଷରେ ଆଦାନୀ ଗ୍ରୁପ୍ କମ୍ପାନୀଗୁଡ଼ିକର ଶେୟାର ଉତ୍ତମ ପ୍ରଦର୍ଶନ କରିଛି। କେବଳ ୨୦୨୧ରେ ଆଦାନୀ ସପ୍ତାହରେ ୬,୦୦୦ କୋଟି ଟଙ୍କା ହାରରେ ତାଙ୍କ ସମ୍ପତ୍ତିରେ ୪୯ ବିଲିୟନ୍ ଡଲାର ଯୋଗ କରିଥିଲେ। ତାଙ୍କ ସମ୍ପତ୍ତି ବୃଦ୍ଧି ହାର ଏଲନ୍ ମସ୍କ ଏବଂ ଜେଫ୍ ବେଜୋସ୍ ତୁଳନାରେ ମଧ୍ୟ ଅଧିକ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୌଣସି ବନ୍ଧୁ ବିବାଦୀୟ ପରିସ୍ଥିତି ସୃଷ୍ଟି କରି ମନକୁ ବିଭ୍ରାନ୍ତ କରିପାରନ୍ତି। ଆଲୋଚନା କ୍ରମରେ ଘରର କେତେକ ରହିଯାଇଥିବା କାମକୁ କରିବା ସକାଶେ ଚିନ୍ତା କରିପାରନ୍ତି। ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପାଖ ପଡ଼ୋଶୀଙ୍କ ସହ ବିଭିନ୍ନ ପ୍ରକାରର ଆଲୋଚନାରେ ସମୟ କଟାଇବେ।

**ବୃଷ** କର୍ମକ୍ଷେତ୍ରରେ ଉପରିସ୍ଥ କର୍ମଚାରୀଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ସାମାଜିକ କିମ୍ବା ରାଜନୈତିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟ ମନ୍ଥର ହେବ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବା ହେତୁ ମନରେ ସରସତା ରହି ନ ପାରେ। ବନ୍ଧୁମାନଙ୍କ ଗହଣରେ ମନୋରଞ୍ଜନରେ ରୁଚି ବଳିବ।

**ମିଥୁନ** ସାଧାରଣ କଥାରେ ଉତ୍ତେଜିତ ହୋଇପଡ଼ିବା ଦ୍ୱାରା ସମସ୍ୟା ବଢ଼ିବ ସିନା କମିବ ନାହିଁ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ରହିପାରନ୍ତି। ଘର କାମରେ କିମ୍ବା ନୂତନ କର୍ମାରମ୍ଭରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ବାଣିଜ୍ୟ,ବ୍ୟବସାୟରେ ସଫଳତା ହାସଲ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବା ହେତୁ ସାମୟିକ ବ୍ୟସ୍ତ ରହିପାରନ୍ତି। ସାମାଜିକ ସ୍ତରରେ ମନ ବୁଝିଲା ଭଳି କଥା କହି ଅନ୍ୟକୁ ଆପଣାର କରିପାରନ୍ତି। ପାରିବାରିକ ସମସ୍ୟାକୁ ସମାଧାନ କରିବା ସକାଶେ ଚେଷ୍ଟା କରିବେ।

**ସିଂହ** ପରିସ୍ଥିତିରେ ପଡ଼ି ନିକଟ ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରିବାକୁ ପଡ଼ିବ। ପାରିବାରିକ ସମସ୍ୟା ସୁଧାରିବାକୁ ଯାଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା** ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ପରୋକ୍ଷ ଶତ୍ରୁତା ହେତୁ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଅଫିସ କାମରେ ଯେସାକୁ ତେସା ନୀତିରେ କାମ କରି ସମାଲୋଚିତ ହୋଇପାରନ୍ତି। ବିଭିନ୍ନ ପ୍ରକାର ପାରିବାରିକ ସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିପାରନ୍ତି।

**ତୁଳା** ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ଶିଳ୍ପ, ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ। ଚିତ୍ରା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। କର୍ମକ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ କିନ୍ତୁ ଅତ୍ୟଧିକ ଖର୍ଚ୍ଚାନ୍ତ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହୋଇଯିବ। ନିଜର ପାଖ ଲୋକମାନେ ଈର୍ଷାପରାୟଣ ହୋଇ ଅପପ୍ରଚାର କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ଆଜି ଆପଣଙ୍କୁ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେଇପାରେ। ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିପାରନ୍ତି। ବିବାଦୀୟ ଘଟଣା ଆପୋସ ଆଲୋଚନା ଦ୍ୱାରା ସମାଧାନ ଘଟିବ। ଉତ୍ତରାଷାଢ଼ା ନକ୍ଷତ୍ର ଆଜି ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ସୃଷ୍ଟି କରିପାରନ୍ତି।

**ମକର** ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଆକସ୍ମିକ ଭାବେ ନିଜ ଲୋକମାନେ ଶତ୍ରୁତା କରି ବସିବେ। ପୂର୍ବ ସ୍ଥିରୀକୃତ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିବାକୁ ପଡ଼ିପାରେ।

**କୁମ୍ଭ** ବନ୍ଧୁମାନଙ୍କ ସହଯୋଗରେ ଦୀର୍ଘଦିନରୁ ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। କେତେକ କ୍ଷେତ୍ରରେ ସବୁ ଜାଣି ଶୁଣି ନୀରବଦ୍ରଷ୍ଟା ଭଳି କାମ କରିବେ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ** ନିଜର ବୁଦ୍ଧିମତ୍ତାର ପରିଚୟ ଦେଇ ଅନ୍ୟମାନଙ୍କୁ ଆପଣାର କରିବା ସକାଶେ କୌଶଳ ପ୍ରୟୋଗ କରି ପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ।


## classifieds Everyday

0674-2580101, 2549302




**SALE**

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320. D-73283

ନଖରା East College ନିକଟରେ 15,00,000ରେ ଘରବାରି ପାଚେରି ହୋଇଥିବା ପ୍ଲଟ୍ ଇଲେକ୍ଟ୍ରି ସହିତ ଦିଆଯାଉଅଛି। 9776846520. D-73281

Bhubaneswar to Pipili NHକୁ ଲାଗି boundary plot, 30ft. Road, Electrification, Temple, Drainage, Streetlight, Security, Gate, Plantation, Gated community ଥାଇ sqft.-980/ରେ ମିଳୁଛି। 9937006862. D-73284

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186. D-73541

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 30ft. road, ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ sqft.-320/-, 850/-ରେ ମିଳୁଛି। 9668344479, 9437607388. D-73268

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

5000sqft. (50ft. X100ft.) gharabari, sthitiban yellowzone, 100% clear single Patta owner plot for sale with boundary, filling & outhouse completed. Address- Bhargavi Vihar, just 3rd plot from Dhauli & Uttara NH with 25ft. wide concrete road Price Rs.1,35,00,000/-. Contact owner. 9040026465 (BABU BHAI). D-1039

Commercial cum residential plot at Brahmanjharilo Cuttack (Niali road) 6k.m. to Phulanakhara, 11k.m. to Bhubaneswar. 7809525452. D-73938

ଭୁବନେଶ୍ୱର Ravi Talkies 1.5.k.m. ଭିତରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-73842

Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272. D-73277




Refreshments rejuvenation body massage therapy with experienced therapists, Bhubaneswar. 7854099233. D-73847

Refreshing your mind and body with the best therapy, 7873794731. D-872

Newly open full body massage ladies & gents available. 8093726714. D-73620

"Only Professional Massage & Steam Bath- Trupti Spa. 9337337007, 9861550765." D-1058

Newly opened full body massage center by expert therapist. 7381172169. D-73622

Relax, Refresh your body, Mind at Saikrupa Spa with best therapies. 8984068077. D-980

Newly open full body massage, ladies and gents. 7846923244. D-73943

Newly open full body massage ladies and gents. 8327740003, 8093860513. D-73937

Newly open SPA positively health benifit with expert. Contact: 7749976301. D-73845

Only male to male full body massage. Bhubaneswar. Contact:8328868891, 8339028052. D-1048

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୭,୧୯,୩୫,୦୮୪ | ୬୩,୯୬,୬୯୩ | ୫୪,୨୧,୭୧,୭୮୯ |
| ଭାରତ | ୪,୩୮,୨୫,୧୮୫ | ୫,୨୫,୮୭୦ | ୪,୩୧,୫୦,୪୩୪ |
| ଓଡ଼ିଶା | ୧୩,୦୩,୧୯୧ | ୯୧୩୦(+୫୩) | ୧୨,୮୭,୯୪୧ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ହାତୀଦାନ୍ତ ଲୁଟ ଘଟଣା: ବନପାଳ, ବନରକ୍ଷୀ ନିଲମ୍ବିତ

ଭଞ୍ଜନଗର,୨୧।୭(ଡି.ଏନ୍.ଏ.): ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ ରେଞ୍ଜରେ ଗତ ୬ ତାରିଖରେ ଦନ୍ତାହାତୀ ମୃତ୍ୟୁ ଓ ଦାନ୍ତ ଲୁଟ ମାମଲାରେ ଗୁରୁବାର ୨ଜଣଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ସମ୍ପୃକ୍ତ ଅଞ୍ଚଳର ବନପାଳ ସୁକାନ୍ତ କୁମାର ନାୟକ ଓ ବନରକ୍ଷୀ ଶ୍ରୀମନ ପ୍ରଧାନ। ପୂର୍ବରୁ ଏହି ଘଟଣାରେ ବନ ବିଭାଗ ୩ ଜଣଙ୍କୁ ଗିରଫ କରିବା ସହ ଲୁଟ ହୋଇଥିବା ହାତୀଦାନ୍ତକୁ ଜବତ କରିଥିଲା। ଏଥିରେ ଆହୁରି କେତେଜଣ ସମ୍ପୃକ୍ତ ଥିବା ଆଶଙ୍କା କରାଯାଉଥିବାରୁ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଚାଲିଛି। ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ହାତୀକୁ ଗୁଳି କରି ମାରିବା ପରେ ଦାନ୍ତ ଲୁଟି ନେଇଥିଲେ।

# ଆଜିଠାରୁ ସ୍ୱାଭାବିକ ହେବ ଟିକାକରଣ

**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**

ରାଜ୍ୟରେ କୋଭିଡ୍ ଟିକା କମ୍ ପରିମାଣର ଥିବାରୁ ଟୀକାକରଣରେ ବ୍ୟାଘାତ ଦେଖାଦେଇଥିଲା। ଏବେ ରାଜ୍ୟକୁ ଟିକା ଆସିଥିବାରୁ ଶୁକ୍ରବାରଠାରୁ ଟୀକାକରଣ ସ୍ୱାଭାବିକ ହେବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି। ରାଜ୍ୟରେ ଏବେ ୩ ପ୍ରକାର ଟୀକାକରଣ ପ୍ରକ୍ରିୟା ଜାରି ରହିଛି। ଗୁରୁବାର ବିଭିନ୍ନ ଜିଲାରେ ମାତ୍ର ୬୦ ହଜାର କୋଭିସିଲ୍ଡ ଟିକା ଥିଲା। ବୁଧବାର ରାତିରେ କେନ୍ଦ୍ରରୁ ୩ ଲକ୍ଷ ଓ ଗୁରୁବାର ସକାଳେ ୪.୮ ଲକ୍ଷ କୋଭିଶିଲ୍ଡ ଟିକା ଆସି ପହଞ୍ଚିଛି। ତେଣୁ ବର୍ତ୍ତମାନ ଆମ ପାଖରେ ୭ ଲକ୍ଷ ୮୦ ହଜାର ଟିକା ମହଜୁଦ ରହିଛି। ବିଭିନ୍ନ ଜିଲାରୁ ଭ୍ୟାକସିନ ଭ୍ୟାନ ଆସିଗଲାଣି। ଗୁରୁବାର ରାତି ସୁଦ୍ଧା ସବୁ ଜିଲାକୁ ଟିକା ପହଞ୍ଚି ଯାଇଥିବ। ତେଣୁ ଶୁକ୍ରବାରଠାରୁ ସାରା ରାଜ୍ୟରେ ଟିକାକରଣ ତ୍ୱରାନ୍ୱିତ ହେବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସେହିପରି ୧୨ରୁ ୧୪ ବର୍ଷର ଶିଶୁଙ୍କୁ କୋର୍ବେଭାକ୍ସ ଟିକା ଦିଆଯାଉଛି। ଏହାର ପ୍ରଥମ ଡୋଜ୍ ୯୯.୮ ପ୍ରତିଶତ ନେଇସାରିଥିବାବେଳେ ଦ୍ୱିତୀୟ ଡୋଜ୍ ଟିକାକରଣ ମଧ୍ୟ ଚାଲିଛି। ଗୁରୁବାର ୧୫ଶହ ସରକାରୀ କେନ୍ଦ୍ରରେ ଟିକାକରଣ କରାଯାଇଥିଲା। ଟିକା ନ ଥିବାରୁ କମ୍ ଟିକାକେନ୍ଦ୍ର ଖୋଲା ଯାଇଥିଲା। ତେବେ ଶୁକ୍ରବାରଠାରୁ ୨୫୦୦ରୁ ୩୦୦୦ କେନ୍ଦ୍ରରେ ଟିକା ଦିଆଯିବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଭୁବନେଶ୍ୱର, କଟକ, ବ୍ରହ୍ମପୁରରେ କୋଭାକ୍ସିନ ଓ ରାଜ୍ୟର ବାକିସବୁ ଅଞ୍ଚଳରେ କୋଭିଶିଲ୍ଡ ଦିଆଯାଉଛି। ପ୍ରଥମ, ଦ୍ୱିତୀୟ ସହ ବୁଷ୍ଟର ଡୋଜ୍ ଜାରି ରହିଥିବାରୁ ଅଧିକ ଟିକା ଆବଶ୍ୟକ ପଡୁଛି। ରାଜ୍ୟରେ କମ୍ ଟିକା ମହଜୁଦ ଥିବାରୁ ପର୍ଯ୍ୟାପ୍ତ ପରିମାଣର କୋଭିଶିଲ୍ଡ ଓ କୋଭାକ୍ସିନ ଟିକା ଯୋଗାଇ ଦେବାକୁ କିଛିଦିନ ତଳେ କେନ୍ଦ୍ରକୁ ଚିଠି ଲେଖିଥିଲା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ।

**ଚିଠି ପରେ ପହଞ୍ଚିଲା ଟିକା**



# ଅନ୍ତର୍ଭୁକ୍ତ ହେବାକୁ ୪ ଯୋଗ୍ୟତାସୂଚକ ତାରିଖ

**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**

ନିର୍ବାଚନ ଆୟୋଗଙ୍କ ସଂଶୋଧିତ ନୂତନ ନିୟମ ଅନୁଯାୟୀ ତ୍ରୁଟିଶୂନ୍ୟ ଓ ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତି ନେଇ ରାଜ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନି ଗୁରୁତ୍ୱାରୋପ କରିଛନ୍ତି। ଏଣିକି ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ଲାଗି ୪ଟି ଯୋଗ୍ୟତାସୂଚକ ତାରିଖ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ସବୁ ଜିଲାପାଳ/ଉପଜିଲାପାଳଙ୍କ ସହ ଏକ କର୍ମଶାଳାରେ ଅଂଶଗ୍ରହଣ କରିବା ଅବସରରେ ରାଜ୍ୟ ନିର୍ବାଚନ ଅଧିକାରୀ ଲୋହାନି ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ନିକଟ ଅତୀତରେ କେନ୍ଦ୍ର ସରକାର ଲୋକ ପ୍ରତିନିଧି ଅଧିନିୟମ-୧୯୫୦ ଏବଂ ଲୋକ ପ୍ରତିନିଧି ଅଧିନିୟମ-୧୯୫୦ର ସଂଶୋଧନ କରିଛନ୍ତି। ସଂଶୋଧିତ ନିୟମକୁ ଲୋକ ପ୍ରତିନିଧି ଅଧିନିୟମ ୧୯୫୦ର ଧାରା ୧୪ (ଖ)ରେ ଅନ୍ତର୍ଭୁକ୍ତ କରାଯାଇଛି। ନୂଆ ପୂର୍ବରୁ ନୂଆ ଭୋଟରଙ୍କ ପାଇଁ ଗୋଟିଏ ଯୋଗ୍ୟତାସୂଚକ ତାରିଖ ରହିଥିଲା। ପ୍ରତିବର୍ଷ ଜାନୁୟାରୀ ୧କୁ ଏହି ସମୟ ଭାବେ ଗଣାଯାଉଥିଲା। ନୂତନ ନିୟମ ଅନୁସାରେ ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ ସୁଦ୍ଧା ୧୮ ବର୍ଷ ହେଉଥିବା ସାବାଳକମାନେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ। ଫଳରେ ଯୁବ ତଥା ନୂତନ ଭୋଟରଙ୍କୁ ଭୋଟର ତାଲିକାରେ ନିଜ ନାମ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

**ତ୍ରୁଟିଶୂନ୍ୟ ଭୋଟର ତାଲିକା ପାଇଁ ନୂଆ ନିୟମ**

ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଭୋଟରଙ୍କ ଆଧାର ନମ୍ବରକୁ ସ୍ୱେଚ୍ଛାକୃତ ଭାବେ ତାଲିକାଭୁକ୍ତ କରାଯିବ। ଏହାଦ୍ୱାରା ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତି ସହ ଦୋହରା ଭୋଟରଙ୍କୁ ରୋକାଯାଇପାରିବ। ଭୋଟର ତାଲିକାରେ ନାମ ଯୋଡ଼ିବା, ବାଦ୍‌ଦେବା, ନାମ ସଂଶୋଧନ କରିବା ଇତ୍ୟାଦି କାର୍ଯ୍ୟ ନିମନ୍ତେ ପୂର୍ବରୁ ଫର୍ମ ନଂ. ୬, ୭, ୮ ବ୍ୟବହାର କରାଯାଉଥିଲା। ଏବେ ଫର୍ମଗୁଡ଼ିକରେ ସଂଶୋଧନ କରାଯାଇ ନୂତନ ଫର୍ମ ନଂ. ୬ରେ ଭୋଟରମାନେ ତାଲିକାରେ କେବଳ ନାମ ପଞ୍ଜୀକରଣ ନିମନ୍ତେ ଆବେଦନ କରିପାରିବେ। ଗୋଟିଏ ନିର୍ବାଚନମଣ୍ଡଳୀରୁ ଅନ୍ୟ ଗୋଟିଏ ସ୍ଥାନକୁ ସ୍ଥାନାନ୍ତର ନିମନ୍ତେ ଫର୍ମ ନଂ. ୮ର ବ୍ୟବହାର କରାଯିବ। ପୂର୍ବଭଳି ଫର୍ମ ନଂ. ୭ରେ ଭୋଟର ତାଲିକାରୁ ନାମ ବାଦ୍‌ଦିଆଯାଇପାରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

# ଦଶମନ୍ତପୁରରେ ବଢୁଛି ଝାଡ଼ାବାନ୍ତି: ପୁଣି ୪ ଆକ୍ରାନ୍ତ



ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଅକ୍ରାନ୍ତ।

**ଦଶମନ୍ତପୁର, ୨୧।୭ ( ଡି.ଏନ.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ଅଞ୍ଚଳରେ ଦିନକୁ ଦିନ କମିବା ପରିବର୍ତ୍ତେ ବଢି ଚାଲିଛି ଝାଡାବାନ୍ତି। ଗୁରୁବାର ପୁଣି ୪ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନେ ହେଲେ ଦଶମନ୍ତପୁର ବ୍ଲକ ଗିର୍ଲିଗୁମା ପଞ୍ଚାୟତ ଛତାଆମ୍ବ ଗ୍ରାମର ଜୟସିଂ ମୁଦୁଲିଙ୍କ ସ୍ତ୍ରୀ ମର୍ଚ୍ଛିବତୀ ମୁଦୁଲି (୨୫) ଏବଂ ଆଦୁ ମୁଦୁଲିଙ୍କ ସ୍ତ୍ରୀ ଶ୍ରୀମଣି ମୁଦୁଲି (୨୪), ଡୁମ୍ବାଗୁଡା ପଞ୍ଚାୟତର ଧନୁର୍ଜୟ ଚଲାଣଙ୍କ ସ୍ତ୍ରୀ ତାରା ଚଲାଣ (୬୦) ଏବଂ ଦଶମନ୍ତପୁର ପଞ୍ଚାୟତ ଗୌଡ଼କନ୍ତି ଗ୍ରାମର ଜଗନ୍ନାଥ ଗୌଡ଼ଙ୍କ ସ୍ତ୍ରୀ ପଦ୍ମା ଗୌଡ଼ (୪୬)। ଆକ୍ରାନ୍ତମାନଙ୍କୁ ଦଶମନ୍ତପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଡାକ୍ତର ଶ୍ରୀରାମ ପରିଡା କହିଛନ୍ତି। ପୂର୍ବର ରୋଗୀଙ୍କୁ ମିଶାଇ ବର୍ତ୍ତମାନ ୧୨ ଜଣ ରୋଗୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତର ପରିଡ଼ା ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ବ୍ଲକରେ ଝାଡାବାନ୍ତି ଆକ୍ରାନ୍ତ ସଂଖ୍ୟା ୩୦କୁ ବୃଦ୍ଧି ପାଇଛି। ଏଥିରେ ପୂର୍ବରୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ଝାଡା ବାନ୍ତି ଦିନକୁଦିନ ବୃଦ୍ଧି ପାଉଥିବାରୁ ଅଞ୍ଚଳବାସୀଙ୍କ ମନରେ ଭୟର ବାତାବରଣ ଦେଖାଦେଇଛି। ଝାଡ଼ାବାନ୍ତିର ମୁଖ୍ୟ କାରଣ ଦୂଷିତ ପାଣି ବୋଲି ଗ୍ରାମବାସୀ କହିଛନ୍ତି। ଝାଡାବାନ୍ତି ବଢୁଥିବାରୁ ସ୍ୱାସ୍ଥ୍ୟ ବିଭାଗର ନିଦ ହଜିଯାଇଛି। ସ୍ୱାସ୍ଥ୍ୟ ବିଭାଗ, ଜଳ ଓ ପରମଳ ବିଭାଗ ଅଧିକାରୀମାନେ ଝାଡାବାନ୍ତି ପ୍ରଭାବିତ ଗ୍ରାମଗୁଡିକୁ ଯାଇ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅସ୍ଥାୟୀ ସ୍ୱାସ୍ଥ୍ୟ କ୍ୟାମ୍ପ କରି ଲୋକଙ୍କୁ ସଚେତନ କରାଯାଉଥିବା ଦେଖିବାକୁ ମିଳିଛି। ବ୍ଲକର ପ୍ରତ୍ୟେକ ପଞ୍ଚାୟତ ଓ ପ୍ରତ୍ୟେକ ଗ୍ରାମରେ ବ୍ଲିଚିଂ ପାଉଡର ସିଞ୍ଚନ କରିବାକୁ ସାଧାରଣରେ ଦାବି ହେଉଛି।

**ଚିକିତ୍ସାଧୀନ ଅଛନ୍ତି ୧୨, ଆକ୍ରାନ୍ତ ସଂଖ୍ୟା ୩୦କୁ ବୃଦ୍ଧି**

# ରାଜ୍ୟରେ ୧୫,୮୭୬ ଚେକ୍‌ଡ୍ୟାମ୍ ନିର୍ମାଣ ହେବ

**ଭୁବନେଶ୍ୱର,୨୧।୭(ବ୍ୟୁରୋ)**

ଆଡ଼ିବନ୍ଧ ଯୋଜନାରେ ରାଜ୍ୟରେ ୧୫ ହଜାର ୮୭୬ ଚେକ୍‌ଡ୍ୟାମ୍ ନିର୍ମାଣ ଲାଗି ସରକାର ପ୍ରସ୍ତାବ ରଖିଛନ୍ତି । ସେଥିମଧ୍ୟରୁ ୩ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୫ ସୁଦ୍ଧା ୧୨୮୦ ନୂଆ ଚେକ୍‌ଡ୍ୟାମ୍ ନିର୍ମାଣ ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୮ ଶହ ୧୧ କୋଟି ୪୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରାଯାଇଛି। ବିଧାନସଭା ପ୍ରଶ୍ନକାଳରେ ବିଜେଡି ସଭ୍ୟ ମୌଷଧି ବାଗଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଏହି ସୂଚନା ଦେଇଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ପଚାରିଥିଲେ, କଳାହାଣ୍ଡି ଜିଲାର ଯେଉଁ ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଚେକ୍‌ଡ୍ୟାମ୍ ଅଚଳ ଅବସ୍ଥାରେ ରହିଛି ସେଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରି ଜଳସେଚନ ବ୍ୟବସ୍ଥା କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ମନ୍ତ୍ରୀ ସାହୁ କହିଲେ, କଳାହାଣ୍ଡି ଜିଲାର ୩ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମଲିଯୁବଙ୍ଗ, ହାତୀଖୋଜ, କରୁଣାନାଳ ଅଚଳ ହୋଇପଡ଼ିଛି। ସେଥିରୁ ପ୍ରଥମ ୨ ପ୍ରକଳ୍ପର ପୁନରୁଦ୍ଧାର କାର୍ଯ୍ୟ କରିବାକୁ ପଦକ୍ଷେପ ନିଆଯାଉଛି। କରୁଣାନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ସେଚାଞ୍ଚଳ, ଇନ୍ଦ୍ରାବତୀ ବୃହତ୍ ଜଳସେଚନ ପ୍ରକଳ୍ପର ସେଚାଞ୍ଚଳ ସହିତ ଓଭରଲାପିଂ ହେଉଥିବାରୁ ତାହାର ଉନ୍ନତୀକରଣର ଆବଶ୍ୟକତା ନାହିଁ। ବିଧାୟକ ତାରାପ୍ରସାଦ ବାହିନୀପତି, ମୀନାକ୍ଷୀ ମହାନ୍ତ, ପ୍ରଦୀପ ଦିସାରି, ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ କହିଥିଲେ, ରାଜ୍ୟରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସ୍ଥାଣୁ ପାଲଟିଯାଇଛି। ରାଜ୍ୟରେ କେତେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଚାଲିଛି। ମନ୍ତ୍ରୀ କହିଲେ, ଇନ୍‌ଷ୍ଟିମ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୬ ବର୍ଷରେ ୧୧,୭୦୦ କୋଟି ଟଙ୍କା ଖର୍ଚ୍ଚ କରିବେ।



- **୨୦୨୫ ସୁଦ୍ଧା ୧୨୮୦ ନିର୍ମାଣ ଶେଷ ହେବ**
- **ଖର୍ଚ୍ଚ ହେବ ୮୧୧.୪୫ କୋଟି**


## ବୟନଶିଳ୍ପ ନିର୍ଦ୍ଦେଶାଳୟ
### ଓଡ଼ିଶା, ଭୁବନେଶ୍ୱର – ୭୫୧୦୦୭
### ନାମଲେଖା ବିଜ୍ଞାପନ

No. PP-24: ବୟନ ବୈଷୟିକ ଅନୁଷ୍ଠାନ (Institute of Textile Technology), ଚୌଦ୍ୱାର, କଟକରେ ବୟନ ବୈଷୟିକ ଡିପ୍ଲୋମା (Diploma) ପାଠ୍ୟକ୍ରମ ୨୦୨୨–୨୩ ଶିକ୍ଷାବର୍ଷରେ ନାମଲେଖା ପାଇଁ ୫ (ପାଞ୍ଚ)ଜଣ ଆଗ୍ରହୀ ବୁଣାକାର ସମ୍ପ୍ରଦାୟର ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

**ଶିକ୍ଷାଗତ ଯୋଗ୍ୟତା:**
ମାଧ୍ୟମିକ ଶିକ୍ଷା ବୋର୍ଡ (BSE), ଓଡ଼ିଶା ଦ୍ୱାରା ପରିଚାଳିତ ଉଚ୍ଚ ମାଧ୍ୟମିକ ସାର୍ଟିଫିକେଟ୍ (HSC) ପରୀକ୍ଷା କିମ୍ବା ମାଧ୍ୟମିକ ଶିକ୍ଷା ବୋର୍ଡ, ଓଡ଼ିଶା ଦ୍ୱାରା ସମାନ ଘୋଷିତ ଦଶମ ମାନକ ପରୀକ୍ଷା (10th Standard)ରେ ଇଂରାଜୀ, ଗଣିତ ଓ ବିଜ୍ଞାନ ବିଷୟ ଥାଇ ଅନ୍ୟୂନ ଶତକଡ଼ା ୩୫ଭାଗ ନମ୍ବର ତଥା ପ୍ରତ୍ୟେକ ବିଷୟରେ ସର୍ବନିମ୍ନ ଶତକଡ଼ା ୩୦ ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।

**ବୟସ ସୀମା:**
ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ବୟସ ତା୦୧।୦୭।୨୦୨୨ରିଖ ସୁଦ୍ଧା ୧୪ ବର୍ଷରୁ କମ୍ ହୋଇ ନଥିବ।

ଉପରୋକ୍ତ ଯୋଗ୍ୟତା ଥିବା ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ କରିପାରିବେ। ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ଆବେଦନ ପତ୍ର **ତା୨୫।୦୮।୨୦୨୨ରିଖ ସୁଦ୍ଧା ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ସତ୍ୟନଗର, ଭୁବନେଶ୍ୱର – ୭୫୧୦୦୭**ରେ ପହଞ୍ଚିବା ଆବଶ୍ୟକ। ଆବେଦନ ଫର୍ମ **www.textiles.odisha.gov.in/tender.php**ରେ ଉପଲବ୍ଧ। ଅସମ୍ପୂର୍ଣ୍ଣ ଦରଖାସ୍ତ କୌଣସି ମତେ ବିଚାରକୁ ନିଆଯିବ ନାହିଁ।

ସ୍ୱା./– ନିର୍ଦ୍ଦେଶକ
OIPR-31003/11/0007/2223 ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା


# ଟିକା ନେଇ ମାସକର ଶିଶୁ ମୃତ

**ଚନ୍ଦାହାଣ୍ଡି, ୨୧।୭(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପଟଖଲିଆ ପଞ୍ଚାୟତ ଚିଲିଗାଁ ଗ୍ରାମର ଗୁଣଧର କନିଅରଙ୍କ ୧ ମାସ ୧୩ ଦିନର ଶିଶୁପୁତ୍ରଙ୍କ ଟିକା ନେବା କାରଣରୁ ମୃତ୍ୟୁ ହୋଇଛି। ବୁଧବାର ଚିଲିଗାଁ ଅଙ୍ଗନୱାଡି କେନ୍ଦ୍ରରେ ତାଙ୍କୁ ଟିକା ଦିଆଯାଇଥିଲା। ଏହାପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଶିଶୁପୁତ୍ରଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏ ଦିଗରେ ଜିଲା ସ୍ୱାସ୍ଥ୍ୟାଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ପରିବାର ଲୋକେ ଦାବି କରିଛନ୍ତି।

ବୁଧବାର ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଚିଲିଗାଁ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ ଏବଂ ଗର୍ଭବତୀଙ୍କ ପ୍ରତିଷେଧକ ଟିକାକରଣ କରାଯାଇଥିଲା। ଅଙ୍ଗନୱାଡି କର୍ମୀ ରାୟବାରୀ ସୋରିଙ୍କ ସହ ଏଏନ୍‌ଏମ୍ ରେବତୀ ନାୟକ ଅଙ୍ଗନୱାଡି କେନ୍ଦ୍ରରେ ୧୪ ଜଣ ଶିଶୁ ଏବଂ ଗର୍ଭବତୀଙ୍କୁ ଟିକା ଦେଇଥିଲେ। ସେମାନଙ୍କ ମଧ୍ୟରେ ୩ ଜଣ ମାସିକିଆ ଶିଶୁ ଥିବା ବିପିଏମ୍ ସୁଦୀପ୍ତ କୁମାର ରାଉତ ପ୍ରକାଶ କରିଛନ୍ତି। ଗୁଣଧର କନିଅରଙ୍କ ପୁଅ ମଧ୍ୟ ଟିକା ନେଇଥିଲେ। ଟିକା ନେବା ପରେ ଶିଶୁପୁତ୍ରଙ୍କୁ ପ୍ରବଳ ଜ୍ୱର ହେବା ସହ ହାକୁଟି ହୋଇଥିଲା। ପରିବାର ଲୋକେ ୧୦୮ ଯୋଗେ ତାଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶିଶୁପୁତ୍ରଙ୍କ ମୃତ୍ୟୁ ହୋଇଥିଲା। ପରିବାର ଲୋକେ ସ୍ୱାସ୍ଥ୍ୟ ବିଭାଗ ଓ ଏଏନ୍‌ଏମ୍‌ଙ୍କୁ ଦାୟୀ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଉଚିତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସନ୍ଦୀପ ଶତପଥୀଙ୍କୁ ପଚାରିବାରୁ ଟିକା ନେଇ ଲକ୍ଷରେ ଗୋଟିଏ ଶିଶୁଙ୍କ ମୃତ୍ୟୁ ହୁଏ। ଉକ୍ତ ଔଷଧ ବୋତଲକୁ ରଖାଯାଇଛି। ସିଡିଏମ୍‌ଓଙ୍କୁ ଘଟଣା ସମ୍ପର୍କରେ ଜଣାଇ ଦିଆଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗର ଓ ଡବ୍ଲ୍ୟୁଏଚ୍‌ଓ ଟିମ୍ ଆସିବେ ବୋଲି ସେ କହିଛନ୍ତି।


## ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ
## ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ

ଖଲ୍ଲିକୋଟ, ଗଞ୍ଜାମ, ଓଡ଼ିଶା – ୭୬୧୦୩୦, ଦୂରଭାଷ: ୦୬୮୧୦–୨୫୬୩୫୨
Email ID: govtcollegeofartandcrafts@gmail.com
ପତ୍ର ସଂଖ୍ୟା: ୩୪୩/ସ.ଚା.କା.ମ., ଖଲ୍ଲିକୋଟ ତାରିଖ: ୨୧।୦୭।୨୦୨୨

### ନାମଲେଖା ବିଜ୍ଞପ୍ତି

No. RR-16: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଅନୁବନ୍ଧନରେ ଥିବା ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଖଲ୍ଲିକୋଟରେ ଚାରୁକଳା ଓ କାରୁକଳାରେ ବି.ଭି.ଏ. (ଚାରିବର୍ଷିଆ ସ୍ନାତକ ଶ୍ରେଣୀ) ୧ମ ବର୍ଷ ଫାଉଣ୍ଡେସନ ପାଠ୍ୟକ୍ରମରେ ୨୦୨୨–୨୩ ଶିକ୍ଷାବର୍ଷ ନିମନ୍ତେ ନାମ ଲେଖାଇବା ପାଇଁ ପୁରୁଷ ଓ ମହିଳା ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଯେଉଁମାନେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶାରୁ +୨ ପାସ୍ କରିଥିବେ କିମ୍ବା ତତ୍ତୁଲ୍ୟ ଯୋଗ୍ୟତା ଥିବା ପ୍ରାର୍ଥୀ/ପ୍ରାର୍ଥିନୀ ଯେଉଁମାନଙ୍କର କଳାଶିକ୍ଷା ପ୍ରତି ଆଗ୍ରହ ଥିବ ସେମାନେ ଦରଖାସ୍ତ କରିପାରିବେ। ସେମାନଙ୍କର ଚୟନ ଏକ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ନିର୍ଣ୍ଣୟ କରାଯିବ। ଏଥିରେ ଚିତ୍ରକଳା ସହିତ ସାଧାରଣ ଜ୍ଞାନ ବିଷୟରେ ପରୀକ୍ଷା କରାଯିବ। ସର୍ବୋଚ୍ଚ ବୟସସୀମା ୨୩ ବର୍ଷ। ଶାରୀରିକ ଅକ୍ଷମ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କ କ୍ଷେତ୍ରରେ ୫ବର୍ଷ କୋହଳ କରାଯିବ। ଆବଶ୍ୟକୀୟ ଫର୍ମ ପ୍ରତ୍ୟେକ କାର୍ଯ୍ୟଦିବସରେ ମହାବିଦ୍ୟାଳୟର ଅଫିସ୍‌ରୁ ଟ.୪୫/– (ପଞ୍ଚଚାଳିଶ ଟଙ୍କା) ବିନିମୟରେ ଉପଲବ୍ଧ ହୋଇପାରିବ। ଡିମାଣ୍ଡ ଡ୍ରାଫ୍ଟ/ପୋଷ୍ଟାଲ ଅର୍ଡର ଗ୍ରହଣୀୟ ନୁହେଁ। ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ମହାବିଦ୍ୟାଳୟର ୱେବ୍‌ସାଇଟ୍: **http://gcacodisha.nic.in**ରୁ ଫର୍ମ ଡାଉନ୍‌ଲୋଡ୍ କରି ଆବଶ୍ୟକୀୟ ଦେୟ ଅନ୍‌ଲାଇନରେ ପଇଠ କରି ଆବେଦନ କରିପାରିବେ। ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ +୨ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଫଳ ପ୍ରକାଶନଠାରୁ ୧୫ଦିନ ମଧ୍ୟରେ ଆବଶ୍ୟକୀୟ ଫର୍ମ ସଂଗ୍ରହ ଓ ଦାଖଲ ପ୍ରତ୍ୟେକ କାର୍ଯ୍ୟଦିବସରେ ମହାବିଦ୍ୟାଳୟ କାର୍ଯ୍ୟାଳୟରେ କରିପାରିବେ।

ସ୍ୱା./– ସୁବ୍ରତ କୁମାର ମଲ୍ଲିକ
ଭାରପ୍ରାପ୍ତ ଅଧ୍ୟକ୍ଷ
OIPR-03012/11/0002/2223 ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ


# ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ୩ରୁ ୧୦ କୋଟି କରିବାକୁ ଦାବି

**ଭୁବନେଶ୍ୱର,୨୧।୭(ବ୍ୟୁରୋ)**

ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଅଣ୍ଟୁନି। କୋଭିଡ୍ ପରେ ସବୁ ଦରଦାମ୍ ବଢ଼ିଲାଣି। ଏହାକୁ ଦୃଷ୍ଟିରେ ରଖି ଉନ୍ନୟନ ପାଣ୍ଠିକୁ ୧୦ କୋଟିକୁ ବୃଦ୍ଧି କରାଯାଉ। ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟ ବିଧାୟକ ପାଣ୍ଠି ବୃଦ୍ଧି କରିବାକୁ ଦାବି କରିଛନ୍ତି। ଗୁରୁବାର ବିଧାନସଭା ପ୍ରଶ୍ନକାଳରେ ବିଜେଡି ସଭ୍ୟ ସଞ୍ଜୀବ ମଲ୍ଲିକ ମୂଳ ପ୍ରଶ୍ନରେ ପଚାରିଥିଲେ ଯେ, ଆମ ରାଜ୍ୟରେ ବିଧାୟକ ପାଣ୍ଠି ୨ କୋଟି ଟଙ୍କା ଥିବାବେଳେ ଅନ୍ୟ ରାଜ୍ୟରେ ଏହା କେତେ ଅଛି। ଯଦି ଅନ୍ୟ ରାଜ୍ୟର ବିଧାୟକ ପାଣ୍ଠି ଆମ ରାଜ୍ୟଠାରୁ ଅଧିକ, ତେବେ ଏହାକୁ ୨ରୁ ୩ କୋଟି କରିବାକୁ ସରକାର ବ୍ୟବସ୍ଥା କରିବେ କି? ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ କହିଲେ ଯେ, ଆମ ରାଜ୍ୟରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ୨୦୨୦–୨୧ଠାରୁ ପ୍ରତି ନିର୍ବାଚନମଣ୍ଡଳୀ ପିଛା ବାର୍ଷିକ ୧ କୋଟିରୁ ୩ କୋଟିକୁ ବୃଦ୍ଧି କରାଯାଇଛି। ୧୯୯୭–୯୮ରେ ଏହା ୫ ଲକ୍ଷରୁ ଆରମ୍ଭ କରାଯାଇଥିଲା। ଏହା ସମୟକ୍ରମେ ବଢ଼ି ୩ କୋଟିରେ ପହଞ୍ଚିଛି। ବିଭିନ୍ନ ପ୍ରକାର ଜରୁରୀ ଭିତ୍ତିଭୂମିର ଉନ୍ନତି ପାଇଁ ନିର୍ବାଚନମଣ୍ଡଳୀ ପିଛା ୨ କୋଟି ସାଧାରଣରେ ଏବଂ ଉଚ୍ଚଶିକ୍ଷା ପାଇଁ ୫୦ ଲକ୍ଷ ଏବଂ ରାସ୍ତାଘାଟ ନିର୍ମାଣ ଲାଗି ୫୦ ଲକ୍ଷ ଦିଆଯାଉଛି। ମୂଳ ପ୍ରଶ୍ନକର୍ତ୍ତା ଅତିରିକ୍ତ ପ୍ରଶ୍ନରେ କହିଛନ୍ତି ଯେ, ରାଜ୍ୟର ବଡ଼ ବଡ଼ ମନ୍ଦିରଗୁଡ଼ିକର ବିକାଶ କାର୍ଯ୍ୟ ଚାଲୁରହିଛି। ମାତ୍ର ଗାଁଗୁଡ଼ିକରେ ଥିବା ଛୋଟ ଛୋଟ ମନ୍ଦିରର ବିକାଶ ପାଇଁ ଏହି ବିଧାୟକ ପାଣ୍ଠି କମ୍ ପଡୁଛି। ସେଥିପାଇଁ ସାଧାରଣ ଖର୍ଚ୍ଚ ୨ କୋଟି ବଦଳରେ ୩ କୋଟି କରାଯାଉ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଛନ୍ତି, ଯେହେତୁ ପଡ଼ୋଶୀ ରାଜ୍ୟଗୁଡ଼ିକରେ ବିଧାୟକ ପାଣ୍ଠି ୫ କୋଟି ରହିଛି ତେଣୁ ଆମ ରାଜ୍ୟରେ ମଧ୍ୟ ଏହାକୁ ୩ରୁ ୧୦ କୋଟିକୁ ବୃଦ୍ଧି କରାଯାଉ। ସରସ୍ୱତୀ ଶିଶୁ ମନ୍ଦିରକୁ ବିଧାୟକ ପାଣ୍ଠିରୁ କିପରି ଅନୁଦାନ ଦିଆଯିବ ତାହାର ବ୍ୟବସ୍ଥା କରାଯାଉ। ସେହିପରି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ମଧ୍ୟ ରାସ୍ତାଘାଟ ନିର୍ମାଣ, କୋଭିଡ୍ ଏବଂ ଉଚ୍ଚଶିକ୍ଷା ପାଇଁ ଥିବା ଧାର୍ଯ୍ୟ ଅର୍ଥ ସୀମାକୁ ଉଠାଯାଇ ସାଧାରଣ ଖର୍ଚ୍ଚକୁ ୩ କୋଟି କରାଯାଉ ବୋଲି ଦାବି କରିଥିଲେ। ବିଧାୟକ ଲତିକା ପ୍ରଧାନ, ଭାସ୍କର ମଢ଼େଇ, ପ୍ରମୋଦ ମଲ୍ଲିକ ପ୍ରମୁଖ ବିଧାୟକ ଉନ୍ନୟନ ପାଣ୍ଠି ବଢ଼ାଇବାକୁ ଦାବି କରିଥିଲେ। ମନ୍ତ୍ରୀ କହିଛନ୍ତି, ବିଧାୟକମାନେ ଜେନେରାଲ ଫଣ୍ଡରୁ ନେଇ ଖର୍ଚ୍ଚ କରିପାରିବେ। ଉନ୍ନୟନ ପାଣ୍ଠି ବଢ଼ାଇବା ଲାଗି ସରକାର ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଆବଶ୍ୟକ ହେଲେ ଆଗାମୀ ଦିନରେ ବିଚାରବିମର୍ଶ କରି ନିଷ୍ପତ୍ତି ନିଆଯିବ।

# ରାୟପୁରରୁ ଧରାପଡ଼ିଲେ ସୁପାରି କିଲର

**ବିଜେଡି ନେତା ଲୋକନାଥ ବିଶ୍ୱାଳ ହତ୍ୟା ଘଟଣା**

- **ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ**
- **ରାୟପୁରର ଏକ ଲୁହା କାରଖାନାରେ କାମ କରୁଥିଲେ**

**ବଲାଙ୍ଗୀର ଅଫିସ/ ବେଲପଡା, ୨୧।୭(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବେଲପଡା ଥାନା ବାଗଦୋର ପଞ୍ଚାୟତର ବିଜେଡି ନେତା ଲୋକନାଥ ବିଶ୍ୱାଳ ହତ୍ୟା ଘଟଣାର ଫେରାର ମୁଖ୍ୟ ଅଭିଯୁକ୍ତ ତଥା ସୁପାରି କିଲର ନରେଶ ସାହୁଙ୍କୁ ଛତିଶଗଡ ରାୟପୁରରୁ ପୋଲିସ ଗିରଫ କରିଛି। ଗିରଫ ନରେଶଙ୍କ ଘର ବରଗଡ ଜିଲା ପଦ୍ମପୁର ରାଜାପଡାରେ। ନରେଶଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପାଟଣାଗଡ ଉପକାରାଗାରକୁ ପଠାଇ ଦିଆଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗିରଫ ସୁପାରି କିଲର ନରେଶ ସାହୁ ଗତ ମାର୍ଚ୍ଚ ୨୮ ରୁ ଫେରାରଥିଲେ। ଛତିଶଗଡ ରାୟପୁରର ସିଲତରାଠାରେ ଥିବା ଏକ ଲୁହା କାରଖାନାରେ ସେ କାମ କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ବେଲପଡା ପୋଲିସ ବୁଧବାର ରାୟପୁର ସିଲତରାଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଗୁରୁବାର ତାଙ୍କୁ ବେଲପଡା ଅଣାଯାଇଥିଲା। ଗତ ମାର୍ଚ୍ଚ ୨୮ ସନ୍ଧ୍ୟାରେ ବନମାଲସ୍ଥିତ ଘର ସମ୍ମୁଖରେ ଲୋକନାଥ ବିଶ୍ୱାଳ ଏବଂ ତାଙ୍କ ସମିତି ସଭ୍ୟା ସ୍ତ୍ରୀ ବନିତା ବସିଥିବାବେଳେ କେତେଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅତି ନିକଟରୁ ଗୁଳି କରି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଲୋକନାଥଙ୍କୁ ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୁପାରି କିଲର ଲଗାଇ ଲୋକନାଥଙ୍କୁ ଗୁଳି କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏସ୍‌ପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶକ୍ରମେ ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତାଙ୍କ ତତ୍ତ୍ୱାବଧାନରେ ବେଲପଡା ଥାନାଧିକାରୀ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଜମି ବିବାଦ ଏବଂ ବୃଦ୍ଧି ପାଉଥିବା ରାଜନୈତିକ ପତିଆରା ଜନିତ ଅସହିଷ୍ଣୁତା କାରଣରୁ ଲୋକନାଥଙ୍କୁ ହତ୍ୟା କରାଯାଇଥିବା ତାଙ୍କ ସ୍ତ୍ରୀ ବନିତାଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଥିଲା। ଲୋକନାଥ ସମିତି ସଭ୍ୟା ତାଙ୍କ ସ୍ତ୍ରୀ ବନିତାଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ କରାଇଥିଲେ। ଏହାକୁ ସେହି ଗାଁର ବାସୁଦେବ ପ୍ରଧାନ ସହି ପାରି ନ ଥିଲେ। ବାସୁଦେବ ବିଜେଡି ନେତା ଲୋକନାଥ ଓ ତାଙ୍କ ପୁଅଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବା ପାଇଁ ହତ୍ୟା ଯୋଜନା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏଥିପାଇଁ ସେ ଲକ୍ଷାଧିକ ଟଙ୍କାର ସୁପାରି ଦେଇଥିଲେ। ଏହି ଘଟଣାରେ ପୂର୍ବରୁ ପୋଲିସ ବନମାଲ ଗ୍ରାମର ବାସୁଦେବ ପ୍ରଧାନଙ୍କ ସମେତ ପାଡ଼େଲର ସନ୍ତୋଷ ଦାସ, ରାମପାଲିର କରୁଣା ବାଗ, ରବି ଷାଣ୍ଢ, ପାଟଣାଗଡ ବଡପଡାର ରାଜା ଓରଫ୍ କୁଶଧ୍ୱଜ ମାଝି ଓ ଝୁଲେନବରର ସୀତାରାମ ବିନ୍ଧାଣିଙ୍କୁ ଗିରଫ କରିଥିଲା। ସପ୍ତମ ଅଭିଯୁକ୍ତ ଭାବେ ସୁପାରି କିଲର ନରେଶ ସାହୁଙ୍କୁ ପୋଲିସ ଗିରଫ କରିଛି। ହତ୍ୟା ପାଇଁ ନରେଶ ୧ ଲକ୍ଷ ୨୦ ହଜାର ଟଙ୍କାର ସୁପାରି ନେଇଥିବା ପୋଲିସ ପକ୍ଷରୁ କୁହାଯାଇଛି।



ଗିରଫ ଅଭିଯୁକ୍ତ ନରେଶ ସାହୁ।


**IN THE DEBTS RECOVERY TRIBUNAL: CUTTACK**
C-71, Sector-7, CDA, Cuttack-753014
**O.A. No. 490/20**

Utkal Grameen Bank ...Applicant
Vs.
Sri Niranjan Jena & others ...Defendants

To,
1. **Sri Niranjan Jena,** aged about 49 years, S/o- Mohit Ranjan Jena, resident of: Jujumura, P.O/P.S: Jujumura, District: Sambalpur-768105, for self and representing his proprietorship unit M/s. Abhilash Sound & Electronics.
2. **Sri Susanta Mohapatra,** aged: not known but major, S/o- Purna Chandra Mohapatra, residing at: Gahirpali, P.O: Godloisingh, District: Sambalpur-768105.
3. **Sri Manoranjan Dhal,** aged: not known but major, S/o- Banchanidhi Dhal, resident of: Jujumura, P.O/P.S: Jujumura, District: Sambalpur-768105.
4. **Digambar Dharua,** aged: not known but major, S/o- Laba Dharua, At: Rugudipali, P.O: Godloisingh, District: Sambalpur-768105.

*...Defendants*

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 490/20** in the Debts Recovery Tribunal, Cuttack for recovery of **Rs.33,99,459.91** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **29.08.2022 at 10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under hand and seal of this Tribunal on this **08th day of month July of 2022.**

By orders of this Tribunal
Sd/- Registrar
Debts Recovery Tribunal

ମୋର ବିଶ୍ୱାସ ଭାରତର ଦୁର୍ବଳତାର ପ୍ରଧାନ କାରଣ ତା'ର ଦାସତ୍ୱ ନୁହେଁ- ଦାରିଦ୍ର୍ୟ କି ଧର୍ମ ବା ଆଧ୍ୟାତ୍ମିକତାର ଅଭାବ ମଧ୍ୟ ନୁହେଁ କିନ୍ତୁ ଚିନ୍ତାଶକ୍ତିର ହ୍ରାସ ଓ ଜ୍ଞାନର ଜନ୍ମଭୂମିରେ ଅଜ୍ଞାନର ବିସ୍ତାର। ସର୍ବତ୍ର ମୁଁ ଦେଖୁଛି- ଚିନ୍ତା କରିବା ନିମିତ୍ତ ଅନିଚ୍ଛା ଓ ଅକ୍ଷମତା ଆଉ ମଧ୍ୟ ଭୟ। -ଶ୍ରୀଅରବିନ୍ଦ



# ଶ୍ରୀଲଙ୍କାର ପତନାବସ୍ଥା



କୌଶିକ ବସୁ

ଶ୍ରୀଲଙ୍କାର ବିଫଳ ଅର୍ଥ ବ୍ୟବସ୍ଥା ସ୍ପଷ୍ଟ ହୋଇଥିବାରୁ ଜଣେ ନିଶ୍ଚିତ ପଚାରିବ ଯେ,ଏକ ଉଚ୍ଚମାନର ଜୀବନଶୈଳୀ ଓ ସ୍ଥିର ଅର୍ଥ ବ୍ୟବସ୍ଥା ସମ୍ପନ୍ନ ରାଷ୍ଟ୍ରରେ ଏହା କିପରି ଘଟିଲା। ବିଗତ ଦଶନ୍ଧିଗୁଡ଼ିକରେ ଶ୍ରୀଲଙ୍କା ତା'ଅର୍ଥ ବ୍ୟବସ୍ଥାରେ ସଫଳ ହୋଇ ଏହାର ମୁଣ୍ଡ ପିଛା ମୋଟ ଘରୋଇ ଉତ୍ପାଦ( ଜିଡିପି)କୁ ଭାରତଠାରୁ ୭୦% ଅଧିକରେ ପହଞ୍ଚାଇଥିଲା।'ଏହାର ଲାଇଫ ଏକ୍ସପେକ୍ଟାନ୍ସି ୭୭ ବର୍ଷ ଥିବାବେଳେ ଏହା ବାଂଲାଦେଶ(୭୩), ଭାରତ(୭୦) ଏବଂ ପାକିସ୍ତାନ(୬୭)ଠାରୁ ଅଧିକ । କିନ୍ତୁ ଏବେ ଶ୍ରୀଲଙ୍କାର ଅର୍ଥ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ିଯାଇଛି ଓ ଘୋର ସଙ୍କଟ ମଧ୍ୟରେ ଗତିକରୁଛି। ଏହାର କାରଣ ମଧ୍ୟ ପୂରା ସ୍ପଷ୍ଟ । ବିଶ୍ୱସ୍ତରରେ କୋଭିଡ୍-୧୯ ମହାମାରୀ ଏବଂ ରୁଷିଆର ୟୁକ୍ରେନ୍ ଆକ୍ରମଣରୁ ସୃଷ୍ଟି ସମସ୍ୟା ଓ ଶ୍ରୀଲଙ୍କାର ନୀତିଗତ ତ୍ରୁଟିଗୁଡ଼ିକ ଦ୍ୱାରା ସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ିଯାଇଛି। ୨୦୧୯ରେ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ବୋକା ଭାବେ ଅନେକ କ୍ଷେତ୍ରରେ ଟିକସ କାଟ ଘୋଷଣା କରିଥିଲେ। ଫଳରେ ଦେଶ ଅତି ଆବଶ୍ୟକ ରାଜସ୍ୱ ପାଇବାରୁ ବଞ୍ଚିତ ହେଲା। ପରେ ୨୦୨୧ରେ ତାଙ୍କ ସରକାର ବେଖାତିର ଭାବେ ହଠାତ୍ ରାସାୟନିକ ସାର ଓ କୀଟନାଶକ ଆମଦାନୀ ବନ୍ଦ କରିଦେଲେ। ବୈଦେଶିକ ମୁଦ୍ରା ବ୍ୟୟ ରୋକିବା ଏହି ନୀତିର ଲକ୍ଷ୍ୟ ଥିଲାବେଳେ ଏହାର ଫଳ ଓଲଟା ହେଲା। ଫଳସ୍ୱରୂପ ଦେଶରେ ଖାଦ୍ୟ ଉତ୍ପାଦନ ନାଟକୀୟ ଢଙ୍ଗରେ ହ୍ରାସ ପାଇ ଚଳିତ ବର୍ଷ ସେଠାରେ ଘୋର ଖାଦ୍ୟ ସଙ୍କଟ ଦେଖାଦେଇଛି। ତେବେ ଏହି ସ୍ଥିତି ଦୂର କରିବା ଲାଗି ସରକାର ଏବେ ପଦକ୍ଷେପ ନେଇ ଶ୍ରୀଲଙ୍କା ମୁଦ୍ରାକୁ ଅବାସ୍ତବ ଉପାୟରେ ଦୃଢ଼ ରଖିବାକୁ ଚେଷ୍ଟା କରୁଛନ୍ତି। ଟେକ୍ନିକାଲି ଶ୍ରୀଲଙ୍କା ଏକ 'ସଫ୍ଟ ପେଗ୍' ଉପଯୋଗ କରିଛି, ଅର୍ଥାତ୍ ସରକାର ନିଜେ ମୁଦ୍ରା ବିନିମୟ ହାର ମାର୍କେଟ ଦ୍ୱାରା ସ୍ଥିର କରିବାକୁ ଅନୁମତି ଦେଇଛନ୍ତି, ଯଦିଓ ଅତ୍ୟଧିକ ହ୍ରାସ ବୃଦ୍ଧିକୁ ରୋକିବା ଲାଗି ସେଣ୍ଟ୍ରାଲ ବ୍ୟାଙ୍କ ଡଲାର କିଣିବା ବିକିବା ଉପରେ ସାମୟିକ ହସ୍ତକ୍ଷେପ କରିପାରିବ। ମୁଦ୍ରା ବିନିମୟ ହାରରେ ସୁଧାର ଆଣିବା ଲାଗି ଦେଶ 'ସଫ୍ଟ ପେଗ୍' ଉପଯୋଗ କରିବା ଅସଙ୍ଗତ ମନେହେଉଛି। ବର୍ଷ ବର୍ଷ ଧରି ଶ୍ରୀଲଙ୍କାର ମୁଦ୍ରା ବିନିମୟ ହାର ପାଖାପାଖି ୧୦୦ରୁ ୨୦୦ ଟଙ୍କା ମଧ୍ୟରେ ରହିଥିଲା। ଶ୍ରୀଲଙ୍କାର ସେଣ୍ଟ୍ରାଲ ବ୍ୟାଙ୍କ୍ ଟଙ୍କାର ମୂଲ୍ୟ ବୃଦ୍ଧି ବା ନିୟନ୍ତ୍ରଣ କରିବା ଲାଗି ନିୟମିତ ଭାବେ ଡଲାର ବିକ୍ରି କରୁଥିବାରୁ ଏଭଳି ସ୍ଥିତି ରହିଥିଲା ବୋଲି ଅର୍ଥନୀତିଜ୍ଞ ନୋହା ସ୍ମିଥ୍ କହିଛନ୍ତି। ଚଳିତ ବର୍ଷ ପାଖାପାଖି ଏପ୍ରିଲରୁ ଯେତେବେଳେ ଟଙ୍କାର ମୂଲ୍ୟ ଅତ୍ୟଧିକ ହ୍ରାସ ପାଇବା ଆରମ୍ଭ ହେଲା ସେତେବେଳେ ସେଣ୍ଟ୍ରାଲ୍ ବ୍ୟାଙ୍କ ଏହା କରିପାରିଥାନ୍ତା। କିନ୍ତୁ ଏହି ବାଟ ପୂରା ବନ୍ଦ ହୋଇଗଲା। ପରେ ମାସ କେଇଟା ମଧ୍ୟରେ ଡଲାର ପିଛା ଟଙ୍କାର ମୂଲ୍ୟ ୩୫୦ ଟଙ୍କାରେ ପହଞ୍ଚିଗଲା ଓ ଧୀରେ ଧୀରେ ସେଣ୍ଟ୍ରାଲ ବ୍ୟାଙ୍କର ଗଚ୍ଛିତ ଡଲାର ଶେଷ ହୋଇଗଲା।



ଏଭଳି ସ୍ଥିତି ଉପୁଜିବାରୁ ଶ୍ରୀଲଙ୍କା ତା'ବୈଦେଶିକ ଋଣ ପରିଶୋଧରେ ବିଫଳ ହେଲା। ଆମେ ଏବେ ଜାଣିବାକୁ ପାଇଛୁ ଯେ, ଏହା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର ଦ୍ୱାରସ୍ଥ ନ ହୋଇ ଏହା ନୂଆ ଋଣ ଲାଗି ଚାଇନା ନିକଟରେ ପହଞ୍ଚିଗଲା। ସେତେବେଳେ ଶ୍ରୀଲଙ୍କାର ରାଜକୋଷ ପ୍ରାୟତଃ ଶୂନ୍ୟ ହୋଇଆସିଥିଲା। ଫଳରେ ତା'ଋଣ ପରିମାଣ ଆଉ ୩ ବିଲିୟନ ଡଲାରକୁ ବଢ଼ିଗଲା । ଶ୍ରୀଲଙ୍କା ପରିପ୍ରେକ୍ଷୀରେ ଚାଇନାର ଋଣନୀତିରେ ଉପନିବେଶିକ ଶାସନ ଏବଂ ବିକାଶଶୀଳ ଦେଶଗୁଡ଼ିକରେ ଗ୍ରାମାଞ୍ଚଳରେ ଋଣ ଦେଉଥିବା ବ୍ୟକ୍ତିମାନଙ୍କ କାର୍ଯ୍ୟକଳାପ ପ୍ରତିଫଳିତ ହୋଇଛି। କେମ୍ବ୍ରିଜ ଜର୍ନାଲ ଅଫ୍ ଇକୋନୋମିକ୍ସରେ ପ୍ରକାଶିତ ଅମିତ ଭାଦୁରିଙ୍କ ୧୯୭୭ର ରିପୋର୍ଟରୁ ଜଣାପଡ଼ିଥିଲା ଯେ, ଗ୍ରାମାଞ୍ଚଳରେ ଅନୌପଚାରିକ ଭାବେ ଋଣ ଦେଉଥିବା ବ୍ୟକ୍ତିମାନେ ଋଣଗ୍ରହୀତାଙ୍କ ପରିଶୋଧ ଖିଲାପକୁ ନେଇ ବ୍ୟସ୍ତ ହୋଇ ନ ଥାନ୍ତି, ବରଂ ଋଣ ନେଇଥିବା ବ୍ୟକ୍ତି ଯେମିତି ପରିଶୋଧ କରିବାକୁ ଅକ୍ଷମ ନ ହୁଏ ସେଥିପ୍ରତି ଚିନ୍ତିତ ରହିଥାନ୍ତି। ଋଣ ବଦଳରେ ସେମାନଙ୍କ ଜମି ନେଇ ବଡ଼ ଲାଭ ପାଇବା ଆଶାରେ ସେମାନେ ଏଭଳି ଚିନ୍ତା କରିଥାନ୍ତି। ହମ୍ବାନ୍‌ଟୋଟା ବନ୍ଦର କଥା ବିଚାର କରାଯାଉ। ଗୋଟାବାୟାଙ୍କ ଭାଇ ମହିନ୍ଦା ରାଜପାକ୍ସେ ୨୦୦୫ରୁ ୨୦୧୫ ପର୍ଯ୍ୟନ୍ତ ରାଷ୍ଟ୍ରପତି ଥିଲେ ଓ ତାଙ୍କ ସମୟରେ ଏହି ବନ୍ଦର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ ସେ ଚାଇନାଠାରୁ ଋଣ ଆକାରରେ ପ୍ରାପ୍ତ ବିପୁଳ ଅର୍ଥ ଖଟାଇଥିଲେ। ଉକ୍ତ ବନ୍ଦର ମହିନ୍ଦାଙ୍କ ଜନ୍ମଦିନରେ ୨୦୧୦ରେ ଖୋଲାହେଲା। କିନ୍ତୁ ଶ୍ରୀଲଙ୍କା ଋଣ ପରିଶୋଧ କରିବାରେ ବିଫଳ ହେବାରୁ ତାହା ବଦଳରେ ବନ୍ଦରକୁ ଦେବାକୁ ବାଧ୍ୟ ହେଲା। ଫଳରେ ଏହାକୁ ୯୯ ବର୍ଷ ଲିଜ୍‌ରେ ଚାଇନା ହାତକୁ ଟେକିଦେଇଛି।

ଦୀର୍ଘ ବର୍ଷର ଖ୍ୟାତି ଏବଂ ଅଭିଜ୍ଞତା ଥାଇ ଶ୍ରୀଲଙ୍କା ଏତେଗୁଡ଼ିଏ ଭୁଲ୍ କରିବା ମୂଳରେ ରହିଛି ଶ୍ରୀଲଙ୍କା ରାଜନୀତି ଓ ଶାସନରେ ଥିବା ସରକାର। ଏବକାର ଆର୍ଥିକ ସଙ୍କଟର ମଞ୍ଜି ସରକାର ହିଁ ବୁଣିଛନ୍ତି। ଲିବରେସନ ଟାଇଗର୍ସ ଅଫ୍ ତାମିଲ ଇଲମ(ଏଲ୍‌ଟିଟିଇ)କୁ ପରାସ୍ତ କରି ଶ୍ରୀଲଙ୍କାରେ ଗୃହଯୁଦ୍ଧକୁ ୨୦୦୯ରେ ଶେଷ କରିବା ପରେ ରାଜପାକ୍ସେ ନେତୃତ୍ୱାଧୀନ ସରକାରଙ୍କ ଏକଚ୍ଛତ୍ରବାଦ ଖୁବ୍ ବଢ଼ିଗଲା। ସରକାର ଦେଶର ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ନଷ୍ଟ କରିବା ସହ ସଂଖ୍ୟାଲଘୁମାନଙ୍କ ଉପରେ ଅତ୍ୟାଚାର କଲେ ଏବଂ ଯୁଦ୍ଧ ଅପରାଧର ସବୁ ଅଭିଯୋଗକୁ କୌଣସି ଉପାୟରେ ହଟାଇଦେଲେ। ଯଦିଓ ଏକଚ୍ଛତ୍ରବାଦ ବିଶେଷକରି ଏକ ଅର୍ଥ ବ୍ୟବସ୍ଥାକୁ ନଷ୍ଟ କରିଥାଏ, ତଥାପି କେତେକ ଏକଚ୍ଛତ୍ରବାଦୀ ସରକାର ଆର୍ଥିକ ଅଭିବୃଦ୍ଧି ଓ ସ୍ଥିରତା ଆଣିବାକୁ ସକ୍ଷମ ହୋଇଥାଆନ୍ତି। ତେବେ ରାଜପାକ୍ସେ ସରକାର ଦ୍ୱାରା ଏଭଳି କାର୍ଯ୍ୟ ସମ୍ଭବ ହେବ ବୋଲି ପ୍ରଥମରୁ କିଛିଦିନ ଜଣାପଡ଼ିଥିଲା। କିନ୍ତୁ ତାହା ଲୋକପ୍ରିୟତା ହାସଲ କରିବା କାରଣରୁ ଶ୍ରୀଲଙ୍କା ଭାଗ୍ୟରେ ଶୀଘ୍ର ଅତି ପୁଞ୍ଜିବାଦ ଆର୍ଥିକ ବ୍ୟବସ୍ଥା ଗଢି ଉଠିବ ବୋଲି ସ୍ପଷ୍ଟ ହୋଇଗଲା। ୨୦୧୯ରେ ରାଜପାକ୍ସେ ସରକାର ପୁନର୍ବାର କ୍ଷମତାକୁ ଫେରିବା ପରେ ଅନଭିଜ୍ଞ ଆର୍ଥିକ ଅନୁଷ୍ଠାନ ଓ ବ୍ୟକ୍ତିଙ୍କ ପରାମର୍ଶ ନେବା ଜାରିରଖିବାକୁ ଚାହିଁଥିଲେ। ଶେଷରେ ଧୀରେ ଧୀରେ ଅସ୍ଥାୟୀ ନୀତିଗୁଡ଼ିକ ଅଟକିଗଲା ଓ ଆର୍ଥିକ ବ୍ୟବସ୍ଥାରେ ବାଧା ସୃଷ୍ଟି ହେଲା।

ଯାହା କରୁଛନ୍ତି ତାହା ଅତ୍ୟନ୍ତ ଗର୍ବର ବିଷୟ ବୋଲି ଏବକାର ରାଜପାକ୍ସେ ସରକାର ଯଦି ଅନୁଭବ କରି ନଥାନ୍ତେ, ତେବେ ସରକାର ଅର୍ଥ ବ୍ୟବସ୍ଥାକୁ ସୁଧାରି ପାରିଥାନ୍ତେ। କିନ୍ତୁ ରାଜପାକ୍ସେ କ୍ଷମତାକୁ ଆସୁ ଆସୁ ଅଧିକ ଟିକସ କାଟ ଘୋଷଣା କରିଦେଲେ, ଯାହା କଡ଼ା ଓ ସମ୍ବେଦନଶୀଳ ସମାଲୋଚନାର ସମ୍ମୁଖୀନ ହୋଇଥିଲା। ଉଦାହରଣ ସ୍ୱରୂପ, ୨୦୧୯ ଅକ୍ଟୋବର ୩୦ରେ ପୂର୍ବତନ ଅର୍ଥମନ୍ତ୍ରୀ ମଙ୍ଗଲା ସମରୱୀରା ଟୁଇଟର୍‌ରେ ସତର୍କ କରିଦେଇଥିଲେ ଯେ, ଗୋଟାବାୟାଙ୍କ ଟିକସ ଯୋଜନା ଦେବାଳିଆ ସ୍ଥିତି ଆଡକୁ ଏକ ଏକ୍ସପ୍ରେସ ଟ୍ରେନରେ ଶ୍ରୀଲଙ୍କାକୁ ଖଞ୍ଜିବା ବା ବସାଇବା ସଦୃଶ ହେବ। କିନ୍ତୁ ଏକ ବିପଜ୍ଜନକ ସ୍ଥିତି ଉପୁଜାଇବାର ସମ୍ଭାବନା ଥିବା ତାଙ୍କ ଯୋଜନା ଏବଂ ପ୍ରତିବଦ୍ଧତାକୁ ସେ ଆହୁରି ଦୃଢ କଲେ। ସରକାର ଯେତେବେଳେ ରାସାୟନିକ ସାର ଆମଦାନୀ ବନ୍ଦ କଲେ, ସେତେବେଳେ ତାଙ୍କ ନୀତିର ପ୍ରଭାବ ଭବିଷ୍ୟତରେ କ'ଣ ହେବ ତାହା ଅନୁମିତ ହୋଇଥିଲା।

ଶ୍ରୀଲଙ୍କା ସଙ୍କଟର ଶେଷ କେଉଁଠି ତାହା ଜଣାପଡୁନାହିଁ। ଯଦିଓ ଅନ୍ୟ ଜଣଙ୍କୁ ପ୍ରତିନିଧିତ୍ୱ କରିବାର ଅଧିକାର ପ୍ରଦାନ କରାଯାଇ ରାଜପାକ୍ସେଙ୍କୁ କ୍ଷମତାରୁ ଦୂରେଇ ରଖାଯାଇଛି, ତଥାପି ଆହୁରି ଅନେକ ସମସ୍ୟା ରହିଛି। ଯେ ପର୍ଯ୍ୟନ୍ତ ବୁଝାମଣା କରିବା ଭଳି ଏକ ଉତ୍ତରଦାୟୀ ତଥା ସକ୍ଷମ ସରକାର ଗଠନ ନ ହୋଇଛି, ସେ ପର୍ଯ୍ୟନ୍ତ ଆଇଏମ୍ଏଫ୍ ସଙ୍କଟରୁ ଉଦ୍ଧାର କରିବା କାର୍ଯ୍ୟକ୍ରମ ଅଫର୍ କରିପାରିବ ନାହିଁ। କିନ୍ତୁ ଉଭୟ ଆଇଏମ୍ଏଫ୍ ଏବଂ ଋଣପ୍ରଦାନକାରୀ ଦେଶଗୁଡ଼ିକର ଅଫିସିଆଲ ଗ୍ରୁପ୍ ପାରିସ କ୍ଲବ୍ ସେମାନଙ୍କ ଅମଲାତାନ୍ତ୍ରିକ ନିୟମ ହଟାଇ ଆଉ ଅପେକ୍ଷା ନକରି ଶ୍ରୀଲଙ୍କାକୁ ଏକବାର ଘୋର ସଙ୍କଟରୁ ଉଦ୍ଧାର କରିବା ଲାଗି କାର୍ଯ୍ୟ ଆରମ୍ଭ କରିବାକୁ ହେବ। ଏହା ନ ହେଲେ, ଆଗକୁ ଅନେକ ମାନବୀୟ ବିପର୍ଯ୍ୟୟ ପ୍ରକାଶ ପାଇବାର ସମ୍ଭାବନା ରହିଛି।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱ ବ୍ୟାଙ୍କ୍;**
**ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା,**
**ଭାରତ ସରକାର**

# ବିକାଶ ଏକ ସମ୍ବେଦନଶୀଳ ପ୍ରସଙ୍ଗ



ଗଣେଶ୍ୱର ନାୟକ

ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗାଁକୁ ଦୀର୍ଘ ବର୍ଷ ପରେ ବିଦ୍ୟୁତ୍ ବ୍ୟବସ୍ଥା କରାଗଲା । ଦେଶରେ ଅନେକ ବିକାଶର ବାର୍ତ୍ତା ଫିଲ୍ ଗୁଡ୍, ଗୁଡ୍ ଫିଲ୍, ଚାଳିଶ ବର୍ଷ ବନାମ୍ ଚାରି ବର୍ଷ, ଅଚ୍ଛେଦିନ୍ ଆଦି ସମୟ ସୁଅରେ ବହିଯାଇଛି, ଅନେକ ବିକାଶ କରି ମଧ୍ୟ, ଏଥିରେ ସନ୍ଦେହ ନାହିଁ । ଆମେ ଜାଣୁ ସବୁ ବଜେଟ ମଧ୍ୟ ଐତିହାସିକ । ତଥାପି ଦୀପ ତଳ ଅନ୍ଧାର ଭଳି ରହିଯାଇଥିଲା ତାଙ୍କ ଗାଁଟି। ଆମେ ଯେତେବେଳେ ବୁଲେଟ୍ ଟ୍ରେନ୍‌ର ସ୍ୱପ୍ନ ଦେଖୁଛନ୍ତି, ସେହି ସମୟରେ ଭାରତର କୌଣସି ଏକ ସ୍ଥାନ ଡିବିରି ଆଲୁଅରେ ଅନ୍ଧକାରକୁ ସାମ୍ନା କରୁଛି । ମା'ମାନଙ୍କୁ ରୋଷେଇ ଧୂଆଁରୁ ରକ୍ଷା କରିବାକୁ ଯେତେବେଳେ ଉଜ୍ଜ୍ୱଳା ଯୋଜନା କରୁଛନ୍ତି, ସେତେବେଳେ ସେ ଗାଁର ପିଲାଏ ଡିବିରି ଆଲୁଅରେ ପାଠ ପଢୁଛନ୍ତି। କେହି କେହି ପ୍ରଶ୍ନ କରିପାରନ୍ତି, ଯେତେବେଳେ ବିଦ୍ୟୁତ୍ ବାହାରି ନ ଥିଲା, ସେତେବେଳେ ବି ତ ଲୋକ ଚଳୁଥିଲେ ? ଉତ୍ତର ହେବ ହଁ, ଚଳୁଥିଲେ । କିନ୍ତୁ ବର୍ତ୍ତମାନ ଚଳିବା ଲଜ୍ଜାକର ବିଷୟ । ଆମେ ଯେଉଁମାନେ ଏଭଳି ପ୍ରଶ୍ନ ଉଠାଉ, ଆମେ ଏପରି ପ୍ରତିକୂଳ ପରିସ୍ଥିତିରେ ଚଳୁଛୁ କି? ଆମର ଯଦି ସବୁ ସୁବିଧା ଦରକାର, ଅନ୍ୟମାନଙ୍କ ପାଇଁ କାହିଁକି ନୁହେଁ? ଆମେ ଯଦି ଘରର ମୂଳଦୁଆ ମଜଭୁତ ନ କରି, ଯେତେ ମୋଟା ଲୁହାରଡ୍ ଦେଇ ଘର କଲେ ମଧ୍ୟ ସେ ଘର ମଜଭୁତ ହେବ କି? ତାହା ହେଲେ ଆମ ବିକାଶର ସଂଜ୍ଞା କେଉଁଠି ? ଆମେ ଜାଣୁ ଗାଁଗୁଡ଼ିକ ଭାରତର ଆତ୍ମା । ଗାଁର ବିକାଶରେ ଦେଶର ବିକାଶ । ନିର୍ବାଚନ ସମୟରେ ଅନେକ ରାଜନୈତିକ ଦଳ ଗାଁକୁ ଚାଲ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେଇଥାନ୍ତି। ଜଣେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ଗାଁକୁ ଧୀର୍ଘ ବର୍ଷ ଧରି ବିଦ୍ୟୁତ୍ ନ ଯିବା ଏକ କ୍ଷୋଭର ବିଷୟ ନିଶ୍ଚୟ । ଏଥିପାଇଁ ଦୋଷୀ କିଏ ଖୋଜିଲେ ଗଣ୍ଡା ଗଣ୍ଡା ଉତ୍ତର ପାଇପାରନ୍ତି। ଆଲୋଚନା କଲେ ଘଣ୍ଟା ଘଣ୍ଟା ସମୟ ବି ଲାଗିଯାଇପାରେ । କିନ୍ତୁ ଏଥିପାଇଁ ଦୋଷ କାହାକୁ ଦେଇପାରିବା ନାହିଁ। କାରଣ ବିକାଶ ଏକ ନିୟମିତ ପ୍ରକ୍ରିୟା, ବିକାଶ ଏକ ସମ୍ବେଦନଶୀଳ ପ୍ରସଙ୍ଗ, ବିକାଶ ଆନ୍ତରିକତାର କଥା । ସାଧାରଣ ଜନତାଟିଏ ଭାବେ ଆମ ଗାଁକୁ କୌଣସି ନେତା, ମନ୍ତ୍ରୀ ଆସନ୍ତେ କି ଗାଁର କିଛି ବିକାଶ ହୁଅନ୍ତା । ଆମେ ବି ଦେଖୁ ଯେଉଁ ଗାଁକୁ ବିଶିଷ୍ଟ ବ୍ୟକ୍ତିଙ୍କ ଆଗମନ ହୁଏ, ତାହା ପୂର୍ବରୁ ରାସ୍ତାଘାଟ ମରାମତି କରାଯାଇ ଉପଯୁକ୍ତ କରାଯାଏ। ଗାଁକୁ ବିଦ୍ୟୁତ୍ ଯାଇନାହିଁ ବୋଲି ଅନେକେ ଆଶ୍ଚର୍ଯ୍ୟପ୍ରକଟ କରୁଥିବେ ନିଶ୍ଚୟ । କେହି କେହି ବିଚାର କରୁଥିବେ, ଭାତହାଣ୍ଡିରୁ ଗୋଟେ ଟିପିଲା ପରି ଆମର ବିକାଶ କେତେ ଏଥିରୁ ଅନୁମେୟ । ଆମେ ଚନ୍ଦ୍ରକୁ ଯାନ ବି ପଠାଇଛୁ, ଆମେ ମଧ୍ୟ ପରମାଣୁ ବୋମା ପରୀକ୍ଷା କରିଛୁ । ଆହୁରି ସମସ୍ତ ଜନସାଧାରଣ ନିଜ ନିଜ କ୍ଷେତ୍ରରେ ରହି ବିକାଶ ପାଇଁ ସର୍ବଦା ଚେଷ୍ଟା ବି ଜାରି ରଖିଛନ୍ତି ।

ଦାନ ମାଝୀ ଯେତେବେଳେ ନିଜ ସ୍ତ୍ରୀର ଶବକୁ କାନ୍ଧେଇ ଘରକୁ ଆଣୁଥିଲା, ସେତେବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରାୟ ଚାଳିଶଟି ଯୋଜନାର ବିଫଳତାକୁ ବଖାଣୁଥିଲା ବୋଲି ଜଣେ ବିଶିଷ୍ଟ ବ୍ୟକ୍ତି ପ୍ରକାଶ କରିଥିଲେ । ଭାରତରେ ପ୍ରାୟ ୬ ଲକ୍ଷ ଗାଁ, ଆଉ ଦେଶର ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି ପ୍ରାୟ ପଚିଶ ଲକ୍ଷ ବେସରକାରୀ ଅନୁଷ୍ଠାନ (ଏନ୍‌ଜିଓ), ତାହା ସହିତ ସର୍ବାଗ୍ରେ ସରକାର ବାହାଦୁର।

ଗାଁକୁ ବିଜୁଳି ଯିବାର ତତ୍‌କ୍ଷଣାତ୍ ବ୍ୟବସ୍ଥା ହେବାର ମୁଖ୍ୟ କାରଣ ପ୍ରସଙ୍ଗର ସମ୍ବେଦନଶୀଳତା । ବ୍ୟବସ୍ଥା ଉପରେ କେଉଁଠି ନା କେଉଁଠି ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଧେ। ତତ୍‌କ୍ଷଣାତ୍ ବ୍ୟବସ୍ଥାର ଅନ୍ୟ ଦିଗଟି ହେଉଛି ସମାଜର ବିବେକକୁ ଆଘାତ ଦେବା । ଯେତେବେଳେ ମଣିଷର ବିବେକକୁ କୌଣସି କଥା ଆଘାତ ଦିଏ, ସେତେବେଳେ ମଣିଷ ପ୍ରଗତିର କଥା ଟିକେ ଚିନ୍ତା କରି କାର୍ଯ୍ୟ କରିଥାଏ। ଚିମୁଟାଏ ଲୁଣ ବ୍ରିଟିଶ୍ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିଲା । ଦୁଇଶହ ବର୍ଷ ଶାସନର ଅନ୍ତ ଘଟିଲା, ଯେତେବେଳେ ମଣିଷର ବିବେକକୁ ଆଘାତ ଦେଲା । ଅନ୍ୟ ଦିଗକୁ ଆଲୋଚନା କଲେ ଆମେ ପାଇବା, ଗାଁଟିକୁ ବିଦ୍ୟୁତ୍ ଗଲେ ଯେ ଭାରତର ଜିଡିପି ହଠାତ୍ ବଢ଼ିଯିବ ଏମିତି କଥା ନୁହେଁ। ଭାରତ ଆଦୌ ବିକାଶ କରିନାହିଁ, ଆଉ ଏବେ ବିକାଶ ଆରମ୍ଭ ହେଲା ବୋଲି ଭାବିବା ଏମିତି ବି ନୁହେଁ। କିନ୍ତୁ ବିକାଶ ଏକ ସମ୍ବେଦନଶୀଳ ପ୍ରସଙ୍ଗ, ଏକ ଆନ୍ତରିକତାର କଥା। ଆମେ ଯଦି ସ୍ୱାଧୀନତା ପ୍ରାପ୍ତିକୁ ମାଇଲ୍ ଖୁଣ୍ଟ ଧରିବା, ଆମେ ପଞ୍ଚସ୍ତରି ବର୍ଷ ଅତିକ୍ରମ କଲେଣି, କିନ୍ତୁ ଗୋଟେ ଦେଶ ଯେତିକି ବିକାଶ କରିବା କଥା ସେତିକି ହୋଇନାହିଁ, ଏଥିରେ ସମସ୍ତେ ଏକମତ ହେବେ। ତାହା ସହିତ ଆମର ବିଚାରକୁ ମଧ୍ୟ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି ସରକାରୀ ଯୋଜନା ପ୍ରସ୍ତୁତ କରିବାରେ ଆଉ କାର୍ଯ୍ୟକାରୀ କରିବାରେ।

**ମୋ-୯୭୭୭୭୪୯୭୨୭**

## ଏଇ ଭାରତରେ

ଭାରତରେ ଏବେ ବି ଅନେକ କୋଟି ଲୋକ ବେଳାଏ ଖାଇଲେ ବେଳାଏ ଉପବାସ ରହୁଛନ୍ତି। ଏମାନଙ୍କ ସନ୍ତାନମାନଙ୍କ ଖାଦ୍ୟ କଥା ନ କହିବା ଭଲ। କିନ୍ତୁ ଏଭଳି ଭୋକିଲା ପିଲାମାନଙ୍କ ପେଟ କଥା ଚିନ୍ତା କରୁଛନ୍ତି ଉତ୍ତରପ୍ରଦେଶର ଜଣେ ମହିଳା। ଏହି ମହିଳା ଜଣକ ହେଉଛନ୍ତି ବିପିନ ଦେବୀ। ସେ ତାଙ୍କ ସ୍ୱାମୀ କାଲୁ ଯାଦବଙ୍କ ସହ ପ୍ରତିଦିନ ସୋନଭଦ୍ରା ଜିଲାରେ ୬ରୁ ୭ଟି ଗାଁର ୧୦୦ ଭୋକିଲା ପିଲାଙ୍କୁ ମାଗଣାରେ ପେଟ ପୂରା ଖାଇବାକୁ ଦେଉଛନ୍ତି। ଏହି କାର୍ଯ୍ୟ ସେ ଦୁଇବର୍ଷ ହେଲା କରୁଛନ୍ତି। ମହାମାରୀ ସମୟରେ ଲୋକମାନଙ୍କ କାମଧନ୍ଦା ବନ୍ଦ ହୋଇଯିବା ପରେ ଏହି ଦମ୍ପତି ପିଲାମାନଙ୍କୁ ଦୁଇବେଳା ଖାଇବାକୁ ଦେବା ଲକ୍ଷ୍ୟରେ ଏହା ଆରମ୍ଭ କରିଥିଲେ, ଯାହା ଏବେ ଜାରି ରହିଛି। ରାଜପୁର ଗାଁରେ ସେମାନଙ୍କର ଏକ ତେଜରାତି ଦୋକନ ଅଛି। ଏଥିରୁ ଯାହା ଆୟ କରୁଛନ୍ତି ସେଥିରେ ପିଲାମାନଙ୍କୁ ଖାଇବାକୁ ଦେଉଛନ୍ତି। ବିପିନ ଦେବୀ ତାଙ୍କ ରାଶନ ଦୋକାନରେ ଖାଦ୍ୟ ପ୍ରସ୍ତୁତ କରିବା ପରେ ତାହାକୁ ଗାଡ଼ିରେ ନେଇ ଗାଁ ଗାଁ ବୁଲି ଖାଇବାକୁ ଦେଉଛନ୍ତି। ଏହି ଭ୍ରାମ୍ୟମାଣ କିଚେନ୍‌ର ନାମ ରଖିଛନ୍ତି 'ଚାଚି କି ରୋଷେଇ'। ଏଥିପାଇଁ ବିପିନ ଦେବୀଙ୍କୁ ଲୋକେ ଶ୍ରଦ୍ଧାରେ 'ରାଶନ ଚାଚି' ବୋଲି ସମ୍ବୋଧନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୨ ଜୁଲାଇ ୧୯୯୭**

- ଇଣ୍ଡୋନେସିଆର ଦକ୍ଷିଣ ସୁଲାୱେସିରେ ଏକ ନୌକା ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଯିବା ଫଳରେ ୧୩ ମୃତ।
- ଆରବ ଗେମ୍‌ସରେ ନିଶା ସେବନ କରି ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିବା ସାଉଦି ଆରବର ଖାଲେଦ ସୁଲେମାନ ଏଲ୍-ଖାଲେଦି ଅଯୋଗ୍ୟ ଘୋଷିତ।
- ଉତ୍ତର ପ୍ରଦେଶର ଲଳିଥପୁର ଜିଲା ଅନ୍ତର୍ଗତ ମେଲାଭନ୍ନିଠାରେ ଏକ ଘରୋଇ ବସ୍ ନଦୀଗର୍ଭକୁ ଖସିପଡ଼ିବା ଫଳରେ ୧୫ ଜଣଙ୍କ ମୃତ୍ୟୁ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 4 | 5 |
| 5 | | | 4 | | | | 7 | |
| | 1 | | 2 | | | | | 6 |
| 4 | 3 | | 6 | | 7 | 8 | | |
| | | | 8 | 3 | | | | 1 |
| | | | | | | 6 | | 4 |
| | | 6 | | 8 | | | | 2 |
| | 9 | | | | 1 | | | |
| | | | | | | 5 | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 5 | 9 | 7 | 2 | 8 | 6 | 4 |
| 8 | 6 | 7 | 5 | 4 | 3 | 9 | 2 | 1 |
| 2 | 9 | 4 | 8 | 1 | 6 | 7 | 5 | 3 |
| 1 | 7 | 2 | 3 | 8 | 5 | 6 | 4 | 9 |
| 5 | 3 | 9 | 2 | 6 | 4 | 1 | 8 | 7 |
| 4 | 8 | 6 | 1 | 9 | 7 | 5 | 3 | 2 |
| 9 | 5 | 8 | 4 | 2 | 1 | 3 | 7 | 6 |
| 6 | 4 | 1 | 7 | 3 | 8 | 2 | 9 | 5 |
| 7 | 2 | 3 | 6 | 5 | 9 | 4 | 1 | 8 |

ଗତକାଲିର ଉତ୍ତର

# କର୍ମଫଳ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

କୃଷ୍ଣକେଶବ ମୋର ସହପାଠୀ ଥିଲେ। ଆମେ ଦୁହେଁ ପ୍ରଥମ ଶ୍ରେଣୀରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଗୋଟିଏ ସ୍କୁଲରେ ଏବଂ ଗୋଟିଏ ସେକ୍ସନରେ ପଢୁଥିଲୁ। ମାଟ୍ରିକ୍ ପରେ ସେ ଆଉ ଅଧିକ ପଢ଼ିପାରିଲେ ନାହିଁ। ସଂଯୋଗ କ୍ରମେ ଚାକିରିର ଶେଷ ଭାଗରେ ମୋର ସହକର୍ମୀ ହେଲେ। ସହପାଠୀ ସମୟଠାରୁ ସହକର୍ମୀ ପର୍ଯ୍ୟନ୍ତ ତାଙ୍କର ଉଚ୍ଚାରଣ ଓ ଆଚରଣରେ ଭିନ୍ନତା ନ ଥିଲା। ସେ ହେଉଛନ୍ତି ଜଣେ ଏକନିଷ୍ଠ କର୍ମୀ, ଯିଏ ନିଜ ଜୀବନ ଯନ୍ତ୍ରଣାରେ ଜର୍ଜରିତ ହୋଇ ମଧ୍ୟ ଲକ୍ଷ୍ୟଚ୍ୟୁତ ହୋଇନାହାନ୍ତି।

ମୁଁ ଯେଉଁଦିନ ସରକାରୀ ଚାକିରିରୁ ଅବସର ନେଲି ସେଦିନ ସେ ମଧ୍ୟ ସଂଯୋଗ କ୍ରମେ ସରକାରୀ ଚାକିରିରୁ ଅବସର ଗ୍ରହଣ କଲେ। ଅବସର ପରେ ଗାଁକୁ ଚାଲିଗଲେ। ସେଦିନ ଦୈବାତ୍ ତାଙ୍କ ସହ ଦୁଇ ବର୍ଷପରେ ଭୁବନେଶ୍ୱରରେ ଦେଖା ହୋଇଗଲା। ବେଶ୍ କିଛିସମୟ ଗପସପ କଲୁ। କଥାବାର୍ତ୍ତାରୁ ଜାଣିଲି ତାଙ୍କ ଦୁଇଟି ପୁଅ କୋଭିଡ୍‌ରେ ନିକଟ ଅତୀତରେ ମୃତ୍ୟୁବରଣ କରିଛନ୍ତି ଏବଂ ଏକମାତ୍ର ଝିଅ ମଧ୍ୟ ବିଧବା ହୋଇଯାଇଛନ୍ତି। ଇତି ମଧ୍ୟରେ ତାଙ୍କ ସ୍ତ୍ରୀ କର୍କଟ ବ୍ୟାଧିରେ ପୀଡ଼ିତ। ମାସକୁ ଥରେ ଭୁବନେଶ୍ୱରକୁ ସ୍ୱାସ୍ଥ୍ୟ ଚେକ୍‌ଅପ୍ କରିବାକୁ ଆସନ୍ତି। ସେ କହିଲେ ଭାଇ! ଅନ୍ୟ କିଏ ଜାଣୁ ବା ନ ଜାଣୁ ତୁମେ ତ ଜାଣିଛ ମୁଁ କିପରି ଲୋକ। ମୁଁ ଭାବିପାରୁନାହିଁ ଯେ, ସିଧା ବାଟରେ ଯାଇ ମଧ୍ୟ ମୁଁ କାହିଁକି ଏତେ ଦୁଃଖ ଯନ୍ତ୍ରଣା ଭୋଗ କରୁଛି? କଥା ପ୍ରସଙ୍ଗରେ ଏହା ତାଙ୍କର ଅଭିଯୋଗ ନ ଥିଲେ ମଧ୍ୟ ସେ ପ୍ରକାଶ କରିଥିଲେ ତାଙ୍କ ଜୀବନରେ କିଛି ଅପରିଣାମଦର୍ଶୀ ଲୋକଙ୍କୁ ଦେଖିଛନ୍ତି, ଯେଉଁମାନଙ୍କ ଜୀବନ ନାନା ବ୍ୟଭିଚାରରେ ପରିପୂର୍ଣ୍ଣ। କିନ୍ତୁ ସେମାନଙ୍କର କିଛି ଅସୁବିଧା ନାହିଁ। କିନ୍ତୁ ତାଙ୍କ ଜୀବନରେ କାହିଁକି ଏପରି ବ୍ୟତିକ୍ରମ ଆସିଛି ସେ ବୁଝିପାରୁନାହାନ୍ତି।

ମୁଁ ତାଙ୍କୁ କହିଲି, ଭାଇ ଗୋଟିଏ ଜନ୍ମର କଥା ଦେଖି ତୁମେ ପାପପୁଣ୍ୟର କଥା ବିଚାର କରନାହିଁ। ଏହା କହି ମୁଁ ତାଙ୍କୁ ପୁରାଣର ଦୁଇଟି ଉଦାହରଣ ଏବଂ ବ୍ୟକ୍ତିଗତ ଜୀବନରେ ଜଣଙ୍କ ସମ୍ପର୍କରେ ଘଟିଥିବା ଘଟଣା ବିଷୟରେ କହିଲି। ପିତାମହ ଭୀଷ୍ମ ଶରଶଯ୍ୟାରେ ଶୋଇଥାନ୍ତି। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହେଲେ ଇଚ୍ଛାମୃତ୍ୟୁ ଅନୁସାରେ ସେ ଶରୀର ତ୍ୟାଗ କରିବେ ବୋଲି ତାଙ୍କର ଶେଷ ଇଚ୍ଛା ଥିଲା। କିନ୍ତୁ ପିଣ୍ଡରୁ ପ୍ରାଣ ଛାଡୁ ନାହିଁ। ପାଖରେ ଶ୍ରୀକୃଷ୍ଣ ଉପସ୍ଥିତ ଥିଲେ। ସେ ଶ୍ରୀକୃଷ୍ଣଙ୍କୁ କହିଲେ ତୁମେ ତ ଭଗବାନ! ବର୍ତ୍ତମାନ କୁହ, ମୋ ପିଣ୍ଡରୁ କାହିଁକି ପ୍ରାଣ ଛାଡୁନାହିଁ ଏବଂ ମୁଁ ତୀବ୍ର ଯନ୍ତ୍ରଣା ଭୋଗୁଛି। ଶ୍ରୀକୃଷ୍ଣ ବୁଝାଇ କହିଲେ, ଯେ ପିତାମହ ଆପଣ ଦଶ ଜନ୍ମ ପୂର୍ବେ ଜଣେ ରାଜକୁମାର ଥିଲେ ଏବଂ କୌତୁହଳବଶତଃ ଏକ ସାପକୁ ଧରି ବୁଲାଇ ବୁଲାଇ ଛାଡ଼ିଦେଇଥିଲେ। ସାପଟି ଯାଇ ଗୋଟିଏ କଣ୍ଟାଗଛରେ ଲାଗିଗଲା। ସେହି କଣ୍ଟାଗଛରେ ସାପଟି କିଛିଦିନ ଲାଖିରହି କଷ୍ଟ ପାଇ ମୃତ୍ୟୁ ବରଣ କଲା। ପରବର୍ତ୍ତୀ ଜନ୍ମମାନଙ୍କରେ ତୁମେ ଏତେ ପୁଣ୍ୟ କରିଥିଲ ଯେ ବିଗତ ଜନ୍ମରେ କରିଥିବା ପାପ ତୁମକୁ ଭୋଗ ହେଲା ନାହିଁ। କିନ୍ତୁ ପଶାଖେଳ ବେଳେ ଦ୍ରୌପଦୀଙ୍କ ବସ୍ତ୍ରହରଣ ସମୟରେ ତୁମେ ନୀରବରେ ଏହାକୁ ସହିନେଲ। କୁଳବଧୂଙ୍କୁ ବିବଶନା କରିବାଠୁ ବଳି ଆଉ ଜଘନ୍ୟ ପାପ କିଛି ନାହିଁ। ସୁତରାଂ ତୁମର ବିଗତ ଜନ୍ମର ସମସ୍ତ ପୁଣ୍ୟ ଏହି ଜନ୍ମରେ ଧୋଇଗଲା। ବର୍ତ୍ତମାନ ତୁମେ ତୁମର କର୍ମଫଳ ଭୋଗିସାରିଲଣି ଏବଂ ନିର୍ବାଣ ପଥରେ ଅଗ୍ରସର ହୁଅ। ଏହା ପରେ ଭୀଷ୍ମ ଦେହତ୍ୟାଗ କରିଥିଲେ।



ଏହା ମଧ୍ୟ ସେହି ଦ୍ୱାପର ଯୁଗର କଥା। ମହାଭାରତ ଯୁଦ୍ଧ ସରିଯାଇଛି। ପାଣ୍ଡବମାନଙ୍କ ସହ ଶ୍ରୀକୃଷ୍ଣ ଗାନ୍ଧାରୀ ଏବଂ ଧୃତରାଷ୍ଟ୍ରଙ୍କୁ ଦେଖାକରିବାକୁ ଯାଇଛନ୍ତି। ମହାଭାରତ ଯୁଦ୍ଧ ବେଳକୁ ଶ୍ରୀକୃଷ୍ଣଙ୍କ ବୟସ ୮୦ ବର୍ଷ ହୋଇଥିଲା ବୋଲି ଜଣାଯାଏ। ଗାନ୍ଧାରୀ ଶ୍ରୀକୃଷ୍ଣଙ୍କୁ ଅଭିଶାପ ଦେଇ କହିଥିଲେ, କେଶବ! ତୁମେ ଚାହିଁଥିଲେ ଏ ଯୁଦ୍ଧକୁ ଏଡ଼ାଇ ପାରିଥାନ୍ତ। କିନ୍ତୁ ତୁମ ଯୋଗୁ ମୋର ଶତପୁତ୍ର ନାଶ ଗଲେ। ମୁଁ ଅଭିଶାପ ଦେଉଛି ଯେ, ମୋର ଯେପରି କୁଳ ନାଶ ହେଲା ଆପଣଙ୍କ ବଂଶ ମଧ୍ୟ ସେପରି ଧ୍ୱଂସ ହେବ। ଶ୍ରୀକୃଷ୍ଣ କହିଥିଲେ, ମା' ଆପଣଙ୍କ ଆଦେଶ ଶିରୋଧାର୍ଯ୍ୟ। ଯଦୁବଂଶୀମାନେ ପାପ କର୍ମରେ ଲିପ୍ତ ହେଲେଣି। ସେମାନଙ୍କର ପାପ ଯୋଗୁ ସେମାନେ ଆଜକୁ ପ୍ରାୟ ଚାଳିଶ ବର୍ଷ ପରେ ସମ୍ପୂର୍ଣ୍ଣ ଧ୍ୱଂସ ପାଇବେ। ତା'ପରେ କହିଲେ, ମା' ତୁମେ ମୋତେ ଅଯଥାରେ ଭୁଲ୍ ବୁଝୁଛ। କୌରବମାନଙ୍କ ପାପର ଭାର ବୃଦ୍ଧି ପାଇଥିଲା। ସୁତରାଂ କର୍ମଫଳକୁ ସେମାନଙ୍କୁ ଭୋଗିବାକୁ ହିଁ ପଡ଼ିଥାନ୍ତା। ସେହିପରି ଯଦୁବଂଶୀମାନେ ମଧ୍ୟ ସେମାନଙ୍କ କର୍ମଫଳ ଭୋଗ କରିବେ। କର୍ମଫଳକୁ ଲାଘବ କରିବାର ଶକ୍ତି ନା ତୁମର ଅଛି ନା ମୋର ଅଛି ବୋଲି କହି ଗାନ୍ଧାରୀଙ୍କୁ ଶ୍ରୀକୃଷ୍ଣ ପ୍ରବୋଧନା ଦେଲେ। ମହାଭାରତ ଯୁଦ୍ଧର ଠିକ୍ ଚାଳିଶ ବର୍ଷ ପରେ ଶ୍ରୀକୃଷ୍ଣଙ୍କର ତିରୋଧାନ ପୂର୍ବରୁ ଯଦୁବଂଶୀମାନେ ନିଜ ନିଜ ଭିତରେ ହଣାକଟା ହୋଇ ମୃତ୍ୟୁବରଣ କଲେ।

ତୃତୀୟ ଘଟଣାଟି ଆମ ସମୟର କଥା। ଜଣେ ଲୋକ ତାଙ୍କ ସ୍ତ୍ରୀଙ୍କୁ ବିନା ଦୋଷରେ ପିଟି ଚାଲନ୍ତି। ଥରେ ଅତ୍ୟଧିକ ଯନ୍ତ୍ରଣା ପାଇ ତାଙ୍କ ସ୍ତ୍ରୀଙ୍କ ପାଟିରୁ ବାହାରିଗଲା ତୁମର ସେ ହାତ ଆଉ ବାଡ଼େଇବା ପାଇଁ ନ ଉଠୁ। ସତକୁ ସତ ସେହିଦିନଠାରୁ ସେହି ବ୍ୟକ୍ତିଙ୍କର ଡାହାଣ ହାତଟି ଅଚଳ ହୋଇଗଲା ଏବଂ ସେ ରୋଗଶଯ୍ୟାରେ ପଡ଼ି ପ୍ରାଣତ୍ୟାଗ କଲେ। ମୁଁ କୃଷ୍ଣକେଶବଙ୍କୁ ବୁଝାଇ କହିଲି ଭାଗ୍ୟ ତ ହେଉଛି ପୂର୍ବ ଜନ୍ମର କର୍ମଫଳ। ପୂର୍ବ ଜନ୍ମର ସଞ୍ଚିତ କର୍ମଫଳ ଶେଷ ହୋଇଯିବାରୁ ସେ ବିନା ଦୋଷରେ ମଧ୍ୟ ଦଣ୍ଡ ଭୋଗିଲେ। ଆଲୋଚନାକୁ ଆଉ ବଢ଼ିବାକୁ ନ ଦେଇ କୃଷ୍ଣକେଶବଙ୍କୁ କହିଲି, ବିଗତ ଜନ୍ମର କର୍ମଫଳ ତୁମେ ଭୋଗ କରୁଛ ବୋଲି ଭାବିନିଅ। କିନ୍ତୁ ଏ ଜନ୍ମରେ ଯେଉଁ ପୁଣ୍ୟ ଅର୍ଜନ କରୁଛ ବା କରିବ ତାହା କେବେ ବ୍ୟର୍ଥ ଯିବ ନାହିଁ।

**ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ**
**ଓଡ଼ିଶା ସରକାର, ଚୈତନ୍ୟ ଧାମ, ଶବର ସାହି, ଭୁବନେଶ୍ୱର, ମୋ:୯୪୩୮୦୭୨୮୫୦**

## ପାଠକ ଶ୍ରେଷ୍ଠ ବିଚାରକ

### ନିଷିଦ୍ଧ ରୁଟ୍‌ରେ ବାଲିଗାଡ଼ି ଚାଲୁଛି

ମହାଶୟ,

କଟକ ସହର ଭିତରେ ଭାରୀଯାନ ଚଳାଚଳ ଏବେ ଯେପରି ବେଲଗାମ ହୋଇଛି। ରାତି ତ ରାତି, ଦିନ ସମୟରେ ବି ଭାରୀଯାନଗୁଡ଼ିକ ଦ୍ରୁତଗତିରେ ଚାଲୁଛି। ଗୁରୁତ୍ୱପୂର୍ଣ୍ଣ ହେଉଛି, କିଛି ନିର୍ଦ୍ଦିଷ୍ଟ ରୁଟ୍‌ରେ ହାଇୱା ଟ୍ରକ ଭଳି ଭାରୀଯାନ ଚଳାଚଳ ଉପରେ କଟକଣା ରହିଥିଲେ ବି ତାହାକୁ କେହି ମାନୁନାହାନ୍ତି। ଯଦିଓ ପୋଲିସ କିଛି ସ୍ଥାନରେ ଫାଇନ କାଟୁଛି, ତାହା କେବଳ ଲୋକଦେଖାଣିଆ। ସହରରେ ଜନସଂଖ୍ୟା ଓ ଯାନବାହନ ଅଧିକ ରହିଥିବାରୁ କମିଶନରେଟ ପୋଲିସ ପକ୍ଷରୁ ଭାରୀଯାନ ଚଳାଚଳ ଉପରେ କଡ଼ା କଟକଣା ଲଗାଯାଇଛି। କେବଳ ରିଂବନ୍ଧ ଓ ବାଦାମବାଡ଼ି-ମଧୁପାଟଣା ଲିଙ୍କ୍‌ରୋଡ୍ ଓ ସିଡିଏ ବା ମର୍କତନଗର ଅଞ୍ଚଳରେ ଭାରୀଯାନ ଚଳାଚଳ ନେଇ ଅନୁମତି ରହିଛି। ତେବେ ଏହି ଅନୁମତି ସହିତ ନିର୍ଦ୍ଦିଷ୍ଟ କିଛି ସମୟରେ ଗାଡ଼ି ଚଳାଚଳ ନେଇ କଟକଣା ରଖାଯାଇଛି। ହାଇକୋର୍ଟଙ୍କ ବାରଣ ପରେ ବେଲ୍‌ଭ୍ୟୁ ଛକ ପାଖରୁ ସତୀଚୌରା ପଟକୁ, ନରାଜ ପଟକୁ ଓ ଖାନନଗର ପଟକୁ ସକାଳ ୯ଟାରୁ ୧୨ଟା ଏବଂ ଅପରାହ୍ନ ୪ଟାରୁ ୭ଟା ପର୍ଯ୍ୟନ୍ତ ବିଲ୍‌କୁଲ ଗାଡ଼ି ଚଳାଚଳ କରିପାରିବ ନାହିଁ। ସେହିପରି ସମ୍ରାଟ୍ ସିନେମା ହଲ ପାଖରୁ ତିନିଘରିଆ ଅଭିମୁଖେ ଯାଇଥିବା ତାଳଦଣ୍ଡା କେନାଲ ରାସ୍ତାରେ ମଧ୍ୟ ସମାନ ସମୟରେ ଗାଡ଼ି ଚାଲିବ ନାହିଁ ବୋଲି ଟ୍ରାଫିକ ପୋଲିସ ପକ୍ଷରୁ କଟକଣା କରାଯାଇଛି। ହେଲେ ଏବେ କଟକଣା ଥିବା ରାସ୍ତା ଓ ଅନ୍ୟ ରାସ୍ତାଗୁଡ଼ିକରେ ବାଲି ବୋଝେଇ ହାଇୱା ଗାଡ଼ି ଚାଲୁଛି। ଦିନ ରାତି ସବୁ ସମୟରେ ଏଠି ଗାଡ଼ି ଚଳାଚଳ ହେଉଛି। ଫଳରେ ସ୍ଥାନୀୟ ଲୋକ ବା ସହରବାସୀ ସେହିସବୁ ରାସ୍ତାରେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ହେଉଛି, ଗତକିଛି ମାସ ହେବ ଏଭଳି ହାଇୱା ଗାଡ଼ିର ସଂଖ୍ୟା ଅହେତୁକ ବଢ଼ିଛି। ପ୍ରତି ଦୁଇ ତିନି ମିନିଟରେ ଗୋଟିଏ କରି ହାଇୱା ଉକ୍ତ ରାସ୍ତା ଦେଇ ଅତିକ୍ରମ କରୁଛି ; ତାହା ପୁଣି ଦ୍ରୁତ ଗତିରେ ଯାଉଛି। କଟକ ପୋଲିସ ସୂଚନା ଅନୁସାରେ ଗତ ତିନି ମାସରେ ହାଇୱା ନେଇ ସହରରେ ୧୨ଟି ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ହୋଇଛି।

**-ତ୍ରିନାଥ ଓଝା, ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱରଗଡ଼ା, କଟକ**

### ଚିରନ୍ତନୀ

କିପାଁଇ ସ୍ୱେଦ ବିନ୍ଦୁ ଉଠଇ ଭାଲେ
ରକତ ଛଟା ନାହିଁ ଫୁଟଇ ଗାଲେ ?
କୋମଳ ବାହୁଲତା ଦେହରେ ଅବନତା
କୁସୁମ ଗନ୍ଧ ରାଶି ପବନ ଢାଳେ,
କିପାଁଇ ସ୍ୱେଦ ତବ ଉଠଇ ଭାଲେ ?
-(ପ୍ରଭାତ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ତା୦୭।୦୭।୨୦୨୨ରିଖରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଥିବା ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "AS" ସିରିଜ୍ ଉଠାଣର ଫଳାଫଳ

No. D-113

**First Prize** Rs. 5,00,000/- 04946416

**Second Prize** Rs. 3,00,000/- 05810275

**Third Prize** Rs.1,00,000/- 02893195 07980822

**Fourth Prize** Rs.50,000/- 07266446 07489748 08755498 09368813

**Fifth Prize** Rs.10,000/-

| | | | | | | |
|---|---|---|---|---|---|---|
| 08714917 | 01909656 | 05766488 | 03385612 | 02605534 | 00338218 | 02671503 |
| 08968073 | 03301178 | 03706717 | 05213960 | 07345497 | 02269122 | 07333006 |
| 00218933 | 02861334 | 06672789 | 07401349 | 09785443 | 08322854 | |

**Sixth Prize** Rs. 5,000/-

| | | | | | | | |
|---|---|---|---|---|---|---|---|
| 00000006 | 00025036 | 00050066 | 00075096 | 00100126 | 00125156 | 00150186 | 00175216 |
| 00200246 | 00225276 | 00250306 | 00275336 | 00300366 | 00325396 | 00350426 | 00375456 |
| 00400486 | 00425516 | 00450546 | 00475576 | 00500606 | 00525636 | 00550666 | 00575696 |
| 00600726 | 00625756 | 00650786 | 00675816 | 00700846 | 00725876 | 00750906 | 00775936 |
| 00800966 | 00825996 | 00851026 | 00876056 | 00901086 | 00926116 | 00951146 | 00976176 |
| 01001206 | 01026236 | 01051266 | 01076296 | 01101326 | 01126356 | 01151386 | 01176416 |
| 01201446 | 01226476 | 01251506 | 01276536 | 01301566 | 01326596 | 01351626 | 01376656 |
| 01401686 | 01426716 | 01451746 | 01476776 | 01501806 | 01526836 | 01551866 | 01576896 |
| 01601926 | 01626956 | 01651986 | 01677016 | 01702046 | 01727076 | 01752106 | 01777136 |
| 01802166 | 01827196 | 01852226 | 01877256 | 01902286 | 01927316 | 01952346 | 01977376 |
| 02002406 | 02027436 | 02052466 | 02077496 | 02102526 | 02127556 | 02152586 | 02177616 |
| 02202646 | 02227676 | 02252706 | 02277736 | 02302766 | 02327796 | 02352826 | 02377856 |
| 02402886 | 02427916 | 02452946 | 02477976 | 02503006 | 02528036 | 02553066 | 02578096 |
| 02603126 | 02628156 | 02653186 | 02678216 | 02703246 | 02728276 | 02753306 | 02778336 |
| 02803366 | 02828396 | 02853426 | 02878456 | 02903486 | 02928516 | 02953546 | 02978576 |
| 03003606 | 03028636 | 03053666 | 03078696 | 03103726 | 03128756 | 03153786 | 03178816 |
| 03203846 | 03228876 | 03253906 | 03278936 | 03303966 | 03328996 | 03354026 | 03379056 |
| 03404086 | 03429116 | 03454146 | 03479176 | 03504206 | 03529236 | 03554266 | 03579296 |
| 03604326 | 03629356 | 03654386 | 03679416 | 03704446 | 03729476 | 03754506 | 03779536 |
| 03804566 | 03829596 | 03854626 | 03879656 | 03904686 | 03929716 | 03954746 | 03979776 |
| 04004806 | 04029836 | 04054866 | 04079896 | 04104926 | 04129956 | 04154986 | 04180016 |
| 04205046 | 04230076 | 04255106 | 04280136 | 04305166 | 04330196 | 04355226 | 04380256 |
| 04405286 | 04430316 | 04455346 | 04480376 | 04505406 | 04530436 | 04555466 | 04580496 |
| 04605526 | 04630556 | 04655586 | 04680616 | 04705646 | 04730676 | 04755706 | 04780736 |
| 04805766 | 04830796 | 04855826 | 04880856 | 04905886 | 04930916 | 04955946 | 04980976 |
| 05006006 | 05031036 | 05056066 | 05081096 | 05106126 | 05131156 | 05156186 | 05181216 |
| 05206246 | 05231276 | 05256306 | 05281336 | 05306366 | 05331396 | 05356426 | 05381456 |
| 05406486 | 05431516 | 05456546 | 05481576 | 05506606 | 05531636 | 05556666 | 05581696 |
| 05606726 | 05631756 | 05656786 | 05681816 | 05706846 | 05731876 | 05756906 | 05781936 |
| 05806966 | 05831996 | 05857026 | 05882056 | 05907086 | 05932116 | 05957146 | 05982176 |
| 06007206 | 06032236 | 06057266 | 06082296 | 06107326 | 06132356 | 06157386 | 06182416 |
| 06207446 | 06232476 | 06257506 | 06282536 | 06307566 | 06332596 | 06357626 | 06382656 |
| 06407686 | 06432716 | 06457746 | 06482776 | 06507806 | 06532836 | 06557866 | 06582896 |
| 06607926 | 06632956 | 06657986 | 06683016 | 06708046 | 06733076 | 06758106 | 06783136 |
| 06808166 | 06833196 | 06858226 | 06883256 | 06908286 | 06933316 | 06958346 | 06983376 |
| 07008406 | 07033436 | 07058466 | 07083496 | 07108526 | 07133556 | 07158586 | 07183616 |
| 07208646 | 07233676 | 07258706 | 07283736 | 07308766 | 07333796 | 07358826 | 07383856 |
| 07408886 | 07433916 | 07458946 | 07483976 | 07509006 | 07534036 | 07559066 | 07584096 |
| 07609126 | 07634156 | 07659186 | 07684216 | 07709246 | 07734276 | 07759306 | 07784336 |
| 07809366 | 07834396 | 07859426 | 07884456 | 07909486 | 07934516 | 07959546 | 07984576 |
| 08009606 | 08034636 | 08059666 | 08084696 | 08109726 | 08134756 | 08159786 | 08184816 |
| 08209846 | 08234876 | 08259906 | 08284936 | 08309966 | 08334996 | 08360026 | 08385056 |
| 08410086 | 08435116 | 08460146 | 08485176 | 08510206 | 08535236 | 08560266 | 08585296 |
| 08610326 | 08660386 | 08685416 | 08710446 | 08735476 | 08760506 | 08785536 | 08810566 |
| 08835596 | 08860626 | 08885656 | 08910686 | 08935716 | 08960746 | 08985776 | 09010806 |
| 09035836 | 09060866 | 09085896 | 09110926 | 09135956 | 09160986 | 09186016 | 09211046 |
| 09236076 | 09261106 | 09286136 | 09311166 | 09336196 | 09361226 | 09386256 | 09411286 |
| 09436316 | 09461346 | 09486376 | 09511406 | 09536436 | 09561466 | 09586496 | 09611526 |
| 09636556 | 09661586 | 09686616 | 09711646 | 09736676 | 09761706 | 09786736 | 09811766 |
| "09836796 | 09861826 | 09886856 | 09911886 | 09936916 | 09961946 | 09986976 | |

**Seventh Prize** Rs. 2,000/-

| | | | | | | | |
|---|---|---|---|---|---|---|---|
| 00000004 | 00005014 | 00010024 | 00015034 | 00020044 | 00025054 | 00030064 | 00035074 |
| 00040084 | 00045094 | 00050104 | 00055114 | 00060124 | 00065134 | 00070144 | 00075154 |
| 00080164 | 00085174 | 00090184 | 00095194 | 00100204 | 00105214 | 00110224 | 00115234 |
| 00120244 | 00125254 | 00130264 | 00135274 | 00140284 | 00145294 | 00150304 | 00155314 |
| 00160324 | 00165334 | 00170344 | 00175354 | 00180364 | 00185374 | 00190384 | 00195394 |
| 00200404 | 00205414 | 00210424 | 00215434 | 00220444 | 00225454 | 00230464 | 00235474 |
| 00240484 | 00245494 | 00250504 | 00255514 | 00260524 | 00265534 | 00270544 | 00275554 |
| 00280564 | 00285574 | 00290584 | 00295594 | 00300604 | 00305614 | 00310624 | 00315634 |
| 00320644 | 00325654 | 00330664 | 00335674 | 00340684 | 00345694 | 00350704 | 00355714 |
| 00360724 | 00365734 | 00370744 | 00375754 | 00380764 | 00385774 | 00390784 | 00395794 |
| 00400804 | 00405814 | 00410824 | 00415834 | 00420844 | 00425854 | 00430864 | 00435874 |
| 00440884 | 00445894 | 00450904 | 00455914 | 00460924 | 00465934 | 00470944 | 00475954 |
| 00480964 | 00485974 | 00490984 | 00495994 | 00501004 | 00506014 | 00511024 | 00516034 |
| 00521044 | 00526054 | 00531064 | 00536074 | 00541084 | 00546094 | 00551104 | 00556114 |
| 00561124 | 00566134 | 00571144 | 00576154 | 00581164 | 00586174 | 00591184 | 00596194 |
| 00601204 | 00606214 | 00611224 | 00616234 | 00621244 | 00626254 | 00631264 | 00636274 |
| 00641284 | 00646294 | 00651304 | 00656314 | 00661324 | 00666334 | 00671344 | 00676354 |
| 00681364 | 00686374 | 00691384 | 00696394 | 00701404 | 00706414 | 00711424 | 00716434 |
| 00721444 | 00726454 | 00731464 | 00736474 | 00741484 | 00746494 | 00751504 | 00756514 |
| 00761524 | 00766534 | 00771544 | 00776554 | 00781564 | 00786574 | 00791584 | 00796594 |
| 00801604 | 00806614 | 00811624 | 00816634 | 00821644 | 00826654 | 00831664 | 00836674 |
| 00841684 | 00846694 | 00851704 | 00856714 | 00861724 | 00866734 | 00871744 | 00876754 |
| 00881764 | 00886774 | 00891784 | 00896794 | 00901804 | 00906814 | 00911824 | 00916834 |
| 00921844 | 00926854 | 00931864 | 00936874 | 00941884 | 00946894 | 00951904 | 00956914 |
| 00961924 | 00966934 | 00971944 | 00976954 | 00981964 | 00986974 | 00991984 | 00996994 |
| 01002004 | 01007014 | 01012024 | 01017034 | 01022044 | 01027054 | 01032064 | 01037074 |
| 01042084 | 01047094 | 01052104 | 01057114 | 01062124 | 01067134 | 01072144 | 01077154 |
| 01082164 | 01087174 | 01092184 | 01097194 | 01102204 | 01107214 | 01112224 | 01117234 |
| 01122244 | 01127254 | 01132264 | 01137274 | 01142284 | 01147294 | 01152304 | 01157314 |
| 01162324 | 01167334 | 01172344 | 01177354 | 01182364 | 01187374 | 01192384 | 01197394 |
| 01202404 | 01207414 | 01212424 | 01217434 | 01222444 | 01227454 | 01232464 | 01237474 |
| 01242484 | 01247494 | 01252504 | 01257514 | 01262524 | 01267534 | 01272544 | 01277554 |
| 01282564 | 01287574 | 01292584 | 01297594 | 01302604 | 01307614 | 01312624 | 01317634 |
| 01322644 | 01327654 | 01332664 | 01337674 | 01342684 | 01347694 | 01352704 | 01357714 |
| 01362724 | 01367734 | 01372744 | 01377754 | 01382764 | 01387774 | 01392784 | 01397794 |
| 01402804 | 01407814 | 01412824 | 01417834 | 01422844 | 01427854 | 01432864 | 01437874 |
| 01442884 | 01447894 | 01452904 | 01457914 | 01462924 | 01467934 | 01472944 | 01477954 |
| 01482964 | 01487974 | 01492984 | 01497994 | 01503004 | 01508014 | 01513024 | 01518034 |
| 01523044 | 01528054 | 01533064 | 01538074 | 01543084 | 01548094 | 01553104 | 01558114 |
| 01563124 | 01568134 | 01573144 | 01578154 | 01583164 | 01588174 | 01593184 | 01598194 |
| 01603204 | 01608214 | 01613224 | 01618234 | 01623244 | 01628254 | 01633264 | 01638274 |
| 01643284 | 01648294 | 01653304 | 01658314 | 01663324 | 01668334 | 01673344 | 01678354 |
| 01683364 | 01688374 | 01693384 | 01698394 | 01703404 | 01708414 | 01713424 | 01718434 |
| 01723444 | 01728454 | 01733464 | 01738474 | 01743484 | 01748494 | 01753504 | 01758514 |
| 01763524 | 01768534 | 01773544 | 01778554 | 01783564 | 01788574 | 01793584 | 01798594 |
| 01803604 | 01808614 | 01813624 | 01818634 | 01823644 | 01828654 | 01833664 | 01838674 |
| 01843684 | 01848694 | 01853704 | 01858714 | 01863724 | 01868734 | 01873744 | 01878754 |
| 01883764 | 01888774 | 01893784 | 01898794 | 01903804 | 01908814 | 01913824 | 01918834 |
| 01923844 | 01928854 | 01933864 | 01938874 | 01943884 | 01948894 | 01953904 | 01958914 |
| 01963924 | 01968934 | 01973944 | 01978954 | 01983964 | 01988974 | 01993984 | 01998994 |
| 02004004 | 02009014 | 02014024 | 02019034 | 02024044 | 02029054 | 02034064 | 02039074 |
| 02044084 | 02049094 | 02054104 | 02059114 | 02064124 | 02069134 | 02074144 | 02079154 |
| 02084164 | 02089174 | 02094184 | 02099194 | 02104204 | 02109214 | 02114224 | 02119234 |
| 02124244 | 02129254 | 02134264 | 02139274 | 02144284 | 02149294 | 02154304 | 02159314 |
| 02164324 | 02169334 | 02174344 | 02179354 | 02184364 | 02189374 | 02194384 | 02199394 |
| 02204404 | 02209414 | 02214424 | 02219434 | 02224444 | 02229454 | 02234464 | 02239474 |
| 02244484 | 02249494 | 02254504 | 02259514 | 02264524 | 02269534 | 02274544 | 02279554 |
| 02284564 | 02289574 | 02294584 | 02299594 | 02304604 | 02309614 | 02314624 | 02319634 |
| 02324644 | 02329654 | 02334664 | 02339674 | 02344684 | 02349694 | 02354704 | 02359714 |
| 02364724 | 02369734 | 02374744 | 02379754 | 02384764 | 02389774 | 02394784 | 02399794 |
| 02404804 | 02409814 | 02414824 | 02419834 | 02424844 | 02429854 | 02434864 | 02439874 |
| 02444884 | 02449894 | 02454904 | 02459914 | 02464924 | 02469934 | 02474944 | 02479954 |
| 02484964 | 02489974 | 02494984 | 02499994 | 02505004 | 02510014 | 02515024 | 02520034 |
| 02525044 | 02530054 | 02535064 | 02540074 | 02545084 | 02550094 | 02555104 | 02560114 |
| 02565124 | 02570134 | 02575144 | 02580154 | 02585164 | 02590174 | 02595184 | 02600194 |
| 02605204 | 02610214 | 02615224 | 02620234 | 02625244 | 02630254 | 02635264 | 02640274 |
| 02645284 | 02650294 | 02655304 | 02660314 | 02665324 | 02670334 | 02675344 | 02680354 |
| 02685364 | 02690374 | 02700394 | 02705404 | 02710414 | 02715424 | 02720434 | 02725444 |
| 02730454 | 02735464 | 02740474 | 02745484 | 02750494 | 02755504 | 02760514 | 02765524 |
| 02770534 | 02775544 | 02780554 | 02785564 | 02790574 | 02795584 | 02800594 | 02805604 |
| 02810614 | 02815624 | 02820634 | 02825644 | 02830654 | 02835664 | 02840674 | 02845684 |
| 02850694 | 02855704 | 02860714 | 02865724 | 02870734 | 02875744 | 02880754 | 02885764 |
| 02890774 | 02895784 | 02900794 | 02905804 | 02910814 | 02915824 | 02920834 | 02925844 |
| 02930854 | 02935864 | 02940874 | 02945884 | 02950894 | 02955904 | 02960914 | 02965924 |
| 02970934 | 02975944 | 02980954 | 02985964 | 02990974 | 02995984 | 03000994 | 03006004 |
| 03011014 | 03016024 | 03021034 | 03026044 | 03031054 | 03036064 | 03041074 | 03046084 |
| 03051094 | 03056104 | 03061114 | 03066124 | 03071134 | 03076144 | 03081154 | 03086164 |
| 03091174 | 03096184 | 03101194 | 03106204 | 03111214 | 03116224 | 03121234 | 03126244 |
| 03131254 | 03136264 | 03141274 | 03146284 | 03151294 | 03156304 | 03161314 | 03166324 |
| 03171334 | 03176344 | 03181354 | 03186364 | 03191374 | 03196384 | 03201394 | 03206404 |
| 03211414 | 03216424 | 03221434 | 03231454 | 03236464 | 03241474 | 03246484 | 03251494 |
| 03256504 | 03261514 | 03266524 | 03271534 | 03276544 | 03281554 | 03286564 | 03291574 |
| 03296584 | 03301594 | 03306604 | 03311614 | 03316624 | 03321634 | 03326644 | 03331654 |
| 03336664 | 03341674 | 03346684 | 03351694 | 03356704 | 03361714 | 03366724 | 03371734 |
| 03376744 | 03381754 | 03386764 | 03391774 | 03396784 | 03401794 | 03406804 | 03411814 |
| 03416824 | 03421834 | 03426844 | 03431854 | 03436864 | 03441874 | 03446884 | 03451894 |
| 03456904 | 03461914 | 03466924 | 03471934 | 03476944 | 03481954 | 03486964 | 03491974 |
| 03496984 | 03501994 | 03507004 | 03512014 | 03517024 | 03522034 | 03527044 | 03532054 |
| 03537064 | 03542074 | 03547084 | 03552094 | 03557104 | 03562114 | 03567124 | 03572134 |
| 03577144 | 03582154 | 03587164 | 03592174 | 03597184 | 03602194 | 03607204 | 03612214 |
| 03617224 | 03622234 | 03627244 | 03632254 | 03637264 | 03642274 | 03647284 | 03652294 |
| 03657304 | 03662314 | 03667324 | 03672334 | 03677344 | 03682354 | 03687364 | 03692374 |
| 03697384 | 03702394 | 03707404 | 03712414 | 03717424 | 03722434 | 03727444 | 03732454 |
| 03737464 | 03742474 | 03747484 | 03752494 | 03757504 | 03762514 | 03767524 | 03772534 |
| 03777544 | 03782554 | 03787564 | 03792574 | 03797584 | 03802594 | 03807604 | 03812614 |
| 03817624 | 03822634 | 03827644 | 03832654 | 03837664 | 03842674 | 03847684 | 03852694 |
| 03857704 | 03862714 | 03872734 | 03877744 | 03882754 | 03887764 | 03892774 | 03897784 |
| 03902794 | 03907804 | 03912814 | 03917824 | 03922834 | 03927844 | 03932854 | 03942874 |
| 03947884 | 03952894 | 03957904 | 03962914 | 03967924 | 03972934 | 03977944 | 03982954 |
| 03987964 | 03992974 | 03997984 | 04002994 | 04008004 | 04013014 | 04018024 | 04023034 |
| 04028044 | 04033054 | 04038064 | 04043074 | 04048084 | 04053094 | 04058104 | 04063114 |
| 04068124 | 04073134 | 04078144 | 04083154 | 04088164 | 04093174 | 04098184 | 04103194 |
| 04108204 | 04113214 | 04118224 | 04123234 | 04128244 | 04133254 | 04138264 | 04143274 |
| 04148284 | 04153294 | 04158304 | 04163314 | 04168324 | 04173334 | 04178344 | 04183354 |
| 04188364 | 04193374 | 04198384 | 04203394 | 04208404 | 04213414 | 04218424 | 04223434 |
| 04228444 | 04233454 | 04238464 | 04243474 | 04248484 | 04253494 | 04258504 | 04263514 |
| 04268524 | 04273534 | 04278544 | 04283554 | 04288564 | 04293574 | 04298584 | 04303594 |
| 04308604 | 04313614 | 04318624 | 04323634 | 04328644 | 04333654 | 04338664 | 04343674 |
| 04348684 | 04353694 | 04358704 | 04363714 | 04368724 | 04373734 | 04378744 | 04383754 |
| 04388764 | 04393774 | 04398784 | 04403794 | 04408804 | 04413814 | 04418824 | 04423834 |
| 04428844 | 04433854 | 04438864 | 04443874 | 04448884 | 04453894 | 04458904 | 04463914 |
| 04468924 | 04473934 | 04478944 | 04483954 | 04488964 | 04493974 | 04498984 | 04503994 |
| 04509004 | 04514014 | 04519024 | 04524034 | 04529044 | 04534054 | 04539064 | 04544074 |
| 04549084 | 04554094 | 04559104 | 04564114 | 04569124 | 04574134 | 04579144 | 04584154 |
| 04589164 | 04594174 | 04599184 | 04604194 | 04609204 | 04614214 | 04619224 | 04624234 |
| 04629244 | 04634254 | 04639264 | 04644274 | 04649284 | 04654294 | 04659304 | 04664314 |
| 04669324 | 04674334 | 04679344 | 04684354 | 04689364 | 04694374 | 04699384 | 04704394 |
| 04709404 | 04714414 | 04719424 | 04724434 | 04729444 | 04734454 | 04739464 | 04744474 |
| 04749484 | 04754494 | 04759504 | 04764514 | 04769524 | 04774534 | 04779544 | 04784554 |
| 04789564 | 04794574 | 04799584 | 04804594 | 04809604 | 04814614 | 04819624 | 04824634 |
| 04829644 | 04834654 | 04839664 | 04844674 | 04849684 | 04854694 | 04859704 | 04864714 |
| 04869724 | 04874734 | 04879744 | 04884754 | 04889764 | 04894774 | 04899784 | 04904794 |
| 04909804 | 04914814 | 04919824 | 04924834 | 04929844 | 04934854 | 04939864 | 04944874 |
| 04949884 | 04954894 | 04959904 | 04964914 | 04969924 | 04974934 | 04979944 | 04984954 |
| 04989964 | 04994974 | 04999984 | 05004994 | 05010004 | 05015014 | 05020024 | 05025034 |
| 05030044 | 05035054 | 05040064 | 05045074 | 05050084 | 05055094 | 05060104 | 05065114 |
| 05070124 | 05075134 | 05080144 | 05090164 | 05095174 | 05100184 | 05105194 | 05110204 |
| 05115214 | 05120224 | 05125234 | 05130244 | 05135254 | 05140264 | 05145274 | 05150284 |
| 05155294 | 05160304 | 05165314 | 05170324 | 05175334 | 05180344 | 05185354 | 05190364 |
| 05195374 | 05200384 | 05205394 | 05210404 | 05215414 | 05220424 | 05225434 | 05230444 |
| 05235454 | 05240464 | 05245474 | 05250484 | 05255494 | 05260504 | 05265514 | 05270524 |
| 05275534 | 05280544 | 05285554 | 05290564 | 05295574 | 05300584 | 05305594 | 05310604 |
| 05315614 | 05320624 | 05325634 | 05330644 | 05335654 | 05340664 | 05345674 | 05350684 |
| 05355694 | 05360704 | 05365714 | 05370724 | 05375734 | 05380744 | 05385754 | 05390764 |
| 05395774 | 05400784 | 05405794 | 05410804 | 05415814 | 05420824 | 05425834 | 05430844 |
| 05435854 | 05440864 | 05445874 | 05450884 | 05455894 | 05460904 | 05465914 | 05470924 |
| 05475934 | 05480944 | 05485954 | 05490964 | 05495974 | 05500984 | 05505994 | 05511004 |
| 05516014 | 05521024 | 05526034 | 05531044 | 05541064 | 05546074 | 05551084 | 05556094 |
| 05561104 | 05566114 | 05571124 | 05576134 | 05581144 | 05586154 | 05591164 | 05596174 |
| 05601184 | 05606194 | 05611204 | 05616214 | 05621224 | 05626234 | 05631244 | 05636254 |
| 05641264 | 05646274 | 05651284 | 05656294 | 05661304 | 05666314 | 05671324 | 05676334 |
| 05681344 | 05686354 | 05691364 | 05696374 | 05701384 | 05706394 | 05711404 | 05716414 |
| 05721424 | 05726434 | 05731444 | 05736454 | 05741464 | 05746474 | 05751484 | 05756494 |
| 05761504 | 05766514 | 05771524 | 05776534 | 05781544 | 05786554 | 05791564 | 05796574 |
| 05801584 | 05806594 | 05811604 | 05816614 | 05821624 | 05826634 | 05831644 | 05836654 |
| 05841664 | 05846674 | 05851684 | 05856694 | 05861704 | 05866714 | 05871724 | 05876734 |
| 05881744 | 05886754 | 05891764 | 05896774 | 05901784 | 05906794 | 05911804 | 05916814 |
| 05921824 | 05926834 | 05931844 | 05936854 | 05941864 | 05946874 | 05951884 | 05956894 |
| 05961904 | 05966914 | 05971924 | 05976934 | 05981944 | 05986954 | 05991964 | 05996974 |
| 06001984 | 06006994 | 06012004 | 06017014 | 06022024 | 06027034 | 06032044 | 06037054 |
| 06042064 | 06047074 | 06052084 | 06057094 | 06062104 | 06067114 | 06072124 | 06077134 |
| 06082144 | 06087154 | 06092164 | 06097174 | 06102184 | 06107194 | 06112204 | 06117214 |
| 06122224 | 06127234 | 06132244 | 06137254 | 06142264 | 06147274 | 06152284 | 06157294 |
| 06162304 | 06167314 | 06172324 | 06177334 | 06182344 | 06187354 | 06192364 | 06197374 |
| 06202384 | 06207394 | 06212404 | 06217414 | 06222424 | 06227434 | 06232444 | 06237454 |
| 06242464 | 06247474 | 06252484 | 06257494 | 06262504 | 06267514 | 06272524 | 06277534 |
| 06282544 | 06287554 | 06292564 | 06297574 | 06302584 | 06307594 | 06312604 | 06317614 |
| 06322624 | 06327634 | 06332644 | 06337654 | 06342664 | 06347674 | 06352684 | 06357694 |
| 06362704 | 06367714 | 06372724 | 06377734 | 06382744 | 06387754 | 06392764 | 06397774 |
| 06402784 | 06407794 | 06412804 | 06417814 | 06422824 | 06427834 | 06432844 | 06437854 |
| 06442864 | 06447874 | 06452884 | 06457894 | 06462904 | 06467914 | 06472924 | 06477934 |
| 06482944 | 06487954 | 06492964 | 06497974 | 06502984 | 06507994 | 06513004 | 06518014 |
| 06523024 | 06528034 | 06533044 | 06538054 | 06543064 | 06548074 | 06553084 | 06558094 |
| 06563104 | 06568114 | 06573124 | 06578134 | 06583144 | 06588154 | 06593164 | 06598174 |
| 06603184 | 06608194 | 06613204 | 06618214 | 06623224 | 06628234 | 06633244 | 06638254 |
| 06643264 | 06648274 | 06653284 | 06658294 | 06663304 | 06668314 | 06673324 | 06683344 |
| 06688354 | 06693364 | 06698374 | 06703384 | 06708394 | 06713404 | 06718414 | 06723424 |
| 06728434 | 06733444 | 06738454 | 06743464 | 06748474 | 06753484 | 06758494 | 06763504 |
| 06768514 | 06773524 | 06778534 | 06783544 | 06788554 | 06793564 | 06798574 | 06803584 |
| 06808594 | 06813604 | 06818614 | 06823624 | 06828634 | 06833644 | 06838654 | 06843664 |
| 06848674 | 06853684 | 06858694 | 06863704 | 06868714 | 06873724 | 06878734 | 06883744 |
| 06888754 | 06893764 | 06898774 | 06903784 | 06908794 | 06913804 | 06918814 | 06923824 |
| 06928834 | 06933844 | 06938854 | 06943864 | 06948874 | 06953884 | 06958894 | 06963904 |
| 06968914 | 06973924 | 06978934 | 06983944 | 06988954 | 06993964 | 06998974 | 07003984 |
| 07008994 | 07014004 | 07019014 | 07024024 | 07029034 | 07034044 | 07039054 | 07044064 |
| 07049074 | 07054084 | 07059094 | 07064104 | 07069114 | 07074124 | 07079134 | 07084144 |
| 07089154 | 07094164 | 07099174 | 07104184 | 07109194 | 07114204 | 07119214 | 07124224 |
| 07129234 | 07134244 | 07139254 | 07144264 | 07149274 | 07154284 | 07159294 | 07164304 |
| 07169314 | 07174324 | 07179334 | 07184344 | 07189354 | 07194364 | 07199374 | 07204384 |
| 07209394 | 07214404 | 07219414 | 07224424 | 07229434 | 07234444 | 07239454 | 07244464 |
| 07249474 | 07254484 | 07259494 | 07264504 | 07269514 | 07274524 | 07279534 | 07284544 |
| 07289554 | 07294564 | 07299574 | 07304584 | 07309594 | 07314604 | 07319614 | 07324624 |
| 07329634 | 07334644 | 07339654 | 07344664 | 07349674 | 07354684 | 07359694 | 07364704 |
| 07369714 | 07374724 | 07379734 | 07384744 | 07389754 | 07394764 | 07399774 | 07404784 |
| 07409794 | 07414804 | 07419814 | 07424824 | 07429834 | 07434844 | 07439854 | 07444864 |
| 07449874 | 07454884 | 07459894 | 07464904 | 07469914 | 07474924 | 07479934 | 07484944 |
| 07489954 | 07494964 | 07499974 | 07504984 | 07509994 | 07515004 | 07520014 | 07525024 |
| 07530034 | 07535044 | 07540054 | 07545064 | 07550074 | 07555084 | 07560094 | 07565104 |
| 07570114 | 07575124 | 07580134 | 07585144 | 07590154 | 07595164 | 07600174 | 07605184 |
| 07610194 | 07615204 | 07620214 | 07625224 | 07630234 | 07635244 | 07640254 | 07645264 |
| 07650274 | 07655284 | 07660294 | 07665304 | 07670314 | 07675324 | 07680334 | 07685344 |
| 07690354 | 07695364 | 07700374 | 07705384 | 07710394 | 07715404 | 07720414 | 07725424 |
| 07730434 | 07735444 | 07740454 | 07745464 | 07750474 | 07755484 | 07760494 | 07765504 |
| 07770514 | 07775524 | 07780534 | 07785544 | 07790554 | 07795564 | 07800574 | 07805584 |
| 07810594 | 07820614 | 07825624 | 07830634 | 07835644 | 07840654 | 07845664 | 07850674 |
| 07855684 | 07860694 | 07865704 | 07870714 | 07875724 | 07880734 | 07885744 | 07890754 |
| 07895764 | 07900774 | 07905784 | 07910794 | 07915804 | 07920814 | 07925824 | 07930834 |
| 07935844 | 07940854 | 07945864 | 07950874 | 07955884 | 07960894 | 07965904 | 07970914 |
| 07975924 | 07980934 | 07985944 | 07990954 | 07995964 | 08000974 | 08005984 | 08010994 |
| 08016004 | 08021014 | 08026024 | 08031034 | 08036044 | 08041054 | 08046064 | 08051074 |
| 08056084 | 08061094 | 08066104 | 08071114 | 08081134 | 08086144 | 08091154 | 08096164 |
| 08101174 | 08106184 | 08111194 | 08116204 | 08121214 | 08126224 | 08131234 | 08136244 |
| 08141254 | 08146264 | 08151274 | 08156284 | 08161294 | 08166304 | 08171314 | 08176324 |
| 08181334 | 08186344 | 08191354 | 08196364 | 08201374 | 08206384 | 08211394 | 08216404 |
| 08221414 | 08226424 | 08231434 | 08236444 | 08241454 | 08246464 | 08251474 | 08261494 |
| 08266504 | 08271514 | 08276524 | 08281534 | 08286544 | 08291554 | 08296564 | 08301574 |
| 08306584 | 08311594 | 08316604 | 08321614 | 08326624 | 08331634 | 08336644 | 08341654 |
| 08346664 | 08351674 | 08356684 | 08361694 | 08366704 | 08371714 | 08376724 | 08381734 |
| 08386744 | 08391754 | 08396764 | 08401774 | 08406784 | 08411794 | 08416804 | 08421814 |
| 08426824 | 08431834 | 08436844 | 08441854 | 08446864 | 08451874 | 08456884 | 08461894 |
| 08466904 | 08471914 | 08476924 | 08481934 | 08486944 | 08491954 | 08496964 | 08501974 |
| 08506984 | 08511994 | 08517004 | 08522014 | 08527024 | 08532034 | 08537044 | 08542054 |
| 08547064 | 08552074 | 08557084 | 08562094 | 08567104 | 08572114 | 08577124 | 08582134 |
| 08587144 | 08592154 | 08597164 | 08602174 | 08607184 | 08612194 | 08617204 | 08622214 |
| 08627224 | 08632234 | 08637244 | 08642254 | 08647264 | 08652274 | 08657284 | 08662294 |
| 08667304 | 08672314 | 08677324 | 08682334 | 08687344 | 08692354 | 08697364 | 08702374 |
| 08707384 | 08712394 | 08717404 | 08722414 | 08727424 | 08732434 | 08737444 | 08742454 |
| 08747464 | 08752474 | 08757484 | 08762494 | 08767504 | 08772514 | 08777524 | 08782534 |
| 08787544 | 08792554 | 08797564 | 08802574 | 08807584 | 08812594 | 08817604 | 08822614 |
| 08827624 | 08832634 | 08837644 | 08842654 | 08847664 | 08852674 | 08857684 | 08862694 |
| 08867704 | 08872714 | 08877724 | 08882734 | 08887744 | 08892754 | 08897764 | 08902774 |
| 08907784 | 08912794 | 08917804 | 08922814 | 08927824 | 08932834 | 08937844 | 08942854 |
| 08947864 | 08952874 | 08957884 | 08962894 | 08967904 | 08972914 | 08977924 | 08982934 |
| 08987944 | 08992954 | 08997964 | 09002974 | 09007984 | 09012994 | 09018004 | 09023014 |
| 09028024 | 09033034 | 09038044 | 09043054 | 09048064 | 09053074 | 09058084 | 09063094 |
| 09068104 | 09073114 | 09078124 | 09083134 | 09088144 | 09093154 | 09098164 | 09103174 |
| 09108184 | 09113194 | 09118204 | 09123214 | 09128224 | 09133234 | 09138244 | 09143254 |
| 09148264 | 09153274 | 09158284 | 09163294 | 09168304 | 09173314 | 09178324 | 09183334 |
| 09188344 | 09193354 | 09198364 | 09203374 | 09208384 | 09213394 | 09218404 | 09223414 |
| 09228424 | 09233434 | 09238444 | 09243454 | 09248464 | 09253474 | 09258484 | 09263494 |
| 09268504 | 09273514 | 09278524 | 09283534 | 09288544 | 09293554 | 09298564 | 09303574 |
| 09308584 | 09313594 | 09318604 | 09323614 | 09328624 | 09333634 | 09338644 | 09343654 |
| 09348664 | 09353674 | 09358684 | 09363694 | 09368704 | 09373714 | 09378724 | 09383734 |
| 09388744 | 09393754 | 09398764 | 09403774 | 09408784 | 09413794 | 09418804 | 09423814 |
| 09428824 | 09433834 | 09438844 | 09443854 | 09448864 | 09453874 | 09458884 | 09463894 |
| 09468904 | 09473914 | 09478924 | 09483934 | 09488944 | 09493954 | 09498964 | 09503974 |
| 09508984 | 09513994 | 09519004 | 09524014 | 09529024 | 09534034 | 09539044 | 09544054 |
| 09549064 | 09554074 | 09559084 | 09564094 | 09569104 | 09574114 | 09579124 | 09584134 |
| 09589144 | 09594154 | 09599164 | 09604174 | 09609184 | 09614194 | 09619204 | 09624214 |
| 09629224 | 09634234 | 09639244 | 09644254 | 09649264 | 09654274 | 09659284 | 09664294 |
| 09669304 | 09674314 | 09679324 | 09684334 | 09689344 | 09694354 | 09699364 | 09704374 |
| 09709384 | 09714394 | 09719404 | 09724414 | 09729424 | 09734434 | 09739444 | 09744454 |
| 09749464 | 09754474 | 09759484 | 09764494 | 09769504 | 09774514 | 09779524 | 09784534 |
| 09789544 | 09794554 | 09799564 | 09804574 | 09809584 | 09814594 | 09819604 | 09824614 |
| 09829624 | 09834634 | 09839644 | 09844654 | 09849664 | 09854674 | 09859684 | 09864694 |
| 09869704 | 09874714 | 09879724 | 09884734 | 09889744 | 09894754 | 09899764 | 09904774 |
| 09909784 | 09914794 | 09919804 | 09924814 | 09929824 | 09934834 | 09939844 | 09944854 |
| 09949864 | 09954874 | 09959884 | 09964894 | 09969904 | 09974914 | 09979924 | 09984934 |
| 09989944 | 09994954 | 09999964 | 10004974 | 10009984 | | | |

## ପୁରସ୍କାର ଅର୍ଥ ପାଇବାର ନିୟମାବଳୀ

ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ''ଏଏସ୍'' ସିରିଜ୍ ଉଠାଣର ପୁରସ୍କାର ବିଜେତାମାନଙ୍କୁ ପୁରସ୍କାର ରାଶି ପ୍ରାପ୍ତି ପାଇଁ ୦୪।୧୦।୨୦୨୨ରିଖ ସୁଦ୍ଧା ନିମ୍ନଲିଖିତ ଦସ୍ତାବିଜ୍ ଗୁଡ଼ିକ ସଂଲଗ୍ନ କରି, ପ୍ରଦତ୍ତ ଆବେଦନ ପତ୍ର ମାଧ୍ୟମରେ ରେଜିଷ୍ଟ୍ରି ଡାକଯୋଗେ କୁପନ ସଂଗୃହୀତ ହୋଇଥିବା ଜିଲ୍ଲାର ଜିଲ୍ଲାପାଳଙ୍କୁ ଆବେଦନ କରିବାକୁ ପଡ଼ିବ।

(୧) ପୁରସ୍କାର ବିଜୟୀ ମୂଳ କୁପନ, (୨) ସମ୍ପୃକ୍ତ ସ୍ୱଳ୍ପ ସଞ୍ଚୟ ସାର୍ଟିଫିକେଟ୍/ପାସ୍‌ବୁକ୍‌ର ଅବିକଳ ନକଲ, (୩) ପୁରସ୍କାର ରାଶି ଜମା ନିମନ୍ତେ ବ୍ୟାଙ୍କ ସେଭିଂସ୍ ପାସ୍‌ବୁକ୍‌ର ଅବିକଳ ନକଲ, (୪) ନିଜସ୍ୱ ଠିକଣା ଲିଖିତ ଏକ ଡାକ ବିଭାଗୀୟ ଲଫାପା। ଆବେଦନ ପତ୍ରଗୁଡ଼ିକ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ନିର୍ଦ୍ଧାରିତ ଶେଷ ତାରିଖ ୦୪।୧୦।୨୦୨୨ ସୁଦ୍ଧା ପହଞ୍ଚିବା ଆବଶ୍ୟକ।

ପୁରସ୍କାର ବିଜୟୀ ସ୍ୱଳ୍ପ ସଞ୍ଚୟ ସାର୍ଟିଫିକେଟ/ପାସ୍‌ବୁକ୍‌ଟି ଯୁଗ୍ମ ହୋଇଥିଲେ ପୁରସ୍କାର ରାଶି ପ୍ରାପ୍ତି ନିମନ୍ତେ ଉପସ୍ଥାପନ କରାଯାଇଥିବା ବ୍ୟାଙ୍କ ସେଭିଂସ୍ ପାସ୍‌ବୁକ୍‌ଟି ମଧ୍ୟ ଯୁଗ୍ମ ହୋଇଥିବା ନିତାନ୍ତ ଆବଶ୍ୟକ। ଏକାଧିକ ପୁରସ୍କାର ପାଇଁ ପୃଥକ୍ ପୃଥକ୍ ଦାବିପତ୍ର ଦାଖଲ କରିବା ଆବଶ୍ୟକ।

ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପୁରସ୍କାର ବିଜେତାମାନେ ପୁରସ୍କାର ଅର୍ଥ ପାଇବା ନିମନ୍ତେ ଉପର ବର୍ଣ୍ଣିତ ସମସ୍ତ ପ୍ରମାଣ ପତ୍ର ସହ PAN Cardର ଅବିକଳ ନକଲ ସହିତ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀଙ୍କୁ ତୁରନ୍ତ ଯୋଗାଯୋଗ କରିବେ। ଏଥି ସହିତ ଯୋଗାଯୋଗ ନିମନ୍ତେ ନିଜର ଟେଲିଫୋନ୍ ନମ୍ବର ପ୍ରଦାନ କରିବେ।

ଉପରୋକ୍ତ ଉଠାଣର ଫଳାଫଳ ଓଡ଼ିଶା ସରକାରଙ୍କର ୱେବ୍‌ସାଇଟ୍ **www.finance.odisha.gov.in** ଏବଂ **www.assaodisha.nic.in**ରେ ମଧ୍ୟ ଉପଲବ୍ଧ।

**ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ**
**ଅର୍ଥ ବିଭାଗ, ଓଡ଼ିଶା ସରକାର**

## ODISHA SMALL SAVINGS (INCENTIVE SCHEME ) RULES, 2000 CLAIM BILL FOR PRIZE AMOUNT

a) Name & full address of the prize winner :
b) Father's / Husband's name :
c) Alphabetical Notation of Series : "AS" Series
d) Date of draw : 07.07.2022.
e) Category of prize :
f) Amount of prize money :
g) Prize winning coupon number :
h) Details of Small Savings instruments i.e. Name of Scheme, Number, Date of issue, Amount etc. :
i) Type of Account (Single/Joint A/Joint B) :
j) Name of Post Office/ Bank in Odisha issuing the concerned Small Savings instruments :
k) Bank Account No. S/B :
Name of the Bank :
IFSC No. :
l) PAN No. :
m) Contact Tel. No. if any :

**Full signature of the Claimant**
**Date** ____________

**OIPR-05001/11/0011/2223**

# ରାଇରଙ୍ଗପୁରରୁ ରାଷ୍ଟ୍ରପତି ଭବନ



"ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସାକ୍ଷାତ କରି ଅଭିନନ୍ଦନ ଜଣାଇଛନ୍ତି। ଭାରତ ଆଜି ଇତିହାସ ରଚିଛି। ୧୩୦ କୋଟି ଭାରତୀୟ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରୁଥିବାବେଳେ ପୂର୍ବ ଭାରତର ଆଦିବାସୀ ସମୁଦାୟର ଜଣେ ଝିଅ ଆମ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ସେ ଆମ ନାଗରିକ ବିଶେଷକରି ପଛୁଆ ବର୍ଗର ଲୋକଙ୍କ ପାଇଁ ଆଶାର କିରଣ ଭଳି ଉଭା ହୋଇଛନ୍ତି।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



"ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେବାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁର୍ମୁ ଦେଶର ୧୫ଶ ରାଷ୍ଟ୍ରପତି ଭାବେ ଚୟନ ହୋଇଛନ୍ତି। ଦେଶର ସର୍ବୋଚ୍ଚ ପଦବୀରେ ଓଡ଼ିଆ ଝିଅ ଚୟନ ହୋଇଥିବାରୁ ପ୍ରତିଟି ଓଡ଼ିଆଙ୍କ ପାଇଁ ଗର୍ବର ଦିନ। ଓଡ଼ିଶା ମାଟିର ଝିଅଙ୍କୁ ଅନେକ ଶୁଭେଚ୍ଛା।

**– ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**



"ଆଜିର ଦିନ ବିଶେଷ ଭାବେ ସମସ୍ତ ଓଡିଆଙ୍କ ପାଇଁ ଗର୍ବ ଓ ଗୌରବର ଦିନ। ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦ ରାଷ୍ଟ୍ରପତି ପାଇଁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ତରଫରୁ ପ୍ରାର୍ଥୀ ହୋଇଥିବା ଓଡ଼ିଶା ମାଟିର ଗର୍ବ, ଗୌରବ ତଥା ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁ ୧୫ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ରାଜ୍ୟର ଏକ ଉପାନ୍ତ ଜିଲାର ରାଇରଙ୍ଗପୁର ଅଞ୍ଚଳରେ ଜନ୍ମଗ୍ରହଣ କରିଥିବା ମୁର୍ମୁ ଆଜି ସମ୍ବିଧାନର ସର୍ବୋଚ୍ଚ ପଦବୀରେ ଅଳଙ୍କୃତ ହୋଇ ରାଇସିନା ହିଲ୍‌କୁ ପହଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ବାସ୍ତବରେ ପରିଣତ କରିଛନ୍ତି। ଏହା ରାଜ୍ୟବାସୀଙ୍କ ପାଇଁ ସ୍ୱାଧୀନତା ପରବର୍ତ୍ତୀ ସର୍ବଶ୍ରେଷ୍ଠ ଉପହାର।

**– ସମୀର ମହାନ୍ତି, ଭାଜପା ରାଜ୍ୟ ସଭାପତି**



"ଦେଶର ପଞ୍ଚଦଶ ରାଷ୍ଟ୍ରପତି ଭାବେ ଓଡିଆ ଝିଅ ଦ୍ରୌପଦୀ ମୁର୍ମୁ ନିର୍ବାଚିତ ହୋଇଥିବାରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ଜଣେ ଓଡିଆ ଭାବେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ହେବାକୁ ଯାଉଥିବାରୁ ମୁଁ ବହୁତ ଖୁସି।

**–ଶରତ ପଟ୍ଟନାୟକ, ପିସିସି ସଭାପତି**



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ନବ ନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନୂଆଦିଲ୍ଲୀରେ ସାକ୍ଷାତ କରି ଶୁଭେଚ୍ଛା ଜଣାଉଛନ୍ତି।



ପଞ୍ଚଦଶ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ। ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ଅଧିଷ୍ଠିତ ହେବାରେ ଦ୍ରୌପଦୀ ହେଉଛନ୍ତି ପ୍ରଥମ ଆଦିବାସୀ ମହିଳା। ସାରା ଦେଶରେ ଦ୍ରୌପଦୀଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଥିବାବେଳେ ଓଡ଼ିଶା ମାଟିର ଝିଅ ହୋଇଥିବାରୁ ରାଜ୍ୟରେ ବେଶ୍ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ଜନ୍ମମାଟିରେ ତାଙ୍କର ବିଜୟ ଉତ୍ସବକୁ ଘରେ ଘରେ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ପାରମ୍ପରିକ ନୃତ୍ୟ ପରିବେଷଣ କରି ମହିଳା, ପୁରୁଷ, ଛାତ୍ରୀଛାତ୍ରମାନେ ଖୁସିରେ ମସ୍‌ଗୁଲ ହୋଇଛନ୍ତି। ରାଜ୍ୟ ଭାଜପା ଏବଂ ବିଜେଡି କାର୍ଯ୍ୟାଳୟରେ ଦଳୀୟ ନେତା ଓ କର୍ମୀମାନେ ନାଚଗୀତ ଏବଂ ପରସ୍ପରକୁ ମିଠା ଖୁଆଇ ଖୁସି ମନାଇଛନ୍ତି।





ଝାଡ଼ଖଣ୍ଡ ହଜାରିବାଗ୍ ବିଶ୍ୱବିଦ୍ୟାଳୟର ଏକ ସମାବର୍ତ୍ତନ ଉତ୍ସବରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନାଙ୍କୁ ଡକ୍ଟରେଟ ଉପାଧିରେ ସମ୍ମାନିତ କରୁଛନ୍ତି। ନିକଟରେ ଅଛନ୍ତି ତତ୍କାଳୀନ ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ।



ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି ସମର୍ଥକଙ୍କ ସହ ଖୁସି ମନାଉଛନ୍ତି।



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳୀୟ ନେତା ଓ କର୍ମୀମାନେ ଖୁସି ମନାଉଛନ୍ତି।



ଝିଅ ଓ ନାତୁଣୀଙ୍କ ସହ ଏକ ବିଶେଷ ମୁହୂର୍ତ୍ତରେ ଦ୍ରୌପଦୀ।



ଭାଜପା ନେତ୍ରୀ ଓ କର୍ମୀମାନେ ରାଜ୍ୟ କାର୍ଯ୍ୟାଳୟଠାରେ ଖୁସି ମନାଉଛନ୍ତି।



ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଦଳୀୟ ନେତା ଓ କର୍ମୀଙ୍କ ବିଜୟ ଉତ୍ସବ ପାଳନ ।





ରାଇରଙ୍ଗପୁରଠାରେ ଖୁସିରେ ମସ୍‌ଗୁଲ ଶୁଭେଚ୍ଛୁ ।

## ସଂକ୍ଷେପରେ

### ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ନାକଟିଦେଉଳ,୨୧ା୭(ଡି.ଏନ୍.ଏ.):** ନାକଟିଦେଉଳ ବ୍ଲକ ସରାପାଲି ପଞ୍ଚାୟତର ହିକପାଲି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରାପାଲି ସିଆର୍‌ସିସି ରଞ୍ଜିତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଇଓ ବିଜୟ କୁମାର ପାତ୍ର ମୁଖ୍ୟଅତିଥି ଓ ଏବିଇଓ ଚନ୍ଦ୍ରମଣୀ ବେହେରା, ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୋହନ ବାଘ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଠାରେ କାର୍ଯ୍ୟରତ ଶିକ୍ଷକ ସଞ୍ଜୟ କୁମାର ନାଏକଙ୍କ ଅନ୍ୟତ୍ର ବଦଳି ହୋଇଯିବା ପରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇବା ସହ ନୂତନ ପ୍ରଧାନ ଶିକ୍ଷକ ଭାବେ ଯୋଗଦେଇଥିବା ଛବିଳ କୁମାର ଧଳଙ୍କୁ ସ୍ୱାଗତ କରାଯାଇଥିଲା।

### କୁଟୁରାଚୁଆଁ କଲେଜରେ ବୃକ୍ଷରୋପଣ

**କୁଚିଣ୍ଡା, ୨୧ା୭(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଯୁକ୍ତଦୁଇ କଲେଜରେ ଗୁରୁବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅଧ୍ୟାପିକା ଭାବନା ପାଣ୍ଡେ ଅତିଥି ପରିଚୟ ଦେଇ ବୃକ୍ଷରୋପଣର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ପରିବେଶ ସଚେତନତା ଉପରେ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ, ରବୀନ୍ଦ୍ର କୁମାର ଦାସ, ତୁଳସୀ ମଞ୍ଜରୀ ବହିଦାର, ରାଜେନ୍ଦ୍ର ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହ ବୃକ୍ଷରୋପଣ କରିଥିଲେ। ରେଡକ୍ରସ୍ ଅଧିକାରୀ ଅଧ୍ୟାପକ ସତ୍ୟନାରାୟଣ ପଟେଲ, ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ, ଡିଇଓ ସମିର ରଞ୍ଜନ ନାଏକ, ପିଅନ ଜୟଦେବ ରାଉତ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ ଧନ୍ୟବାଦ ଦେଇଥିଲେ।

### ନାକଟିଦେଉଳ ଡିଗ୍ରୀ କଲେଜରେ ବିଦାୟ ସମାରୋହ

**ନାକଟିଦେଉଳ,୨୧ା୭(ଡି.ଏନ.ଏ.):** ନାକଟିଦେଉଳ ଡ଼ିଗ୍ରୀ କଲେଜରେ ଗୁରୁବାର ଶେଷବର୍ଷର ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ନାତକ ଶେଷବର୍ଷର ଛାତ୍ରୀଛାତ୍ରଙ୍କୁ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ବିଦାୟ ଜଣାଇଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଦେବେଶ ବିଶ୍ୱାଳ, ଭଜମୋହନ ପ୍ରଧାନ, ଅଧ୍ୟାପିକା ଗିରିଶବାଳା ନାଏକ, ଲିଟିନା ପ୍ରିୟଦର୍ଶିନୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଦାୟ ନେଉଥିବା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟପକ୍ଷରେ ବିଦାୟ ନେଉଥିବା ଛାତ୍ରୀଛାତ୍ର ତିନିବର୍ଷର ପାଠପଢ଼ା ସମୟର ଅନୁଭୂତି ବର୍ଣ୍ଣନା କରିଥିଲେ। ଓଡ଼ିଆ ଅଧ୍ୟାପିକା ପୁଷ୍ପାଞ୍ଜଳି ରଵଣା ଧନ୍ୟବାଦ ଦେଇଥିଲେ।

### ନାକଟିଦେଉଳ ପୋଲିସ ପକ୍ଷରୁ ରକ୍ତଦାନ ଶିବିର

**ନାକଟିଦେଉଳ,୨୧ା୭(ଡି.ଏନ୍.ଏ.):** ସମ୍ବଲପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ନାକଟିଦେଉଳ ଥାନା ପରିସରରେ ପୋଲିସ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲ ଏସ୍‌ଡ଼ିପିଓ ପ୍ରଶାନ୍ତ କୁମାର ମେହେର ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୧୧୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରର ଡ଼ା. କକ୍ଲେଶ କକ୍କଡ଼, ସନ୍ତୋଷ ଗୌଡ଼, କର୍ମଦେବ ପଟେଲ, ଗଣେଶ ସେଠ, ମନବୋଧ ନାଏକ, ରେଢ଼ାଖୋଲ ରକ୍ତ ଭଣ୍ଡାରର ଇନ୍ଦ୍ରମଣୀ ବେହେରା, ସୁଦର୍ଶନ ନାଏକ, ଯାମିନି ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଜିଲା ହାବିଲଦାର ଓ କନଷ୍ଟେବଲ ସଂଘ ସଭାପତି ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଶିବିର ଆୟୋଜିତ ହୋଇଥିଲା। ନାକଟିଦେଉଳ ଥାନାର ସମସ୍ତ କର୍ମଚାରୀ, ଖବରଦାତା, ସ୍ଥାନୀୟ ସରପଞ୍ଚ, ୱାର୍ଡ଼ ସଭ୍ୟ, ଶିକ୍ଷକ, ବ୍ୟାଙ୍କ କର୍ମଚାରୀ ଯୋଗଦେଇ ରକ୍ତଦାନ କରିଥିଲେ। ପରେ ଏସ୍‌ଡିପିଓ ମେହେର ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ ଥାନା ଅଧିକାରୀ ବିଭୂତି ଭୂଷଣ ଦଳାଇ ଧନ୍ୟବାଦ ଦେଇଥିଲେ।

# ହାତ ଟେକିଦେଲା ଏସ୍‌ୟୁ, ପୋଲିସକୁ ଦାୟିତ୍ୱ

**ଏସ୍‌ୟୁରେ ପ୍ରଶ୍ନପତ୍ର ଲିକ୍ ଘଟଣା**

■ ସୁରାକ ମିଳିନାହିଁ: ଏସ୍‌ଡିପିଓ

**ସମ୍ବଲପୁର,୨୧ା୭(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ରେ ଲଗାତର ଦୁଇଦିନ ଧରି ଯୁକ୍ତ ୩ ଏଜୁକେଶନ ଅନର୍ସ ଓ ଫିଜିକ୍ସ ଅନର୍ସ (ଷ୍ଟାଟିଷ୍ଟିକାଲ ମେକାନିକ) ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ଘଟଣା ନେଇ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଏସ୍‌ୟୁ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରାଯାଇଥିଲା। ଏସ୍‌ୟୁ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ଓ ପରୀକ୍ଷା ନିୟନ୍ତ୍ରକ ରବୀନ୍ଦ୍ର ପାଣିଗ୍ରାହୀ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଏହାସହ ପ୍ରଶ୍ନପତ୍ର ସେଟ୍ ହୋଇଥିବା ସ୍ଥାନରେ ଲିକ୍ ହୋଇଥିବା ସନ୍ଦେହ ହେଉଛି ବୋଲି କହିଥିଲେ। ଘଟଣାକୁ ୬ଦିନ ବିତିଯାଇଥିଲେ ମଧ୍ୟ କେଉଁଠାରୁ ଲିକ୍ ହେଲା ଜଣାପଡିଲା ନାହିଁ। ଏସ୍‌ୟୁ ପକ୍ଷରୁ ପ୍ରଶ୍ନପତ୍ର ତିଆରି କରୁଥିବା ଅଧ୍ୟାପକଙ୍କୁ ଆଗକୁ ଆଉ ଦାୟିତ୍ୱ ଦିଆଯିବ ନାହିଁ ବୋଲି କୁହାଯାଇଥିଲା। ହେଲେ କିଏ ଲିକ୍ କଲା ଓ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ନେଇ କୌଣସି ସ୍ପଷ୍ଟୀକରଣ ଦେଇନାହାନ୍ତି। କେବଳ ବୁର୍ଲା ଥାନାରେ ଅଭିଯୋଗ କରି ନିଜ ଦାୟିତ୍ୱ ସାରିଦେଇଛନ୍ତି। ଏବେ ସାଇବର ଟିମ୍ ସହଯୋଗ ନେଇ ପୋଲିସ ୪ଦିନ ହେଲା ତଦନ୍ତ ଆରମ୍ଭ କରିଛି। ହେଲେ କୌଣସି ସୁରାକ ପୋଲିସ ପାଖରେ ଲାଗିନାହିଁ ବୋଲି ହୀରାକୁଦ ଏସ୍‌ଡିପିଓ ଏସ୍. ଦାସ କହିଛନ୍ତି। ସେ ଆହୁରି କହିଛନ୍ତି, ଏସ୍‌ୟୁ ଅଭିଯୋଗ କ୍ରମେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ପରୀକ୍ଷା ନିୟନ୍ତ୍ରକଙ୍କଠାରୁ ଆରମ୍ଭ କରି କର୍ମଚାରୀ ଓ ଅଧିକାରୀମାନଙ୍କୁ ପଚରାଉଚୁରା କରାଯାଇଛି। ସାଇବର ଥାନା ଟିମ୍ ମଧ୍ୟ କାମ କରୁଛି। ମୂଳ ପର୍ଯ୍ୟନ୍ତ ପୋଲିସ ପହଞ୍ଚିପାରି ନାହିଁ। ଏସ୍‌ୟୁ ହାତ ଟେକି ଦେଇଛି। ପୋଲିସ ନିଜ ଅନୁସାରେ ତଦନ୍ତ କରୁଛି ବୋଲି କହିଥିଲେ। ସୂଚନାଯୋଗ୍ୟ ଜୁଲାଇ ୧୫ ଓ ୧୬ ତାରିଖରେ ପଶ୍ନପତ୍ର ଲିକ୍ ହୋଇଥିଲା। ଏହା ଜାଣିବା ପରେ ଏସ୍‌ୟୁ ପକ୍ଷରୁ ସମସ୍ତ କଲେଜକୁ ସୂଚନା ଦିଆଯାଇ ପରୀକ୍ଷା ବାତିଲ କରି ଦିଆଯାଇଥିଲା। ଏସ୍‌ୟୁ ୩ଜଣିଆ ତଦନ୍ତ କମିଟି ଗଠନ କରି ତଦନ୍ତ କରିଥିଲେ। ଏବେ ଚାଲିଥିବା ପରୀକ୍ଷା ପ୍ରଶ୍ନପତ୍ରରେ ପରିବର୍ତ୍ତନ କରାଯାଇଛି। କଲେଜଗୁଡିକୁ ପରୀକ୍ଷାର ୧ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର ମେଲ୍ କରାଯାଉଛି। ସେମାନେ ଡାଉନ୍‌ଲୋଡ କରି ପ୍ରଶ୍ନପତ୍ର ପାଇ ସୁବିଧାରେ ପରୀକ୍ଷା କରିପାରୁଛନ୍ତି।

# କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଫସଲବୀମା ପାଇଁ ଦାବିପତ୍ର



କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କୁଚିଣ୍ଡା,୨୧ା୭(ଡି.ଏନ.ଏ.)**

୨୦୨୧ରେ ସମ୍ବଲପୁର ଜିଲାର ସମସ୍ତ ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ଫସଲବୀମା ମିଳିନାହିଁ। ଏହି ପରିପ୍ରେକ୍ଷୀରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ତଥା କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାରାୟଣ ନାଏକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ନୂଆଦିଲ୍ଲୀସ୍ଥିତ କାର୍ଯ୍ୟାଳୟରେ ସାକ୍ଷାତ କରି ଦାବିପତ୍ର ଦେଇଛନ୍ତି। ଏ ଦିଗରେ ଶୀଘ୍ର ପଦକ୍ଷେପ ନେବାକୁ ପ୍ରତିନିଧି ଦଳ କୃଷି ମନ୍ତ୍ରୀଙ୍କ ସମେତ କେନ୍ଦ୍ର ଉଚ୍ଚଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ଆଲୋଚନା କରିଥିବା ଜଣାଯାଇଛି। ଏହି ପ୍ରତିନିଧି ଦଳରେ ମଣ୍ଡଳ ସଭାପତି ଦୁଷ୍ମନ୍ତ କୁମାର ନାୟକ, ଚାଷୀନେତା ମନୋଜ କୁମାର ମାଝି ଓ ପପୁ ସିଂ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ କୁଚିଣ୍ଡା ଉପଖଣ୍ଡର କୁଚିଣ୍ଡା ବ୍ଲକର ବାଉରିଗୋଡା ଓ ଟାଇଁସର, ବାମରା ବ୍ଲକର ପିଣ୍ଡାପଥର ଏବଂ ଜମନକିରା ବ୍ଲକର ବଡ଼ମାଲ ପଞ୍ଚାୟତ ସମେତ ଜିଲାର ମାତ୍ର ୧୪ଗୋଟି ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ଫସଲବୀମା ରାଶି ମିଳିଛି।



ପୁରସ୍କାର ସହ ଏମ୍‌ସିଏଲ୍ ଅଧିକାରମାନେ।

## ଆର୍ମି ରିକ୍ରୁଟ୍‌ମେଣ୍ଟ ରାଲି ସେପ୍ଟେମ୍ବର ୯ରୁ

ଝାରସୁଗୁଡ଼ା ଅଫିସ, ୨୧ା୭

ଅଗ୍ନିପଥ ଯୋଜନାରେ ଆର୍ମିରେ ଭର୍ତ୍ତି ହେବା ପାଇଁ ଏକ ନିଯୁକ୍ତି ରାଲି ଆସନ୍ତା ସେପ୍ଟେମ୍ବର ୯ରୁ ୧୪ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଏୟାରଷ୍ଟ୍ରିପଠାରେ ଅନୁଷ୍ଠିତ ହେବ। ନିଯୁକ୍ତି ପ୍ରକ୍ରିୟାରେ ସାମିଲ ପାଇଁ ଅନୁଗୋଳ, ବରଗଡ଼, ଢେଙ୍କାନାଳ, ଦେବଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲାର ପ୍ରାର୍ଥୀମାନେ ସମସ୍ତ ନିୟମାବଳୀ ଆର୍ମି ୱେବସାଇଟ ମାଧ୍ୟମରେ ପାଇପାରିବେ। ପ୍ରାର୍ଥୀମାନଙ୍କ ପାଇଁ ଅନ୍‌ଲାଇନ ପଞ୍ଜିକରଣ ବାଧ୍ୟତାମୂଳକ। ପଞ୍ଜୀକରଣ ପ୍ରକ୍ରିୟା ଗତ ୫ତାରିଖରୁ ଆରମ୍ଭ ହୋଇଥିବାବେଳେ ଅଗଷ୍ଟ ୩ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ରାଲି ଆରମ୍ଭ ହେବାର ୧୫ଦିନ ପୂର୍ବରୁ ପ୍ରାର୍ଥୀମାନଙ୍କୁ ଇ-ମେଲ ଜରିଆରେ ସୂଚିତ କରାଯିବ ବୋଲି ସମ୍ବଲପୁରସ୍ଥିତ ଆର୍ମି ରିକ୍ରୁଟମେଣ୍ଟ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

## ରାସ୍ତା ଓ ପୋଲ ନିର୍ମାଣ ଦାବି

**ନାକଟିଦେଉଳ,୨୧ା୭(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକର ଅଧିକାଂଶ ଗ୍ରାମକୁ ଭଲ ରାସ୍ତା ନ ଥିବାବେଳେ ନାଳ ଉପରେ ପୋଲ ନିର୍ମାଣ ହୋଇପାରି ନାହିଁ। ଫଳରେ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ରୋଗୀଙ୍କ ଜୀବନ ଚାଲିଯାଉଛି। ତୁରନ୍ତ ଏହି ସମସ୍ୟା ସମାଧାନ କରିବାକୁ ବରିଷ୍ଠ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲା ପ୍ରଶାସନଠାରେ ଦାବି କରିଛନ୍ତି। ସେ ଅଭିଯୋଗ କରିଛନ୍ତି, ଜାମୁଯୋରୀ ପଞ୍ଚାୟତର ବାଗବର ଗ୍ରାମରୁ ଛାତ୍ରୀଛାତ୍ର ରିଆମାଳ ବ୍ଲକ ତୁଙ୍ଗାମାଳ ହାଇସ୍କୁଲକୁ ନାଳ ଡ଼େଇଁ ପାଠ ପଢିବାକୁ ଯାଉଛନ୍ତି। ସେହିପରି ଘୋଷରାମାଳ ପଞ୍ଚାୟତ ବଡ଼ବିଲ ଗ୍ରାମକୁ ରାସ୍ତା କିମ୍ବା ନାଳ ଉପରେ ପୋଲ ନାହିଁ। ଫଳରେ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ଉଚ୍ଚ ରକ୍ତଚାପରେ ପୀଡିତ ଥିବା ଗ୍ରାମର ବିରଞ୍ଚି ଦେହୁରିଙ୍କ ଚିକିତ୍ସା ଅଭାବରୁ ଦୁଇଦିନ ପୂର୍ବରୁ ମୃତ୍ୟୁ ଘଟିଥିଲା। ସେହିପରି ରେଢାଖୋଲ ବ୍ଲକ ବଡ଼ମାଲ ପଞ୍ଚାୟତ ଅନ୍ତର୍ଗତ ଦେବାହାଲି ଗ୍ରାମକୁ ଯିବା ପାଇଁ ଚିରସ୍ରୋତା ନାଳ ବାଧକ ସାଜିଛି। ଏହିସବୁ ଗ୍ରାମକୁ ଗମନାଗମନ ସୁବିଧା କରିବାକୁ ଭାଜପା ନେତା ଅଗ୍ରୱାଲା ରେଢାଖୋଲ ଉପଜିଲାପାଳଙ୍କ ସହ ଆଲୋଚନା କରି ଦାବି ଜଣାଇଛନ୍ତି।

# ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଏମ୍‌ସିଏଲ୍‌ର ଶ୍ରେଷ୍ଠ ପ୍ରଦର୍ଶନ

**ଭାରତ ସରକାରଙ୍କ ଦ୍ୱାରା ସମ୍ମାନିତ**

**ସମ୍ବଲପୁର,୨୧ା୭(ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛି। କମ୍ପାନୀର ସିଏସ୍‌ଆର୍ ଟିମ୍ ସ୍ୱଚ୍ଛତା ପକ୍ଷ-୨୦୨୧ରେ ନିର୍ମଳ ଭାରତ ଗଠନ ଉପରେ ସଚେତନତା କାର୍ଯ୍ୟକ୍ରମ କରି ଭାରତ ସରକାରଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍‌ପ୍ରକାଶ ସିଂ ଏହି ପୁରସ୍କାରକୁ କମ୍ପାନୀ ସିଏସ୍‌ଆର ଅଧିକାରୀ ପି.କେ. ପାଣିଗ୍ରାହୀଙ୍କୁ ପ୍ରଦାନ କରିଥିଲେ। କମ୍ପାନୀ ବିତ୍ତ ନିର୍ଦ୍ଦେଶକ କେ.ଆର୍. ବାସୁଦେବନ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପି.କେ. ପଟେଲ, ଯୋଜନା ପରିଯୋଜନା ବୈଷୟିକ ନିର୍ଦ୍ଦେଶକ ଯୁଗଳ କିଶୋର ବୋରା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଏମ୍‌ସିଏଲ୍ ଦେଶର ସର୍ବବୃହତ କୋଇଲା ଉତ୍ପାଦନକାରୀ ସଂସ୍ଥା ଭାବେ ପରିଗଣିତ ହୋଇଛି।

# ବର୍ଷା ଅଭାବ, ଚିନ୍ତାରେ ଚାଷୀ

**କୋଲାବିରା,୨୧ା୭(ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ଅଞ୍ଚଳରେ ବର୍ଷା ଅଭାବ କାରଣରୁ ଚାଷକାର୍ଯ୍ୟ ଆଗେଇପାରୁ ନାହିଁ। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଚଳିତବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ହେବ ବୋଲି ପାଣିପାଗ ବିଭାଗ ପୂର୍ବରୁ ସୂଚନା ଦେଇଥିଲା। ଏହାକୁ ନେଇ ଅଞ୍ଚଳର ଚାଷୀମାନେ ଉତ୍ସାହିତ ହୋଇଥିଲେ। ହେଲେ ଜୁନ ମାସରେ ଆଶାନୁରୂପ ବର୍ଷା ହେଲା ନାହିଁ। କେବଳ ଲଘୁଚାପ ବର୍ଷା କେତେକ ସ୍ଥାନରେ ହୋଇଥିଲା। ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ବିଶେଷ କରି ଅଣଜଳସେଚିତ ଅଞ୍ଚଳରେ ଚାଷ ଆରମ୍ଭ ହୋଇଥିଲା। ହେଲେ ସ୍ୱଳ୍ପ ବର୍ଷା ଚାଷକାର୍ଯ୍ୟରେ ବାଧା ସୃଷ୍ଟି କରିଥିଲା। ଜୁଲାଇ ପ୍ରଥମ ସପ୍ତାହରେ କେତେକ ସ୍ଥାନରେ ଭଲ ବୃଷ୍ଟିପାତ ହୋଇଥିଲା। ଏହାକୁ ଭରସା କରି ଚାଷୀ ଖରିଫ ଚାଷ ପାଇଁ ଅଣ୍ଟା ଭିଡିଥିଲା। ଦେଖିବାକୁ ଗଲେ ଅଣଜଳସେଚିତ ଅଞ୍ଚଳରେ ବୁଣାଧାନରେ ପ୍ରାୟ ଦୁଇମାସ ବିଳମ୍ବ ହୋଇଛି।

ଜୁଲାଇରେ ନାମକୁମାତ୍ର ବର୍ଷା ହେବାରୁ ବ୍ଲକ ଅଞ୍ଚଳର ଚାଷୀମାନେ ଚାଷ କାମ ଆଗେଇ ପାରିନାହାନ୍ତି। ଜୁନ ୧୫ରୁ ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର କେଇ ଅସରା ବର୍ଷା ହୋଇଥିବାରୁ ବିଲରେ ପାଣି ନାହିଁ। ଉଚ୍ଚ ଚାଷ ଜମି ଶୁଖିଲା ପଡିଛି। ଚାଷୀମାନେ ରୁଆ କରିବା ପାଇଁ ତଳି ପକାଇଥିଲେ ମଧ୍ୟ ସ୍ୱଳ୍ପ ବୃଷ୍ଟି ଯୋଗୁ ତାହା ଅନୁପଯୋଗୀ ହେବାକୁ ବସିଲାଣି।



ବର୍ଷା ଅଭାବରୁ ଧାନଜମି ଶୁଖିଲା ପଡିଛି।

# ୱାର୍ଡଅଫିସରେ ଅଭିଯୋଗର ସମାଧାନ କରାଯାଉ

**ମହାନଗର ନିଗମ ସମସ୍ୟା**



ଜିଲାପାଳଙ୍କ ଅଫିସରେ ସଚେତନ ନାଗରିକମାନେ।

**ସମ୍ବଲପୁର,୨୧ା୭(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମର ସଚେତନ ନାଗରିକମାନେ ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ଗୁରୁବାର ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ସୂର୍ଯ୍ୟ ପାଣିଗ୍ରାହୀ, ଶ୍ରୀକାନ୍ତ ପାଣିଗ୍ରାହୀ, ସୁଜିତ ମିଶ୍ର, ଶଶାଙ୍କ ଶେଖର ଦୁବେ, ନନ୍ଦକିଶୋର ମିଶ୍ର, ସରୋଜ ସାହୁ, ସଞ୍ଜୟ ଷଡ଼ଙ୍ଗୀ, ଡାକ୍ତର ପ୍ରଭାସ ଦେବତା, ଦେଓକିରଣ ପଟ୍ଟନାୟକ, ଆନନ୍ଦ ସୁନା, ଅଶୋକ ସୋନି, ମହମ୍ମଦ ଅନର ଅଲ୍ଲୀ, ସଞ୍ଜୟ ପଣ୍ଡା, ସଚିନ ହରିପାଳ, ରାଜୁ କୁମ୍ଭାର ପ୍ରମୁଖ ସାମିଲ ଥିଲେ। ସେମାନେ ଦର୍ଶାଇଛନ୍ତି, ସମ୍ବଲପୁର ମହାନଗର ନିଗମ ଅଫିସ ସୁଦୂର ଦୁର୍ଗାପାଲି ଅଞ୍ଚଳକୁ ସ୍ଥାନାନ୍ତର ହେଲା ପରେ ସାଧାରଣ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାଧାରଣ ସମସ୍ୟା ପାଇଁ ଏତେ ଦୂର ଯିବା ସମସ୍ତଙ୍କ ପାଇଁ ସମ୍ଭବ ହେଉନାହିଁ। ତେଣୁ ମହାନଗର ନିଗମ ଅନ୍ତର୍ଗତ ସମସ୍ତ ୪୧ ୱାର୍ଡ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରାଯା ସାଧାରଣ ଅଭିଯୋଗ ଶୁଣାଯାଉ। ସେହିପରି ସମ୍ବଲପୁର ଆର୍‌ଟିଓ ଅଫିସ ସ୍ଥାନାନ୍ତର ହେଲା ପରେ ଲୋକେ ସମଦଶା ଭୋଗୁଛନ୍ତି। ତେଣୁ ପୁରୁଣା ଆର୍‌ଟିଓ କାର୍ଯ୍ୟାଳୟକୁ ସିଟି ବା ସାଟେଲାଇଟ କାର୍ଯ୍ୟାଳୟ ଭାବେ କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ କରିଥିଲେ। ଏହାର ନକଲ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ୫-ଟି ସଚିବ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଯାଇଛି।

## ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଝାରସୁଗୁଡ଼ା ଅଫିସ,୨୧ା୭**

ସରବାହାଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୫ ଦିନିଆ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ ଏହାକୁ ଉଦ୍‌ଘାଟନ କରି ଏହା ଦ୍ୱାରା ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ବୋଲି ମତ ଦେଇଥିଲେ। ଡିଇଓ ପୁଷ୍ପା ମିଞ୍ଜ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା, ବିଇଓ ସତ୍ୟବ୍ରତ ସାହୁ ଗୁଣାତ୍ମକ ଶିକ୍ଷା ଓ ଡିଜିଟାଲ ଶିକ୍ଷାର ସମନ୍ୱୟକରଣ ସମ୍ପର୍କରେ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମଗ୍ର ଶିକ୍ଷା ଶୈକ୍ଷିକ ସଂଯୋଜକ ଜୟନ୍ତ କୁମାର ବାଦୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ୬୦ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯିବ।

# ଅଗଷ୍ଟ ୩୧ ସୁଦ୍ଧା ଆବେଦନ ଗ୍ରହଣ

**ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା**

**ସମ୍ବଲପୁର,୨୧ା୭(ବ୍ୟୁରୋ)**

ଆର୍ଥିକ କ୍ଷେତ୍ରରେ ଅନଗ୍ରସର କଳାକାରମାନଙ୍କୁ କଳାକାର ଭତ୍ତା ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ଆବେଦନ ସମୟ ସୀମା ଅଗଷ୍ଟ ୩୧ ରହିଛି। ଏହି ସମୟ ଭିତରେ ଆବେଦନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଯୋଜନାରେ ଉପକୃତ ହେଉଥିବା କଳାକାର ପ୍ରତିବର୍ଷ ଏପ୍ରିଲରେ ସେମାନଙ୍କ ଜୀବିତ ପ୍ରମାଣପତ୍ର ଦାଖଲ କରିବା ବିଧେୟ। କିନ୍ତୁ ୨୦୨୦ରେ ମହାମାରୀ କୋଭିଡ-୧୯ ହେତୁ ଅନେକ କଳାକାର ସେମାନଙ୍କ ଜୀବିତ ପ୍ରମାଣପତ୍ର ଦାଖଲ କରିପାରିନାହାନ୍ତି। ତେଣୁ କଳାକାରମାନେ ସେମାନଙ୍କର ଜୀବିତ ପ୍ରମାଣପତ୍ର, ଆଧାର କାର୍ଡ ନକଲ, ବ୍ୟାଙ୍କ ଜମା ଖାତା ପ୍ରଥମ ପୃଷ୍ଠାର ନକଲ ଆସନ୍ତା ଅଗଷ୍ଟ ୩୧ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି। ଯେଉଁ କଳାକାର ଏହି ସହାୟତା ପାଉଛନ୍ତି ସେମାନେ ଉପରୋକ୍ତ ପ୍ରମାଣପତ୍ର ଜିଲା ସଂସ୍କୃତି ଅଧିକାରୀଙ୍କଠାରେ ଦାଖଲ କରିବେ। ଜିଲା ସଂସ୍କୃତି ଅଧିକାରୀ ଦୀପକ କୁଲ୍ଲୁ କହିଛନ୍ତି ନବୀକରଣ ନ କରାଇଲେ ଆସନ୍ତା ସେପ୍ଟେମ୍ବରଠାରୁ ସହାୟତା ଆପେ ଆପେ ବନ୍ଦ ହୋଇଯିବ। ଏହି ଯୋଜନାରେ ଜିଲାରେ ପ୍ରାୟ ୧ ହଜାର ୧୧୫ ଜଣ କଳାକାର ଉପକୃତ ହେଉଥିବା ସେ ପ୍ରକାଶ କରିଛନ୍ତି।



**ଗ୍ରାହକଙ୍କୁ ଅପେକ୍ଷା:** ଗୁରୁବାର ସମ୍ବଲପୁର ଜିଲାପାଳ ଅଫିସ ମୁଖ୍ୟ ଫାଟକ ନିକଟରେ ରାଜସ୍ଥାନରୁ ଆସିଥିବା ଓଟ।

## ଜିଲାରେ କୋଭିଡ୍ କଟକଣା କଡାକଡି

**ଝାରସୁଗୁଡ଼ା ଅଫିସ,୨୧ା୭**

କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସର୍ବସାଧାରଣ ସ୍ଥାନରେ ମାସ୍କ ପରିଧାନ ବାଧ୍ୟତାମୂଳକ କରାଯାଇଛି। ଜୁଲାଇ ୨୧ରୁ ଆଗାମୀ ଏକମାସ ବ୍ୟାପୀ ସମସ୍ତେ ମାସ୍କ ପରିଧାନ କରିବା ସହ ସାମାଜିକ ଦୂରତା ରକ୍ଷା କରିବାକୁ କୁହାଯାଇଛି। ସମସ୍ତ ତହସିଲଦାର ଅଧିକୃତ ଅଧିକାରୀ ଭାବରେ ସମ୍ପୃକ୍ତ ଅଞ୍ଚଳରେ ଜିଲାପାଳଙ୍କ ଆଦେଶ ଅନୁପାଳନ ନେଇ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଦେଶ ଉଲ୍ଲଂଘନକାରୀଙ୍କ ବିରୋଧରେ କୋଭିଡ ରେଗୁଲେସନ ଅନୁସାରେ ଦଣ୍ଡବିଧାନ କରାଯିବ ବୋଲି ନିର୍ଦ୍ଦେଶ ଜାରି ହୋଇଛି।

## ସେନ୍‌ସେକ୍ସରେ ୨୮୪ ପଏଣ୍ଟ ବୃଦ୍ଧି

**ନୂଆଦିଲ୍ଲୀ:** ଗତ କିଛିଦିନର ବଜାର ଅସ୍ଥିରତା ପରେ ଚଳିତ ସପ୍ତାହରେ ଷ୍ଟକ୍ ବଜାରର କାରବାର ପୂର୍ବ ସପ୍ତାହ ତୁଳନାରେ ଭଲ ରହିଛି। ଏପରିକି ଅନ୍ତଃରାଷ୍ଟ୍ରୀୟ ସମସ୍ୟା, ଜିଏସ୍‌ଟି ହାର ବୃଦ୍ଧି ଓ ଟଙ୍କାର ମୂଲ୍ୟ ହ୍ରାସ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଭଳି ଘଟଣା ସତ୍ତ୍ୱେ ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ଫଳରେ ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ୧% କାରବାର ବୃଦ୍ଧି ଘଟିଛି। ଗୁରୁବାର ସେନ୍‌ସେକ୍ସ ୨୮୪.୪୨ ପଏଣ୍ଟ (୦.୫୦%) ବୃଦ୍ଧି ଘଟି ୫୫,୬୮୧.୯୫ ଅଙ୍କରେ ବନ୍ଦ ହୋଇଥିବା ବେଳେ ନିଫ୍ଟି-୫୦ରେ ୮୪.୪୦ ପଏଣ୍ଟ (୦.୫୪%) ବଢ଼ି ୧୬,୬୦୫.୨୫ ଅଙ୍କରେ କାରବାର ଶେଷ କରିଛି।

# ସଂକ୍ଷେପରେ

## ସୋନି ଇଣ୍ଡିଆର ନୂତନ ଉତ୍ପାଦ ଉନ୍ମୋଚିତ

**ନୂଆଦିଲ୍ଲୀ,୨୧।୭:** ସୋନି ଇଣ୍ଡିଆର ନୂତନ ଉତ୍ପାଦ ତଥା ଡଲ୍‌ବି ଆଟ୍‌ମୋସ୍ ଅନୁଭବ ଦେଉଥିବା 'ଡବ୍ଲ୍ୟୁଆଇ-ସି୧୦୦' ହାଲୁକା ୱାୟାରଲେସ୍ ଇନ୍-ଇୟର ହେଡ୍‌ଫୋନ୍‌ର ଉନ୍ମୋଚନ କରାଯାଇଛି। ଏହା ବିଶେଷକରି ହାଲୁକା ଏବଂ କମ୍ପାକ୍ଟ ଓ୍ୟାରଲେସ୍ ହେଡ୍‌ଫୋନ୍ ଏବଂ ଉଚ୍ଚମାନର ଧ୍ୱନିକୁ ଇମର୍ସିଭ୍ ସାଇଣ୍ଡ କଷ୍ଟମାଇଜେସନ୍‌ରେ ବ୍ୟବହାର ସହଜତା, ଦୀର୍ଘ ବ୍ୟାଟେରି ଲାଇଫ୍ ଏବଂ ଏକ ସ୍ପ୍ଲାସ୍‌ପ୍ରୁଫ୍ ଡିଜାଇନ ସହିତ ମିଶ୍ରଣ କରେ। ସୋନିର ନୂତନ ଓ୍ୟାରଲେସ୍ ଇନ୍-ଇୟର ହେଡ୍‌ଫୋନ୍ ଅନେକ ଫିଚର୍ସ ପ୍ରଦାନ କରେ ଏବଂ ଯାତ୍ରା ସମୟରେ ସଙ୍ଗୀତର ଆନନ୍ଦ ନେବାକୁ ଚାହୁଁଥିବା ଅଡିଓଫାଇଲ୍ ପାଇଁ ଆଦର୍ଶ । ବ୍ରାଭିଆ ଏକ୍ସଆର୍ ଟିଭି ସହ ସଂଯୁକ୍ତ ସୋନି ଡବ୍ଲ୍ୟୁଏଲ୍‌ଏ-ଏନ୍‌ଏସ୍୭ ଓ୍ୟାରଲେସ୍ ଟ୍ରାନ୍ସମିଟର ସହ ଡବ୍ଲ୍ୟୁଆଇ-ସି୧୦୦ ହେଡ୍‌ଫୋନ୍ ଆପଣଙ୍କ ଚାରିପାଖରେ ଫାମ୍ ସ୍ପିକରର ଆଦର୍ଶ ବ୍ୟବସ୍ଥା ସୃଷ୍ଟି କରେ, ଯାହା ଆପଣ ଏକ ଡଲ୍‌ବି ଆଟ୍‌ମୋସ୍ ଅନୁଭବର ଆନନ୍ଦ ନେଇପାରିବେ। ଡବ୍ଲ୍ୟୁଆଇ-ସି୧୦୦ ହେଡ୍‌ଫୋନ୍ ଭାରତର ସମସ୍ତ ସୋନି ରିଟେଲ ଷ୍ଟୋର, ବଡ଼ ଇଲେକ୍ଟ୍ରୋନିକ୍ ଷ୍ଟୋର ଏବଂ ଇ-କମର୍ସ ୱେବ୍‌ସାଇଟ ଆଦିରେ ଉପଲବ୍ଧ ରହିଛି। ଏହାର ବଜାର ମୂଲ୍ୟ ୨,୭୯୦ ଟଙ୍କାରେ ଉପଲବ୍ଧ ହେଉଛି।

## ହ୍ରାସ ପାଉଛି ସୁନା, ରୁପା ଦର

**ନୂଆଦିଲ୍ଲୀ,୨୧।୭:** ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ସାଙ୍ଗକୁ ଅଶୋଧିତ ତୈଳ ଦର ହ୍ରାସ ଯୋଗୁ ଭାରତୀୟ ବଜାରରେ ସୁନା ଓ ରୁପା ଦର ହ୍ରାସ ପାଇଛି। ଏପରିକି ଅନ୍ତର୍ଜାତୀୟ ବଜାରରେ ମଧ ସୁନା ଓ ରୁପା ମୂଲ୍ୟ ହ୍ରାସ ପାଇବା ଯୋଗୁ ଭାରତୀୟ ବଜାରରେ ଏହାର ଦାମ୍ କମୁଥିବା କୁହାଯାଉଛି। ସେହିଭଳି ଚଳିତ ବର୍ଷର ପ୍ରଥମ ପର୍ଯ୍ୟାୟ ବିବାହ ଋତୁ ଶେଷ ହୋଇଯାଇଥିବାରୁ ଭାରତରେ ସୁନା,ରୁପା ଭଳି ସାମଗ୍ରୀର ଚାହିଦା କମିଛି। ଭାରତୀୟ ବୁଲିୟନ ଆଣ୍ଡ ଜୁଏଲର୍ସ ଆସୋସିଏସନ ପକ୍ଷରୁ ଜାରି କରାଯାଇଥିବା ଦର ତାଲିକା ଅନୁସାରେ ଗୁରୁବାର ୨୪ କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ ପିଛା ୩୧୫ ଟଙ୍କା ହ୍ରାସ ପାଇ ୪୯,୯୧୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ୍ ସୁନା ୪୬,୯୦୦ ଟଙ୍କା ରହିଛି। ସେହିପରି ରୁପା ଦର କିଲୋଗ୍ରାମ ପିଛା ୧୦୯୪ ଟଙ୍କା ହ୍ରାସ ପାଇ ୫୪,୭୩୭ ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ପ୍ରତି ୧୦ଗ୍ରାମର ମୂଲ୍ୟ ୫୦,୦୭୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୪୫,୯୦୦ ଟଙ୍କାରେ କାରବାର ହେଉଛି।

# ୫ବର୍ଷରେ ୧୦୦୦କୋଟିର ରାଜସ୍ୱ ସଂଗ୍ରହ ଲକ୍ଷ୍ୟ

- ମସଲା ଉଦ୍ୟୋଗର ସମ୍ପ୍ରସାରଣ କରିବ ଇମାମି ଗ୍ରୁପ
- ୩ ବର୍ଷରେ ୫ ଲକ୍ଷ ଆଉଟଲେଟ ସ୍ଥାପନ
- ଚଳିତ ବର୍ଷ ଶେଷ ସୁଦ୍ଧା ୨ ଲକ୍ଷ ଆଉଟ୍‌ଲେଟ୍

**ନୂଆଦିଲ୍ଲୀ,୨୧।୭**

ଦେଶର ପ୍ରମୁଖ ଘରୋଇ ବାଣିଜ୍ୟିକ ପ୍ରତିଷ୍ଠାନ ଇମାମି ଗ୍ରୁପ୍‌ର ସହଯୋଗୀ ସଂସ୍ଥା 'ଇମାମି ଆଗ୍ରୋଟେକ୍ ଲିମିଟେଡ୍' ତା'ର ମସଲା ବ୍ରାଣ୍ଡ 'ମନ୍ତ୍ରା'ର ବ୍ୟବସାୟିକ ସମ୍ପ୍ରସାରଣ ସାରା ଦେଶକୁ କରିବ ବୋଲି ନିକଟରେ ଘୋଷଣା କରିଛି। ଏପରିକି କମ୍ପାନୀ ତା'ର ମସଲା ଉଦ୍ୟୋଗର ସମ୍ପ୍ରସାରଣ ସାଙ୍ଗକୁ ରାଜସ୍ୱ ସଂଗ୍ରହ ବୃଦ୍ଧି କରିବାକୁ ମଧ ବ୍ୟାପକ ଯୋଜନା କରିଛି। କମ୍ପାନୀ ବର୍ତ୍ତମାନ ପୂର୍ବ ଭାରତର ପ୍ରମୁଖ ରାଜ୍ୟଗୁଡ଼ିକରେ ଗରମ ମସଲା, ମିଟ୍ ମସଲା, ଚିକେନ୍ ମସାଲା, ପାଓଭାଜି ମସଲା ବ୍ୟତୀତ ହଳଦୀ, ଚିଲି, ଜିରା, ଧନିଆ ପାଉଡର ଭଳି ଅତ୍ୟାବଶ୍ୟକ ମସଲା ବିକ୍ରି କରୁଛି। ପରବର୍ତ୍ତୀ ପର୍ଯ୍ୟାୟରେ କମ୍ପାନୀ ଅନେକ ବର୍ଗର ମସଲା ଜାତୀୟ ବଜାରରେ ପ୍ରବେଶ କରାଇବାର ଯୋଜନାରେ ରହିଛି। ସେହିଭଳି କମ୍ପାନୀ ଆଗାମୀ ୫ବର୍ଷରେ ୭୦୦ରୁ ୧୦୦୦ କୋଟି ଟଙ୍କାର ରାଜସ୍ୱ ମସଲା ବ୍ୟବସାୟରୁ ସଂଗ୍ରହ କରିବା ନେଇ ଲକ୍ଷ୍ୟ ରଖିଛି ବୋଲି ଇମାମି ଆଗ୍ରୋଟେକ୍‌ର ନିର୍ଦ୍ଦେଶକ



ମନ୍ତ୍ରାର ନୂତନ ଉତ୍ପାଦକୁ କମ୍ପାନୀ କର୍ତ୍ତୃପକ୍ଷ ଓ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

କ୍ରିଷ୍ଣାମୋହନ ନ୍ୟାୟପତି ସୂଚନା ଦେଇଛନ୍ତି। ସେହିପରି କମ୍ପାନୀ ଚଳିତ ବର୍ଷ ଶେଷ ସୁଦ୍ଧା ୨ ଲକ୍ଷ ଖୁଚୁରା ଆଉଟଲେଟ୍ ଏବଂ ଆସନ୍ତା ୩ ବର୍ଷ ମଧ୍ୟରେ ୫ ଲକ୍ଷ ଆଉଟଲେଟ୍ ଖୋଲିବା ନେଇ ଯୋଜନା ପ୍ରସ୍ତୁତ ସହ ଆଧୁନିକ ବାଣିଜ୍ୟ ଏବଂ ଇ-ବାଣିଜ୍ୟ ଚ୍ୟାନେଲରେ ମଧ ଏହାର ପୂର୍ଣ୍ଣ ଉପସ୍ଥିତି ରହିବ। କମ୍ପାନୀର ସମସ୍ତ ମସଲା ସମ୍ପୂର୍ଣ୍ଣ ଭାବେ ପ୍ରାକୃତିକ ଉପାୟରେ ପ୍ରସ୍ତୁତ କରାଯାଉଛି। ଆମର ମସଲା ପ୍ଲାଣ୍ଟ ରାଜସ୍ଥାନର ଜୟପୁରରେ ରହିଛି। ଏହି ମସଲା ତିଆରିରେ କ୍ରାୟୋଜୋନିକ ଟେକ୍ନିକର ବ୍ୟବହାର କରାଯିବ। ଏହି ଟେକ୍‌ନିକ୍ ବ୍ୟବହାରରେ ମସଲାକୁ ୦ରୁ ୫୦ଡିଗ୍ରୀ ମଧ୍ୟରେ ତିଆରି କରାଯାଇଥାଏ। ଫଳରେ ମସଲାର ପ୍ରାକୃତିକ ଗୁଣ ସ୍ୱାଦ ଏବଂ ସୁଗନ୍ଧ ରହିଥାଏ ବୋଲି ନ୍ୟାୟପତି ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ କମ୍ପାନୀର ବରିଷ୍ଠ ଅଧିକାରୀ ଦେବାଶିଷ ଭଟ୍ଟାଚାର୍ଯ୍ୟ କହିଛନ୍ତି, ମନ୍ତ୍ରାକୁ ପ୍ରଥମେ ପଶ୍ଚିମବଙ୍ଗ ଗ୍ରାହକଙ୍କ ପାଖରେ ପହଞ୍ଚାଯାଇଛି। ମନ୍ତ୍ରା ଏବେ ପଶ୍ଚିମବଙ୍ଗରେ ସବୁଠୁ ଲୋକପ୍ରିୟ ବ୍ରାଣ୍ଡ ବୋଲି ସେ ଦାବି କରିଛନ୍ତି। ସୂଚନା ଥାଉକି ମସଲା ଉଦ୍ୟୋଗ ଦେଶରେ ବାର୍ଷିକ ପାଖାପାଖି ୮୦ହଜାର କୋଟି ଟଙ୍କାର ମସଲା ବ୍ୟବସାୟ କରିଥାଏ। ଏଥିରେ ବ୍ରାଣ୍ଡେଡ୍ ମସଲା ଉତ୍ପାଦର ୩୦ ହଜାର କୋଟି ଟଙ୍କାର ବ୍ୟବସାୟ ରହିଛି।

# ବିଓବିର ପ୍ରତିଷ୍ଠା ଦିବସ ପାଳିତ



**କଟକ,୨୧।୭**

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ର କଟକ ଆଞ୍ଚଳିକ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା ପକ୍ଷରୁ ବ୍ୟାଙ୍କର ୧୧୫ତମ ପ୍ରତିଷ୍ଠା ଦିବସ ମହା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧତା (ସିଏସ୍‌ଆର୍)ର ଅଂଶବିଶେଷ ଅନୁଯାୟୀ ସ୍ଥାନୀୟ ନରାଜସ୍ଥିତ ସମ୍ପଥରାଇ ରୋଟାରି ସିନିୟର ସିଟିଜେନ୍ ହୋମ୍‌କୁ ଏକ ୱାଶିଂମେଶିନ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ନିଖିଳ ରଞ୍ଜନ ପତିଙ୍କ ସମେତ ବ୍ୟାଙ୍କର କର୍ମଚାରୀ ଚିତ୍ତ ଶ୍ରୀନିବାସ ରାଓ, ରିତେଶ ଚକ୍ରବର୍ତ୍ତୀ ଏବଂ କଟକ ସିଡିଏ ଶାଖାର ବରିଷ୍ଠ ଶାଖା ପ୍ରବନ୍ଧକ ସୁଭାଷ ପ୍ରଧାନଙ୍କ ସହ ବନ୍ଧୁ ବୃଦ୍ଧାଶ୍ରମର ପ୍ରେସିଡେଣ୍ଟ, ସେକ୍ରେଟାରି ଏବଂ ଅନ୍ୟ ସଦସ୍ୟମାନେ ମଧ ଉପସ୍ଥିତ ଥିଲେ। ଅପରପକ୍ଷରେ ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ସହରୀ ଭୂମିହୀନଙ୍କ ଆଶ୍ରୟସ୍ଥଳକୁ ଏକ ରେଫ୍ରିଜରେଟର ସ୍ଥାନୀୟ କର୍ପୋରେଟର କିରଣବାଳା ମାଝି ଏବଂ ଆଶ୍ରୟସ୍ଥଳର ମ୍ୟାନେଜର ସୁଶାନ୍ତ କୁମାର ବେହେରାଙ୍କ ଉପସ୍ଥିତିରେ ଦିଆଯାଇଥିଲା।

# ଟଙ୍କା ମୂଲ୍ୟରେ ସାମାନ୍ୟ ସୁଧାର

**ନୂଆଦିଲ୍ଲୀ,୨୧।୭**

କ୍ରମାଗତ ଭାବେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ଦୁର୍ବଳ ହୋଇଚାଲିଛି। ହେଲେ ଗୁରୁବାର ଏହାର ପରିବର୍ତ୍ତନ ଘଟି ଡଲାର ତୁଳନାରେ ଟଙ୍କା ପରିମାଣ ମୂଲ୍ୟ ୨୦ ପଇସା ବୃଦ୍ଧି ଘଟିଛି। ସେହିଭଳି ମୁଦ୍ରା ବିନିମୟ ବଜାରରେ ଏହାର କାରବାର ପ୍ରଥମ ପର୍ଯ୍ୟାୟରୁ ତଳମୁହାଁ ରହି ଥିବାବେଳେ ଡଲାରର ମୂଲ୍ୟ ନିମ୍ନଗାମୀ ହୋଇଥିଲା। ଅଶୋଧିତ ତୈଳ ମୂଲ୍ୟରେ ସାମଗ୍ରିକ ଦୁର୍ବଳତା ଏବଂ ତାଜା ବିଦେଶୀ ପାଣ୍ଠି ପ୍ରବାହ ପରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ୭୯.୮୫ ଟଙ୍କାରେ ରହିଥିଲା।

# ସୋନାଲିକା ଆଇଟିଏଲ୍ ପକ୍ଷରୁ ନିଯୁକ୍ତି ଆରମ୍ଭ

**ନୂଆଦିଲ୍ଲୀ,୨୧।୭**

ଦେଶର ପ୍ରମୁଖ ଟ୍ରାକ୍ଟର ରପ୍ତାନିକାରୀ କମ୍ପାନୀ ସୋନାଲିକା ଆଇଟିଏଲ୍ ପକ୍ଷରୁ ନୂଆ ପ୍ରତିଭାମାନଙ୍କୁ ନିଯୁକ୍ତି ଯୋଗାଇବା କାର୍ଯ୍ୟ ଆରମ୍ଭ କରାଯାଇଛି। ଯୁବଗୋଷ୍ଠୀଙ୍କୁ କମ୍ପାନୀରେ ସାମିଲ କରାଇବା ଲକ୍ଷ୍ୟରେ ରାଜ୍ୟସ୍ତରୀୟ ଆଇଟିଆଇ ଓ ଅନ୍ୟ ସମାନ ସ୍ତରର ଶିକ୍ଷାନୁଷ୍ଠାନଗୁଡ଼ିକରୁ ୩୦୦୦ରୁ ଅଧିକ ପ୍ରତିଭାଶାଳୀ ଯୁବଗୋଷ୍ଠୀଙ୍କ ସନ୍ଧାନ ଆରମ୍ଭ ହୋଇଛି। ଏହି ନିଯୁକ୍ତି ଗ୍ରାମାଞ୍ଚଳ କଭରେଜ ପାଇଁ ଏହାର ବିଦ୍ୟମାନ ଡିଲର ୱାର୍କଫୋର୍ସକୁ ମଜଭୁତ କରିବା ସହ ଆଇଟିଆଇ ପାସ୍ କରିଥିବା ଇଚ୍ଛୁକ ବ୍ୟକ୍ତିମାନେ କମ୍ପାନୀର ୱେବ୍‌ସାଇଟରେ ବିସ୍ତୃତ ସୂଚନା ପାଇବା ସହ ଯୋଗାଯୋଗ କରିପାରିବେ। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଭାରତ ପ୍ରତିଭାଶାଳୀ ଯୁବପିଢ଼ିରେ ଭରି ରହିଛି, ଯେଉଁମାନେ ଆଇଟିଆଇ ସମେତ ଅନ୍ୟ ପଲିଟେକ୍‌ନିକ୍ସ ଭଳି ରାଜ୍ୟସ୍ତରୀୟ ଶିକ୍ଷାନୁଷ୍ଠାନଗୁଡ଼ିକରୁ ଗ୍ରାଜୁଏଟ୍ ଅଟନ୍ତି। ଏଭଳି ବ୍ୟକ୍ତିଙ୍କଠାରେ ଅଭିନବ ଚିନ୍ତାଧାରା ଭରି ରହିଛି ଏବଂ ବ୍ୟବସାୟିକ ଉତ୍କର୍ଷ ହାସଲ କରିବାରେ ନିଜର ବୈଷୟିକ ଜ୍ଞାନକୁ ପ୍ରୟୋଗ କରିବା ପାଇଁ ସେମାନେ ପ୍ରସ୍ତୁତ ରହିଥାନ୍ତି। ନୂଆ ପ୍ରତିଭାବାନ୍ ଯୁବପିଢ଼ିଙ୍କୁ ନିଯୁକ୍ତ କରିବାର ଆକାଂକ୍ଷିତ ଉତ୍ସାହ ଆମର ବିଦ୍ୟମାନ ଟ୍ୟାଲେଣ୍ଟ ପୁଲ୍‌କୁ ପରିପୂର୍ଣ୍ଣ କରିବ।

# ମାରୁତି ସୁଜୁକିର 'ଗ୍ରାଣ୍ଡ ଭିଟାରା' ଉନ୍ମୋଚିତ




**ନୂଆଦିଲ୍ଲୀ,୨୧।୭**

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍‌ଏସ୍‌ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ପ୍ରିମିୟମ ଓ ବୈପ୍ଳବିକ ଏସ୍‌ୟୁଭି 'ଦ ଗ୍ରାଣ୍ଡ ଭିଟାରା'କୁ ଗୁରୁବାର ଅନ୍ତର୍ଜାତୀୟ ସ୍ତରରେ ଉନ୍ମୋଚନ କରାଯାଇଛି। ବିଶେଷକରି ନେକ୍ସାର ୭ମ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ସହ କମ୍ପାନୀ ତା'ର ଗେମ୍-ଚେଞ୍ଜର ଏସ୍‌ୟୁଭି ତଥା ନେକ୍ସାର 'କ୍ରିଏଟ୍, ଇନ୍ସପାୟାର' ଭାଲ୍ୟୁ ଷ୍ଟେଟ୍‌ମେଣ୍ଟକୁ ଧାରଣ କରିଥିବା ଗ୍ରାଣ୍ଡ ଭିଟାରା ସମ୍ପର୍କରେ ଘୋଷଣା କରିଛି। ଏହା ହେଉଛି ଏକ ମଲ୍ଟି ପ୍ରଡକ୍ଟ ଅଫରିଂ ଯାହା ଦେଶରେ ଏସ୍‌ୟୁଭି ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ପ୍ରସ୍ତୁତ ହୋଇଛି। ନେକ୍ସାର ସିଗ୍ନେଚର ଡିଜାଇନ୍ ଲାଙ୍ଗୁଏଜ୍-କ୍ରାଫ୍ଟେଡ୍ ଫ୍ୟୁଚରିଜମ୍ ସାମିଲ ଥିବା ଏହି ପ୍ରିମିୟମ ଏସ୍‌ୟୁଭିରେ ଏକ ସ୍ୱତନ୍ତ୍ର ଏକ୍ସଟେରିୟର ଡିଜାଇନ, ବିଳାସପୂର୍ଣ୍ଣ ଇଣ୍ଟେରିୟର, ସେଗ୍‌ମେଣ୍ଟ-ଲିଡିଂ ଫିଚର ଏବଂ ଏହାର ବୈପ୍ଳବିକ ହାଇବ୍ରିଡ୍ ପାୱାର ଟ୍ରେନ୍ ଦ୍ୱାରା ପରିଚାଳିତ ଏକ ଶିଳ୍ପ ପୁନଃ ପରିଭାଷିକ ଇନ୍ଧନ ଦକ୍ଷତା ରହିଛି। ଗ୍ରାଣ୍ଡ ଭିଟାରା ୬ଟି ମୋନୋଟୋନ୍ କଲର ବିକଳ୍ପ ଏବଂ ୩ଟି ଡୁଆଲ-ଟୋନ୍ କଲରରେ ଉପଲବ୍ଧ ହେବ। ଏଥିରେ ୨୭.୯୭ କି.ମି./ଲିଟରର ସର୍ବୋତ୍ତମ ଶ୍ରେଣୀର ଇନ୍ଧନ ଦକ୍ଷତା ରହିଛି। ପ୍ରୋଗ୍ରେସିଭ ସ୍ମାର୍ଟ ହାଇବ୍ରିଡ୍ ଟେକ୍ନୋଲୋଜି ସହ ୧.୫ ଲିଟର ନେକ୍ସଟ-ଜେନ୍ କେ-ସିରିଜ ଡୁଆଲ ଜେଟ୍, ଡୁଆଲ ଭିଜିଟ୍ ଇଞ୍ଜିନ ରହିଛି। ଏ ସମ୍ପର୍କରେ ଏମ୍‌ଏସ୍‌ଆଇଏଲ୍‌ର ଏମ୍‌ଡି ତଥା ସିଇଓ ହିସାଶି ତାକେଉଚି କହିଛନ୍ତି, ସୁଜୁକି ଅଲ୍ ଗ୍ରିପ୍ ଲିଜେଣ୍ଡାରି ଅଫ୍-ରୋଡିଙ୍ଗ୍ ପ୍ରବୃତ୍ତି ସମେତ ଏକ ମଜଭୁତ ଓ ଆକ୍ରମଣାତ୍ମକ ଡିଜାଇନରେ ସୁସଜ୍ଜିତ ଏହି ଏସ୍‌ୟୁଭି ଆଇକୋନିକ୍ ବ୍ରାଣ୍ଡ ଭିଟାରାର ଶୁଦ୍ଧ ଏସ୍‌ୟୁଭି ଡିଏନ୍‌ଏକୁ ହାସଲ କରିଛି। ବୈପ୍ଳବିକ ଇଣ୍ଟେଲିଜେଣ୍ଟ ଇଲେକ୍‌ଟ୍ରିକ୍ ହାଇବ୍ରିଡ୍ ସିଷ୍ଟମର ଶୁଭାରମ୍ଭ ସହ ଗ୍ରାଣ୍ଡ ଭିଟାରା ଏକ ସ୍ୱଚ୍ଛ, ସବୁଜ, ସ୍ଥାୟୀ ଓ କାର୍ବନ୍-ନ୍ୟୁଟ୍ରାଲ ବିଶ୍ୱ ପାଇଁ ବାଟ ଖୋଲିଛି। ଆମେ ନିଶ୍ଚିତ ଯେ, ଗ୍ରାଣ୍ଡ ଭିଟାରା ଦେଶରେ ଏସ୍‌ୟୁଭି ପ୍ରେମୀଙ୍କ ପାଇଁ ଏକ ନୂଆ ବେଞ୍ଚମାର୍କ ସ୍ଥାପନ କରିବ ଏବଂ ଆମ ଗ୍ରାହକଙ୍କ ପାଇଁ ଯାତାୟାତର ଆନନ୍ଦକୁ ପୁନଃ ପରିଭାଷିତ କରିବ। ସେହିଭଳି ଏମ୍‌ଏସ୍‌ଆଇଏଲ୍‌ର ବରିଷ୍ଠ କାର୍ଯ୍ୟକାରୀ ନିର୍ଦ୍ଦେଶକ (ସେଲ୍‌ସ ଆଣ୍ଡ ମାର୍କେଟିଂ) ଶଶାଙ୍କ ଶ୍ରୀବାସ୍ତବ ଏବଂ ଚିଫ୍ ଟେକ୍ନିକାଲ ଅଫିସର, ସି. ଭି. ରମଣ ନିଜ ନିଜର ମତ ଉପସ୍ଥାପନ କରିଥିଲେ।

# ଫୁରସତ୍



## ବିଷଧର ସାପଙ୍କ ଦ୍ୱୀପ

**ବ୍ରାସିଲିଆ:** ମୁଖ୍ୟତଃ ଟାପୁ ହେଉକି କୌଣସି ଜାଗା ସେଠାରେ ମନୁଷ୍ୟର ଅବସ୍ଥାନ ରହିଛି। ହେଲେ ପୃଥିବୀରେ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ଲୋକ ନୁହେଁ କେବଳ ସାପଙ୍କ ରାଜୁତି ଚାଲିଛି। ବ୍ରାଜିଲ୍‌ରେ ସାଓ ପାଉଲୋଠାରେ ୩୨ କି.ମି. ଦୂରରେ ରହିଛି ଦ୍ୱୀପ 'ଇଲ୍ହା ଦା କୁଇମାଡା ଗ୍ରାଣ୍ଡେ'। ଏହି ଦ୍ୱୀପରେ କେବଳ ବିଷଧର ସାପ ରହିଛନ୍ତି। ଯେଉଁଠିକୁ ଲୋକଙ୍କ ଯିବା ଆସିବାକୁ ବାରଣ ରହିଛି। ଦୁନିଆରେ ବିଭିନ୍ନ ପ୍ରକାରର ବିଷଧର ସାପ ରହିଛନ୍ତି। କିନ୍ତୁ ସାଓ ପାଉଲୋରେ ଏପରି ବିଷଧର ସାପ ରହିଛନ୍ତି ଯେଉଁମାନେ କି ସେଠାରେ ଉଡୁଥିବା ପକ୍ଷୀଙ୍କୁ ଉଡନ୍ତା ଅବସ୍ଥାରେ ମଧ ଶିକାର କରିଥାନ୍ତି। ଏମିତିକି ସେହି ସାପଙ୍କ ବିଷରେ ମଣିଷର ମାଂସ ମଧ ନଷ୍ଟ ହୋଇଯିବ। ସେହି ଦ୍ୱୀପରେ କିଛି ବିରଳ ବିଷଧର ସାପ ଦେଖିବାକୁ ମିଳିଥାନ୍ତି। ଏହାଛଡା ସେଠାକୁ କେବଳ ଜଳସେନା ଏବଂ ଚିକୋ ମେଣ୍ଡେସ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ବାୟୋଡାଇଭରସିଟି କଞ୍ଜରଭେଶନ୍‌ର ବଛା ଗବେଷକ ଯାଇପାରିବେ। ସୂଚନା ମୁତାବକ, ଏହି ଦ୍ୱୀପକୁ ୧୯୦୯ରୁ ୧୯୨୦ ମଧ୍ୟରେ କିଛି ଲୋକ ସେଠାରେ ଲାଇଟ୍ ହାଉସ୍‌ର ସଞ୍ଚାଳନ ପାଇଁ ଯାଇ ରହିଥିଲେ। କିନ୍ତୁ ପରେ ସେଠାରେ ସାପଙ୍କୁ ଡରି କେହି ଯାଉନାହାନ୍ତି।

## ଖତରୋଁକି ଖିଲାଡ଼ି ଟ୍ରଫିରୁ ବଞ୍ଚିତ ହେଲେ ଜନ୍ନତ


ଜନ୍ନତ ଜୁବୈର

**ମୁମ୍ବାଇ:** ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇ ମଧ ଟ୍ରଫିରୁ ବଞ୍ଚିତ ହୋଇଛନ୍ତି ବଲିଉଡ୍ ଅଭିନେତ୍ରୀ ଜନ୍ନତ ଜୁବୈର। ସେ ଚଳିତବର୍ଷର ଖତ୍‌ରୋଁକି ଖିଲାଡି- ୧୨ରେ ଭାଗନେଇ ଖେଳୁଥିଲେ ଏବଂ ସେଥିରେ ଟ୍ରଫି ଜିତିବାକୁ ସମସ୍ତ ଉଦ୍ୟମ, ଶକ୍ତି ଲଗାଇଦେଇଥିଲେ। ହେଲେ ସେ ତାଙ୍କର ଏହି ସ୍ୱପ୍ନ ପୂରଣ କରିବାରେ ପଛରେ ପଡିଗଲେ। ତାଙ୍କୁ ମାତ୍ ଦେଇ ୩ ଜଣ ଖେଳାଳି ଆଗରେ ଥିବାରୁ ସେ ୪ର୍ଥ ସ୍ଥାନରେ ରହିଯାଇଥିଲେ। ଫଳରେ ସେ ଶୋ'ରେ ଖେଳିପାରିବେନି। ହେଲେ ଶୋ'ରେ ଖେଳୁଥିବା ସମସ୍ତଙ୍କଠାରୁ କମ୍ ବୟସର ହୋଇ ମଧ ସେ ସମସ୍ତଙ୍କୁ କଡା ଟକ୍କର ଦେଇ ଜିତି ଆସିଥିଲେ। ସେ ଏହି ରେସ୍‌ରୁ ପଛରେ ରହିଥିଲେ ମଧ ନିଜର ସାମର୍ଥ୍ୟ ପ୍ରମାଣିତ କରିପାରିଛନ୍ତି, ଯାହା ତାଙ୍କ ଫ୍ୟାନ୍ସମାନଙ୍କ ପାଇଁ ଅଧିକ ଖୁସି ଆଣିପାରିଛି। ହେଲେ ଜନ୍ନତଙ୍କ ପ୍ରଶଂସକ ତାଙ୍କୁ ଟ୍ରଫି ଜିତିବାର ଦେଖିବାକୁ ଚାହୁଁଥିଲେ। ସେଥିପାଇଁ ସେମାନେ ନିରାଶ ହୋଇଛନ୍ତି। ବର୍ତ୍ତମାନ ଶୋ'ରେ ୩ ଜଣଙ୍କ ମଧ୍ୟରେ ମୋହିତ ମଲ୍ଲିକ, ଫୈସଲ ଶେଖ ଏବଂ ତୁଷାର କାଲିଆ ରହିଛନ୍ତି।

## ଦେବଦୂତ ସାଜିଲେ ଡେଲିଭରିବୟ



**ୱାଶିଂଟନ୍:** ନିକଟରେ ଆମେରିକା ଇଣ୍ଡିଆନା ରାଜ୍ୟର ଲାଫାଏଟ୍ ସହରରେ ଜଣଙ୍କ ଘରେ ନିଆଁ ଲାଗି ଯାଇଥିଲା। ସେହି ରାସ୍ତା ଦେଇ ଯାଉଥିବା ଜଣେ ପିଜା ଡେଲିଭରିବୟ ନିଆଁ ଲାଗିଥିବା ଘରେ ପଶି ୫ ଶିଶୁଙ୍କ ଜୀବନ ବଞ୍ଚାଇଛନ୍ତି। ଏହି ଘଟଣା ସେଠାରେ ଲାଗିଥିବା ଏକ କ୍ୟାମେରାରେ କଏଦ୍ ହୋଇଛି। ସେଠାକାର ଲାଫାଏଟ୍ ପୋଲିସ ଡିପାର୍ଟମେଣ୍ଟ ଟୁଇଟ୍ ମାଧ୍ୟମରେ ଏହି ଘଟଣା ଜଣାଇଛନ୍ତି। ନିକୋଲସ ବୋଷ୍ଟିକ ନାମକ ଜଣେ ଡେଲିଭରି ବୟଙ୍କୁ ନିଆଁ ଲାଗିଥିବା ଘରର ପଛ ରାସ୍ତା ଦେଇ ଯିବାକୁ ପଡିଥିଲା। ସେହି ସମୟରେ ଘରେ ଜଣେ ଶିଶୁ ଶୋଇଥିବା ଜଣାପଡିଥିଲା। ନିକୋଲସ ସେହି ଶିଶୁଙ୍କୁ ବଞ୍ଚାଇବା ପାଇଁ ଘରର ଉପର ମହଲାକୁ ଯାଇଥିଲେ। ସେଠାରୁ ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଉଦ୍ଧାର ସମୟରେ ନିକୋଲସ ଆହାତ ହୋଇଥିଲେ। ତାଙ୍କର ଡାହାଣ ହାତର ଶିର କଟିଯାଇଥିଲା। ଏପରି ନିଃସ୍ୱାର୍ଥପରତାକୁ ସମସ୍ତେ ପ୍ରଶଂସା କରିଛନ୍ତି।

**ବେଆଇନ ମଦ ବିକ୍ରି ଅଭିଯୋଗ, ୪ଗିରଫ**

ଲେଫ୍ରିପଡା (ଡି.ଏନ.ଏ): ସୁନ୍ଦରଗଡ ଜିଲା ଲେଫ୍ରିପଡା ଥାନା ଅଞ୍ଚଳରେ ବେଆଇନ ମଦ ବିକ୍ରି ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଚକ୍ରଧରପୁର ଗ୍ରାମର ଚିତ୍ର ସା (୩୦), ସାତକୁରିଆ ଗ୍ରାମର ରାଜୁ ବରକୋ(୨୭), ଦର୍ଲିଢ଼ିପା ଗ୍ରାମର ଭବନ ଲାକ୍ରା (୪୫),ଏବଂ କୁରୁମକେଲ ଗ୍ରାମର କିରଣ ରାଉତ (୩୪)। ଅଭିଯୁକ୍ତମାନଙ୍କଠାରୁ ୯୦ଲିଟର ଦେଶୀ ମଦ ଜବତ ହୋଇଛି । ଏ ନେଇ ଲେଫ୍ରିପଡା ଥାନାରେ ଏକ ମାମଲା ରୁଜୁ ହୋଇଛି ।



## ସଂକ୍ଷେପରେ

### ସିପିଆଇ ନିଆଲିପାଲି ଶାଖା ଗଠିତ

ସୁନ୍ଦରଗଡ,୨୧ା୭ (ଡି.ଏନ୍.ଏ.): ଟାଙ୍ଗରପାଲି ବ୍ଲକ ନିଆଲିପାଲି ଗ୍ରାମ ପଞ୍ଚାୟତରେ ଗୁରୁବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଏକ ଶାଖା କମିଟି ଗଠନ କରାଯାଇଥିଲା । ଲଳିତ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସିପିଆଇର ଯୁବନେତା ଆଡଭୋକେଟ ସନ୍ତୋଷ କୁମାର ଆଚାର୍ଯ୍ୟ ଯୋଗଦେଇ ଦଳର ନୀତି ଆଦର୍ଶକୁ ବଜାୟ ରଖି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ବାମପନ୍ଥୀ ବିଚାରଧାରାକୁ ପସନ୍ଦ କରି ୧୦ରୁ ଊର୍ଦ୍ଧ୍ୱ ଯୁବକ ଆନୁଷ୍ଠାନିକ ଭାବେ ସିପିଆଇରେ ଯୋଗଦାନ କରିଥିଲେ । ପରେ ଟାଙ୍ଗରପାଲି ବ୍ଲକର ସମସ୍ତ ପଞ୍ଚାୟତ ଶାଖା କମିଟି ଗଠନ ନିଷ୍ପତ୍ତି ନିଆଯାଇଛି। ନିଆଲିପାଲି ଶାଖା କମିଟିର ସଂପାଦକ ଭାବେ ଦୌଲତ ବାଘଙ୍କୁ ଚୟନ କରାଯାଇଥିବା ବେଳେ ଲଳିତ ନାଏକ, ତରଣୀସେନ୍ ରଣା, ସମ୍ବାରୁ ବେହେରା, ମହେନ୍ଦ୍ର ବଗାର, ଜୀବନ ସେଠ, କାଳୀଚନ୍ଦ୍ର ସେଠ, ଚିତ୍ରସେନ କୁସୁମ ସଭ୍ୟ ରହିଛନ୍ତି ।

### ଜିଲା ବିଜେଡିରୁ ଉପଦେଷ୍ଟା ଅଶୋକ ଓ ରାଜଗାଙ୍ଗପୁର ବିଜେଡି ଟାଉନ ସଭାପତି ରାଜେନ୍ଦ୍ର ନିଲମ୍ବିତ

ସୁନ୍ଦରଗଡ/ରାଜଗାଙ୍ଗପୁର, ୨୧ା୭(ଡି.ଏନ୍.ଏ): ସୁନ୍ଦରଗଡ ଜିଲା ବିଜୁ ଜନତା ଦଳର ଉପଦେଷ୍ଟା ଅଶୋକ ଦାସ ଓ ରାଜଗାଙ୍ଗପୁର ବିଜେଡି ଟାଉନ କମିଟିର ସଭାପତି ରାଜେନ୍ଦ୍ର ବେହେରା ଦଳରୁ ନିଲମ୍ବିତ ହୋଇଛନ୍ତି । ଜିଲା ସଭାପତି ବିନୟ କୁମାର ଟପ୍ପୋ ଗୁରୁବାର ଏକ ପ୍ରେସ ବିବୃତି ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ଦଳରେ ନିଜ ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହେବା ସହ ବିଶୃଙ୍ଖଳିତ ଆଚରଣ ତଥା ଦଳୀୟ କର୍ମକର୍ତ୍ତା ଓ ପଦାଧିକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଯୋଗୁ ତାଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ୬ ବର୍ଷ ପାଇଁ ନିଲମ୍ବନ କରାଯାଇଥିବା ଜିଲା ସଭାପତି ଟପ୍ପୋ ଏହି ପ୍ରେସ ବିଜ୍ଞପ୍ତିରେ ଦର୍ଶାଇଛନ୍ତି ।

# ବିଜେଡି ପକ୍ଷରୁ ବିଜୟ ଉତ୍ସବ

ସୁନ୍ଦରଗଡ,୨୧ା୭(ଡି.ଏନ.ଏ.)

ନୂତନ ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁ ବିଜୟୀ ଘୋଷିତ ହେବା ପରେ ତାଙ୍କୁ ସ୍ୱାଗତ ଜଣାଇ ସୁନ୍ଦରଗଡ ଜିଲା ବିଜୁ ଜନତା ଦଳ ବିଜୟ ଉତ୍ସବ ପାଳନ କରିଛି। ଦଳ ପକ୍ଷରୁ ଡିଆରଡ଼ିଏ ଛକରେ ଏହି ବିଜୟ ଉତ୍ସବ ପାଳନ କରାଯାଇଛି। ଜିଲା ବିଜେଡ଼ି ସଭାପତି ତଥା ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ବିନୟ ଟୋପ୍ପୋଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡିଶା ମାଟିର ଝିଅ ଆମର ଗର୍ବ, ଦ୍ରୌପଦୀ ମୁର୍ମୁ ସ୍ୱାଗତଂ ସ୍ୱାଗତଂ ସ୍ଲୋଗାନ ଦେବା ସହ ବିଜେଡ଼ି ପୂର୍ଣ୍ଣ ସମର୍ଥନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଯୋଗେଶ ସିଂ, ପୌରପରିଷଦ୍‌ ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା, ପୂର୍ବତନ ଏସଡିସି ଅଧ୍ୟକ୍ଷ ସନ୍ତୋଷ ଅମାତ,କାଉନସିଲର ସସ୍ମିତା ଯୋଶୀ,




ଡିଆର୍‌ଡିଏ ଛକରେ ଜିଲା ବିଜେଡିର ବିଜୟ ଉତ୍ସବ ପାଳନ କରାଯାଉଛି ।

କୈଳାଶ ତନ୍ତି, ଦୁଷିଲା ଦଣ୍ଡସେନା, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ନାଏକ, ଟାଉନ ବିଜେଡ଼ି ସଭାପତି ସୁରେନ୍ଦ୍ର ଭିତିରିଆ,ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ ଯୋଗ ଦେଇଥିଲେ । ଏହାଛଡା ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ସେହେବାଜ ହୁସେନ,ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସମ୍ପାଦକ ଶିବାଜୀ ନାଏକ,ବିଜୁ ମହିଳା ଜନତା ଦଳ ସଭାପତି ରଞ୍ଜନା ପଣ୍ଡା,ଅଶୋକ ସ୍ୱାଇଁ, ସୁନୀଲ ମହାପାତ୍ର, ବିସ୍ମୟ ପଟ୍ଟନାୟକ, ମୁକେଶ ପୁରୋହିତ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଜେନା, ବୀଣା ସାହୁ, ରୋଶନ ସାହୁ, ବିଜୟ ମିଞ୍ଜଙ୍କ ସମେତ ବିଜେଡି ଯୁବ, ଛାତ୍ର ଓ ମହିଳା କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ଅଲଟ୍ରା ମେଗା ପାୱାର ପ୍ରୋଜେକ୍ଟ ପ୍ଲାଣ୍ଟର ଅଗ୍ରଗତି ଏବେ ସରକାରଙ୍କ ବିଚାରାଧୀନ

ସୁନ୍ଦରଗଡ,୨୧ା୭ (ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ସଦର ବ୍ଲକ ଭେଡାବାହାଲ ଠାରେ ପ୍ରସ୍ତାବିତ ଅଲଟ୍ରା ମେଗା ପାୱାର ପ୍ରୋଜେକ୍ଟ ପ୍ଲାଣ୍ଟ ପାଇଁ ୨୦୦୯ ମସିହାରୁ ଜମି ଅଧିଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରକଳ୍ପର ଅଗ୍ରଗତି ସରକାରଙ୍କ ବିଚାରାଧୀନ ରହିଛି ବୋଲି ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଗୁରୁବାର ବିଧାନସଭାରେ ପ୍ରକାଶ କରିଛନ୍ତି। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି । ବିଧାୟିକା ଟେଟେ ପ୍ରଶ୍ନ କରିଥିଲେ ଯେ, ସୁନ୍ଦରଗଡ ସଦର ନିର୍ବାଚନମଣ୍ଡଳୀରେ ଅନେକଗୁଡ଼ିଏ ପ୍ରକଳ୍ପ ଓ କୋଇଲା ଖଣି ଯୋଗୁ ବିସ୍ଥାପିତ ସମସ୍ୟା ରହିଛି, ଯାହା ପ୍ରଶାସନ ସମାଧାନ କରିବାରେ ବିଫଳ ହେଉଥିବା ଯୋଗୁ ବାରମ୍ବାର ଦାବିକୁ ନେଇ ଧର୍ମଘଟ ହେଉଛି । ପ୍ରକଳ୍ପ କାମ ଆରମ୍ଭ ହେଉ ନ ଥିବା ଯୋଗୁ ୨୦୦୯ରୁ ଜମି ଅଧିଗ୍ରହଣ ହୋଇଥିବା ସେଠାକାର ଗ୍ରାମବାସୀ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି । ସେହିପରି ଏନଟିପିସି ଦର୍ଲିପାଲି, ଡୁଲୁଙ୍ଗା କୋଇଲା ଖଣି ଓ ଓସିପିଏଲରେ ମଧ୍ୟ ସମାନ ସମସ୍ୟା ଲାଗି ରହିଛି । ମନ୍ତ୍ରୀ ଏହି ପ୍ରଶ୍ନର ଉତ୍ତରରେ ଆରପିଡିଏସି ମିଟିଂରେ ମଞ୍ଜୁର ହୋଇଥିବା ପ୍ରସ୍ତାବ ଅନୁଯାୟୀ ବିସ୍ଥାପିତ ପରିବାରଙ୍କ ଥଇଥାନ, ଓଡିଶା ପୁର୍ନବାସ ଓ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତଙ୍କୁ ସମସ୍ତ କ୍ଷତିପୂରଣ ପ୍ରଦାନ କରାଯାଇଛି ବୋଲି କହିଛନ୍ତି ।

# ଭାଜପା ପକ୍ଷରୁ ବିଜୟ ଉତ୍ସବ, ଶୋଭାଯାତ୍ରା



ସୁନ୍ଦରଗଡରେ ଭାଜପା ପକ୍ଷରୁ ଶୋଭାଯାତ୍ରା ।

ସୁନ୍ଦରଗଡ,୨୧ା୭(ଡି.ଏନ.ଏ.)

ରାଷ୍ଟ୍ରପତି ନିର୍ବାଚନ ଫଳାଫଳ ଗୁରୁବାର ସନ୍ଧ୍ୟାରେ ଘୋଷଣା ହେବା ପରେ ସୁନ୍ଦରଗଡ ଜିଲା ଭାଜପା ପକ୍ଷରୁ ସ୍ଥାନୀୟ ରଙ୍ଗାଢ଼ିପା ଛକରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ନିର୍ବାଚିତ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ଉଦ୍ଦେଶ୍ୟରେ ରଙ୍ଗାଢ଼ିପାସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ସୁନ୍ଦରଗଡ ବିଧାୟିକା ସୁଷମା ପଟେଲ ଏବଂ ସୁନ୍ଦରଗଡ ପୋରାଧ୍ୟକ୍ଷା ତନୟା ମିଶ୍ର ପୁଷ୍ପମାଲ୍ୟ ଅର୍ପଣ କରି ବିଜୟ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଭାଜପା କର୍ମୀମାନେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏଥିସହିତ ବାଜା ବଜାଇ ଓ ବାଣ ଫୁଟାଇ ରଙ୍ଗାଢ଼ିପା ଛକ ଠାରୁ ଏକ ଶୋଭାଯାତ୍ରାରେ ହସ୍ପିଟାଲ ଛକ ଦେଇ ଡିଆରଡିଏ ଛକ ପର୍ଯ୍ୟନ୍ତ ଯାଇଥିଲେ । ଶୋଭାଯାତ୍ରା ସମୟରେ କର୍ମୀମାନେ ତ୍ରିରଙ୍ଗା ପତାକା ଧରି ଭାରତ ମାତା କୀ ଜୟ ଏବଂ ବନ୍ଦେ ମାତରମ ସ୍ଲୋଗାନ ଦେବା ଦେଖିବାକୁ ମିଳିଥିଲା । ଏହି ବିଜୟ ଉତ୍ସବରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ଉମାଶଙ୍କର ପଟେଲ, ରାଜ୍ୟ ସଂଯୋଜକ ରୁପେଶ ପଟେଲ, ଅଂଶୁଲ ପଟେଲ, ଅନୁସୂଚିତ ଜାତି ମୋର୍ଚ୍ଚାର ପୂର୍ବତନ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ତନ୍ତୀ, ଜିଲା ଉପ ସଭାନେତ୍ରୀ ସଂଯୁକ୍ତା ନାଏକ, ଜିଲା ସଂପାଦକ ଆଶିଷ ପଟେଲ, ପୂର୍ବତନ ଜିଲା ସଭାପତି ଗିରିଶ ଚନ୍ଦ୍ର ସାହୁ, ଜିଲା ସାଧାରଣ ସମ୍ପାଦକ ଯଶବନ୍ତ ନାଏକ, ସୁଖଲାଲ ମୁଣ୍ଡା, ଜିଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି କଳାକୃଷ୍ଣ ଓରାମ,ଜିଲା ଯୁବ ମୋର୍ଚ୍ଚା ସଭାପତି ଅମୀୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ ।


## POLICE COMMISSIONERATE BHUBANESWAR-CUTTACK
## ODISHA SPECIAL ARMED POLICE
## 7TH BATTALION, BHUBANESWAR

ପ୍ରାପ୍ତେଷୁ,

**ଶ୍ରୀ ଦୀପକ କୁମାର ରଞ୍ଜନ**, ସିପାହୀ ନଂ. ୭୬୯
ପିତା: ରବୀନ୍ଦ୍ର ନାଥ ସେଠୀ,
ଗ୍ରାମ: ନନ୍ଦବର, ପୋ.ଅ.: କରାବର
ଥାନା: ଫତେଗଡ଼, ଜିଲ୍ଲା: ନୟାଗଡ଼

No. D-111: ଆପଣ ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱରରୁ ତା୦୨ା୦୫ା୨୦୨୨ରିଖ ପୂର୍ବାହ୍ନଠାରୁ ତା୧୨ା୦୬ା୨୦୨୨ରିଖ ଅପରାହ୍ନ ପର୍ଯ୍ୟନ୍ତ ଅର୍ଜିତ ଛୁଟିରେ ଥିଲେ। ଆପଣଙ୍କୁ ନିଜ କାର୍ଯ୍ୟରେ ତା୧୩ା୦୬ା୨୦୨୨ରିଖ ପୂର୍ବାହ୍ନରେ ଯୋଗ ଦେବାର ଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ବାଟାଲିଅନରେ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। କର୍ତ୍ତବ୍ୟରେ ଯୋଗ ଦେବା ନିମନ୍ତେ ଆପଣଙ୍କ ପାଖକୁ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୯୫୯/ଆର୍.ଓ., ତା୨୦ା୦୬ା୨୦୨୨, ୯୬୦/ଆର୍.ଓ., ତା୨୦ା୦୬ା୨୦୨୨ ଏବଂ ୯୬୧/ଆର୍.ଓ., ତା୨୦ା୦୬ା୨୦୨୨ ମାଧ୍ୟମରେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ମାତ୍ର ଏହା ସତ୍ତ୍ୱେ ଆପଣ ନିଜ କାର୍ଯ୍ୟରେ ଯୋଗ ଦେଉ ନାହାନ୍ତି କି ଅନୁପସ୍ଥିତ ବିଷୟରେ କାର୍ଯ୍ୟାଳୟକୁ ଅବଗତ କରୁନାହାନ୍ତି।

ଏଣୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି କି ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ, ନଚେତ ଆପଣଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ଆରକ୍ଷୀ ଉପ–ଆୟୁକ୍ତ (ସଶସ୍ତ୍ର), (ଭାରପ୍ରାପ୍ତ)
ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱର
OIPR-12121/11/0010/2223


# ଯୁବକଙ୍କୁ ପଥରରେ ଛେଚି ହତ୍ୟା ଉଦ୍ୟମ ଅଭିଯୋଗ

ବଡ଼ଗାଁ,୨୧ା୭(ଡି.ଏନ.ଏ.)

### ବାଇକ୍ ଛାଡ଼ି ପଳାଇଲେ ଦୁର୍ବୃତ୍ତ

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବରଙ୍ଗାକଛାର ଗ୍ରାମର ଏଟିଏମ ଛକଠାରେ ଗୁରୁବାର ଚନ୍ଦନ କେଶରୀ (୩୫)ନାମକ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ କରାଯାଇଥିବା ଜଣାଯାଇଛି । ପ୍ରକାଶ ଯେ, ଅପରାହ୍ନ ପ୍ରାୟ ସାଢେ ୨ଟା ସମୟରେ ଭେଲୁଆବାହାଲ ଗାଁର ଚନ୍ଦନ ଏଟିଏମ୍ ଛକ ନିକଟ ଜନସେବା କେନ୍ଦ୍ରରେ କାମ କରି ଘରକୁ ଫେରୁଥିବା ବେଳେ ୧୨ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ପଥରରେ ତାଙ୍କ ମୁଣ୍ଡକୁ ଛେଚି ହତ୍ୟା ଉଦ୍ୟମ କରିଥିଲେ । ଏହି ସମୟରେ ପାଟି ଶୁଣି ଆଖପାଖର ଲୋକେ ଧାଇଁ ଆସିବାରୁ ଦୁର୍ବୃତ୍ତମାନେ ବାଇକ୍‌ରେ ଫେରାର ହୋଇଯାଇଥିଲେ । ତେବେ ସେମାନେ ଆସିଥିବା ଗୋଟିଏ ବାଇକ୍ ଛାଡି ପଳାଇ ଯାଇଛନ୍ତି । ପଥର ମାଡରେ ଚନ୍ଦନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ବଡଗାଁ ଡାକ୍ତରଖାନାରେ ତାଙ୍କର ଚିକିତ୍ସା କରାଯାଇଛି । ସେ ଏ ନେଇ ବଡଗାଁ ଥାନାରେ ଏତଲା ଦେଇଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଦୁର୍ବୃତ୍ତମାନେ ୪ଟି ବାଇକ୍‌ରେ ଆସି ବରଙ୍ଗାକଛାର ଏଟିଏମ ଛକ ନିକଟରେ ଅଟକିଥିଲେ। ଏହି ସମୟରେ ସେମାନେ ଚନ୍ଦନଙ୍କ ଗତିବିଧି ଉପରେ ନଜର ରଖି ଅତର୍କିତ ଭାବେ ପଥରରେ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ଛାଡି ଯାଇଥିବା ବାଇକ୍ ପୋଲିସ ଜବତ କରିଛି ।


## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, KENDRAPARA-JAJPUR

AT/PO- Nayabazar, Cuttack -753004, Tel No. 0671-2444488, Email-serw_kpd@yahoo.com

No. Tender Online RCK-20/22 Letter No.1728 Date:19.07.2022

**E-Procurement NOTICE**

**No.O-692:The Chief Construction Engineer, R. W. Circle, Kendrapara-Jajpur on behalf of Odisha State Rural Road Agency invites the percentage rate** bids in electronic tendering system for construction of roads under Pradhan Mantri Gram Sadak Yojana in the districts of **Jajpur for 4 (Four)** numbers of packages with estimated cost totaling to **Rs.1592.47** lakh (Approximately) including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

**Date of release of Invitation for Bids through e-procurement: dtd 25.07.2022**

**Availability of Bid Documents and mode of submission:** The bid document is available online and should be submitted online in www.pmgsytenders.gov.in The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security declaration and(c) original affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with **Chief Construction Engineer, R W. Circle, Kendrapara-Jajpur** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Summary for key dates is provided below;**

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara- Jajpur | Tender RCK-20/22 | 25.07.2022 at 11.00 A.M. | 16.08.2022 to 5.00 P.M. | 12.08.2022 upto 5.00 P.M. | 17.08.2022 at 11.00 A.M. | Will be intimated later |

**Date of Submission of original documents such as Bid Security Declaration, Cost of Bid document and Affidavit: Dt** 17.08.2022 **at 11.30 A.M. to** 20.08.2022 **at 5.30 P.M.**

Further details can be seen from the website **www.pmgsytenders.gov.in**

**Sd./- Chief Construction Engineer, Rural Works Circle, Kendrapara- Jajpur**
**OIPR-25129/11/0020/2223**



## POLICE COMMISSIONERATE BHUBANESWAR-CUTTACK
## ODISHA SPECIAL ARMED POLICE
## 7TH BATTALION, BHUBANESWAR

ପ୍ରାପ୍ତେଷୁ,

**ଶ୍ରୀ ଭୀମସେନ ନାୟକ**, ସିପାହୀ ନଂ. ୮୬୧
ପିତା: ଜଗନ୍ନାଥ ନାୟକ,
ଗ୍ରାମ: ନନ୍ଦଳା, ପୋ.ଅ.: ରାମଲେଙ୍କା
ଥାନା: କୃଷ୍ଣପ୍ରସାଦ, ଜିଲ୍ଲା: ପୁରୀ

No. D-112: ଏତଦ୍ୱରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆପଣ ତା୨୭ା୦୫ା୨୦୨୨ରିଖ ପୂର୍ବାହ୍ନଠାରୁ ତା୦୧ା୦୬ା୨୦୨୨ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୬ଦିନ ପାଇଁ ସାମୟିକ ଛୁଟିରେ ଥିଲେ। ଆପଣଙ୍କୁ ତା୦୨ା୦୬ା୨୦୨୨ରିଖ ପୂର୍ବାହ୍ନରେ କର୍ତ୍ତବ୍ୟରେ ଯୋଗ ଦେବାର ଥିଲା, କିନ୍ତୁ ଆପଣ କିଛି ନ ଜଣାଇ ଅନୁପସ୍ଥିତ ଅଛନ୍ତି। କର୍ତ୍ତବ୍ୟରେ ଯୋଗ ଦେବା ନିମନ୍ତେ ଆପଣଙ୍କ ପାଖକୁ କାର୍ଯ୍ୟାଳୟ ପତ୍ରସଂଖ୍ୟା ୮୯୩/ଆର୍.ଓ., ତା୦୭ା୦୬ା୨୦୨୨, ୮୯୪/ଆର୍.ଓ., ତା୦୭ା୦୬ା୨୦୨୨ ଏବଂ ୮୯୫/ଆର୍.ଓ., ତା୦୭ା୦୬ା୨୦୨୨ ମାଧ୍ୟମରେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ମାତ୍ର ଏହା ସତ୍ତ୍ୱେ ଆପଣ ନିଜ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି କି ଅନୁପସ୍ଥିତ ବିଷୟରେ କାର୍ଯ୍ୟାଳୟକୁ ଅବଗତ କରୁନାହାନ୍ତି।

ଏଣୁ ଆପଣଙ୍କୁ ଏହି ବିଜ୍ଞାପନ ଦ୍ୱାରା ଅବଗତ କରାଇ ଦିଆଯାଉଅଛି କି ଆପଣ ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିମ୍ନ ଲିଖିତ କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ, ନଚେତ୍ ଆପଣଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ଆରକ୍ଷୀ ଉପ–ଆୟୁକ୍ତ (ସଶସ୍ତ୍ର), (ଭାରପ୍ରାପ୍ତ)
ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱର
OIPR-12121/11/0009/2223


# ସୁନ୍ଦରଗଡ଼ ଜିଲାରେ ପ୍ରଥମ ଆୟୁଷ ଗ୍ରାମ ପ୍ରସ୍ତୁତି ବୈଠକ




ବୈଠକରେ ଯୋଗ ଦେଇଥିବା ଅଧିକାରୀ ।

ସୁନ୍ଦରଗଡ,୨୧ା୭(ଡି.ଏନ୍.ଏ.)

ସଦର ବ୍ଲକ ଅନ୍ତର୍ଗତ ବାରଗାଡ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ଜାତୀୟ ଆୟୁଷ ମିଶନ ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସୁନ୍ଦରଗଡ ଜିଲାରେ ପ୍ରଥମ ଆୟୁଷ ଗ୍ରାମ ଯୋଜନାର ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବୈଜୟନ୍ତୀ ମୁଣ୍ଡା ପ୍ରାରମ୍ଭରେ ଧନ୍ୱନ୍ତରୀଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ବୈଠକକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ଅନନ୍ତ କୁମାର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ଜିଲା ହୋମିଓପାଥି ଚିକିତ୍ସାଧିକାରୀ ଡା. ଜର୍ଜ ସୋରେଙ୍କ,ପୂର୍ବତନ ସରପଞ୍ଚ ସୁରେଶ ମୁଣ୍ଡା , ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ସାହୁ, ଡା. ଅମିତ ତିର୍କୀ ପ୍ରମୁଖ ଯୋଗଦେଇ ଆୟୁଷ ଗ୍ରାମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ରୋଗଠାରୁ ନିଜକୁ ଦୂରରେ ରଖିବା ପାଇଁ ଏକକାଳୀନ ଯୋଗ, ଆୟୁର୍ବେଦ ଶାସ୍ତ୍ରୋକ୍ତ ଦିନଚର୍ଯ୍ୟା, ଋତୁଚର୍ଯ୍ୟା, ରାତିଚର୍ଯ୍ୟା, ଆହାର ଚର୍ଯ୍ୟା ଓ ହୋମିଓପାଥି ଚିକିତ୍ସା ଉପଦେଶକୁ ଆୟୁଷ ଗ୍ରାମ ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଇବା ଏହାର ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଗାଆଁ ଗାଆଁରେ ଔଷଧୀୟ ଉଦ୍ୟାନ ଓ ରୋଗ ପାଇଁ ଏହାର ପ୍ରାଥମିକ ଉପଚାର ବିଷୟରେ ସଚେତନ କରାଯିବ । ଏଥିରେ ଗ୍ରାମର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ, ୱାର୍ଡ ମେମ୍ବର, ଆଶାକର୍ମୀ ଓ ଅଙ୍ଗନବାଡି କର୍ମୀ ମାନେ ଉପସ୍ଥିତ ଥିଲେ । ଗ୍ରାମର କେଶବ ଚନ୍ଦ୍ର କର୍ତ୍ତା ଓ ଲଳିତ ନାଏକ ଆୟୁଷ ସେବାର ଆବଶ୍ୟକତା ସଂପର୍କରେ କହିଥିଲେ । ସମସ୍ତ ସଦସ୍ୟଙ୍କୁ କରୋନା ପ୍ରତିଷେଧକ ନିୟମାବଳୀ ସହ ରୋଗ ପ୍ରତିଷେଧକ ଶକ୍ତିବର୍ଦ୍ଧକ ଔଷଧ ଓ କାଢ଼ା ବଣ୍ଟନ କରାଯାଇଥିଲା ଡା. ସୁଧୀର ବାଡା ଧନ୍ୟବାଦ ଦେଇଥିଲେ ।


## ZILLA SWASTHYA SAMITI, SUNDARGARH
### DISTRICT PROGRAMME MANAGEMENT UNIT, NHM
### O/o- CDM & PHO, SUNDARGARH, DIST- SUNDARGARH

No. 3106 **ADVERTISEMENT** Date:19/07/2022

**No.E-336:**Applications are invited from eligible candidate for filling up of the following contractual positions under ZillaSwasthyaSamiti, Sundargarh.All the positions are purely temporary in nature, subject to renewal and co-terminus with the scheme as per the terms&conditions of OSH & FW Society. Lower age limit for all the positions is 21 Years as on 01.07.2022.

| Sl. No. | Name of the post | Vacancy | Remuneration& Performance Incentive (P.I) | Remarks |
|---|---|---|---|---|
| 1 | District Programme Coordinator (DPC) ,NTEP | 1 No. | Rs.30,018 + Performance Incentive | Applications are invited through Regd. Post / Speed Post only on or before 05/08/2022 up to 5.00 pm |
| 2 | Senior Treatment Supervisor ( STS), NTEP | 2 Nos. | Rs.21,174 + Performance Incentive | |

The interested eligible candidates for the above said posts are required to submit application in the prescribed format along with copy of self-attested photocopies of required testimonials to the **Office of the CDM& PHO, Sundargarh, District Headquarter Hospital, Sundargarh, Pin Code -770001 on or before dtd. 05/08/2022 up to 05.00 P.M through registered post/speed post only and the application must be superscribed with the name of the post applied for.** The details eligibility criteria, remuneration & application form can be downloaded from the official website of Sundargarh District i.e. **www.sundergarh.nic.in** Incomplete application in any form and application received after the due date will summarily be rejected. The undersigned reserves the right to cancel any or all the applications without assigning any reason thereof. The vacancy as mentioned may vary during the time of actual engagement.

**Sd/- Chief District Medical & PHO cum District Mission Director, NHM, Sundargarh**

## ZILLA SWASTHYA SAMITI, SUNDARGARH
### DISTRICT PROGRAMME MANAGEMENT UNIT, NHM
### O/o- CDM & PHO, SUNDARGARH, DIST- SUNDARGARH

No. 3107 **IN-HOUSE ADVERTISEMENT** Date:19/07/2022

Applications are invited from the contractual employees currently working under NHM in the same position of OSH & FW society in other district, desiring to be posted in Sundargarh District against the vacant position mentioned below.

| Sl. No. | Name of the positions | No. of Vacancy | Remarks |
|---|---|---|---|
| 1 | RMNCH/FP Counsellor | 1 No. | **Dt.29.07.2022, Regd.Time 11.00 A.M. to 1.00 P.M.** |

Interested In-house candidates of NHM may login www.sundergarh.nic.in for details terms and conditions & application form etc. The eligible candidates may attend at office of the Chief District Medical & Public Health Officer, Sundargarh on dt- 29/07/2022 from 11.00 A.M to 01.00 P.M along with the required documents and application form. No candidates shall be allowed beyond the schedule time. The undersigned reserves the right to cancel / reject any or all the applications without assigning any reason thereof.

**Sd/- Chief District Medical & PHO cum DMD, Sundargarh**
**OIPR-10100/11/0016/2223**



## GOVT. OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER
## MAHANADI NORTH DIVISION-I, JAGATPUR, CUTTACK

E-mail ID:- exengr.mnd@gmail.com

**'e' Procurement Notice No- MND-04/2022-23**

**No.A-412:**The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e- procurement portal www.tendersorissa.gov.in. The tender submission process will be completely online.

**BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO- 9100 DATED 17.07.2020.**

1. Nature of Work : Road works in Canals & River Embankments
2. Total No. of Works : 10 (Ten) works
3. Bid Identification No : MND-04/2022-23
4. Tender Cost : Between Rs. 9.00 Lakhs to Rs. 75.00 Lakhs •
5. EMD : **Bid Security declaration to be furnished in the format given in Annexure-B of Section-6 of Technical Bid document**
6. Period of completion : Two Months
7. Other Details : As noted below

a) Procurement Officer : Superintending Engineer, Mahanadi North Division-1,Jagatpur email: exengr.mnd@gmail.com Ph:- 0671-2491546
b) Availability of Tender On-line for bidding : 10.00 Hours of 21.07.2022 to17.00 Hours of 30.07.2022
c) Last date & time of submission of bid document : 17.00 Hours of 30.07.2022
d) Date, time & place of Opening of Bid : 01.08.2022 at 11.30 Hours in the O/o the Superintending Engineer, Mahanadi North Division-I, Jagatpur
e) Date of Lottery (if required): 06.08.2022 at 11.30 Hours

Further details can be seen from the Govt. website **"https://tendersodisha.gov.in"**

**Sd./- Superintending Engineer, Mahanadi North Division-I, Jagatpur**
**OIPR-32003/11/0006/2223**



ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳର ନେତା ଓ କର୍ମୀ ଇଡି କାର୍ଯ୍ୟାଳୟ ଅଭିମୁଖେ ଯାଉଥିବା ବେଳେ ରାଜମହଲ ଠାରେ ପୋଲିସ ସହ ଧସ୍ତାଧସ୍ତି।

# ୨୪ରେ ସଫା ହୋଇଯିବ ଭାଜପା

### ଶହୀଦ ଦିବସରେ ମମତାଙ୍କ ହୁଙ୍କାର

■ଉପରାଷ୍ଟ୍ରପତି ନିର୍ବାଚନରେ ମତଦାନରୁ ବିରତ ରହିବ ଟିଏମ୍‌ସି



କୋଲକାତା,୨୧।୭

୨୦୨୪ ଲୋକ ସଭା ନିର୍ବାଚନରେ କେନ୍ଦ୍ରରେ କ୍ଷମତାସୀନ ଭାଜପା ସଫା ହୋଇଯିବ। ଏହି ଦଳ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିପାରିବ ନାହିଁ ବୋଲି ଗୁରୁବାର କୋଲକାତାରେ ଶହୀଦ ଦିବସ ପାଳନ ବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି।

୧୯୯୩ ଜୁଲାଇ ୨୧ରେ ତତ୍କାଳୀନ ଯୁବ କଂଗ୍ରେସ ନେତ୍ରୀ ମମତାଙ୍କ ନେତୃତ୍ୱରେ କୋଲକାତାରେ ଏକ ରାଲି ଚାଲିଥିବାବେଳେ ବାମପନ୍ଥୀ ସରକାରଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଗୁଳିରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ମମତାଙ୍କ ରାଜନୈତିକ କ୍ୟାରିୟରରେ ନୂଆ ମୋଡ଼ ଆଣିଥିଲା। ସେବେଠୁ ଏହାର ପ୍ରତିବାଦରେ ଶହୀଦ ଦିବସ ପାଳନ କରାଯାଉଥିବାବେଳେ କରୋନା ମହାମାରୀ ଯୋଗୁ ଗତ ଦୁଇବର୍ଷ ଧରି ଏହା ବନ୍ଦ ରହିଥିଲା। ଗୁରୁବାର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ଆୟୋଜିତ ବିଶାଳ ସମାବେଶକୁ ସମ୍ବୋଧିତ କରି ମମତା କହିଛନ୍ତି, ଆସନ୍ତା ସାଧାରଣ ନିର୍ବାଚନର ମନ୍ତ୍ର ହେଉଛି 'ଭାଜପାକୁ ପ୍ରତ୍ୟାଖ୍ୟାନ କରି ଭୋଟ ଦିଅ'। ଭାଜପାର ଜେଲ ଭାଙ୍ଗି ଏହାର ଶିକୁଳି ଛିଣ୍ଡାଇ ଆମେ ଲୋକଙ୍କ ସରକାର ଆଣିବୁ। ସେହିପରି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ବୃଦ୍ଧି ଏବଂ ଖାଦ୍ୟ ପ୍ୟାକେଟ୍‌ରେ ଜିଏସ୍‌ଟି ଲଗାଇବା ଭଳି ପଦକ୍ଷେପକୁ ମମତା କଡ଼ା ସମାଲୋଚନା କରିଥିଲେ। ଭାଜପା ମହାରାଷ୍ଟ୍ରରେ ସରକାର ଭାଙ୍ଗିବା ପରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ଅନୁରୂପ ଅପରେଶନ ଚଳାଇଥିବା ସେ କହିଛନ୍ତି। ଅନ୍ୟପକ୍ଷେ ଅଗଷ୍ଟ ୬ରେ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ଟିଏମ୍‌ସି ମତଦାନରୁ ବିରତ ରହିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଜଗଦୀପ ଧନକରଙ୍କୁ ଏନ୍‌ଡିଏ ପ୍ରାର୍ଥୀ କରିଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାର୍ଗାରେଟ୍ ଅଲ୍‌ଭାଙ୍କୁ ବିରୋଧୀ ଦଳଗୁଡ଼ିକ ଛିଡ଼ା କରାଇଛନ୍ତି।

# ରାଜଧାନୀରେ ଗର୍ଜିଲା କଂଗ୍ରେସ

### ଇଡିରେ ସୋନିଆ ହାଜର ହେବା ପ୍ରସଙ୍ଗ

ଭୁବନେଶ୍ୱର,୨୧।୭(ବ୍ୟୁରୋ)

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ସମନ ଆଧାରରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଗୁରୁବାର ଇଡିରେ ହାଜର ହୋଇଥିଲେ। ତେବେ ଇଡିର ସମନକୁ ଜୋରଦାର ବିରୋଧ କରି କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ବିକ୍ଷୋଭ କରାଯାଇଥିବା ବେଳେ ଭୁବନେଶ୍ୱରରେ ମଧ୍ୟ ରାଜ୍ୟ କଂଗ୍ରେସ ନେତା ଓ କର୍ମୀମାନେ ଗର୍ଜନ କରିଥିଲେ। ରାଜ୍ୟ କଂଗ୍ରେସର ଶତାଧିକ ନେତା ଓ କର୍ମୀ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ଭବନରୁ ପଦଯାତ୍ରାରେ ବାହାରିଥିଲେ। ପୂର୍ବ ଯୋଜନା ମୁତାବକ ପୂର୍ବାହ୍ନ ୧୧ଟାରେ ରାଜମହଲ ଛକ ଦେଇ ସେମାନେ ଇଡି କାର୍ଯ୍ୟାଳୟ ଅଭିମୁଖେ ଯାତ୍ରା କରିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏହି ସମୟରେ ପୋଲିସ ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରବଳ ଉତ୍ତେଜନା ଦେଖାଦେବାରୁ ପୋଲିସ କଂଗ୍ରେସର ବହୁ ନେତାଙ୍କୁ ସେଠାରୁ ଉଠାଇନେଇଥିଲା। ତେବେ ପରବର୍ତ୍ତୀ ସମୟରେ ପୋଲିସ ସେମାନଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି।

ଏହି ବିକ୍ଷୋଭରେ ପିସିସି ସଭାପତିଙ୍କ ସମେତ ବିଧାୟକ ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ ସାମିଲ ହୋଇଥିଲେ। ଏହାସହ ଯୁବ ଓ ଛାତ୍ର କଂଗ୍ରେସର ଶତାଧିକ କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇ ନାରାବାଜି କରିଥିଲେ। ଏହି ଅବସରରେ ପିସିସି ସଭାପତି କହିଛନ୍ତି, ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଅଯଥାରେ ହଇରାଣ କରାଯାଉଛି। ଏହାର ପ୍ରତିବାଦରେ ଆମେ ରାଜରାସ୍ତାକୁ ଓହ୍ଲାଇଛୁ। ଏହି ବିକ୍ଷୋଭ ଆଗକୁ ମଧ୍ୟ ଜାରି ରହିବ। ସରକାରରେ ଯେଉଁମାନେ ରହିବେ ସେମାନେ ବିରୋଧୀ ଦଳ ପ୍ରତି ଉଦାସୀନ ଏବଂ ସହନଶୀଳ ହେବା କଥା। ହେଲେ ବିରୋଧୀଙ୍କ ସ୍ୱରକୁ ଚପାଇଦେବା ଲାଗି କେନ୍ଦ୍ରରେ ଥିବା ସରକାର ଇଡି, ସିବିଆଇ ଭଳି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ବ୍ୟବହାର କରୁଛନ୍ତି। ତେବେ କଂଗ୍ରେସ ନେତା ଓ କର୍ମୀମାନେ ଆଗକୁ ଆହୁରି ଆନ୍ଦୋଳନ କରିବେ ବୋଲି ପିସିସି ସଭାପତି ଚେତାବନୀ ଦେଇଛନ୍ତି।

# ବିଧାନସଭାରେ ଇଡି ତାତି

### ଭାଜପା-କଂଗ୍ରେସ ମୁହାଁମୁହିଁ

ଭୁବନେଶ୍ୱର,୨୧।୭(ବ୍ୟୁରୋ)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଇଡି ଜେରା କରିଛି। ଏହାକୁ ବିରୋଧ କରି କଂଗ୍ରେସ କର୍ମୀମାନେ ଦେଶର ବିଭିନ୍ନ ଭାଗରେ ବିକ୍ଷୋଭ କରିଥିବା ବେଳେ ବିଧାନସଭାରେ ମଧ୍ୟ ଇଡି ତାତି ଦେଖିବାକୁ ମିଳିଛି। ଏହି ପ୍ରସଙ୍ଗକୁ ନେଇ ବିଧାନସଭା ହୁଲସ୍ଥୁଲ ହୋଇଛି। କଂଗ୍ରେସ ସଭ୍ୟମାନେ ଗୃହରେ ନାରାବାଜି ସହ ପ୍ରବଳ ହଟ୍ଟଗୋଳ କରିଛନ୍ତି । ଏପରି କି ଗୃହରେ ଭାଜପା ଓ କଂଗ୍ରେସ ସଦସ୍ୟମାନେ ମୁହାଁମୁହିଁ ହୋଇଛନ୍ତି । ଏଥିଯୋଗୁ ଗୃହରେ ଅଚଳାବସ୍ଥା ସ୍ଥିତି ସୃଷ୍ଟି ହୋଇଛି। ପରିସ୍ଥିତି ଅଣାୟତ୍ତ ହେବାରୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ବାରମ୍ବାର ମୁଲତବୀ କରିଛନ୍ତି।

ଗୁରୁବାର ବିଧାନସଭା ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଇଡିର ଜେରାକୁ ବିରୋଧ କରିଥିଲେ । ସେ କହିଥିଲେ, ଗୁରୁବାର ସମଗ୍ର ଦେଶ ପାଇଁ କଳା ଦିବସ । ପ୍ରଧାନମନ୍ତ୍ରୀ ଯେଉଁଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ । ଜାଣିଶୁଣି ସୋନିଆଙ୍କ ସହ ରାହୁଲ ଗାନ୍ଧୀଙ୍କୁ ନୋଟିସ ଦିଆଯାଇ ବାରମ୍ବାର ହଇରାଣ କରାଯାଉଛି । କେନ୍ଦ୍ର ସରକାରଙ୍କ ଏଭଳି ଆକ୍ରୋଶମୂଳକ ଆଚରଣକୁ କଂଗ୍ରେସ କଦାପି ବରଦାସ୍ତ କରିବ ନାହିଁ ବୋଲି କହି ଗୃହ ମଝିକୁ ଯାଇ ହଟ୍ଟଗୋଳ କରିଥିଲେ। ଏପରି କି ଭାଜପା ସଭ୍ୟମାନେ କଂଗ୍ରେସ ସଭ୍ୟଙ୍କ ଅଭିଯୋଗକୁ ବିରୋଧ କରି ହୋହଲ୍ଲା କରିଥିଲେ।

ବାଚସ୍ପତି ଗୃହ କାର୍ଯ୍ୟରେ ସହଯୋଗ କରିବା ସହିତ ରାଜ୍ୟସ୍ତରୀୟ ସମସ୍ୟା ଉତ୍ଥାପନ କରିବା ପାଇଁ ସଭ୍ୟମାନଙ୍କୁ ଅନୁରୋଧ କରିଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା । କଂଗ୍ରେସ ସଦସ୍ୟମାନେ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ନାରାବାଜି କରିଥିଲେ। ପ୍ରବଳ ହଟ୍ଟଗୋଳକୁ ଦେଖି ବାଚସ୍ପତି ଗୃହକୁ ପ୍ରଥମେ ୧୧ଟା ୪୦ ମିନିଟ୍‌ରୁ ୧୦ ମିନିଟ୍ ଏବଂ ପରେ ୧୫ ମିନିଟ୍ ପାଇଁ ମୁଲତବୀ ଘୋଷଣା କରିଥିଲେ । ୧୨ଟା ୦୫ ମିନିଟ୍‌ରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା । ବାଚସ୍ପତି ବିରୋଧୀ ଦଳର ଉପନେତା ବିଷ୍ଣୁଚରଣ ସେଠୀଙ୍କୁ କହିବାକୁ ଅନୁମତି ଦେଇଥିଲେ । ସେ କହିଥିଲେ ଯେ, ଯେଉଁ ପ୍ରସଙ୍ଗ ଗୃହର ନୁହେଁ, ତାହା ଏଠାରେ ଆଲୋଚନା ହେବା ଆଦୌ ସମୀଚୀନ ନୁହେଁ । ଏହା ଦୁଃଖ ଓ ପରିତାପର ବିଷୟ ଯେ, କଂଗ୍ରେସ ସଭ୍ୟମାନେ ସୋନିଆ ଓ ରାହୁଲ ଗାନ୍ଧୀଙ୍କ ପ୍ରସଙ୍ଗ ଉଠାଇ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିଛନ୍ତି। ଏଥିରୁ ସେମାନଙ୍କୁ ନିବୃତ୍ତ କରିବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ । ସେହିପରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ମଧ୍ୟ ଅନୁରୂପ ମତ ରଖିଥିଲେ । ସେ କହିଥିଲେ, କଂଗ୍ରେସ ଦଳ ତରଫରୁ ଇଡିକୁ ନେଇ ଯେଉଁଭଳି ହଟ୍ଟଗୋଳ ଚାଲିଛି ତାହା ଦୁର୍ଭାଗ୍ୟଜନକ।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ, ଗଣତନ୍ତ୍ର ଡଷ୍ଟବିନ୍‌କୁ ଗଲାଣି। ଲୋକଙ୍କ ଜୀବନ ଏବଂ ସମ୍ପତ୍ତିକୁ ସୁରକ୍ଷା ଦେବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟ । ବିରୋଧୀ ଦଳ ନ ରୁହନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଚାହୁଁଛନ୍ତି । ପ୍ରଧାନମନ୍ତ୍ରୀ ଯେଉଁ ରାସ୍ତାରେ ଯାଉଛନ୍ତି, ମୁଖ୍ୟମନ୍ତ୍ରୀ ମଧ୍ୟ ସେଇ ରାସ୍ତାରେ ଅଛନ୍ତି । କିଏ ଚୋର, କିଏ ସାଧୁ ସମସ୍ତେ ଜାଣିଛନ୍ତି। ଏହା କହିବା ବେଳେ ଭାଜପା ସଭ୍ୟମାନେ ହୋହଲ୍ଲା କରିଥିଲେ। ଗୃହରେ କିଛି ସମୟ ଧରି ଅସ୍ୱାଭାବିକ ପରିସ୍ଥିତି ଲାଗି ରହିଥିଲା। ବାଚସ୍ପତି ଗୃହକୁ ୧୨ଟା ୧୦ ମିନିଟ୍‌ରୁ ଅପରାହ୍ନ ୪ ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ଗୃହ ସ୍ୱାଭାବିକ ହୋଇଥିଲା।

## ରାଜ୍ୟ

### ହତ୍ୟାକରି ପଳାଉଥିବା ବେଳେ ହତ୍ୟାକାରୀ ମୃତ

ବଡ଼ଗାଁ,୨୧।୭(ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାଲବିରା ଗ୍ରାମରେ ଗୁରୁବାର ଅପରାହ୍ନରେ ଏକ ହତ୍ୟାକାଣ୍ଡ ଘଟିଛି। ଉକ୍ତ ଗ୍ରାମର ପ୍ରଫୁଲ୍ଲ ମାଝି(୬୯) କ୍ଷେତକୁ ଯାଇଥିବା ବେଳେ ସେହି ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ତେବେ ହତ୍ୟା କରିବାର କିଛି ସମୟ ପରେ ହତ୍ୟାକାରୀଙ୍କ ମୃତଦେହ ବିଲ ହିଡ଼ ତଳେ ପଡିଥିବା ଠାବ କରାଯାଇଥିଲା। ହତ୍ୟାକାଣ୍ଡ ଘଟାଇ ବିଲ ହିଡ଼ରେ ଦୌଡ଼ି ପଳାଇବା ବେଳେ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା କେତେଜଣ ଗ୍ରାମବାସୀ କହୁଛନ୍ତି। ଅପରପକ୍ଷରେ ଅଭିଯୁକ୍ତଙ୍କୁ ଗାଁର କେତେଜଣ ବ୍ୟକ୍ତି ହତ୍ୟା କରି ଫେରାର ହୋଇ ଯାଇଥିବା କୁହାଯାଉଛି। ଖବରପାଇ ସୁନ୍ଦରଗଡ ଏସ୍‌ପି ସାଗରିକା ନାଥ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଏ ନେଇ ଅଧିକ ତଥ୍ୟ ହସ୍ତଗତ ହୋଇ ପାରିନାହିଁ । ତେବେ ଏହି ଘଟଣା ଗ୍ରାମରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।

# ହୀରାକୁଦର ୧୦ ଗେଟ୍ ଦେଇ ଜଳ ନିଷ୍କାସନ

### ପୂର୍ବରୁ ଖୋଲାଥିଲା ୫ ଗେଟ୍, ଆଜି ଖୋଲିଲା ଆଉ ୫

ସମ୍ବଲପୁର,୨୧।୭(ବ୍ୟୁରୋ)

ସମ୍ବଲପୁରର ହୀରାକୁଦ ଜଳଭଣ୍ଡାରରୁ ଗୁରୁବାର ୧୦ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ଜୁଲାଇ ୧୮ରେ ୫ ଗେଟ୍ ଦେଇ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହେଉଥିଲା। ହେଲେ ଉପରମୁଣ୍ଡରେ ବର୍ଷା ଯୋଗୁ ଜଳପତନ ବୃଦ୍ଧି ପାଇବାରୁ ଅଧିକ ଗେଟ୍ ଖୋଲାଯାଇଛି। ପୂର୍ବାହ୍ନରେ ୩ ଓ ପରେ ସନ୍ଧ୍ୟାରେ ଆଉ ୨ଟି ଗେଟ୍ ଖୋଲାଯାଇଛି। ଏହା ମଧ୍ୟରେ ବାମ ପାର୍ଶ୍ୱରେ ୬ ଓ ଡାହାଣ ପାର୍ଶ୍ୱରେ ୪ ଗେଟ୍ ରହିଛି। ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ସୂଚନା ମୁତାବକ ଜଳଭଣ୍ଡାରରେ ଜଳସ୍ତର ୬୧୪.୨୭ ଫୁଟ୍ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୧ ଲକ୍ଷ ୪ ହଜାର ୨୦ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ଗେଟ୍ ଦେଇ ୧ ଲକ୍ଷ ୫୨ ହଜାର ୧୯୦ କ୍ୟୁସେକ ଜଳ ନିଷ୍କାସନ ହେଉଛି। ପାୱାର ଚାନେଲରେ ୩୬ ହଜାର ୨୫୮ କ୍ୟୁସେକ, ଜଳସେଚନ ପାଇଁ ୪ ହଜାର ୪୧୩, ଶିଳ୍ପ ପାଇଁ ୨୭୩ କ୍ୟୁସେକ ପାଣି ନିଷ୍କାସନ ହେଉଛି। ତଳମୁଣ୍ଡ ବେଲଗାଁରେ ୧୦ ହଜାର କ୍ୟୁସେକ, ପର୍ଥଲାରେ ୩୭ ହଜାର, ଖଇରମାଲରେ ୧ ଲକ୍ଷ ୫୪ ହଜାର, ବରମୁଲାରେ ୧ ଲକ୍ଷ ୪୮ ହଜାର ଓ ମେଣ୍ଡୋଲିରେ ୧ ଲକ୍ଷ ୭୮ ହଜାର ୩୪୪ କ୍ୟୁସେକ ଜଳ ପ୍ରବାହିତ ହେଉଛି। ୧୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେବା ପରେ ମହାନଦୀରେ ଜଳ ପ୍ରବାହ ପରିମାଣ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ ୨୦୨୧ ଜୁଲାଇ ୧୧ରେ ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିଲା।



ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ହେଉଛି।

# ରାଜ୍ୟ ସରକାର-ଆଇଏଫ୍‌ସି ବୁଝାମଣାପତ୍ର ସ୍ୱାକ୍ଷର

### ବ୍ୟାପକ ହେବ ବେସରକାରୀ ପୁଞ୍ଜିନିବେଶ: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୨୧।୭(ବ୍ୟୁରୋ): ରାଷ୍ଟ୍ରାୟତ୍ତ ସମ୍ପତ୍ତି ମୁଦ୍ରୀକରଣ ଓ ପୁନଃ ବିନିଯୋଗ ପାଇଁ ରାଜ୍ୟ ସରକାର ଓ ବିଶ୍ୱବ୍ୟାଙ୍କର ଅନ୍ତର୍ଜାତୀୟ ଅର୍ଥ ନିଗମ (ଆଇଏଫ୍‌ସି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଲୋକସେବା ଭବନ ସଭାଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତ ଥିଲେ। ଏହି ବୁଝାମଣା ସାର୍ବଜନୀନ ସମ୍ପତ୍ତିର ବୃତ୍ତିଗତ ଆର୍ଥିକ ପରିଚାଳନା ଏବଂ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ। ଏହା ମାଧ୍ୟମରେ ସାର୍ବଜନୀନ ସମ୍ପତ୍ତିର ଏକ ବୃହତ୍ ରାଶି ବେସରକାରୀ ପୁଞ୍ଜିବିନିଯୋଗକୁ ବ୍ୟାପକ କରିବ। ଅଧିକ କର୍ମନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ସହାୟକ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ବୁଝାମଣାପତ୍ର ଅନୁସାରେ ରାଷ୍ଟ୍ରାୟତ୍ତ ଅଚଳ ସମ୍ପତ୍ତିଗୁଡ଼ିକର ମୁଦ୍ରୀକରଣ ଓ ସେଥିରେ ଘରୋଇ ପୁଞ୍ଜିବିନିଯୋଗ ପ୍ରକ୍ରିୟାକୁ ସରଳ କରିବା ପାଇଁ ଆଇଏଫ୍‌ସି ବୈଷୟିକ ଓ ବୃତ୍ତିଗତ ସହାୟତା ଯୋଗାଇବ। ଏହା ରାଜ୍ୟର ଶିଳ୍ପ ଭିତ୍ତିଭୂମି ଓ ଶିଳ୍ପାନ୍ୱୟନ ବାତାବରଣ ବିକାଶରେ ସହାୟକ ହେବ। ଫଳରେ ଖୋଲାବଜାରରୁ ଋଣ ଉଠାଣ ହ୍ରାସ ପାଇବ। ଭିତ୍ତିଭୂମି ବିକାଶ ପାଇଁ ଆର୍ଥିକ ବ୍ୟବଧାନ ଦୂର ହେବ। ରାଜ୍ୟ ସରକାରଙ୍କ ତରଫରୁ ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ଓ ଅନ୍ତର୍ଜାତୀୟ ଅର୍ଥ ନିଗମର ସର୍ବଭାରତୀୟ ଅଧିକାରୀ ସୁଶ୍ରୀ ରୋଶିକା ସିଂହ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଶକ୍ତି ବିଭାଗ ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ କୁମାର ଶର୍ମାଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଦାରିଦ୍ର୍ୟ ହ୍ରାସରେ ଓଡ଼ିଶା ସବୁଠୁ ଆଗରେ

### ନୀତି ଆୟୋଗ ସର୍ଭେ ରିପୋର୍ଟ

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ହ୍ରାସ କ୍ଷେତ୍ରରେ ଓଡ଼ିଶା ଦେଶରେ ସବୁ ରାଜ୍ୟଠାରୁ ଆଗରେ ରହିଛି। ଗୁରୁବାର ବିଧାନସଭାରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଭାଜପା ସଭ୍ୟ ଗଣେଶରାମ ସିଂ ଖୁଣ୍ଟିଆଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ତେନ୍ଦୁଲକର କମିଟି ରିପୋର୍ଟ ଅନୁଯାୟୀ, ରାଜ୍ୟରେ ୨୦୦୪-୦୫ରେ ୨୨୧.୬୦ ଲକ୍ଷ ଅର୍ଥାତ୍ ୫୭.୨୦% ଲୋକ ଦାରିଦ୍ର୍ୟ ସୀମା ରେଖା ତଳେ ଥିଲେ। ୨୦୧୧-୧୨ରେ ଏହା ୩୨.୨୯%କୁ ହ୍ରାସ ପାଇଥିଲା। ଉକ୍ତ ଆକଳନ ଅନୁଯାୟୀ, ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୨୪.୬୧ ପ୍ରତିଶତ ହ୍ରାସ ପାଇଥିଲା, ଯାହାକି ଦେଶର ସମସ୍ତ ରାଜ୍ୟଠାରୁ ସର୍ବାଧିକ। ନୀତି ଆୟୋଗଙ୍କ ୨୦୨୧ ଦାରିଦ୍ର୍ୟ ମାପଦଣ୍ଡର ହେଡ୍ କାଉଣ୍ଟ ରେସିଓ ଅନୁଯାୟୀ ରାଜ୍ୟର ୨୯.୩୫ ପ୍ରତିଶତ ଲୋକ ବହୁମୁଖୀ ଭାବେ ଦାରିଦ୍ର୍ୟ ବୋଲି ଜଣାପଡ଼ିଛି।

ଦାରିଦ୍ର୍ୟ ହ୍ରାସ କରିବାକୁ ନୀତି ଆୟୋଗର ପୋର୍ଟାଲ ଅନୁଯାୟୀ ଓଡ଼ିଶାରେ ୪୨୧୧ ଏନ୍‌ଜିଓ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଜନଜାତିବହୁଳ ଜିଲାଗୁଡ଼ିକର ଉନ୍ନତି ପାଇଁ ବିଜୁ କେବିକେ ଯୋଜନା, ବିଜୁ କନ୍ଧମାଳ ଓ ଗଜପତି ଯୋଜନା, ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଯୋଜନା ଆଦି ବହୁ ସ୍କିମ୍ କାର୍ଯ୍ୟକାରୀ ହେଉଛି।

# ଜମି କିଣାବିକାରେ ୫ ବର୍ଷରେ ୮୬୧୦ କୋଟି ରାଜସ୍ୱ ଆଦାୟ

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

ରାଜ୍ୟ ସରକାର ଗତ ୫ ବର୍ଷ ମଧ୍ୟରେ ଜମି କିଣାବିକା ବାବଦରେ ୮,୬୧୦ କୋଟି ଟଙ୍କା ରାଜସ୍ୱ ପାଇଛନ୍ତି। ୨୦୧୭-୧୮ରେ ୯,୭୪,୬୪,୯୦,୯୮୬, ୨୦୧୮-୧୯ରେ ୧୧,୬୩,୫୬,୭୭,୬୦୭, ୨୦୧୯-୨୦ରେ ୧୨, ୭୩, ୭୨, ୯୭, ୩୭୮, ୨୦୨୦-୨୧ରେ ୨୮,୬୫, ୬୨, ୮୨, ୩୩୪ ଏବଂ ୨୦୨୧-୨୨ରେ ୨୩, ୩୨, ୦୭, ୮୨, ୩୯୦ ଟଙ୍କା ଆଦାୟ ହୋଇଛି। ଭାଜପା ସଭ୍ୟ ନାଉରୀ ନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଗୁରୁବାର ବିଧାନସଭାରେ ଏହା କହିଛନ୍ତି।

# କୃଷକ ଉତ୍ପାଦକ ସଙ୍ଗଠନ ନୀତି ଚାଷୀଙ୍କ ଆୟ ବଢ଼ାଇବ

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

ଅଣସଙ୍ଗଠିତ କ୍ଷୁଦ୍ର ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାର କୃଷକ ଉତ୍ପାଦକ ସଙ୍ଗଠନ ନୀତି ପ୍ରଣୟନ କରିଛନ୍ତି। ଏହା ଦ୍ୱାରା ଚାଷୀ ସଙ୍ଗଠିତ ହୋଇପାରିବେ। ସେମାନଙ୍କ ଉତ୍ପାଦିତ ସାମଗ୍ରୀ ସୁବିଧାରେ ବିକ୍ରିବଟା ହୋଇପାରିବ। ଏହାଦ୍ୱାରା କ୍ଷୁଦ୍ରଚାଷୀଙ୍କ ଆୟ ବଢ଼ିବ ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଗୁରୁବାର ଆୟୋଜିତ କୃଷକ ଉତ୍ପାଦକ ସଙ୍ଗଠନର ଗଠନ ଓ ପ୍ରସାର ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ରାଜ୍ୟର ପ୍ରାୟ ୭୦ ପ୍ରତିଶତରୁ ଅଧିକ ଲୋକ କୃଷି ଓ ଆନୁଷଙ୍ଗିକ କୃଷି ସହ ଜଡ଼ିତ। ସେମାନଙ୍କ ମଧ୍ୟରୁ ଅଧିକାଂଶ କ୍ଷୁଦ୍ର ଓ ନାମମାତ୍ର ଚାଷୀ। ୃଷକ ଉତ୍ପାଦକ ସଙ୍ଗଠନ ଜରିଆରେ ସେମାନେ ସୁଲଭ ମୂଲ୍ୟରେ କୃଷି ସାମଗ୍ରୀ ପାଇବା ସହିତ ଉତ୍ପାଦିତ ସାମଗ୍ରୀ ଉଚିତ ଦରରେ ବିକ୍ରି କରିପାରିବେ। ଏହି ଅବସରରେ କୃଷକ ଉତ୍ପାଦକ ସଙ୍ଗଠନର ଶାସନ ଓ ଅନୁପାଳନ ସମ୍ପର୍କିତ ଏକ ହ୍ୟାଣ୍ଡବୁକ୍‌କୁ ମନ୍ତ୍ରୀ ସ୍ୱାଇଁ ଉନ୍ମୋଚନ କରିଛନ୍ତି। କର୍ମଶାଳାରେ ଉଦ୍‌ବୋଧନ ଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି, ଚାଷୀଙ୍କୁ ସଶକ୍ତ କରିବା ନିମନ୍ତେ କୃଷକ ଉତ୍ପାଦକ ସଙ୍ଗଠନ ଏକ ପ୍ରକୃଷ୍ଟ ମାଧ୍ୟମ। ଓଡ଼ିଶା ସରକାରଙ୍କ ଦ୍ୱାରା କୃଷକ ଉତ୍ପାଦକ ସଙ୍ଗଠନ ନିମନ୍ତେ ନିଃଶୁଳ୍କ ପରାମର୍ଶ ସେବା ୧୮୦୦-୩୪୫-୧୨୩୨ ଆରମ୍ଭ କରାଯାଇଛି । କୃଷକ ଉତ୍ପାଦକ ସଙ୍ଗଠନଗୁଡ଼ିକୁ ଇ-ନାମ୍ ପ୍ଲାଟ୍‌ଫର୍ମ ଜରିଆରେ ସାରା ଦେଶର ବଜାର ସହିତ ଯୋଡ଼ିହେବାର ସୁଯୋଗ ରହିଛି ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଛନ୍ତି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF · GST 5%

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

KUBER FINANCE
(Registered)
ଭାରତର ନଂ୧ କମ୍ପାନୀ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
9417930815

ଧନଲକ୍ଷ୍ମୀ ଫାଇନାନ୍ସ
ରେଜିଷ୍ଟର୍ଡ କମ୍ପାନୀ
ସବୁ ବ୍ୟାଙ୍କ ଦ୍ୱାରା ଋଣ
ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଏଜୁକେଶନ, ଗୃହ ଉଦ୍ୟୋଗ, ଗାଡ଼ି, ଗୃହ ଋଣ 36 ଘଣ୍ଟାରେ
2% ସୁଧ
50% ଛାଡ଼
(ସିବିଲ ଖରାପ ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
7599195877

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଷ୍ଟାର ଶଟ୍‌ଲର ସିନ୍ଧୁ



ନିର୍ମଳ କୁମାର ମିଶ୍ର





ପୁଷାର୍ଲା ଭେଙ୍କଟ ସିନ୍ଧୁ। ସେ ହେଉଛନ୍ତି ଭାରତର ଷ୍ଟାର ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଅବା ଶଟ୍‌ଲର। ସେ ପ୍ରଥମଥର ପାଇଁ ସିଙ୍ଗାପୁର ଓପନ୍ ବ୍ୟାଡ୍‌ମିଣ୍ଟନ ଟାଇଟଲ ବିଜୟିନୀ ହୋଇଛନ୍ତି। ତାଙ୍କର ଏହି ସଫଳତା ଭାରତୀୟ ବ୍ୟାଡ୍‌ମିଣ୍ଟନ ପାଇଁ ନିଶ୍ଚିତ ଗୌରବର ବିଷୟ। ରୋମାଞ୍ଚକର ଫାଇନାଲରେ ଚାଇନାର ୱାଙ୍ଗ୍.ଜି.ୟିଙ୍କୁ ହରାଇ ଦେଇଥିଲେ। ଏହା ହେଉଛି ତାଙ୍କର ପ୍ରଥମ ସୁପର ୫୦୦ ଟାଇଟଲ। ଏହାକୁ ମିଶାଇ ସିନ୍ଧୁ ଚଳିତ ବର୍ଷ ୩ଟି ଟାଇଟଲ ଜିତିବା ସହ ଭାରତୀୟ ବ୍ୟାଡ୍‌ମିଣ୍ଟନକୁ ଏକ ନୂଆ ସୋପାନରେ ପହଞ୍ଚାଇଛନ୍ତି। ଏହା ପୂର୍ବରୁ ସେ ସୟଦ ମୋଦି ଇଣ୍ଟରନ୍ୟାଶନାଲ ଏବଂ ସୁଇସ୍ ଓପନରେ ୨ଟି ସୁପର ୩୦୦ ଟାଇଟଲ ଜିତି ସାରିଛନ୍ତି। ଦୁଇ ଥର ଅଲିମ୍ପିକ୍ସ ପଦକ ବିଜେତା ସିନ୍ଧୁଙ୍କ ପାଇଁ ଆଗକୁ ରହିଛି ରାଜ୍ୟଗୋଷ୍ଠୀ କ୍ରୀଡ଼ା। ଏହି ବିଜୟ ନିଶ୍ଚିତ ରୂପେ ତାଙ୍କର ଆତ୍ମବିଶ୍ୱାସ ବଢାଇବ। ସିନ୍ଧୁ ଅତି ଚମତ୍କାର ଭାବରେ ଏହି ଗ୍ରାଣ୍ଡ ଫାଇନାଲରେ ନିଜର ଅଭିଯାନ ଆରମ୍ଭ କରି ପ୍ରଥମ ସେଟ୍ ଜିତିବା ସହ ୨ୟ ସେଟ୍‌ରେ ବ୍ୟାକ୍‌ଫୁଟରେ ରହିଥିଲେ। ମାତ୍ର ୩ୟ ସେଟ୍‌ରେ ପ୍ରାଧାନ୍ୟ ବିସ୍ତାର କରି ଟାଇଟଲ ହାତେଇବାକୁ ସକ୍ଷମ ହୋଇଥିଲେ।

ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ୍ (ବି.ଡବ୍ଲ୍ୟୁଏଫ୍) ର୍‌ୟାକିଙ୍ଗ୍‌ରେ ସିନ୍ଧୁ ବର୍ତ୍ତମାନ ୭ ନମ୍ବର ସ୍ଥାନରେ ରହିଥିବା ବେଳେ ୱାଙ୍ଗ୍.ଜି.ୟି ୧୧ତମ ସ୍ଥାନରେ ରହିଛନ୍ତି। ଚଳିତମାସ ୧୨ତାରିଖରୁ ଆରମ୍ଭ ହୋଇ ୧୭ ତାରିଖରେ ଏହି ମେଗା ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। ୧୯୨୯ ମସିହାରୁ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଏବଂ ୨୦୧୮ରୁ ବି.ଡବ୍ଲ୍ୟୁ.ଏଫ୍ ଏହାକୁ ସୁପର ୫୦୦ର ମାନ୍ୟତା ପ୍ରଦାନ କରିଥିଲା। ବିଶ୍ୱର ଏହା ଅନ୍ୟତମ ଶ୍ରେଷ୍ଠ ଟୁର୍ନାମେଣ୍ଟ। ଶ୍ରେଷ୍ଠ ୭ଟି ଟୁର୍ନାମେଣ୍ଟ ମଧ୍ୟରୁ ଏକା ସମ୍ମାନ ଜନକ ଏବଂ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ। ଯେଉଁଥିରେ ବିଶ୍ୱ ର୍‌ୟାକିଙ୍ଗ୍‌ର ବହୁ ନାମୀଦାମୀ ଖେଳାଳି ଭାଗନେଇଥାନ୍ତି। ଆଗାମୀ ୨୦୨୩ରୁ ଏହି ଟୁର୍ନାମେଣ୍ଟ ସୁପର ୭୫୦ ହେବାକୁ ଯାଉଛି। ୧୯୬୦ ମସିହାରୁ ସିଙ୍ଗାପୁର ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମାନ୍ୟତା ପାଇବା ପରେ ଇଣ୍ଡୋନେସିଆ ପୁରୁଷରେ ସର୍ବାଧିକ ୧୬ ଥର ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛି। ସେହିପରି ବ୍ୟାଡମିଣ୍ଟନର ଅନ୍ୟତମ ଶକ୍ତିଶାଳୀ ଦେଶ ରୂପେ ପରିଗଣିତ ଚାଇନା ମହିଳା ସିଙ୍ଗଲ୍ସରେ ସର୍ବାଧିକ ୧୭ଥର ଟାଇଟଲ ଜିତିବାରେ ସକ୍ଷମ ହୋଇଛି। ୨୦୨୦ ଏବଂ ୨୦୨୧ ଦୁଇ ବର୍ଷ ପାଇଁ ଏହି ମେଗା ଟୁର୍ନାମେଣ୍ଟ କୋଭିଡ୍ ପାଇଁ ସ୍ଥଗିତ ରହିଥିଲା।

ହାଇଦ୍ରାବାଦର ଏହି ୨୭ ବର୍ଷୀୟା ସିନ୍ଧୁ ମହିଳା ଖେଳାଳି ବିଶ୍ୱ ବ୍ୟାଡ୍‌ମିଣ୍ଟନ ଜଗତରେ ଏକ ପରିଚିତ ନାମ। ମାତ୍ର ୧୩ବର୍ଷ ବୟସରୁ ତାଙ୍କର ବ୍ୟାଡ୍‌ମିଣ୍ଟନ କ୍ୟାରିୟର ଆରମ୍ଭ କରିବା ସହିତ ୨୦୧୩ ଜାତୀୟ ଦଳରେ ସାମିଲ ହୋଇଥିଲେ। ଗୋପୀଚାନ୍ଦ ଏକାଡେମୀରୁ ଟ୍ରେନିଂ ନେବା ସହିତ ଇଣ୍ଟରନ୍ୟାଶନାଲ କ୍ୟାରିୟର ମାତ୍ର ୧୭ବର୍ଷ ବୟସରୁ ଆରମ୍ଭ କରି ଆଉ ପଛକୁ ଫେରି ନାହାନ୍ତି। ୨୦୧୦ରେ ଅନ୍ୟତମ ଶ୍ରେଷ୍ଠ ସଟଲର ସାଇନା ନେହ୍ୱାଲ ଏହି ଟୁର୍ନାମେଣ୍ଟରେ ବିଜୟୀ ହୋଇଥିବା ବେଳେ ୨୦୧୭ରେ ସାଇ ପ୍ରଣୀଥ୍ ପୁରୁଷ ବିଭାଗରେ ଚାମ୍ପିୟନ ହୋଇଥିଲେ।

୨୦୧୬ ବ୍ରାଜିଲ ସମର ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତି କୋଟି କୋଟି ବିଶ୍ୱବାସୀଙ୍କ ହୃଦୟ ଜିତିଥିବା ବେଳେ ୨୦୨୨ ଟୋକିଓ ଅଲିମ୍ପିକ୍ସରେ ପୁନର୍ବାର ବ୍ରୋଞ୍ଜ ପଦକ ଜିତି ନିଜ ପାଖରେ ଭରପୂର ପ୍ରତିଭା ରହିଛି ବୋଲି ପ୍ରମାଣିତ କରିଥିଲେ। ନିଜ ର୍‌ୟାକିଙ୍ଗଠାରୁ ଉପରେ ଥିବା ବହୁ ନାମୀଦାମୀ ଖେଳାଳିଙ୍କୁ ପରାସ୍ତ କରିଥିଲେ। ୨୦୧୮ ଏସିଆନ ଗେମ୍ସ ଜାକର୍ତ୍ତାଠାରେ ରୌପ୍ୟ ପଦକ ଜିତିବା ସହିତ ୨୦୧୮ ଅଷ୍ଟ୍ରେଲିଆର ଗୋଲଡ କୋଷ୍ଟରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଜିତିବା ତାଙ୍କର ଅନ୍ୟତମ ଶ୍ରେଷ୍ଠ ସଫଳତା ରହିଥିଲା। ୨୦୧୯ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ଜିତିବା

**ସିନ୍ଧୁ ତାଙ୍କ କ୍ୟାରିୟରରେ ଏପର୍ଯ୍ୟନ୍ତ ମୋଟ ୫୬୫ଟି ସିଙ୍ଗଲ୍ସ ମ୍ୟାଚ ଖେଳିସାରିଥିବା ବେଳେ ତନ୍ମଧ୍ୟରୁ ୩୯୭ ଟିରେ ବିଜୟ ଏବଂ ୧୬୮ଟିରେ ପରାଜୟ ବରଣ କରିଛନ୍ତି। ୨୦୧୨ରେ ପ୍ରଥମ ଥର ପାଇଁ ବି.ଡବ୍ଲ୍ୟୁ.ଏଫ୍ ଟପ୍ ୨୦ ର୍‌ୟାଙ୍କିଙ୍ଗ୍‌ରେ ସେ ସ୍ଥାନ ପାଇଥିଲେ। ସେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍‌ୟାଙ୍କିଙ୍ଗ୍ ୨୦୧୭ରେ ହାସଲ କରି ୨ ସ୍ଥାନରେ ରହିଥିଲେ। ଏବେ ତାଙ୍କର ନଜର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉପରେ ରହିଛି, ଯାହାକି ଚଳିତ ମାସ ୨୮ ତାରିଖରୁ ଇଂଲଣ୍ଡର ବର୍ମିଂହାମଠାରେ ଆରମ୍ଭ ହେବାକୁ ଯାଉଛି। ଭାରତକୁ ବ୍ୟାଡ୍‌ମିଣ୍ଟନରେ ଆହୁରି ଆଗକୁ ନେବା ସହ ବି.ଡବ୍ଲ୍ୟୁ.ଏଫ୍ ର୍‌ୟାଙ୍କିଙ୍ଗ୍‌ରେ ୧ନମ୍ବର ସ୍ଥାନ ହାସଲ ପାଇଁ ସେ ତାଙ୍କ ଚେଷ୍ଟା ଜାରି ରଖିଛନ୍ତି।**

ତାଙ୍କ ପାଇଁ ଆଣିଥିଲା ଅନେକ ସୁନାମ। ବର୍ତ୍ତମାନ ବି.ଡବ୍ଲ୍ୟୁ.ଏଫ୍ ର୍‌ୟାଙ୍କିଙ୍ଗରେ ଜାପାନର ଆକାନେ ୟାମାଗୁଚି ୧ ନମ୍ବର ସ୍ଥାନରେ ରହିଥିବା ବେଳେ ତାଇପେର ତାଇ.ତ୍ସୁ.ୟଙ୍ଗ ନଂ୨ ସ୍ଥାନରେ ରହିଛନ୍ତି। ପି.ଭି. ସିନ୍ଧୁ ୭ମ ସ୍ଥାନରେ ରହିଛନ୍ତି। ୨୦୧୨ରେ ପ୍ରଥମ ଥର ପାଇଁ ବି.ଡବ୍ଲ୍ୟୁ.ଏଫ୍ ର୍‌ୟାକିଙ୍ଗରେ ୨୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ସର୍ବାଧିକ ର୍‌ୟାକିଙ୍ଗ ୨୦୧୭ରେ ୨ନମ୍ବର ସ୍ଥାନରେ ରହିଥିବା ବେଳେ ଏବେ ତାଙ୍କର ନଜର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉପରେ ଯାହାକି ଚଳିତ ମାସ ୨୮ ତାରିଖରୁ ଇଂଲଣ୍ଡର ବର୍ମିଂହାମଠାରେ ଆରମ୍ଭହେବାକୁ ଯାଉଛି। ଏହି ଷ୍ଟାର ଶଟ୍‌ଲର ତାଙ୍କ କ୍ୟାରିୟରରେ ମୋଟ ୫୬୫ଟି ମ୍ୟାଚ ସିଙ୍ଗଲ୍ସ ଖେଳିଥିବା ବେଳେ ୩୯୭ ଟିରେ ବିଜୟୀ ହୋଇଥିବା ବେଳେ ୧୬୮ଟି ମ୍ୟାଚରେ ପରାଜୟ ବରଣ କରଛନ୍ତି। ୨୦୨୨ରେ ଖେଳିଥିବା ମୋଟ ୪୪ଟି ସିଙ୍ଗଲ୍ସ ମ୍ୟାଚ ମଧ୍ୟରୁ ୩୨ଟିରେ ବିଜୟ ଲାଭ କରିଥିବା ବେଳେ ୧୨ଟିରେ ପରାଜିତ ହୋଇଛନ୍ତି। ସେ ଏପର୍ଯ୍ୟନ୍ତ ଖେଳିଥିବା ୨୪ଟି ଡବଲ୍ସ ମ୍ୟାଚ ମଧ୍ୟରୁ ୧୪ଟିରେ ବିଜୟ ଲାଭ କରିଥିବା ବେଳେ ୧୦ଟି ମ୍ୟାଚରେ ପରାଜିତ ହୋଇଛନ୍ତି। ଏହି ମହାନ୍ ଖେଳାଳିଙ୍କୁ ଭାରତ ସରକାର ୨୦୧୩ ଅର୍ଜୁନ ପୁରସ୍କାର ଏବଂ ୨୦୧୫ରେ ପଦ୍ମଶ୍ରୀ ଏବଂ ୨୦୧୬ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ସହ ୨୦୨୦ରେ ପଦ୍ମଭୂଷଣ ଉପାଧିରେ ଭୂଷିତ କରିଛନ୍ତି।

ସିନ୍ଧୁ ଭାରତକୁ ବ୍ୟାଡମିଣ୍ଟନ ଗେମ୍‌ରେ ଆହୁରି ଆଗକୁ ନେବା ଲକ୍ଷ୍ୟ ରଖିଥିବା ବେଳେ ବି.ଡବ୍ଲ୍ୟୁ.ଏଫ୍ ର୍‌ୟାକିଙ୍ଗରେ ୧ନମ୍ବର ସ୍ଥାନ ହାସଲ ପାଇଁ ସେ ତାଙ୍କର ଚେଷ୍ଟା ଅବ୍ୟାହତ ରଖିଛନ୍ତି।

# ଦଳ ଚୟନ ଦ୍ୱନ୍ଦ୍ୱରେ ଭାରତ

## ଆଜି ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଦିନିକିଆ

ପୋର୍ଟ ଅଫ୍ ସ୍ପେନ୍,୨୧।୭(ପି.ଟି)

ଶିଖର ଧାୱନଙ୍କ ନେତୃତ୍ୱରେ ଭାରତୀୟ ଦଳ ୱେଷ୍ଟଇଣ୍ଡିଜ୍ ଗସ୍ତରେ ରହିଛି। ଶୁକ୍ରବାର ପୋର୍ଟ ଅଫ୍ ସ୍ପେନ୍‌ରେ ଉଭୟ ଦଳ ମଧ୍ୟରେ ଆରମ୍ଭ ହେବ ଦିନିକିଆ ସିରିଜ୍ ଲଢ଼େଇ। ଏହି ସିରିଜ୍ ପାଇଁ ଭାରତ ପକ୍ଷରୁ ଏହାର ସମସ୍ତ ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଦଳ ଚୟନକୁ ନେଇ ଦ୍ୱନ୍ଦ୍ୱରେ ରହିଛି ଟିମ୍ ମ୍ୟାନେଜ୍‌ମେଣ୍ଟ। ଦ୍ୱିତୀୟଥର ପାଇଁ ଭାରତୀୟ ଦଳର ଅଧିନାୟକତ୍ୱ ପାଇଥିବା ଶିଖର ଧାୱନଙ୍କ ଲାଗି ମଧ୍ୟ ଏହା କୌଣସି ଚ୍ୟାଲେଞ୍ଜରୁ କମ୍ ନୁହେଁ। ନିୟମିତ ଅଧିନାୟକ ତଥା ଓପନର ରୋହିତ ଶର୍ମାଙ୍କୁ ଏହି ସିରିଜ୍‌ରୁ ବିଶ୍ରାମ ଦିଆଯାଇଛି। ରୋହିତ୍‌ଙ୍କ ବ୍ୟତୀତ ବିରାଟ କୋହଲି, ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମ୍ରା, ମହମ୍ମଦ ଶାମି ଏବଂ ରିଷଭ ପନ୍ତଙ୍କୁ ମଧ୍ୟ ବିଶ୍ରାମ ଦିଆଯାଇଛି। ଶିଖର ଧାୱନଙ୍କ ସହିତ ଜଣେ ନୂଆ ଓପନରଙ୍କୁ ଦେଖିବାକୁ ମିଳିବ। ତେବେ ବାମ ଡାହାଣ କମ୍ବିନେଶନକୁ ନଜରରେ ରଖିଲେ ଶୁବମନ ଗିଲ୍ କିମ୍ବା ଋତୁରାଜ ଗାଏକ୍ୱାଡଙ୍କ ମଧ୍ୟରୁ ଜଣଙ୍କୁ ଖେଳାଯାଇପାରେ।

ଭାରତୀୟ ଦଳ ଏହି ଗସ୍ତରେ ୩ଟି ଦିନିକିଆ ଏବଂ ୫ଟି ଟି୨୦ ମ୍ୟାଚ୍ ଖେଳିବ। ଟି୨୦ ବିଶ୍ୱକପ୍ ଆଗକୁ ଥିବାରୁ ଟି୨୦ ସିରିଜର ଗୁରୁତ୍ୱ ରହିଛି। ମାତ୍ର ସିନିୟର ଖେଳାଳିଙ୍କ ଅନୁପସ୍ଥିତିରେ ଯୁବ ଖେଳାଳିମାନେ ଦିନିକିଆରେ କିଭଳି ପ୍ରଦର୍ଶନ କରୁଛନ୍ତି ଏବଂ ଚାପର ମୁକାବିଲା କରୁଛନ୍ତି ଏହା ଉପରେ ସମସ୍ତଙ୍କ ନଜର ରହିବ। ତେବେ ଭାରତୀୟ ମ୍ୟାନେଜ୍‌ମେଣ୍ଟ ପାଇଁ ସବୁଠାରୁ ବଡ଼ ସମସ୍ୟା ହେଉଛି ଟିମ୍ ଚୟନ। ଓପନିଂ ପାଇଁ ଧାୱନଙ୍କ ସହିତ ୩ଟି ବିକଳ୍ପ ରହିଥିବା ବେଳେ ମିଡଲ ଅର୍ଡରରେ ମଧ୍ୟ ସମାନ ସମସ୍ୟା ରହିଛି। ରେଡ୍ ହଟ୍ ଫର୍ମରେ ରହିଥିବା ଦୀପକ ହୁଡାଙ୍କୁ ୩ ନମ୍ବରରେ ସୁଯୋଗ ମିଳିବା ଥୟ। ସେହିପରି ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜରେ ଶତକ ହାସଲ କରିଥିବା ସୂର୍ଯ୍ୟକୁମାର ଯାଦବଙ୍କୁ ୪ ନମ୍ବରରେ ଖେଳାଯିବାର ସମ୍ଭାବନା ଅଧିକ। ଏପରି ହେଲେ ମିଡଲ ଅର୍ଡରରୁ ବାଦ୍ ପଡ଼ିପାରନ୍ତି ଶ୍ରେୟାସ ଆୟାର। ସଞ୍ଜୁ ସାମ୍ସନଙ୍କ ସହିତ ନିଜ ସ୍ଥାନ ପାଇଁ ଆୟାରଙ୍କୁ ଲଢ଼େଇ କରିବାକୁ ପଡ଼ିବ। ଶର୍ଟ ବଲ୍ ବିପକ୍ଷରେ ଆୟାରଙ୍କ ଦୁର୍ବଳତା କାରଣରୁ ନିଜ ଦ୍ୱିତୀୟ ଦିନିକିଆ ଖେଳିବାର ସୁଯୋଗ ପାଇପାରନ୍ତି ସାମ୍ସନ।

ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ଶାର୍ଦ୍ଦୁଳ ଠାକୁର ପେସ୍ ବୋଲିଂ ଅଲ୍‌ରାଉଣ୍ଡର ଭାବେ ସ୍ଥାନ ପାଇ ପାରନ୍ତି। ନିକଟରେ ବାଂଲାଦେଶ ବିପକ୍ଷରେ ସ୍ପିନ୍ ବୋଲିଂ ଆଗରେ ୱେଷ୍ଟଇଣ୍ଡିଜ ଯେଉଁଭଳି ପ୍ରଦର୍ଶନ କଲା ସେଥିଲାଗି ଭାରତ ଚହଲ ଓ ଜାଡେଜାଙ୍କୁ ଖେଳାଇବ। ସେହିଭଳି ତୃତୀୟ ସ୍ପିନର ଭାବରେ ଅକ୍ଷର ପଟେଲ ଦଳରେ ଅଛନ୍ତି।

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା**



ଇନ୍‌ଡୋରରେ ଅଭ୍ୟାସ ଅବସରରେ କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ ସହ ଶିଖର ଧାୱନ।

# ମନିନ୍ଦର ଆମିକସ୍ କ୍ୟୁରି ନିଯୁକ୍ତ

**ନୂଆଦିଲ୍ଲୀ, ୨୧।୭ (ପି.ଟି.):** ସୁପ୍ରିମକୋର୍ଟ ଗୁରୁବାର ସିନିୟର ଆଡ୍‌ଭୋକେଟ ମନିନ୍ଦର ସିଂଙ୍କୁ ଆମିକସ୍‌କ୍ୟୁରି ଭାବେ ନିଯୁକ୍ତି ଦେଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କର୍ମକର୍ତ୍ତାଙ୍କ କାର୍ଯ୍ୟକାଳକୁ ନେଇ ସମ୍ବିଧାନ ସଂଶୋଧନ ନିମନ୍ତେ ଜୁଲାଇ ୧୮ରେ ହେବାକୁଥିବା ଶୁଣାଣି ବେଳେ ସେ ସହାୟତା ପ୍ରଦାନ କରିବେ। ଚିଫ୍ ଜଷ୍ଟିସ୍ ଏନ୍.ଭି. ରମନା, ଜଷ୍ଟିସ କ୍ରିଷ୍ଣା ମୁରାରୀ ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

# ଫାଓ ଲିଗ୍: ରାଇଜିଂ ଷ୍ଟୁଡେଣ୍ଟ୍ସ ବିଜୟୀ

**ଭୁବନେଶ୍ୱର,୨୧।୭,(ସ୍ପୋର୍ଟସ ବ୍ୟୁରୋ):** ବାରବାଟୀ ଷ୍ଟାଡିୟମରେ ଖେଳା ଯାଉଥିବା ରାଜ୍ୟସ୍ତରୀୟ ଫାଓ ଲିଗ୍ ୨୦୨୨ର ୨୧ ତମ ମୁକାବିଲା ଜିତି ନେଇଛି ରାଇଜିଂ ଷ୍ଟୁଡେଣ୍ଟ୍ସ। କଡା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାକୁ ୩-୨ରେ ହାରିଯାଇଥିଲା ସ୍ପୋର୍ଟସ ହଷ୍ଟେଲ। ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ମ୍ୟାଚର ସପ୍ତମ ମିନିଟରେ ରାଇସେନ ଟୁଡୁ ପ୍ରଥମ ଗୋଲ ସ୍କୋର କରିଥିଲେ। ମାତ୍ର ୧୩ତମ ମିନିଟରେ ଆନନ୍ଦ ଓରାମଙ୍କ ଗୋଲ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲା। ଏହାର ୪ ମିନିଟ ମଧ୍ୟରେ ଅନ୍ତର୍ଯ୍ୟାମୀ ନାୟକ ଗୋଲ ସ୍କୋର କରି ରାଇଜିଂ ଷ୍ଟୁଡେଣ୍ଟ୍ସକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧରେ ଦଳ ୨-୧ରେ ଅଗ୍ରଣୀ ହାସଲ କରିଥିଲା ରାଇଜିଂ ଷ୍ଟୁଡେଣ୍ଟ୍ସ।

ଦ୍ୱିତୀୟାର୍ଦ୍ଧରେ ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ଗୋଲ ପରିଶୋଧର ଆପ୍ରାଣ ଉଦ୍ୟମ କରାଯାଇଥିଲା। ୫୨ତମ ମିନିଟରେ ପାରାଓ ଟୁଡୁଙ୍କ ଗୋଲ ବଳରେ ଦଳ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲା। ପୁନର୍ବାର ୧୦ ମିନିଟ୍ ମଧ୍ୟରେ ରାଇଜିଂ ପକ୍ଷର ବିଜୟ ସୂଚକ ଗୋଲ ସ୍କୋର କରିଥିଲେ ଜମିର ଓରାମ।



ରାଇଜିଂ ଷ୍ଟୁଡେଣ୍ଟ ଓ ସ୍ପୋର୍ଟ୍ସ ହଷ୍ଟେଲ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ପାରା ଶୁଟିଂ ବିଶ୍ୱକପ୍: ଭାରତକୁ ରେକର୍ଡ ୧୦ ପଦକ

ମ୍ୟୁନିକ୍,୨୧।୭,(ପି.ଟି)

ପାରାଲିମ୍ପିକ୍ସ ଶୁଟିଂ ପଦକ ବିଜେତା ସିଂହରାଜ ଆଧାନାଙ୍କ ଦୁଇ ସ୍ୱର୍ଣ୍ଣ ବିଜୟ ସହିତ ରେକର୍ଡ ୧୦ ପଦକ ହାସଲ କରିଛି ଭାରତ। ବିଶ୍ୱକପର ଅନ୍ତିମ ଦିନରେ ସିଂହରାଜ ଦୁଇ ପଦକ ସହିତ ସୁମଦାୟ ୧୦ପଦକ ହାସଲ କରିଥିଲା ଭାରତ। ୬ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ସହିତ ଭାରତ ପଦକ ତାଲିକା ଶୀର୍ଷରେ ରହିଥିଲା। ୩ଟି ଲେଖାଏଁ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଫ୍ରାନ୍ସ(୧୧) ଏବଂ ୟୁକ୍ରେନ୍ (୧୫) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ୨୦୧୭ରେ ପ୍ରଥମ ଥର ପାଇଁ ଏହି ଟୁର୍ନାମେଣ୍ଟ ଖେଳିଥିବା ଭାରତର ଏହା ଶ୍ରେଷ୍ଠ ପ୍ରଦର୍ଶନ।

ଅନ୍ତିମ ଦିନରେ ପି-୪ ଇଭେଣ୍ଟରେ ୨୨୪.୧ ପଏଣ୍ଟ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୟୁକ୍ରେନର ଓଲେକସି ଡେନିସୁକ୍ ୨୧୬.୨ ପଏଣ୍ଟ ସହିତ ରୌପ୍ୟ ଏବଂ କୋରିଆର ଜୋଏଙ୍ଗଡୁ ଜୋ ବ୍ରୋଞ୍ଜ ପଦକ ଜିତିଥିଲେ। ଏକାଧିକ ରୌପ୍ୟ ଓ ବ୍ରୋଞ୍ଜ ପର ସିଂହରାଜଙ୍କର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ। ବ୍ୟକ୍ତିଗତ ଇଭେଣ୍ଟ ପୂର୍ବରୁ ଦୀପେନ୍ଦର ସିଂ ଓ ମନୀଷ ନରୱାଲଙ୍କୁ ସହିତ ଦଳଗତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ମୁଁ ଅତ୍ୟନ୍ତ ଖୁସି ବୋଲି କହିଛନ୍ତି ସିଂହରାଜ ଅଧାନା। ଏହି ସଫଳତା ପାଇଁ ସେ ନିଜ କୋଚ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହା ପୂର୍ବରୁ ରାହୁଲ ଜାଖର ୨୫ ମିଟ ପିସ୍ତଲ ପି-୩ ବର୍ଗରେ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ଜାଖର, ସିଂହରାଜ ଓ ନିହାଲ ମିଳିତ ଭାବରେ ୧୬୯୫-୩୬ଏକ୍ସ ବର୍ଗରେ ସ୍ୱର୍ଣ୍ଣ ଜିତିଥିଲେ। ମନୀଷ ନରୱାଲ ଏବଂ ରୁବିନା ଫ୍ରାନ୍ସିସ୍ ପି-୬ ମିକ୍ସଡ ଟିମ୍ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ। ଭାରତୀୟ ପାରା ଶୁଟିଂ ଟିମ୍ ଆସନ୍ତା ନଭେମ୍ବରରେ ହେବାକୁଥିବା ଶୁଟିଂ ବିଶ୍ୱ ଚାମ୍ପିୟନଶିପରେ ଅଂଶଗ୍ରହଣ କରିବ।



ପଦକ ସହ ସିଂହରାଜ ଆଧାନା (ମଝି)।

# ଫୁଟ୍‌ବଲରଙ୍କ ପରଲୋକରେ ଶୋକ

**ଭୁବନେଶ୍ୱର,୨୧।୭,(ସ୍ପୋର୍ଟସ ବ୍ୟୁରୋ):** ପୂର୍ବତନ ଜାତୀୟ ସ୍ତରର ଫୁଟବଲ ଖେଳାଳିପରମାନନ୍ଦ ଖାଲଖୋଙ୍କ ପରଲୋକ ଘଟିଛି। ବ୍ରଜରାଜ ନଗରରେ ଖାଲଖୋ ଗୁରୁବାର ଶେଷ ନିଶ୍ୱାସ ତ୍ୟାଗ କରିଥିବା ବେଳେ ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ୧୯୫୦ରୁ ୬୦ ଦଶକ ମଧ୍ୟରେ ଓଡ଼ିଶା ପକ୍ଷରୁ ସନ୍ତୋଷ ଟ୍ରଫିରେ ପ୍ରତିନିଧିତ୍ୱ କରିଥିବା ଖାଲଖୋ ଜଣେ ମିଡଫିଲ୍ଡର ରହିଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ଫୁଟବଲ ସଂଘ ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଛି।



# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଜୁଲାଇ ୨୨/୨୦୨୨ Sambalpur, Friday, July 22/ 2022







## ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ଅନ୍ନୁ ରାଣୀ

**ଇଯୁଜିନ, ୨୧।୭, (ପି.ଟି):** ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ଆଉ ଜଣେ ଭାରତୀୟ ଖେଳାଳି। ପୂର୍ବରୁ ଅବିନାଶ ସାବଲେ ଓ ମୁରଲୀ ଶ୍ରୀଶଙ୍କର ଫାଇନାଲରେ ପ୍ରବେଶ କରିଥିବା ବେଳେ ଗୁରୁବାର ମହିଳା ଜାଭେଲିନ୍ ଥ୍ରୋୟର୍ ଅନ୍ନୁ ରାଣୀ ଫାଇନାଲରେ ପ୍ରବେଶ କରିଛନ୍ତି। ନିଜର ଶେଷ ପ୍ରୟାସରେ ଅନ୍ନୁ ୫୯.୬୦ ମିଟର ଦୂର ଥ୍ରୋ କରିବା ସହିତ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲେ। ଅନ୍ନୁଙ୍କ ପ୍ରଥମ ଥ୍ରୋ ଫାଉଲ ରହିଥିବା ବେଳେ ଦ୍ୱିତୀୟ ଥ୍ରୋ ୫୫.୩୫ ମିଟର ରହିଥିଲା। ଏହାପରେ ନିଜର ଅନ୍ତିମ ଥ୍ରୋରେ ୫୯.୬୦ ମିଟର ଦୂରତା ହାସଲ କରିବା ସହିତ ଫାଇନାଲରେ ପହଞ୍ଚିଥିଲେ। ଅନ୍ନୁଙ୍କ ସିଜିନର ଶ୍ରେଷ୍ଠ ପ୍ରଦର୍ଶନ ଠାରୁ ଏହା କମ ରହିଥିଲେ ହେଁ ଫାଇନାଲ ରାଉଣ୍ଡ ପାଇଁ ଯଥେଷ୍ଟ ରହିଥିଲା।

୨୯ ବର୍ଷୀୟ ଏହି ଜାତୀୟ ରେକର୍ଡଧାରୀ ଖେଳାଳିଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୬୩.୮୨ ମିଟର ରହିଛି। ଗ୍ରୁପ୍ ବିରେ ୫ ନମ୍ବର ସ୍ଥାନରେ ରହିଥିଲେ ଅନ୍ନୁ। ତୃତୀୟ ଥର ପାଇଁ ବିଶ୍ୱ ଚାମ୍ପିୟନଶିପରେ ଅଂଶଗ୍ରହଣ କରୁଥିବା ଅନ୍ନୁ କ୍ରମାଗତ ଦ୍ୱିତୀୟ ଥର ପାଇଁ ଫାଇନାଲ ବର୍ଥ ସୁରକ୍ଷିତ ରଖିଛନ୍ତି।














For Franchisee Enquiry:- Call +91 7077721612 • For Trade Enquiries, Call +91 7077721602 • For Clean Home Products Trade Enquiries, Call +91 8826102361

Prestige Xclusive



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ

## ଗଞ୍ଜେଇ ସହ ବାଇକ୍ ଜବତ, ୨ ଗିରଫ

ଗୁଡ଼ଭେଲା,(ଡିଏନଏ): ବଲାଙ୍ଗୀର ଜିଲା ତୁଷୁରା ସହର ଧାନଘରାରେ ତୁଷୁରା ପାଟ୍ରୋଲିଂ ପୋଲିସ ଗୁରୁବାର ୫କେଜି ଗଞ୍ଜେଇ ସହ ଏକ ବାଇକ ଜବତ କରିଛି। ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବେଲପଡା ଥାନା ଭରୁଆମୁଣ୍ଡାର ସୁଜନ ମାଝି ଓ ପାଟଣାଗଡ ଥାନା ନେନ୍ଦାବନ୍ଧ ଗ୍ରାମର କିଶୋର ବାଗ। ଥାନାଧିକାରୀ ସଞ୍ଜୀବ ପ୍ରଧାନ, ଏସଆଇ କମଳଲୋଚନ ମାଝି, ଅନନ୍ତ ସାହୁ ପାଟ୍ରୋଲିଂ ବେଳେ ଧରିଥିଲେ।

**ସଂକ୍ଷେପରେ**

## ସଂଘବଦ୍ଧଭାବେ ଆଜ୍‌ବେଷ୍ଟସ ଘର ଭାଙ୍ଗିଦେଲେ

**ଲୋଇସିଂହା,୨୧।୭(ଡି.ଏନ.ଏ):** ବଲାଙ୍ଗୀର ଜିଲା ସଦର ଥାନା ତଥା ଲୋଇସିଂହା ବ୍ଲକ ମାଗୁରବେଡା କଟାଁପଡା ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଆଜବେଷ୍ଟସ ଘରକୁ ସଂଘବଦ୍ଧଭାବେ କେତେକ ଲୋକ ଭାଙ୍ଗି ଦେଇଛନ୍ତି। ଘର ମାଲିକ ସଞ୍ଜୟ ବିଶ୍ୱାଳ ଏ ନେଇ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ଏତଲାରେ ସେ ୧୯ ଜଣଙ୍କ ନାମ ଉଲ୍ଲେଖ କରିଛନ୍ତି। ମାଗୁରବେଡା ଗ୍ରାମଠାରୁ ଅଧକିମି ଦୂରରେ କଟାଁପଡା ବସ୍ତି ରହିଛି। ଏଠାରେ ୬ ଡିସିମିଲ ସରକାରୀ ଜମିରେ ଆଜବେଷ୍ଟସ ଘର କରି ୭ ପ୍ରାଣୀ ପରିବାର ରହିଆସୁଥିଲେ ସଞ୍ଜୟ। ହେଲେ ବୁଧବାର ପୂର୍ବାହ୍ନ ୧୦ଟା ବେଳେ ଗ୍ରାମର ୧୯ଜଣ ବ୍ୟକ୍ତି ଠେଙ୍ଗା, ବାଡି ସେଠାକୁ ଆସି ସେହି ଆଜବେଷ୍ଟସ ଘରକୁ ଭାଙ୍ଗି ଦେଇଥିଲେ। ଘର ସମ୍ମୁଖରେ ଥିବା ଆମ୍ବଗଛକୁ ମଧ କାଟି ଦେଇଥିଲେ। ଘର ନ ଭାଙ୍ଗିବାକୁ ନେହୁରା ହୋଇଥିଲେ ହେଁ ସେମାନେ ତାଙ୍କ କଥା ଶୁଣି ନ ଥିଲେ। ଫଳରେ ଭୟଭୀତ ହୋଇ ପରିବାର ସହ ସେ ସେଠାରୁ ପଳାଇ ଆସିଥିବା ସଞ୍ଜୟ ଏତଲାରେ ଦର୍ଶାଇଛନ୍ତି। ଘରଭାଙ୍ଗି ଯିବା ପରେ ଏବେ ସେ ବେଘର ହୋଇ ଯାଇଛନ୍ତି। ତୁରନ୍ତ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ଅନୁରୋଧ କରିଛନ୍ତି।

## ଆକ୍ରମଣରେ ବୃଦ୍ଧ ଗୁରୁତର

**ଲୋଇସିଂହା,୨୧।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଜଣେ ବୃଦ୍ଧଙ୍କୁ ଆକ୍ରମଣ ଅଭିଯୋଗ ହୋଇଛି। ସେ ହେଲେ ଗାଁର ମଙ୍ଗଲୁ ସିଂ(୭୨)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନ ନେଇଥିଲେ। ଅବସ୍ଥା ଉଦ୍‌ବେଗଜନକ ଥିବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ ଆଣ୍ଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଗୁରୁବାର ଲୋଇସିଂହା ଥାନର ଦୁଇଜଣ ଏଏସଆଇ ଝାରମୁଣ୍ଡା ଯାଇ ଘଟଣାର ତଦନ୍ତ କରିଛନ୍ତି। ପୋଲିସ ସୂଚନା ମତେ, ଲକ୍‌ଡାଉନ ପୂର୍ବରୁ ଝାରମୁଣ୍ଡା ଧନୁଯାତ୍ରା ପାଇଁ ଏକ ସର୍କସ ଦଳ ବାହାରୁ ଆସିଥିଲେ। ଏହି ସର୍କସ ଦଳରେ ଆସିଥିବା ମଙ୍ଗଲୁ ସିଂ ଓ ଆନନ୍ଦ ପାଲଙ୍କ ପରିବାର ସେବେଠାରୁ ଝାରମୁଣ୍ଡା ଖେଳପଡିଆ ନିକଟରେ ରହୁଛନ୍ତି। ଆନନ୍ଦଙ୍କ ସ୍ତ୍ରୀ ଓ ଜଣେ ଯୁବତୀ ତାଙ୍କ ପରିବାର ସହ ରହୁଥିଲେ। ହେଲେ ସମ୍ପୃକ୍ତ ଯୁବତୀ ଜଣକ ଆନନ୍ଦଙ୍କ ଅଜାଣତରେ କୁଆଡେ ଚାଲିଯାଇଛନ୍ତି। ଯୁବତୀଙ୍କ ଚାଲିଯିବାରେ କୁଆଡେ ମଙ୍ଗଲୁଙ୍କ ସମ୍ପୃକ୍ତି ରହିଥିବା ଆନନ୍ଦ ସନ୍ଦେହ କରିଥିଲେ। ଏ ନେଇ ବୁଧବାର ରାତିରେ ମଙ୍ଗଲୁଙ୍କ ସହ ଝଗଡା କରି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ ଆନନ୍ଦ। ଖବର ପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନ ପଠାଇଥିଲେ। ଅପରପକ୍ଷେ ଆକ୍ରମଣକାରୀଙ୍କୁ ପୋଲିସ ଗିରଫ କରି ନ ଥିବାରୁ ଗୁରବାର ଦିନତମାମ ଝାରମୁଣ୍ଡାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଯାଯାବର ପରିବାରକୁ ଗାଁରୁ ତଡିବା ପାଇଁ ଲୋଇସିଂହା ପୋଲିସକୁ ଅନୁରୋଧ କରିଥିବା ଗ୍ରାମବାସୀ ଜଣାଇଛନ୍ତି।

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ସାମ୍ବାଦିକ ସଂଘ

**ବରିଷ୍ଠ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା**

**ଭବାନୀପାଟଣା,୨୧।୭(ସ୍ୱ.ପ୍ର.):** କଳାହାଣ୍ଡି ଜିଲାର ବରିଷ୍ଠ ଖବରଦାତା ପ୍ରଶାନ୍ତ କୁମାର ପଣ୍ଡାଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ କଳାହାଣ୍ଡି ସାମ୍ବାଦିକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ଏ ନେଇ ଗୁରୁବାର ଅପରାହ୍ନରେ ଧର୍ମଗଡ଼ ଓ ଜୁନାଗଡ଼ ଅଞ୍ଚଳର ବହୁ ଖବରଦାତା ଧର୍ମଗଡ଼ ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ଭେଟି ସମ୍ପୃକ୍ତ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ରୁ ଅତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସୂଚନାଯୋଗ୍ୟ ଯେ, ଖବରଦାତା ପଣ୍ଡା ଜୁନାଗଡ଼ ସରକାରୀ ଡାକ୍ତରଖାନା ନିକଟରେ ଥିବା ଏକ ଔଷଧ ଦୋକାନରେ ବସିଥିବା ବେଳେ ଜଣେ ଯୁବକ କୌଣସି କାରଣ ନ ଥାଇ ତାଙ୍କୁ ହଠାତ ଆକ୍ରମଣ କରିଥିଲେ। ଆକ୍ରମଣରେ ଖବରଦାତା ପଣ୍ଡା ଗୁରୁତର ଭାବେ ଆହତ ହୋଇଥିଲେ। ଏ ନେଇ ପଣ୍ଡା ଜୁନାଗଡ଼ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ. ୩୧୫/୨୨) ରୁଜୁ କରିଛି। ପୋଲିସ ଏହି ଘଟଣାରେ ଜୁନାଗଡ଼ ବରଗଛ ପଡାର ବାବୁଲା ଠାକୁରଙ୍କୁ ଗିରଫ କରି ବୁଧବାର ଧର୍ମଗଡ଼ କୋର୍ଟ ଚାଲାଣ କରିଥିବାବେଳେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ଯୁବକଙ୍କ ବିରୋଧରେ ପୂର୍ବରୁ ଏକାଧିକ ମାମଲା ରହିଛି।



ଖଡ଼ିଆଳ ଥାନା ବରଗାଁ ଗ୍ରାମରେ ତଦନ୍ତକାରୀ ଟିମ୍ ମୃତ ମହିଳାଙ୍କ ସ୍ୱାମୀଙ୍କ ସହ ଆଲୋଚନା କରୁଛନ୍ତି।

# ୩ ଜଣିଆ ରାଜ୍ୟ ପ୍ରତିନିଧି ଦଳର ତଦନ୍ତ

**ତ୍ରୁଟିପୂର୍ଣ୍ଣ ଚିକିତ୍ସାରେ ମହିଳାଙ୍କ ମୃତ୍ୟୁ ଘଟଣା**

**ଖଡ଼ିଆଳ,୨୧।୭(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ଥାନା ବରଗାଁ ଗ୍ରାମର ସୁଶୀଳ କୈବର୍ତ୍ତଙ୍କ ସ୍ତ୍ରୀ ଦୀପା କୈବର୍ତ୍ତ(୨୬)ଙ୍କ ତ୍ରୁଟିପୂର୍ଣ୍ଣ ପରିବାର ନିୟୋଜନ ଅସ୍ତ୍ରୋପଚାର ମୃତ୍ୟୁ ଘଟଣାର ରାଜ୍ୟସ୍ତରୀୟ କମିଟି ତଦନ୍ତ ଆରମ୍ଭ କରିଛି। ଗୁରୁବାର ପରିବାର ନିୟୋଜନ ବିଭାଗର ରାଜ୍ୟ ପ୍ରୋଗ୍ରାମ ଅଫିସର ଡକ୍ଟର ଦୀପକ ଶତପଥୀଙ୍କ ତତ୍ତ୍ୱାବଧାନରେ ନୂଆପଡ଼ା ଆରଏମ୍‌ଏନ୍‌ଏଏଚ୍ ନିଳିମା ପ୍ରଧାନୀ, ନୂଆପଡ଼ା ଏଡିପିଏଚ୍‌ଓ ଅର୍ଜୁନ ବାରିହା ଓ ଖଡ଼ିଆଳ ପିଏଚ୍‌ଇଓ ବାଳଚନ୍ଦ୍ର ଛାତ୍ରିଆ, ଖଡ଼ିଆଳ ଏଲଏଚବି ଜ୍ୟୋତିମୟୀ ସେନାପତି, ବ୍ଲକ ଆକାଉଣ୍ଟ ମେନେଜର ବାସୁଦେବ ପଟେଲ ପ୍ରଥମେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ତଦନ୍ତ କରିଥିଲେ। ପରେ ବରଗାଁ ଯାଇ ମୃତ ମହିଳାଙ୍କ ସ୍ୱାମୀ ସୁଶୀଳ କୈବର୍ତ୍ତଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ଏହା ସହିତ ଗ୍ରାମର ଆଶା କର୍ମୀ ଓ ଏଏନ୍‌ଏମ୍‌ଙ୍କ ରିପୋର୍ଟ ସଂଗ୍ରହ କରିଛନ୍ତି। ପୁଣି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟକୁ ଆସିଥିଲେ। ଏହି ଚିକିତ୍ସାଳୟରେ ଦୀପା ଗତ ୧୧ ତାରିଖରେ ପରିବାର ନିୟୋଜନ ଅସ୍ତ୍ରୋପଚାର ହୋଇଥିଲେ। ଶାରୀରିକ ସମସ୍ୟା ଦେଖାଦେବାରୁ ପ୍ରଥମେ ଖଡ଼ିଆଳ ଏବଂ ପରେ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ତେଣୁ ଏହି ୨ ଚିକିତ୍ସାଳୟର ରେକର୍ଡପତ୍ର ଟିମ୍ ଯାଞ୍ଚ କରିଥିଲା। ତେବେ ବୁର୍ଲାରେ ତାଙ୍କର ମୃତ୍ୟୁ ଘଟିଥିବାରୁ ସେଠାକର ସମସ୍ତ କାଗଜତ ଯାଞ୍ଚ କରିବା ପରେ ସମସ୍ତ ତଥ୍ୟ ପ୍ରଦାନ କରାଯିବ। ଯଦି ପରିବାର ନିୟୋଜନ ଅସ୍ତ୍ରୋପଚାର ହୋଇ ଏକ ସପ୍ତାହ ମଧ୍ୟରେ ମୃତ୍ୟୁ ବରଣ କଲେ ମହିଳାଙ୍କ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା ଓ ୭ ଦିନରୁ ଏକ ମାସ ମଧ୍ୟରେ ମୃତ୍ୟୁ କଲେ ଏକ ଲକ୍ଷ ମିଳିବା ସରକାରୀ ନିୟମ ରହିଛି ବୋଲି ଡକ୍ଟର ଦୀପକ ଶତପଥୀ ପ୍ରକାଶ କରିଥିଲେ। ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସହିତ ବିଚାର ବିମର୍ଷ କରିଥିଲେ। ସୂଚନା ଯେ, ତ୍ରୁଟିପୂର୍ଣ୍ଣ ପରିବାର ନିୟୋଜନ ଅସ୍ତ୍ରୋପଚାରରେ ମୃତ୍ୟୁବରଣ କରିଥିବା ମହିଳା ଜଣେ ଗରିବ ପରିବାର ହୋଇଥିବା ବେଳେ ସ୍ୱାମୀ ଜଣେ ଦିନ ମଜୁରିଆ। ମୃତ ମହିଳାଙ୍କ ୩ ନାବାଳକ ଝିଅପୁଅ ଯଥା ପାୟଲ (୭), ଆଲ୍ହା (୫), ସୁଭମ (୧) ମା' ଛେଉଣ୍ଡ ହୋଇଛନ୍ତି। ପ୍ରଶାସନ ଉଚିତ ତଦନ୍ତ କରି ସହାୟତା ଯୋଗାଇ ଦେଲେ ନାବାଳକ ଝିଅପୁଅଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ।

## ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

**ନୂଆପଡ଼ା ଅଫିସ,୨୧।୭**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ଭାଲୁକୋନା ଗାଁରେ ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭାଲୁକୋନା ଗାଁର ଅଶୋକ ମାଝି (୪୦)। ଗୁରୁବାର ସକାଳୁ ଅଶୋକ ଟ୍ରାକ୍ଟର (ନଂ.ସିଜି୦୪ଏମଜି-୫୬୦୧) ନମ୍ବର ଧାରି ନିଜ ଜମିରେ ଧାନ ପହ୍ଲା ପାଇଁ ଟ୍ରାକ୍ଟର ଯୋଗେ କାଦୁଅ କରୁଥିଲେ। ଗୋଟିଏ ଡୋଲି କାଦୁଅ କରିବା ପରେ ଅନ୍ୟ ଡୋଲିକୁ କାଦୁଅ କରିବାକୁ ନେଉଥିବା ସମୟରେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ଓଲଟି ପଡିଥିଲା। ଫଳରେ ଟ୍ରାକ୍ଟର ତଳେ ଚାପି ହୋଇ ଅଶୋକଙ୍କ ଜୀବନ ଚାଲି ଯାଇଥିଲା। ଖବର ପାଇ କୋମନା ଅଗ୍ନିଶମ ବିଭାଗ ପହଞ୍ଚି ଉଦ୍ଧାର କରିଥିଲେ। ସେତେବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତରବୋଡ ଫାଣ୍ଡି ଅଧିକାରୀ ସହଦେବ ଯୋଶୀ ଓ ରାମଲାଲ ଜୁରିଆ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ କୋମନା ଥାନାରେ ଏକ ମାଲା (ନଂ.୧୭୭/୨୨) ରୁଜୁ ହୋଇଛି।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର

**ନୂଆପଡ଼ା ଅଫିସ,୨୧।୭**

ନୂଆପଡ଼ା ଜିଲାରେ ଲଗାଣ ବର୍ଷାରେ ଅନେକ ଲୋକଙ୍କ ଘର ଭାଙ୍ଗିଯାଇଥିବା ବେଳେ ଜମିରେ ବାଲିଚର ହୋଇ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। କୋମନା ବ୍ଲକ ଅନ୍ତର୍ଗତ କୁରୁମପୁରି ପଞ୍ଚାୟତ ଲଟକନପଡା ଗାଁରେ ଜଣେ ଲୋକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ପଡିଛି। ଗାଁର ମଦନ ମାଝି ଏକ ମାଟି ଘରେ ପରିବାର ସହିତ ରହୁଥିଲେ। ଲଗାଣ ବର୍ଷାରେ ଘର ଭାଙ୍ଗିଯିବାରୁ ରହିବା ପାଇଁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଏ ସଂକ୍ରାନ୍ତରେ କୁରୁମପୁରି ରାଜସ୍ୱ ନିରୀକ୍ଷକ ଓ କୋମନା ତହସିଲଦାରଙ୍କୁ ଅବଗତ କରାଯାଇଛି। ଗୁରୁବାର କୁରୁମପୁରି ସରପଞ୍ଚ ରାୟଧର ବଘେଲ ଘର ଭାଙ୍ଗା ନେଇ ସମୀକ୍ଷା କରି ଫୋନ ଯୋଗେ କୋମନା ତହସିଲଦାର ସହିତ ଆଲୋଚନା କରିଥିଲେ। ଏହାର ତଦନ୍ତ କରି କ୍ଷୟକ୍ଷତି ଆକଳନ କରିବୁ ବୋଲି ତହସିଲଦାର ପ୍ରକାଶ କରିଛନ୍ତି। ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଥିବାରୁ ଜିଲାର ଅଧିକାଂଶ ଗାଁରେ ଘର ଭାଙ୍ଗିବା ସହିତ ଜମିରେ ବାଲିଚର ହୋଇ ଧାନ ଫସଲ ସହ ଅନ୍ୟାନ୍ୟ ଫସଲ ମଧ୍ୟ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ନଦୀ କୂଳିଆ, ପାହାଡିଆ ତଳି ଜମି, ନାଳ ଜମିରେ ବାଲିଚର ହୋଇ ଫସଲ ନଷ୍ଟ ହୋଇଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।



ବର୍ଷାରେ ଭାଙ୍ଗି ଯାଇଥିବା ଘର।

## ଉନ୍ନୟନ କାମର ସମୀକ୍ଷା କଲେ ଜିଲା ପରିଷଦ ଅଧ୍ୟକ୍ଷା

**ଲୋଇସିଂହା,୨୧।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଗୁରୁବାର ଲୋଇସିଂହା ବ୍ଲକ ଗସ୍ତ କରିଥିଲେ। ବ୍ଲକ ଅଧ୍ୟକ୍ଷ ଯତିନ୍ଦ୍ର ପଟେଲ, ଭାରପ୍ରାପ୍ତ ବିଡିଓ ଓ ଷ୍ଟାଫ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏହାପରେ ବ୍ଲକ ସଭାଗୃହରେ ଶିକ୍ଷା, ସ୍ୱାସ୍ଥ୍ୟ, ଉନ୍ନୟନ, ରାଜସ୍ୱ , ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ଯୋଗାଣ, କୃଷି, କୃଷି ଉଦ୍ୟାନ, ବନ ବିଭାଗ ଅଧିକାରୀଙ୍କୁ ନେଇ ଅଧ୍ୟକ୍ଷା ସାହୁ ସମୀକ୍ଷା କରିଥିଲେ। ଜିଲା ପରିଷଦ ସଭ୍ୟା ଲିଲିମା ବେହେରା ଲୋଇସିଂହାରେ ଏକ ଶିଶୁପାର୍କ ପାଇଁ ଜମି ଚିହ୍ନଟ କରିବା, ବିବାଦୀୟ ଶ୍ମଶାନ ଘାଟ ଜମି ସମସ୍ୟା ସମାଧାନ କିମ୍ବା ନୂତନ ଜମି ଚିହ୍ନଟ କରିବା ପ୍ରସଙ୍ଗ ସମୀକ୍ଷା ବୈଠକରେ ଉଠାଇ ଥିଲେ । ସମୀକ୍ଷା ପରେ ୫ଟି ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲ, ବୁର୍ଡା ପଞ୍ଚାୟତ ହାଇସ୍କୁଲ, ବୁଢୀପଦର ଗ୍ରାମୀଣ ପାର୍କ ଏବଂ ଲୋଇସିଂହା ଓ ଆଗଲପୁର ବ୍ଲକ ସୀମାନ୍ତରେ ଥିବା ପଥରଗଡ ଡ୍ୟାମ ସେ ପରିଦର୍ଶନରେ କରିଥିଲେ। ହରେକୃଷ୍ଣ ମହତାବ ହାଇସ୍କୁଲ ଶୌଚାଳୟ, ଇ-ଲାଇବ୍ରେରୀ, ବିଜ୍ଞାନଗାର, ଖେଳପଡିଆ ଉନ୍ନତୀକରଣ ଅଧାପନ୍ତରିଆ ଥିବାରୁ ଅଧ୍ୟକ୍ଷା ସାହୁ ଆସନ୍ତୋଷବ୍ୟକ୍ତ କରିଥିଲେ । ଦୁଇ ସପ୍ତାହ ମଧ୍ୟରେ ବାକି କାମ ସାରିବାକୁ ବିଡିଓଙ୍କୁ ସେ ନିର୍ଦ୍ଦେଶ କରିଥିଲେ । ବ୍ଲକ ପରିସରରେ ପରେ ଚାରା ରୋପଣ କରାଯାଇଥିଲା ।



ହରେକୃଷ୍ଣ ମହତାବ ହାଇସ୍କୁଲ ପରିଦର୍ଶନ ଅବସରରେ ଜିଲା ପରିଷଦ ଅଧ୍ୟକ୍ଷା ଓ ଅନ୍ୟମାନେ।

## ବିଜେଡିର ୨୫ ବର୍ଷ ପୂର୍ତ୍ତି ଅବସରରେ ଚାରା ରୋପଣ

**କର୍ଲାମୁଣ୍ଡା,୨୧।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି, ହାତୀଖୋଜ ଏବଂ କର୍ଲାମୁଣ୍ଡା ବ୍ଲକ ସର୍ଗୁଲ ମାଲପଡାଠାରେ ବିଜେଡିର ୨୫ତମ ବର୍ଷ ପୂର୍ତ୍ତି ଅବସରରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାର ଐତିହାସିକ ଶୈବ ପୀଠ ବେଲଖଣ୍ଡି ମନ୍ଦିର ପ୍ରାଙ୍ଗଣରେ ଆଗାମୀ ଦିନ ରକ୍ତଦାନ ଶିବିର ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଜିଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ, ରାଜ୍ୟ ଯୁବ ବିଜେଡି ଉପସଭାପତି ମଣ୍ଟୁ ନାଏକ, କର୍ଲାମୁଣ୍ଡା ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟା ଗୀତାଞ୍ଜଳୀ ସାହୁ, ଯୁବ ନେତା ଚିନ୍ମୟ ମିଶ୍ର, ଲୋକେସ ସାହୁ, ସୁଭେନ୍ଦୁ ସାହୁ, ବିଶ୍ୱ ଦୀପକ ପାତ୍ର, ଛାତ୍ର ବ୍ଲକ ସଭାପତି ସଲିମ ଶେଖର ରଣା, ପିଣ୍ଟୁ ରଣା, ଦେବେନ୍ଦ୍ର ପ୍ରସାଦ କୁମାର, ଅନିଲ ଦାସ, ସୋନୁ ରଣା, ଲାଲବାହାଦୂର ନାଏକ, ମାନସ ନାଏକ ପ୍ରମୁଖ ଯୋଗଦେଇଥିଲେ।





ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରାଚା ରୋପଣ କରାଯାଉଛି।

## ବିଜୟ ଉତ୍ସବ ପାଳନ କଲା ଭାଜପା

**କୋକସରା,୨୧।୭(ଡି.ଏନ.ଏ.)**

ରାଷ୍ଟ୍ରପତି ନିର୍ବାଚନରେ ଦ୍ରୌପଦୀ ମୁର୍ମୁଙ୍କ ବିଜୟ ପରେ କଳାହାଣ୍ଡି ଜିଲା କୋକସରା ବ୍ଲକ ଭାଜପା କର୍ମକର୍ତ୍ତାମାନେ ବିଜୟ ଉତ୍ସବ ପାଳନ କରିଛନ୍ତି। ଏହି ଅବସରରେ ପରସ୍ପର ମଧ୍ୟରେ ମିଠା ବଣ୍ଟନ କରିଛନ୍ତି। ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଜନାର୍ଦ୍ଦନ ପଣ୍ଡା, ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାତ୍ର, ମଣ୍ଡଳ ସଭାପତି ଦୁର୍ଗା ପ୍ରଧାନୀ, ମଣ୍ଡଳ ସମ୍ପାଦକ ତ୍ରିନାଥ ଶବର, ମଣ୍ଡଳ ପ୍ରଭାରି ଗରୁଡ଼ଧ୍ୱଜ ମାଝି, ଉପ ସଭାପତି ଗୋପାଳ ଅଗ୍ରୱାଲ, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଗଣେଶ ନନ୍ଦ, ମଣ୍ଡଳ ସଭାପତି ଆମପାଣି ଅର୍ଜୁନ ଭାଟି, ପ୍ରମୁଖ ଉପସ୍ଥିତ ରହିଥିଲେ।

## ବିଜୟ ଉତ୍ସବ ପାଳିଲା ଭାଜପା



ବିଜୟ ଶୋଭାଯାତ୍ରାରେ ସାମିଲ ଭାଜପା କର୍ମୀ।

**ଲୋଇସିଂହା,୨୧।୭(ଡି.ଏନ.ଏ.)**

ଓଡିଆ ଝିଅ ତଥା ଏନଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ଏହି ଖୁସିରେ ବଲାଙ୍ଗୀର ଜିଲା ଲୋଇସିଂହା ଭାଜପା ପକ୍ଷରୁ ଲୋଇସିଂହାଠାରେ ବିଜୟ ଉତ୍ସବ ଓ ଶୋଭାଯାତ୍ରା ଗୁରୁବାର ଲୋଇସିଂହାଠାରେ ଅନୁଷ୍ଠିତ ହୋଇଯାଇଛି। ଭୂତନାଥ ନାଏକ, ଗୌରାଙ୍ଗ ନାଏକ, ରାଜୁ ସାହୁ, ସୁନୀଲ ଦାସ, ଶଙ୍କର ସାହୁଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଲୋଇସିଂହା ବସ୍‌ଷ୍ଟାଣ୍ଡରୁ ଅଗ୍ରସେନ ଭବନ ପର୍ଯ୍ୟନ୍ତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ଲାକାର୍ଡ ଧରି ଶୋଭାଯାତ୍ରା କରିଥିଲେ । ଶୋଭାଯାତ୍ରା ବେଳେ ଭାଜପା କର୍ମୀ ଲୋକଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

## ଦ୍ରୌପଦୀଙ୍କ ବିଜୟ ପରେ ବିଜୟ ଉତ୍ସବ

**ନୂଆପଡ଼ା ଅଫିସ,୨୧।୭**

ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ଓଡିଶାରୁ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇଥିବାରୁ ଗୁରୁବାର ନୂଆପଡ଼ା ଜିଲାଠାରୁ ଆରମ୍ଭ କରି ପୁରପଲ୍ଲିରେ ଖୁସିର ଲହରି ଖେଳିଯାଇଛି। ଜିଲା ଭାଜପା ପକ୍ଷରୁ ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜୟ ଉତ୍ସବ ପାଳନ କରୁଥିବା ବେଳେ କୋମନା ପାତାଳେଶ୍ୱର ମଣ୍ଡଳ ସଭାପତି ଚନ୍ଦନ ଠାକୁରଙ୍କ ନେତୃତ୍ୱରେ ପ୍ରତ୍ୟେକ ଆଦିବାସୀ ପଡାରେ ବାଣ ବଜାଇବା ସହିତ ନାଚ ଗିତରେ ଖୁସି ମନାଉଛନ୍ତି। ସେହିପରି ବୋଡେନ ବ୍ଲକ ବିନପୁର ଫ୍ରେମ ପକ୍ଷରୁ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ବିଜୟ ଉତ୍ସବ ପାଳନ କରିଛନ୍ତି। ଦେଶର ୧୫ ତମ ଓ ରାଜ୍ୟର ପ୍ରଥମ ଆଦିବାଦୀ ମହିଳା ରାଷ୍ଟ୍ରପତି ଭାବେ ବିଜୟୀ ହୋଇଥିବାରୁ ଓଡିଶା ମାଟି ପାଇଁ ଗର୍ବ ଓ ଗୌରବ ବୋଲି ନରେନ୍ଦ୍ର ମୋଦିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ପର୍ଶୁରାମ ନିଆଲ, ବେଦବ୍ୟାସ ନାଗ, ପୁରୁମ ନାଗ, ଦିବାନ ନିଆଲ, ଚୈତନ୍ୟ ମାଝି, ଗଣ୍ଡାରାମ ମାଝି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।



ଭାଜପା କର୍ମକର୍ତ୍ତା ଏବଂ ଲେକେ ନଗର ପରିକ୍ରମା କରୁଛନ୍ତି।

# ଭାଙ୍ଗିଗଲା କୁଡ଼ିଆ, ପରିବାର ବେସାହାରା

- ଅଭିଯୋଗ ପରେ ବି ମିଳି ନ ଥିଲା ଘର
- ପରିବାର ସହ ଦାଦନ ଖଟିବାକୁ ଯାଇଛନ୍ତି ଦୁର୍ଯ୍ୟୋଧନ
- ତଦନ୍ତ କଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ

**ଲାଠୋର,୨୧।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସାନଗୁର୍ଜିଭଟା ଗ୍ରାମର ଦୁର୍ଯ୍ୟୋଧନ ତାଣ୍ଡିଙ୍କ ମାଟି ଖପର କୁଡ଼ିଆ ଚଳିତ ବର୍ଷର ପ୍ରଥମ ବର୍ଷାରେ ଭାଙ୍ଗି ଯାଇଛି। ଫଳରେ ଦାଦନ ଶ୍ରମିକଭାବେ ପତ୍ର ବାନ୍ଧିବାକୁ ଯାଇଥିବା ପରିବାର ଲୋକେ ଗାଁକୁ ଆସିଲେ କେଉଁଠି ରହିବେ ଚିନ୍ତାରେ ପଡି ଯାଇଛନ୍ତି।

୧୦ ବର୍ଷ ତଳେ ଦୁର୍ଯ୍ୟୋଧନ ସାନଗୁର୍ଜିଭଟାରେ ବିବାହ କରିଥିଲେ। ସ୍ତ୍ରୀ କନକ, ଦୁଇ ସନ୍ତାନ ହେମଲତା(୮) ଏବଂ କ୍ରିଷ୍ଣା (୫) ଙ୍କୁ ନେଇ ତାଙ୍କ ପରିବାର। ସମ୍ପତ୍ତି ବାଡ଼ି କିଛି ନାହିଁ। ମୂଳ ମଜୁର, ଦାଦନ ଖଟି ଯାହା ରୋଜଗାର କରନ୍ତି ସେଥିରେ ତାଙ୍କ ପରିବାର ଚାଲେ। ସେଠାରେ ଏକ ମାଟି ଖପର କୁଡ଼ିଆରେ ସ୍ତ୍ରୀ, ପିଲାଙ୍କୁ ନେଇ ମୁଣ୍ଡ ଗୁଞ୍ଜି ଥିଲେ ଦୁର୍ଯ୍ୟୋଧନ। ଏ ନେଇ ଧରିତ୍ରୀ ରେ ଗତ ୨ ଜାନୁଆରୀ ୨୦୨୨ ରେ ଭଙ୍ଗା କୁଡ଼ିଆରେ ଚାରି ଜୀବନ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବରକୁ ନେଇ ଶିକ୍ଷକ ଗଜମଣୀ ବାଗ ସିଏମଓ, ମୋ ସରକାର ୫-ଟି ଏବଂ ବଲାଙ୍ଗୀର ଜିଲାପାଳଙ୍କୁ ଟ୍ୱିଟ ଯୋଗେ ଅଭିଯୋଗ କରି ସମ୍ପୃକ୍ତ ପରିବାରକୁ ବାସଗୃହ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ହେଲେ ପ୍ରଶାସନ ଦୃଷ୍ଟି ଦେଲା ନାହିଁ। ଶେଷରେ ଜୁଲାଇ ୧ତାରିଖରେ ପରିବାର ସହ ଦୁର୍ଯ୍ୟୋଧନ ବାହାର ଜିଲାକୁ ପତ୍ର ବାନ୍ଧିବା ପାଇଁ ଚାଲି ଯାଇଥିଲେ। ସେମାନେ ଯିବାର କିଛି ଦିନ ପରେ ପ୍ରଥମ ବର୍ଷାରେ ତାଙ୍କର ସେହି କୁଡ଼ିଆ ଭାଙ୍ଗି ଯାଇଛି। କୁଡ଼ିଆ ଭାଙ୍ଗିଲା ପରେ ଜୁଲାଇ ୨୦ତାରିଖରେ ଖପ୍ରାଖୋଲ ବିପିସି ଗୋବର୍ଦ୍ଧନ ବାଗ, କରୁଆଁଝର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ସାହୁ ସିଏମଓରୁ ଗ୍ରୀଭେନ୍ସ ଆସିଛି କହି ସାନଗୁର୍ଜିଭଟା ଗ୍ରାମକୁ ତଦନ୍ତରେ ଯାଇଥିଲେ। ହେଲେ ସମ୍ପୃକ୍ତ ପରିବାରବର୍ଗକୁ ନ ପାଇ ତାଙ୍କ ସମ୍ପର୍କୀୟ ମାନଙ୍କଠାରୁ ତଥ୍ୟ ସଂଗ୍ରହ କରି ଫେରି ଆସିଥିଲେ। ଏନେଇ ପିଇଓ ମନୋଜ କୁମାର ସାହୁଙ୍କୁ ପଚାରିବାରୁ ଦୁର୍ଯ୍ୟୋଧନ ଧାନ ଆସନ୍ତା ୨୫ତାରିଖରେ ଘରକୁ ଆସିଲେ ତାଙ୍କୁ ପଚରାଉଚରା ପରେ ସରକାରଙ୍କୁ ତଥ୍ୟ ପ୍ରଦାନ କରିବୁ ବୋଲି କହିଥିଲେ।



ବର୍ଷାରେ ଭାଙ୍ଗି ଯାଇଥିବା ଦୁର୍ଯ୍ୟୋଧନଙ୍କ କୁଡ଼ିଆ।

## ପାକ୍ସ ସଭାପତିଙ୍କ ଦାୟିତ୍ୱ ଗ୍ରହଣ

ସୋହେଲା,(ଡି.ଏନ.ଏ.): ଚାଷୀନେତା ମନୋହର ମାଝୀ ଗୁରୁବାର ବରଗଡ଼ ଜିଲ୍ଲା ସୋହେଲା ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ)ର ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ପାକ୍ସ ସମ୍ପାଦକ ରାଜେଶ ପଧାନ ଏବଂ ଅନ୍ୟ କର୍ମଚାରୀ ନବନିର୍ବାଚିତ ସଭାପତି ମାଝୀଙ୍କୁ ଫୁଲତୋଡା, ଅଙ୍ଗବସ୍ତ୍ର ଦେଇ ସ୍ୱାଗତ କରିଥିଲେ। ବିଦାୟୀ ସଭାପତି ମାର୍କଣ୍ଡ ସା, ଅନ୍ତର୍ଯାମୀ ପାତ୍ର, ଦୈତାରି ଭୋଇ, ଚନ୍ଦ୍ରଶେଖର ପଧାନ, କାନ୍ତ ଗଡ଼ତିଆ, ଲକ୍ଷ୍ମଣ ପଧାନ, ଅଶ୍ୱିନୀ ବାରିକ, ଯୁଗେଶ୍ୱର ଭୋଇ, କୃପାସିନ୍ଧୁ ଭୋଇ, ଭୁବନେଶ୍ୱର ଖମାରୀ, ଅମିଲାଲ ସାହୁ ଏବଂ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ସମ୍ପର୍କ ମାମଲା**

ବୌଦ୍ଧ,୨୧।୭(ସ୍ୱ.ପ୍ର.): ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସମ୍ପର୍କିତ ଏକ ମାମଲାର ଗୁରୁବାର ବିଚାର କରି ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣା ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।
ପ୍ରକାଶ ଯେ, ବୌଦ୍ଧ ଥାନା ଅଧୀନ ଖମାରୀପଡାର ଅଭିଯୁକ୍ତ ଶ୍ରୀକାନ୍ତ ପ୍ରଧାନ ତାଙ୍କର ଜଣେ ସମ୍ପର୍କୀୟ ଘରକୁ ଆସି ମାସ ମାସ ରହି ଆସୁଥିଲେ। ଅଭିଯୁକ୍ତ ଜଣକ ସମ୍ପର୍କୀୟଙ୍କ ପଡୋଶୀ ଘରର ଜଣେ ଯୁବତୀଙ୍କୁ ବିବାହ କରିବାକୁ କହି ତାଙ୍କ ସହ ଶାରୀରିକ ସଂପର୍କ ରଖିଥିଲେ। ତେବେ ଯୁବତୀ ଜଣକ ଗର୍ଭବତୀ ହେବା ପରେ ବିବାହ କରିବାକୁ କହିବାରୁ ଅଭିଯୁକ୍ତ ଗର୍ଭ ନଷ୍ଟ କରିବାକୁ କହି ହତ୍ୟା ଧମକ ଦେଇଥିଲେ। ଏ ନେଇ ଯୁବତୀ ଜଣକ ଗତ ୧୪।୮।୨୦୧୭ରେ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ବୌଦ୍ଧ ଥାନା ପୋଲିସ ନଂ ୧୮୪/୧୭ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ମାମଲା ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏସଟି ୬୫/୨୦୧୮ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅତିରିକ୍ତ ଜିଲା ଦୌରାଜଜ୍ ମହାରଣା ପ୍ରମାଣ ଅଭାବରୁ ଅଭିଯୁକ୍ତ ଶ୍ରୀକାନ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ଅଶୋକ କୁମାର ସାହୁ ପରିଚାଳନା କରୁଥିଲେ।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଡୁଙ୍ଗୁରିପାଲି,୨୧।୭(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ହାଇସ୍କୁଲ ଛକ ନିକଟରେ ଗୁରୁବାର ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଞ୍ଜୟ ଦୀପ (୧୯ )। ଆହତ ତରଣୀ ଅଦାବ(୨୨)ଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଉଭୟଙ୍କ ଘର ଙ୍ଗୁରିପାଲି ବ୍ଲକ ଚିନଜୁରୀ ପଞ୍ଚାୟତ ଅନ୍ତର୍ଗତ ସାନନୁଆଁପାଲିରେ। ଡୁଙ୍ଗୁରିପାଲି ପୋଲିସ ଟ୍ରକ ଡ୍ରାଇଭରଙ୍କୁ ଗିରଫ କରିଛି। ଜବତ ଟ୍ରକ(ଓଡି୧୫ବି୪୫୭୧)କୁ ଥାନାରେ ରଖାଯାଇଛି। ଦୁର୍ଘଟଣାରେ ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବିରେ ରାସ୍ତାରେ ମୃତଦେହ ରଖି ସଞ୍ଜୟଙ୍କ ପରିବାର ଲୋକେ ଓ ସ୍ଥାନୀୟ ଲୋକେ ଡୁଙ୍ଗୁରିପାଲି ମୁଖ୍ୟ ଚାରି ଛକ ରାସ୍ତାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ବରଗଡ ପଟୁ ଆସୁଥିବା ଟ୍ରକ ଆସୁଥିବା ବେଳେ ଡୁଙ୍ଗୁରିପାଲି ଗୁରୁବାର ବଜାରରୁ ସଉଦା କିଣି ନିଜ ଗାଁ ସାନନୁଆଁପାଲିକୁ ବାଇକରେ ଫେରୁଥିବା ବେଳେ ଧକ୍କା ଦେଇଥିଲା। ବାଇକରେ ଥିବା ସଞ୍ଜୟ ଓ ତରଣୀ ଗାଡିରୁ ଛିଟିକି ପଡିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ମିଳିନି ୫୯ମାସର ଦରମା, ଚିନ୍ତାରେ ଚିନିକଲ କର୍ମଚାରୀ

ବରଗଡ଼ ଅଫିସ୍,୨୧।୭

ବରଗଡ଼ ସହର ଉପକଣ୍ଠ ତୋରାଠାରେ ଥିବା ସମବାୟ ଚିନିକଲ ସମସ୍ୟା ଅସମାହିତ ହୋଇ ରହିଛି । ଚିନିକଲ ପରିତ୍ୟକ୍ତ ଅବସ୍ଥାରେ ପଡିଥିବାବେଳେ ଏଠାରୁ ଉତ୍ପାଦନ ମଧ୍ୟ ବନ୍ଦ ହୋଇଛି। ଅନ୍ୟପଟେ ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଦୀର୍ଘ ୫୯ମାସର ଦରମା ମିଳିନାହିଁ। ଫଳରେ ଉକ୍ତ ଚିନିକଲ ଏବଂ କାର୍ଯ୍ୟରତ କର୍ମଚାରୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଛି। ଏହାକୁ ନେଇ କର୍ମଚାରୀଙ୍କ ସମେତ ଅଞ୍ଚଳର ଚାଷୀ ତଥା ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଚିନିକଲ ସମସ୍ୟା ନେଇ ଗୁରୁବାର ବରଗଡ଼ ସମବାୟ ଚିନିକଲ କର୍ମଚାରୀ ସଂଘର ଏକ ପ୍ରତିନିଧି ଦଳ ଭୁବନେଶ୍ୱରରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଭେଟିଛନ୍ତି। ଏହାସହିତ ତୁରନ୍ତ ଚିନିକଲ ସମସ୍ୟାର ସମାଧାନ କରିବାକୁ ଏହି ପ୍ରତିନିଧି ଦଳ ବିଧାୟକ ଆଚାର୍ଯ୍ୟଙ୍କଠାରେ ଦାବି ଉପସ୍ଥାପନ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



ଚିନିକଲ କର୍ମଚାରୀ ସଂଘ ପକ୍ଷରୁ ବରଗଡ଼ ବିଧାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଚିନିକଲ କର୍ମଚାରୀମାନେ ଦରମା ନ ପାଇ ଦୁର୍ବିସହ ଜୀବନଯାପନ କରୁଥିବାବେଳେ ପ୍ରାପ୍ୟ ନ ପାଇ ୧୨ଜଣଙ୍କ ମୃତ୍ୟୁ ହୋଇ ସାରିଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି।
ସୂଚନାଯୋଗ୍ୟ, ନ୍ୟାଶନାଲ ସୁଗାର ଇନଷ୍ଟିଚ୍ୟୁଟ୍, କାନପୁରର ଏକ ବୈଷୟିକ ଟିମ୍ ତୋରା ସମବାୟ ଚିନିକଲ ପରିଦର୍ଶନରେ ଆସିଥିଲେ। ଚିନିକଲକୁ ଲାଭାନ୍ୱିତ କରିବା ପାଇଁ ସେଠାରେ ଏକ ଇଥାନଲ ପ୍ଲାଣ୍ଟ ସ୍ଥାପନ ପାଇଁ ଏହି ଟିମ୍ ଗତ ୨୦୨୧ ସେପ୍ଟେମ୍ବର ୯ରେ ରାଜ୍ୟ ସରକାରଙ୍କୁ ଏକ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ଉପରେ ଗତବର୍ଷ ଡିସେମ୍ବର ୭ରେ ତତ୍କାଳୀନ ସମବାୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ, ଶିଳ୍ପ ଓ ସମବାୟ ବିଭାଗର ପ୍ରମୁଖ ସଚିବ,

**ବିଧାୟକଙ୍କୁ ଭେଟିଲେ ସଂଘ ପ୍ରତିନିଧି**

ବରଗଡ଼ ସମବାୟ ଚିନିକଲ ପରିଦର୍ଶନରେ ଆସିବାକୁ ସେତେବେଳେ ନିଷ୍ପତ୍ତି ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ସେମାନେ ଚିନିକଲ ପରିଦର୍ଶନରେ ଆସି ନ ଥିବା ବିଡ଼ମ୍ବନାର ବିଷୟ ବୋଲି କୁହାଯାଇଛି। ଫଳରେ ଉକ୍ତ ଟିମ୍ ଚିନିକଲ ପରିଦର୍ଶନ କରି ବିହିତ ପଦକ୍ଷେପ ନେବା ପାଇଁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ତେବେ ଚିନିକଲ କର୍ମଚାରୀଙ୍କ ପ୍ରାପ୍ୟ ବାବଦକୁ ଜିଲାପାଳ ରାଜ୍ୟ ସରକାରଙ୍କୁ ଦେଇଥିବା ୨୩.୩୫ କୋଟି ଟଙ୍କାର ପ୍ରସ୍ତାବ ବିଚାରାଧୀନ ରହିଛି। ଚିନିକଲ ବାଉଣ୍ଡାରି ୱାଲ୍ ପାଇଁ ଇଡ୍‌କୋ ଅର୍ଥ ପ୍ରଦାନ କରିଥିବା କଥା ବିଧାୟକ କହିଥିଲେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଚିନିକଲ କର୍ମଚାରୀ ସଂଘ ସଭାପତି ପ୍ରଦୀପ ଦେବତା, ସମ୍ପାଦକ ସୁବ୍ରତ ସାହୁଙ୍କ ସମେତ ଅନ୍ୟମାନେ ବିଧାୟକଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଦ୍ରୌପଦୀ ମୁର୍ମୁଙ୍କ ବିପୁଳ ବିଜୟରେ ଜିଲା ଭାଜପାର ମିଷ୍ଟାନ୍ନ ବଣ୍ଟନ

ବୌଦ୍ଧ,୨୧।୭(ସ୍ୱ.ପ୍ର.)

ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ବିପୁଳ ଭୋଟରେ ବିଜୟୀ ହୋଇଥିବାରୁ ବୌଦ୍ଧ ଜିଲା ଭାଜପା ପକ୍ଷରୁ ସହରବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ପ୍ରଥମ ଆଦିବାସୀ ମହିଳା ତଥା ଓଡ଼ିଶା ମାଟିର ଝିଅ ଦ୍ରୌପଦୀଙ୍କ ବିଜୟ ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି ପ୍ରକାଶ କରିବା ସହିତ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଉତ୍ସବ ପାଳନ କରିଥିଲେ। ସହରର ଗାନ୍ଧୀଛକଠାରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ମିଷ୍ଟାନ୍ନ ବଣ୍ଟନ କରିବା ସହିତ ଆତସବାଜି ଫୁଟାଇ ଉତ୍ସବରେ ସାମିଲ ହୋଇଥିଲେ। ଏହାବ୍ୟତୀତ ମନ୍ଦିରରେ ଅଖଣ୍ଡ ଦୀପଦାନ କରିବା ସହିତ ସହରରେ ବୁଲି ବୁଲି ଶୁଭେଚ୍ଛୁମାନଙ୍କୁ ନୂତନ ରାଷ୍ଟ୍ରପତିଙ୍କ ବିଜୟ ପାଇଁ ଅଭିନନ୍ଦନ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପାର ବରିଷ୍ଠ କାର୍ଯ୍ୟକର୍ତ୍ତା ତାପସ କୁମାର ପଟ୍ଟନାୟକ, ମନୋରଞ୍ଜନ ଦାଶ, ନମିତାରାଣୀ ଦାଶ, ରାଜ କୁମାର ମେହେର, ନିରନ ଦାନୀ, ପ୍ରେମାନନ୍ଦ ମିଶ୍ର, ଶୁଭ୍ରୁ ପ୍ରଧାନ, ହରିହର ବହିଦାର,ଅରୁଣ ସେଠୀ ଓ ରବିନ୍ଦ୍ର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

# ଡେଙ୍ଗୁ ନିରାକରଣକୁ ଗୁରୁତ୍ୱ



ଡେଙ୍ଗୁ ସଚେତନତା, ସମନ୍ୱୟ ବୈଠକରେ ଉପସ୍ଥିତ ଅଧିକାରୀବୃନ୍ଦ।

ବରଗଡ଼ ଅଫିସ୍,୨୧।୭

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଗୁରୁବାର ପୂର୍ବାହ୍ନରେ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡେଙ୍ଗୁ ସଚେତନତା, ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାରେ ଡେଙ୍ଗୁ ନିରାକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁଚରଣ ଦାଶ ବୈଠକରେ ଯୋଗଦେଇ କହିଥିଲେ, ମ୍ୟାଲେରିଆ ରୋଗ ନାଳ, ନର୍ଦ୍ଦମାର ଅପରିଷ୍କାର ପାଣିରୁ ମଶା ଦ୍ୱାରା ବ୍ୟାପିଥାଏ। ଅନ୍ୟପଟେ ଘର ଭିତରେ ଜମି ରହୁଥିବା ପାଣିରୁ ଏଡ଼ିଶ ମଶା ଦ୍ୱାରା ଡେଙ୍ଗୁ ବ୍ୟାପେ। ଫଳରେ ଘରର କୁଲର, ମାଠିଆ, ଓଭରହେଡ୍ ପାଣିଟାଙ୍କି ସଫାସୁତୁରା ରଖିବା ସହିତ ଭଙ୍ଗା ଜିନିଷପତ୍ର, ମୋଟର ସାଇକେଲ ଟାୟାର ଆଦିକୁ ଘର ନିକଟରେ ନ ରଖିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦାଶ ପରାମର୍ଶ ଦେଇଥିଲେ।
ବୈଠକରେ ଡେଙ୍ଗୁର ଲକ୍ଷଣ ଏବଂ ଚିକିତ୍ସା ଉପରେ ମଧ୍ୟ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦାଶ ସୂଚନା ପ୍ରଦାନ କରିଥିଲେ। ଆଖି ଲାଲ ପଡ଼ିବା, ମୁଣ୍ଡ ବୁଲାଇବା, ପୀଡ଼ା ହେବା, ବାନ୍ତି ହେବା, ଶରୀରର ତାପମାତ୍ରା ବଢ଼ିବା ସହିତ ଦୁର୍ବଳ ଅନୁଭବ କଲେ ସମ୍ପୃକ୍ତ ଲୋକ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ସମ୍ଭାବନା ରହିଥାଏ। ଫଳରେ ଏଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ସେ କହିଥିଲେ। ସେହିପରି ଡେଙ୍ଗୁର ପ୍ରତିଷେଧକ ଟିକା ନ ଥିବାବେଳେ କେବଳ ପାରାସିଟାମଲ ବଟିକା ବ୍ୟବହାର କରାଯାଇଥାଏ ଏବଂ ଏଭଳିସ୍ଥଳେ ରୋଗୀଙ୍କୁ ପ୍ରଚୁର ମାତ୍ରାରେ ପଇଡ଼ ପାଣି, ଓଆରଏସ ପିଇବାକୁ ଦେଇ ମଶାରୀ ବ୍ୟବହାର ପାଇଁ ଡା. ଦାଶ ପରାମର୍ଶ ଦେଇଥିଲେ। ତେବେ ୨୦୨୨ରେ ଜିଲାରେ କେବଳ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ସେ ସୂଚନା ଦେଇଥିଲେ।
ସେହିପରି ଅତିରିକ୍ତ ଜିଲାପାଳ ପଟେଲ ଡେଙ୍ଗୁ ନିରାକରଣ ପାଇଁ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଜିଲାର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ପଞ୍ଚାୟତ, ମ୍ୟୁନିସିପାଲିଟି ଏବଂ ବ୍ଲକସ୍ତରରେ ପ୍ରତି ଘରକୁ ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ ପରାମର୍ଶ ଦେବା ସହିତ ସଚେତନତା କାର୍ଯ୍ୟକ୍ରମର ଯେଭଳି ସଫଳ ରୂପାୟନ ହେବ, ସେଥିପ୍ରତି ବିହିତ ପଦକ୍ଷେପ ନେବାକୁ ସେ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

# ଚିଠି ବଣ୍ଟନରେ ଅବ୍ୟବସ୍ଥା

ଡୁଙ୍ଗୁରିପାଲି,୨୧।୭(ଡି.ଏନ.ଏ.)

**ବଲାଙ୍ଗୀର ଡାକ ଅଧୀକ୍ଷକଙ୍କ ଠାରେ ଉପଭୋକ୍ତାଙ୍କ ଅଭିଯୋଗ**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସହଲା ପୋଷ୍ଟ ଅଫିସରେ ଚିଠିପତ୍ର ବଣ୍ଟନରେ ନା ନା ଅବ୍ୟବସ୍ଥା ଦେଖାଦେଇଛି। ପୋଷ୍ଟମାଷ୍ଟର ନିୟମିତ ଭାବେ ଆସୁ ନ ଥିବା ଓ ଅତି ଜରୁରୀ ଚିଠିପତ୍ର ମାସ ମାସ ଧରି ବଣ୍ଟନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ଶତାଧିକ ଗ୍ରାହକ ଅସନ୍ତୋଷ ପ୍ରକାଶ କରି ବଲାଙ୍ଗୀରସ୍ଥିତ ଡାକ ଅଧୀକ୍ଷକଙ୍କ ଠାରେ ଲିଖିତ ଭାବେ ଅଭିଯୋଗ କରିଥିବା ଜଣାଯାଇଛି । ଚିଠି ଠିକ୍ ଭାବେ ବଣ୍ଟନ କରାଯାଉ ନ ଥିବାରୁ ବହୁ ଶିକ୍ଷିତ ଯୁବତୀଯୁବକ ଓ ସ୍ଥାନୀୟ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏ ଦିଗରେ ଦୃଷ୍ଟି ଦେଇ ନୂତନ ପୋଷ୍ଟ ମାଷ୍ଟର ଅବସ୍ଥାପିତ କରାଯାଉ ବୋଲି ଗ୍ରାହକମାନେ ଦାବି କରିଛନ୍ତି। ଏନେଇ ବଲାଙ୍ଗୀର ଡାକ ଅଧୀକ୍ଷକଙ୍କୁ ପଚାରିବାରେ ସେ ସୁବର୍ଣ୍ଣପୁର ଜିଲା ଡାକ ନିରୀକ୍ଷକଙ୍କୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା କହିଥିଲେ । ଅପରପକ୍ଷରେ ଗ୍ରାହକମାନେ ବୁଧବାର ସହଲା ପୋଷ୍ଟ ଅଫିସ ଆଗରେ ହୋ ହଲ୍ଲା କରିବା ସହ ପୋଷ୍ଟ ମାଷ୍ଟରଙ୍କ ବଦଳି ଦାବି କରିଥିଲେ। ଖବରପାଇ ସହଲା ପୋଷ୍ଟ ଅଫିସରେ ସୁବର୍ଣ୍ଣପୁର ଜିଲା ଡାକ ନିରୀକ୍ଷକ ବାଳମୁକୁନ୍ଦ ବାରିକ ତୁରନ୍ତ ପହଞ୍ଚି ଅବହେଳା କରୁଥିବା ପୋଷ୍ଟମାଷ୍ଟର ଆଶିଷ ମହାନ୍ତିଙ୍କୁ ଅନ୍ୟତ୍ର ବଦଳି କରି ଏଠାରେ ସଞ୍ଜୀବ କୁମାର ତ୍ରିପାଠୀଙ୍କୁ ନୂତନ ଭାବେ ଦାୟିତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାହକମାନେ ଫେରି ଯାଇଥିଲେ। ସ୍ଥାନୀୟ ସରପଞ୍ଚ ପାଟୁଆରୀ ପଧାନ, ଅମରନାଥ ଯୁଆଡ଼ି, ବିକ୍ରମ, ନୀଳାଚଳ ଦୀପ, ରାହୁଲ ପୁଟେଲ, ଲିଙ୍ଗରାଜ ଘିବେଲା, ମନୋରଞ୍ଜନ ଭୋଇ, ସୁରେଶ କୁମ୍ଭାର, ଏସ. ସେଠୀ ପ୍ରମୁଖ ଅଭିଯୋଗ କରିଥିଲେ ।



ଡୁଙ୍ଗୁରିପାଲି ବ୍ଲକ ସହଲା ପୋଷ୍ଟ ଅଫିସ ଆଗରେ ଗ୍ରାହକଙ୍କ ଭିଡ।

## ବିଦାୟ ସମ୍ବର୍ଦ୍ଧନା ଉତ୍ସବ, ତାରାରୋପଣ

ବରପାଲି,୨୧।୭(ଡି.ଏନ୍.ଏ.)

ବରଗଡ ଜିଲା ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପଦ୍ମିନୀ ଦାଶଙ୍କ ଉପସ୍ଥିତିରେ ଅନୁଷ୍ଠିତ ସଭାକୁ ଦ୍ୱିତୀୟ ବର୍ଷର ଛାତ୍ରୀ ବର୍ଷା ମେହେର ପରିଚାଳନା କରିଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ହିରାଲାଲ ସାହୁ, ଦେବେନ୍ଦ୍ର ସାହୁ, ନିର୍ମଳ ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀ ପ୍ରଜ୍ଞାପରମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ଅଣ୍ଡର-୧୯ ଫୁଟବଲ ଖେଳାଳି ଅନିଶା କୁମ୍ଭାର ଓ ତାଙ୍କ କୋଚ୍ ସମ୍ପୂର୍ଣ୍ଣ କୁମାର ଭୋଇଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧାପକ ସୁନୀଲ କୁମାର ନନ୍ଦ, ଅଧାପିକା ଅଙ୍କିତା ବାବୁ ଓ ୱାଇଆରସି କାଉନସିଲର ଅଧାପକ ଯତୀନ୍ଦ୍ର କୁମାର ସାହୁ, କାଉନସିଲର ଅଧାପିକା ନୀଳିମା ନାୟକ, ଆରଆରସି ପ୍ରୋଗ୍ରାମ ଅଫିସର ସାଗର ପଧାନଙ୍କ ତତ୍ତ୍ୱାବଧାନରେ ତୃତୀୟ ବର୍ଷ ବିଦାୟୀ ଛାତ୍ରୀ ୧୦୧ ତାରା ରୋପଣ କରିଥିଲେ। ସ୍ନାତକ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଙ୍କ ସମେତ ଅଧାପିକା ଜ୍ୟୋତି ସାହୁ, ପିଙ୍କି ବାରିକ, ଅଧାପକ ନୀତେଶ ତାଣ୍ଡି, ନେପାଳ ବିଶାଲ, ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ପ୍ରଦୀପ କୁମାର ମିଶ୍ର, ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, କାଲୁ କୁମ୍ଭାର, ଆନନ୍ଦ ବେହେରା ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଜଣେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସ୍କୁଲରେ ଅଗ୍ନିଶମ ବିଭାଗର ମକ୍ ଡ୍ରିଲ

ଅମ୍ବାଭୋନା,୨୧।୭(ଡି.ଏନ.ଏ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲଖନପୁର ସ୍ଥିତ କମଳସିଂ ଦାଉ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅଗ୍ନିଶମ ବିଭାଗ ପକ୍ଷରୁ ମକ୍ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅମ୍ବାଭୋନା ଅଗ୍ନିଶମ କେନ୍ଦ୍ରର ଓଆଇସି ତ୍ରିନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ଆଗ୍ନିକ ଅନିଲ କୁମାର ସାହୁ, ସୁରେନ୍ଦ୍ର ବାରିକ, ଭାଗିରଥି ପ୍ରଧାନ, ଏଲ.କେ. ବିଶି, କିରଣ ବିଶୋଇ ପ୍ରମୁଖ ଯୋଗଦାନ କରିଥିଲେ। ଅଗ୍ନି ନିର୍ବାପକ ଯନ୍ତ୍ର, ଲାଇପ୍ ଜ୍ୟାକେଟ୍ ବ୍ୟବହାର, ଲାଇଫ୍ ବୟ ଦ୍ୱାରା ପାଣିରୁ ଉଦ୍ଧାର ହେବାର କୌଶଳ ଆଦି ଉପରେ ସେମାନେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ବାତ୍ୟା ସମୟରେ ରାସ୍ତାରେ ପଡ଼ିଥିବା ଗଛ ସଫା କରିବା ତଥା ଗଛକଟା ଯନ୍ତ୍ର ବ୍ୟବହାର, ଗ୍ୟାସ ଦୁର୍ଘଟଣାରୁ ରକ୍ଷା, ଦୁର୍ଘଟଣାରେ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପହଞ୍ଚାଇବା ଆଦିର କୌଶଳ ପ୍ରଦର୍ଶନ କରାଯାଇଥିଲା। ଛାତ୍ରୀଛାତ୍ର ମଧ୍ୟ ଏହାର ଅଭ୍ୟାସ କରିଥିଲେ। ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ, ବିଜ୍ଞାନ ଶିକ୍ଷକ ମନୋହର ସାହୁ, ସୁଷମା ଦେହେରୀ ସହଯୋଗ କରିଥିଲେ।

# କାମ ସରିନି, ଉଦ୍‌ଘାଟନ ହୋଇଛି

ସୋନପୁର,୨୧।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ଉଦ୍‌ଘାଟିତ ହୋଇଥିବା ରୂପାନ୍ତରଣ ହାଇସ୍କୁଲର କାମ ସରିନି। ଏହି ଘଟଣାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଜିଲାର ୧୧ଟି ହାଇସ୍କୁଲର ରୂପାନ୍ତରଣ ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ୪୧ଟି ହାଇସ୍କୁଲର ରୂପାନ୍ତରଣ ପାଇଁ ରାଜ୍ୟ ସରକାର ୪୫ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ଯୋଗାଇ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୧୧ଟି ୫-ଟି ହାଇସ୍କୁଲ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ସେହିପରି ଗତ ଜୁନ୍ ୧ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ଜିଲାର ୪୧ଟି ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫେରେନ୍ସିଂ ଜରିଆରେ ଶୁଭାରମ୍ଭ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଜିଲାର ଡୁଙ୍ଗୁରିପାଲି ବ୍ଲକରେ ସର୍ବାଧିକ ୧୧ଟି ହାଇସ୍କୁଲ, ସୋନପୁର ବ୍ଲକର ୭, ଉଲୁଣ୍ଡା ବ୍ଲକରେ ୭, ବୀରମହାରାଜପୁର ବ୍ଲକରେ ୬, ବିନିକାରେ ୫ ଓ ତରଭାରେ ୫ଟି ହାଇସ୍କୁଲ ଉଦ୍‌ଘାଟିତ ହୋଇଥିଲା।
ସ୍କୁଲର ଛାତ୍ରୀଛାତ୍ର ସ୍ମାର୍ଟ ଶ୍ରେଣୀଗୃହ ସାଙ୍ଗକୁ ଖେଳପଡିଆ, ଇ-ଲାଇବ୍ରେରୀ ଓ ବିଜ୍ଞାନଗାରର ସୁବିଧା ପାଇବେ ବୋଲି କୁହାଯାଇଥିଲା। ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଯୋଗୁ ଜିଲାରେ ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ଅତିଥି ବୃନ୍ଦ ଓ ଲୋକପ୍ରତିନିଧି ଆଶା ପ୍ରକାଶ କରିଥିଲେ। ତେବେ ବାହାରକୁ ଚକାଚକ୍ ଦେଖା ଯାଉଥିବା ଏହି ୫-ଟି ବିଦ୍ୟାଳୟଗୁଡିକର ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ହୋଇନାହିଁ। ହାଇସ୍କୁଲ ପ୍ରଧାନଶିକ୍ଷକ, କମ୍ପ୍ୟୁଟର ଶିକ୍ଷକ, ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ ହୋଇନି। ସେହିପରି ପୂର୍ତ୍ତ ବିଭାଗ ଓ ବ୍ଲକ ଅଧୀନରେ ସ୍କୁଲଗୁଡିକୁ ୫-ଟିରେ ସାମିଲ କରାଯାଇ ସେଗୁଡିକର ରୂପାନ୍ତରିକରଣ କରାଯାଇଛି। ମାତ୍ର ରୂପାନ୍ତରିକରଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏପରିକି ନିମ୍ନମାନର କାର୍ଯ୍ୟକୁ ନେଇ ମହାରାଜା ହାଇସ୍କୁଲ ପୁରାତନ ଛାତ୍ର ସଂସଦ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବ ବୋଲି ଚେତାବନୀ ଦେଇଛି। ସୋନପୁର ମହାରାଜା ହାଇସ୍କୁଲ ଜିଲାର ସର୍ବପୁରାତନ ଶିକ୍ଷାନୁଷ୍ଠାନ। ୧୯୧୩ ମସିହାରେ ଏହି ସ୍କୁଲ ପ୍ରତିଷ୍ଠା ହୋଇଥିଲା। ଏହି ଶତାୟୁ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନାହାନ୍ତି। ଏଡିଇଓ ମଞ୍ଜୁଲତା ଭୋଇଙ୍କ ହାତରେ ବିଦ୍ୟାଳୟର ଆର୍ଥିକ ପରିଚାଳନା ଦାୟିତ୍ୱ ରହିଛି। ବିଦ୍ୟାଳୟର ବରିଷ୍ଠ ସହାୟକ ପଦ୍ମନାଭ କର୍ଣ୍ଣ ପ୍ରଧାନ ଶିକ୍ଷକ ଭାର ସମ୍ଭାଳୁଛନ୍ତି। ଏହି ହାଇସ୍କୁଲର



ସମ୍ପୂର୍ଣ୍ଣ ହୋଇ ନ ଥିବା ସୋନପୁର ମହାରାଜା ହାଇସ୍କୁଲ।

**ରୂପାନ୍ତରଣ ହାଇସ୍କୁଲ**

- ପୂରଣ ହୋଇନି ପ୍ରଧାନଶିକ୍ଷକ, କମ୍ପ୍ୟୁଟର ଶିକ୍ଷକ, ଶିକ୍ଷକ ଓ ଅଣଶିକ୍ଷକ ପଦବୀ

ରୂପାନ୍ତରଣ କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଛି। କିନ୍ତୁ ବାସ୍ତବରେ କାମ ସରିନି। ସୋନପୁର ବ୍ଲକ ପକ୍ଷରୁ କେବଳ ପୁରୁଣା କୋଠାକୁ ରଙ୍ଗ ମରାଯାଇଛି। ମୁଖ୍ୟ ଫାଟକ କାମ ସରିନି। ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅଧାରେ ଅଟକି ରହିଛି। ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ ଓ ବିଜ୍ଞାନଗାରର ସୁବିଧା ଛାତ୍ରୀଛାତ୍ର ପାଇପାରୁ ନାହାନ୍ତି। ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମାନ ଅବସ୍ଥା। ଅନ୍ୟପକ୍ଷେ ଗତବର୍ଷାରେ ଡୁଙ୍ଗୁରିପାଲି ବ୍ଲକ ରାମପୁର ରୂପାନ୍ତରିତ ହାଇସ୍କୁଲ ପରିସର ରାସ୍ତା ଉପରେ ଆଣ୍ଠୁଏ ପାଣିର ସୁଅ ଚାଲିଥିଲା। ଛାତ୍ରୀଛାତ୍ର ଯାତାୟତରେ ଅସୁବିଧା ଭୋଗିଲେ। ତେଣୁ ରୂପାନ୍ତରଣ ହାଇସ୍କୁଲ ଉଦ୍‌ଘାଟନ ପୂର୍ବରୁ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ଭିତ୍ତିଭୂମି ଉନ୍ନତି କାର୍ଯ୍ୟରେ ସ୍ୱଚ୍ଛତା ଓ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ଜିଲାର ବୁଦ୍ଧିଜୀବୀ ଦାବି କରିଛନ୍ତି।

## ଜେଏମ୍ଏଫ୍‌ସି ମାଜିଷ୍ଟ୍ରେଟ୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା

କୋକସରା,(ଡି.ଏନ.ଏ.): କୋକସରା ଜେଏମ୍ଏଫ୍‌ସି ବିଚାରପତି ଅଭିନନ୍ଦନ ନନ୍ଦଙ୍କୁ ଗୁରୁବାର ବାର ଆସୋସିଏଶନ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଆସୋସିଏଶନ ସଭାପତି ରସିକ ରାଜ ଦୁର୍ଗାଙ୍କ ସଭାପତିତ୍ୱରେ ନନ୍ଦଙ୍କ କାର୍ଯ୍ୟକାଳରେ ତାଙ୍କର ସହଯୋଗ ସବୁଦିନ ପାଇଁ ମନେ ରହିବ ବୋଲି ଓକିଲମାନେ ମତ ରଖିଥିଲେ। ବିଦାୟ ସମ୍ବର୍ଦ୍ଧନା ଅବସରରେ ସରକାରୀ ଓକିଲ ଅଜିତ କୁମାର ପଟ୍ଟନାୟକ, ବାର ଆସୋସିଏଶନ ସମ୍ପାଦକ ଗଗନ ମହାନନ୍ଦ, ନୋଟାରୀ ପଞ୍ଚାନନ ବେଶ୍ରା, ପ୍ରିୟ ରଞ୍ଜନ ବେହେରା, ଲକ୍ଷ୍ମୀକାନ୍ତ ଖମାରି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଶିଷ୍ଟ ଆଇନଜୀବୀ ସମ୍ମାନିତ

ନୂଆପଡ଼ା ଅଫିସ,୨୧।୭: ଓଡିଶା ଜୁଡିସିଆଲ ଏକାଡେମି କଟକ ପକ୍ଷରୁ ଆସନ୍ତା ୨୬ ତାରିଖରେ ରାଜ୍ୟର ୨୨ଜଣ କାର୍ଯ୍ୟରତ ଆଇନଜୀବୀଙ୍କୁ ଶ୍ରେଷ୍ଠ ଆଇନଜୀବୀ ଭାବରେ ସମ୍ମାନିତ କରିବାକୁ ଯାଉଛନ୍ତି। ସେମାନଙ୍କ ମଧ୍ୟରୁ ନୂଆପଡା ଜିଲାର ଜଣେ କାର୍ଯ୍ୟରତ ବିଶିଷ୍ଟ ଆଇନଜୀବୀ ଗୌରୀ ଶଙ୍କର ଶତପଥି ନାମ ରହିଛି। ଏହା ଜିଲା ପାଇଁ ଗର୍ବ ଓ ଗୌରବ ବୋଲି ଜିଲାରେ ଖୁସିର ଲହରି ଖେଳି ଯାଇଛି। ଖରିଆର ରୋଡ ଏନ୍ଏସିର ଅବସର ପ୍ରାପ୍ତ ୪ର୍ଥ ଶ୍ରେଣୀ କର୍ମଚାରୀ ହୃଷୀକେଶ ସତପଥିଙ୍କ ପୁତ୍ର ଗୌରୀ ଶଙ୍କର ସତପଥି ୨୦୦୫ରେ ରାଜଧାନୀ ଆଇନ ମହାବିଦ୍ୟାଳୟରୁ ଆଇନ ଡିଗ୍ରୀ ହାସଲ କରି ୨୦୦୮ରୁ ନୂଆପଡା ଜିଲାରେ ଓକିଲାତି କରୁଛନ୍ତି। ଜିଲା କୋର୍ଟରେ କାର୍ଯ୍ୟରତ ବିଶିଷ୍ଟ ଆଇନଜୀବୀ ଗୌରୀଶଙ୍କର ଶତପଥିଙ୍କୁ ୨୦୨୨ର ଶ୍ରେଷ୍ଠ ଆଇନଜୀବୀ ଭାବେ ସମ୍ମାନିତ ହେଉଥିବାରୁ ଜିଲା ବାର ଆସୋସିଏଶନ ସଭାପତି ପ୍ରସନ୍ନ କୁମାର ପାଢୀ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଜିଲାର ବିଭିନ୍ନ ମହଲରୁ ସ୍ୱାଗତ ଓ ଅଭିନନ୍ଦନର ସୁଅ ଛୁଟୁଛି।

### ଭାଜପା ପାଳିଲା ବିଜୟ ଉତ୍ସବ

ବରଗଡ଼ ଅଫିସ୍,୨୧।୭: ଓଡ଼ିଶା ମାଟିର ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଉତ୍ସାହ ପରିଲକ୍ଷିତ ହୋଇଛି । ଏହି କ୍ରମରେ ବରଗଡ଼ ଜିଲା ଭଟଲିରେ ଭାଜପା ପକ୍ଷରୁ ଗୁରୁବାର ବିଜୟ ଉତ୍ସବ ପାଳନ କରାଯାଇଛି । ଦଳର ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟଙ୍କ ସମେତ ପ୍ରହ୍ଲାଦ ପ୍ରଧାନ, ଦୁଷ୍ମନ୍ତ ମହାପାତ୍ର, ଅଚ୍ୟୁତ ବୁଧିଆ, ଅବଦୁଲ ଫାରୁକ୍ ଖାଁ, ଅକ୍ଷୟ ନାଏକ, ଗୋପାଳ ନାଏକ, ମାଧବ ଚରଣ ପ୍ରଧାନ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ରାସ୍ତାରେ ମାହାସୁଲ ଅସୁଲି ବନ୍ଦ ହେଉନି

## ୩୦ବର୍ଷ ପୂର୍ବରୁ ବ୍ରିଜ୍ ନିର୍ମାଣ ସରିଲାଣି

ସୋନପୁର,୨୧।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ୩ଟି ସ୍ଥାନରେ ଦୀର୍ଘ ବର୍ଷ ଧରି ରାସ୍ତାରେ ଯାତାୟତ କରୁଥିବା ଯାନବାହାନ ନିକଟରୁ ମହାସୁଲ ଅସୁଲି ହେଉଛି। ଏହି ମହାସୁଲ ଅସୁଲି ବନ୍ଦ କରିବାକୁ ସଚେତନ ନାଗରିକ ଓ ଲୋକ ପ୍ରତିନିଧି ଦାବି କରି ଆସୁଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ସୋନପୁର-ବିନିକା ରାସ୍ତାର ଘୋଡାଧାରଠାରେ ଅଙ୍ଗ ନଦୀ ଉପରେ ୩୦ ବର୍ଷ ପୂର୍ବରୁ ବ୍ରିଜ୍ ନିର୍ମାଣ ହୋଇଛି। ସେହି ଦିନଠାରୁ ଓଡିଶା ବ୍ରିଜ୍ ନିର୍ମାଣ ସଂସ୍ଥା ପକ୍ଷରୁ ପ୍ରତ୍ୟେକ ବର୍ଷ ଟେଣ୍ଡର କରାଯାଇ ଟୋଲ ଟିକସ ଆଦାୟ କରାଯାଉଛି। ବ୍ରିଜ୍ ନିର୍ମାଣରେ ସେତେବେଳେ ୩ କୋଟି ଟଙ୍କା ବ୍ୟୟ ହୋଇଥିବା ବେଳେ ୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଟିକସ ଆଦାୟ ହୋଇ ସାରିଲାଣି। ତଥାପି ମହାସୁଲ ଫାଟକ କରି ଏହି ରାସ୍ତା ଦେଇ ଯାତାୟତ କରୁଥିବା ଯାନବାହାନରୁ ଟିକସ ଆଦାୟ ଚାଲିଛି। ଏହି ରାସ୍ତାରେ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ଅଧିବାସୀ ବୁର୍ଲା ଡାକ୍ତରଖାନାକୁ ଚିକିତ୍ସା ପାଇଁ ସାଧାରଣତଃ ଚାରିଚକିଆ ଯାନରେ ଯାଇଥାନ୍ତି। କିନ୍ତୁ ଫାଟକରେ ଅଯଥା ଭିଡ ପାଇଁ ରୋଗୀ ଓ ପରିଜନ ହଇରାଣ ହେଉଛନ୍ତି। ଅନ୍ୟପକ୍ଷେ ବ୍ରିଜ୍ ଅବସ୍ଥା ଶୋଚନୀୟ ହେବା ସହିତ ସଂଯୋଗ ସ୍ଥାନ ଗୁଡିକ ଫାଟି ଆଁ କଲାଣି। ସେଥିପ୍ରତି କାହାରି ଦୃଷ୍ଟି ନାହିଁ।

ସୋନପୁର ନିକଟରେ ମହାନଦୀ ଉପରେ ବ୍ରିଜ୍ ନିର୍ମାଣ ହୋଇଛି। ଏହି ବ୍ରିଜ୍ ପ୍ରାୟ ୧୯ ବର୍ଷ ପୂର୍ବରୁ ଉଦ୍‌ଘାଟନ ହେଲାଣି। କିନ୍ତୁ ହିକୁଡି ଛକରେ ଯାନବାହାନ ନିକଟରୁ ମହାସୁଲ ଆଦାୟ କରାଯାଉଛି। ଏହି ମୁଖ୍ୟ ରାସ୍ତା ଦେଇ ଦୈନିକ ଶତାଧିକ ଯାନ ସମ୍ବଲପୁର, ବୁର୍ଲା ଓ ବୀରମହାରାଜପୁରକୁ ଯିବା ଆସିବା କରୁଛି। ସେମାନଙ୍କୁ ଟିକସ ଦେବାକୁ ପଡୁଛି। ତେବେ ବୌଦ୍ଧ ଜିଲାର ବୌଦ୍ଧ-ଟିଆକଟା ବ୍ରିଜ୍ କାର୍ଯ୍ୟ ପ୍ରାୟ ସମାନ ସମୟରେ ସରିଥିଲା। ଏହି ରାସ୍ତାରେ ମହାସୁଲ ଅସୁଲି ଅନେକ ବର୍ଷ ତଳୁ ବନ୍ଦ ହୋଇଛି। ମାତ୍ର ସୋନପୁର ହିକୁଡିରେ ଟିକସ ଆଦାୟ ବନ୍ଦ ହେଉନି। ବୀରମହାରାଜପୁର ବ୍ଲକ ସୁବଳୟାଠାରେ ସୁରୁବାଲି ଯୋରରେ ପ୍ରାୟ ୨୫ବର୍ଷ ପୂର୍ବରୁ ବ୍ରିଜ୍ ନିର୍ମାଣ ହୋଇଛି। ଏହି ରାସ୍ତାଦେଇ ଲୋକେ ମୁଷୁଣ୍ଡି, ବୀରମହାରାଜପୁର, ରେଢାଖୋଲ ଓ ବୌଦ୍ଧକୁ ଯିବା ଆସିବା କରନ୍ତି। କିନ୍ତୁ ଲୋକଙ୍କୁ କାରରେ ଯିବା ପାଇଁ ୧୫ ଟଙ୍କା ଦେବାକୁ ପଡୁଛି । ଜିଲାର କିଛି ସଚେତନ ନାଗରିକ ତିନୋଟି ବ୍ରିଜ୍ ରାସ୍ତାରେ ମହାସୁଲ ଫାଟକ ବନ୍ଦ କରିବାକୁ ଜିଲାପାଳଙ୍କ ନିକଟରେ ଲିଖିତ ଦାବି କରିଥିଲେ। କିନ୍ତୁ ଜିଲା ପ୍ରଶାସନର ଅବହେଳା ଯୋଗୁଁ ଲୋକଙ୍କୁ ଅଯଥାରେ ଟିକସ ଦେବାକୁ ପଡୁଛି। ଏ ସମ୍ପର୍କରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା କୁହନ୍ତି, ଚଳିତ ବିଧାନସଭାରେ ଏ ବାବଦରେ ପ୍ରଶ୍ନ ପଚାରିଛନ୍ତି। ଦୀର୍ଘ ବର୍ଷ ଧରି କାହିଁକି ଟିକସ ଆଦାୟ କରାଯାଉଛି ସେ ନେଇ ନିଜର ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେବେ ତଥ୍ୟ ସଂଗ୍ରହ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି। ସୁବର୍ଣ୍ଣପୁର ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ ଏ ବାବଦରେ କୁହନ୍ତି, ୨୦୧୫ ମସିହାରେ ସୁବର୍ଣ୍ଣପୁର ଜିଲାରେ ପୂର୍ତ୍ତ ବିଭାଗର ଡିଭିଜନ କାର୍ଯ୍ୟାଳୟ ଖୋଲିଛି। ତେଣୁ ବ୍ରିଜ୍ ନିର୍ମାଣ ସମ୍ପର୍କିତ କୌଣସି ଫାଇଲ ନାହିଁ। ବଲାଙ୍ଗୀର ସ୍ଥିତ କାର୍ଯ୍ୟାଳୟରେ ମଧ କୌଣସି ତଥ୍ୟ ମିଳୁନି। ବ୍ରିଜ୍ ନିର୍ମାଣ ସମୟରେ ସମ୍ବଲପୁରରେ ବ୍ରିଜ୍ ଡିଭିଜନ କାର୍ଯ୍ୟାଳୟ ଥିଲା। ତଥ୍ୟ ମିଳିବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଜିଲା ପ୍ରଶାସନ ତୁରନ୍ତ ତିନୋଟି ଯାକ ଟିକସ ଫାଟକ ଉଠାଇବାକୁ ସାଧାରଣରେ ଦାବି ହେଉଛି।



ସୋନପୁର-ବିନିକା ରାସ୍ତାର ଘୋଡାଧାର ଫାଟକ।

# ସିଆର୍‌ସିସିଙ୍କୁ ବଦଳାଇବାକୁ ନିର୍ଦ୍ଦେଶ ଦେଲା ବିଭାଗ

## ୨ ଜିଲାରେ ମଧ୍ୟାହ୍ନ ଭୋଜନରେ ଅନିୟମିତତା

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

କୋରାପୁଟ ଓ ବଲାଙ୍ଗୀର ଜିଲାରେ ମଧ୍ୟାହ୍ନ ଭୋଜନରେ ଅନିୟମିତତା ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ୨ ଜିଲା ଶିକ୍ଷା ଅଧିକାରୀଙ୍କୁ ରାଜ୍ୟ ନୋଡାଲ ଅଧିକାରୀ (ପିଏମ ପୋଷଣ) ସମ୍ବିତ କୁମାର ନାୟକ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ସିଆରସିସିମାନଙ୍କୁ ତୁରନ୍ତ ପରିବର୍ତ୍ତନ କରିବା ସହ ବ୍ଲକସ୍ତରରେ ଡାଟା ଏଣ୍ଟ୍ରି ଅପରେଟରଙ୍କ ନିଯୁକ୍ତିକୁ ବାତିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ସେ କହିଛନ୍ତି, ଜିଲାରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ସଠିକ୍ ତଦାରଖ ହେଉ ନ ଥିବା ନଜରକୁ ଆସିଛି। ବିଦ୍ୟାଳୟ ପଏଣ୍ଟଗୁଡ଼ିକରେ ନିର୍ଦ୍ଧାରିତ ପରିମାଣର ଚାଉଳ ଗ୍ରହଣ ହେଉ ନ ଥିବା ଏବଂ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉ ନ ଥିବା ନେଇ ବହୁତ ଅଭିଯୋଗ ହେଉଛି। ତେଣୁ ନିଜ ଜିଲାରେ ସିଆରସିସିମାନଙ୍କୁ ତୁରନ୍ତ ପରିବର୍ତ୍ତନ କରିବା ସହ ବ୍ଲକସ୍ତରରେ ଏମ୍‌ଡିଏମ ଯୋଜନାର ଡାଟା ଏଣ୍ଟ୍ରି ଅପରେଟରଙ୍କ ନିଯୁକ୍ତି ବାତିଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଓସେପା ଏସପିଡିଙ୍କ ଅନୁମୋଦନ ନିମନ୍ତେ ତୁରନ୍ତ ନୂଆ ସିଆରସିସିଙ୍କ ତାଲିକା ଚୂଡ଼ାନ୍ତ କରି ପଠାଇବାକୁ କୁହାଯାଇଛି। ସେହିପରି ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଏକାଥରେ ପରିବର୍ତ୍ତନ କରିବାକୁ ଆଉଟସୋର୍ସିଂ ସଂସ୍ଥାଗୁଡ଼ିକୁ କହିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି।

# ସେପ୍ଟେମ୍ବର ୪ରୁ ପୁରୁଷ, ତୃତୀୟ ସପ୍ତାହରୁ ମହିଳା ଫୁଟବଲ ଟୁର୍ନାମେଣ୍ଟ

ବଲାଙ୍ଗୀର ଅଫିସ, ୨୧।୭

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଚଳିତବର୍ଷ ହେବାକୁ ଥିବା ଫୁଟବଲ ଟୁର୍ନାମେଣ୍ଟ ସୁପରିଚାଳନା ସକାଶେ ଟୁର୍ନାମେଣ୍ଟ ଓ ଟ୍ରାନ୍ସଫର କମିଟି, ଚୟନ କମିଟି ଓ ଅମ୍ପାୟାର କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱ ଓ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱରେ ହୋଇଥିବା ବୈଠକରେ ଅଧକ୍ଷ ଡ. ମିଶ୍ର ଟୁର୍ନାମେଣ୍ଟ ପରିଚାଳନା ନିୟମାବଳୀ ଉପରେ ଅବଗତ କରିଥିଲେ। ଉପସ୍ଥିତ କମିଟି ସଭ୍ୟମାନଙ୍କ ମାଧ୍ୟମରେ ଜିଲାର ବିଭିନ୍ନ ଫୁଟବଲ ଦଳକୁ ନିୟମାବଳୀ ଚିଠା ଯଥାଶୀଘ୍ର ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଆଗାମୀ ସେପ୍ଟେମ୍ବର ୪ରେ ଆରମ୍ଭ ହେବାକୁ ଥିବା ଫୁଟବଲ ଟୁର୍ନାମେଣ୍ଟ (ପୁରୁଷ)ରେ ଅଂଶଗ୍ରହଣକାରୀ ପ୍ରତିଯୋଗୀ ଦଳଗୁଡ଼ିକ ସେମାନଙ୍କ ପ୍ରବେଶିକା ଫର୍ମ ସହ ଦେୟ ଦାଖଲ କରିବା ପାଇଁ ସୂଚନା ଦିଆଯାଇଛି। ଏହି ଫର୍ମ ଓ ଦେୟ ସେମାନେ ଜିଲା କ୍ରୀଡା ସଂସଦ କାର୍ଯ୍ୟାଳୟ ଠାରେ କିମ୍ବା ଫୁଟବଲ ସମ୍ପାଦକ ହେମନ୍ତ ବେହେରା ଓ କମିଟି ସଭ୍ୟ ଡ. ସିଦ୍ଧେଶ୍ୱର ମିଶ୍ରଙ୍କ ନିକଟରେ ସିଧାସଳଖ ଦାଖଲ କରିପାରିବେ। ଚଳିତବର୍ଷ ସେପ୍ଟେମ୍ବର ତୃତୀୟ ସପ୍ତାହରେ ମହିଳା ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ମଧ କମିଟି ନିଷ୍ପତ୍ତି ଗ୍ରହଣ କରିଥିବା ସାଧାରଣ ସମ୍ପାଦକ ପୂଜାରୀ ସୂଚନା ଦେଇଛନ୍ତି। ବୈଠକରେ ଟ୍ରାନ୍ସଫର ଓ ଟୁର୍ନାମେଣ୍ଟ କମିଟି ଚେୟାରମ୍ୟାନ ପ୍ରଭାତ କୁମାର ମିଶ୍ର, ସଭ୍ୟ ଭୁପେନ୍ଦ୍ର ସିଂବାବୁ, ଇଂ ନାରାୟଣ ପ୍ରସାଦ ମିଶ୍ର, ଡ. ସିଦ୍ଧେଶ୍ୱର ମିଶ୍ର, ଶ୍ରୀକାନ୍ତ ରାଉତ, ସୁଧାଂଶୁ ସେଠ, ଶରତ କୁମାର ନନ୍ଦ, ନିଶାର କାନ୍ତ ନାଗ, ନରସିଂ ସ୍ୱାମୀ ନାଇଡୁ, ସୁନିଲ କୁମାର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଫୁଟବଲ ସମ୍ପାଦକ ହେମନ୍ତ କୁମାର ବେହେରା ଉପସ୍ଥିତ ଥିଲେ। ଫୁଟବଲ ସମ୍ପାଦକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଥାନାରେ ପ୍ରେମୀଯୁଗଳଙ୍କ ବିବାହ



ଝାରବନ୍ଧ,୨୧।୭(ଡି.ଏନ.ଏ)

ବରଗଡ଼ ଜିଲା ଝାରବନ୍ଧ ଥାନା ପରିସରରେ ଗୁରୁବାର ପ୍ରେମୀଯୁଗଳଙ୍କ ବିବାହ ସମ୍ପନ୍ନ ହୋଇଛି। ପ୍ରେମୀଯୁଗଳ ହେଲେ ଝାରବନ୍ଧ ଥାନା କୁଶମଦର୍ହା ଚାରିପଡ଼ାର କୈଳାସ ନାଏକ(୨୬) ଏବଂ ଜଗଦଲପୁର ଥାନା ଗୌଡ଼ମାଳର ଅଞ୍ଜୁ ଝରିଆ(୨୨)। କୈଳାସ ଏବଂ ଅଞ୍ଜୁଙ୍କ ମଧ୍ୟରେ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ରହିଥିଲା। ସେମାନେ ବିବାହ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ମାତ୍ର ଭିନ୍ନଜାତିର ହୋଇଥିବାରୁ ବିବାହରେ ତାହା ବାଧକ ସାଜିଥିଲା। ଫଳରେ ଉଭୟେ ଘର ଛାଡ଼ି ଚାଲିଯିବାକୁ ନିଷ୍ପତ୍ତି ନେଇ ବୁଧବାର ରାତିରେ ଏକ ବାଇକ୍ ଯୋଗେ ଘରୁ ଅନ୍ୟତ୍ର ଚାଲିଯାଉଥିଲେ। ତେବେ ପେଟ୍ରୋଲ ସରିଯିବାରୁ ସେମାନେ ଅଧବାଟରେ ରହିଯାଇଥିଲେ। ରାତ୍ରିକାଳୀନ ପାଟ୍ରୋଲିଂ ପୋଲିସ ସେମାନଙ୍କୁ ଧରିଥିଲା। ପଚରାଉଚୁରା ପରେ ସେମାନେ ଘଟଣା ସମ୍ପର୍କରେ କହିଥିଲେ। ଉଭୟଙ୍କ ପରିବାର ଲୋକଙ୍କୁ ପୋଲିସ ସୂଚନା ଦେଇଥିଲା। ପରିବାର ଲୋକଙ୍କ ଉପସ୍ଥିତିରେ ଥାନାରେ ବିବାହ ସମ୍ପନ୍ନ ହୋଇଥିଲା। ଥାନାଧିକାରୀ ଦିଲୀପ କୁମାର ବେହେରାଙ୍କ ଓ ଷ୍ଟାଫ ଉପସ୍ଥିତ ଥିଲେ।

# ୫-ଟିରେ ରୂପାନ୍ତର ହେବ ବାଗପୁର ହାଇସ୍କୁଲ

ପଲମ,୨୧।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ବାଗପୁର ପଞ୍ଚାୟତସ୍ଥିତ ବାଗପୁର ହାଇସ୍କୁଲ ୫-ଟି ରୂପାନ୍ତରଣ ଯୋଜନାରେ ସାମିଲ ହୋଇଛି। ଏହି ହାଇସ୍କୁଲ ସମ୍ମିଳନୀ କକ୍ଷରେ ସରପଞ୍ଚ ଗୋପାଳକୃଷ୍ଣ ହାତୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ୍ ଅତିରିକ୍ତ ବିଡିଓ ଦେବେନ୍ଦ୍ର ସାମଲ, ବ୍ଲକ ଶିକ୍ଷାଧିକାରୀ ତପିମଣି ଜାନୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ମାଝି, ସହକାରୀ ଯନ୍ତ୍ରୀ ବାସୁଦେବ ମହାରଣା, ବାଗପୁର ଦାୟିତ୍ୱରେ ରହିଥିବା କନିଷ୍ଠ ଯନ୍ତ୍ରୀ ଆଲୋକ ନାୟକ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ ମହାନ୍ତି, ଜିତେନ୍ଦ୍ର ହାତୀ, ଧର୍ମରାଜ ବାଗ, ରିତ ସିଂ ପଧାନ, ପୂର୍ବତନ ସରପଞ୍ଚ ଦୋଳଚନ୍ଦ୍ର ବାଗ ଓ ଅଭିଭାବକ ତଥା ବୁଦ୍ଧିଜୀବୀମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆସନ୍ତା ୨୫ ସୁଦ୍ଧା ସମସ୍ତ ଆବଶ୍ୟକ କାଗଜପତ୍ର ବିଭାଗରେ ଜମା କରିବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ୩୦ରୁ କାମ ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି।

# ଭାରତୀୟ ମଜଦୁର ସଂଘର ଜିଲାସ୍ତରୀୟ ଅଧିବେଶନ


ଜିଲାସ୍ତରୀୟ ଅଧିବେଶନରେ ମଞ୍ଚାସୀନ ଅତିଥି।

ଖଡ଼ିଆଳ,୨୧।୭(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ଅଗ୍ରସେନ ଭବନଠାରେ ଭାରତୀୟ ମଜଦୁର ସଂଘର ୧୭ତମ ଜିଲାସ୍ତରୀୟ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମଜଦୁର ସଂଘ ଗଠିତ ହୋଇଥିଲା। ଜିଲା ସଭାପତି ଶୁକ୍ଳାମ୍ବର ନିଆଲ, ପର୍ଯ୍ୟବେକ୍ଷକ ବିରଞ୍ଚି ପଣ୍ଡା, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଗିରିଶ ମହନ୍ତ, କାର୍ଯ୍ୟକାରୀ ସଭାପତି ସୁକଦେଓ ସାହୁ, ଜିଲା ସମ୍ପାଦକ ପ୍ରଦୀପ ଦଣ୍ଡସେନା, ଅବସର ପ୍ରାପତ ପୁସ୍ତମ ସୁନାନୀ, ମଞ୍ଚାସୀନ ଥିଲେ। ଅଧିବେଶନରେ ନୂଆପଡା କମିଟି ସର୍ବସହମତି କ୍ରମେ ଗଠିତ ହୋଇଥିଲା। ଜିଲା ସଭାପତି ଭାବେ ପ୍ରଦୀପ କୁମାର ଦଣ୍ଡସେନା, କାର୍ଯ୍ୟକାରୀ ସଭାପତି ଶୁକ୍ଳାମ୍ବର ନିଆଲ, ଉପସଭାପତି ଚନ୍ଦ୍ରପ୍ରଭା ପାଣିଗ୍ରାହୀ, ମୁନଭଞ୍ଜୀ ପଟେଲ, ଗୌରୀ ବିଶି ଥିବା ବେଳେ ବସମ୍ପାଦକ ଭୁଜବଳ ମାଝି, ଆବାହକ ଚନ୍ଦ୍ରମୟୀ ବିଶି, ସହ ସମ୍ପାଦକ ଜ୍ଞାନେଶ୍ୱର ବାଗ, କୋଷାଧକ୍ଷ ଯଯାତି ମେହେର ମନୋନୀତ ହୋଇଛନ୍ତି। ଏଥିରେ ଜିଲାର ଶ୍ରମିକମାନଙ୍କ ପାଇଁ ଆଶ୍ରୟସ୍ଥଳୀ ନିର୍ମାଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ଯୋଗାଇବା ଏପରି ଅନେକ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଛି।


**POLICE COMMISSIONERATE BHUBANESWAR-CUTTACK**
**ODISHA SPECIAL ARMED POLICE**
**7TH BATTALION, BHUBANESWAR**

ପ୍ରାପ୍ତେଷୁ,

**ଶ୍ରୀ ଦୀପକ କୁମାର ରଞ୍ଜନ**, ସିପାହୀ ନଂ. ୭୬୯
ପିତା: ରବୀନ୍ଦ୍ର ନାଥ ସେଠୀ,
ଗ୍ରାମ: ନନ୍ଦବର, ପୋ.ଅ.: କରାବର
ଥାନା: ଫତେଗଡ଼, ଜିଲ୍ଲା: ନୟାଗଡ଼

No. D-111: ଆପଣ ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱରରୁ ତା୦୨।୦୫।୨୦୨୨ରିଖ ପୂର୍ବାହ୍ନଠାରୁ ତା୧୨।୦୬।୨୦୨୨ରିଖ ଅପରାହ୍ନ ପର୍ଯ୍ୟନ୍ତ ଅର୍ଜିତ ଛୁଟିରେ ଥିଲେ। ଆପଣଙ୍କୁ ନିଜ କାର୍ଯ୍ୟରେ ତା୧୩।୦୬।୨୦୨୨ରିଖ ପୂର୍ବାହ୍ନରେ ଯୋଗ ଦେବାର ଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ବାଟାଲିଅନରେ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। କର୍ତ୍ତବ୍ୟରେ ଯୋଗ ଦେବା ନିମନ୍ତେ ଆପଣଙ୍କ ପାଖକୁ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୯୫୯/ଆର୍.ଓ., ତା୨୦।୦୬।୨୦୨୨, ୯୬୦/ଆର୍.ଓ., ତା୨୦।୦୬।୨୦୨୨ ଏବଂ ୯୬୧/ଆର୍.ଓ., ତା୨୦।୦୬।୨୦୨୨ ମାଧ୍ୟମରେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ମାତ୍ର ଏହା ସତ୍ତ୍ୱେ ଆପଣ ନିଜ କାର୍ଯ୍ୟରେ ଯୋଗ ଦେଉ ନାହାନ୍ତି କି ଅନୁପସ୍ଥିତ ବିଷୟରେ କାର୍ଯ୍ୟାଳୟକୁ ଅବଗତ କରୁନାହାନ୍ତି।
ଏଣୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି କି ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ, ନଚେତ ଆପଣଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଆରକ୍ଷୀ ଉପ-ଆୟୁକ୍ତ (ସଶସ୍ତ୍ର), (ଭାରପ୍ରାପ୍ତ)
ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱର
OIPR-12121/11/0010/2223



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
AT/PO- Nayabazar, Cuttack -753004, Tel No. 0671-2444488, Email-serw_kpd@yahoo.com
No. Tender Online RCK-20/22 Letter No.1728 Date:19.07.2022

**E-Procurement NOTICE**

**No.O-692:The Chief Construction Engineer, R. W. Circle, Kendrapara-Jajpur on behalf of Odisha State Rural Road Agency invites the percentage rate** bids in electronic tendering system for construction of roads under Pradhan Mantri Gram Sadak Yojana in the districts of **Jajpur for 4 (Four)** numbers of packages with estimated cost totaling to **Rs.1592.47** lakh (Approximately) including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
**Date of release of Invitation for Bids through e-procurement: dtd 25.07.2022**
**Availability of Bid Documents and mode of submission:** The bid document is available online and should be submitted online in www.pmgsytenders.gov.in The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security declaration and(c) original affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with **Chief Construction Engineer, R W. Circle, Kendrapara-Jajpur** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.
**Summary for key dates is provided below;**

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara- Jajpur | Tender RCK-20/22 | 25.07.2022 at 11.00 A.M. | 16.08.2022 to 5.00 P.M. | 12.08.2022 upto 5.00 P.M. | 17.08.2022 at 11.00 A.M. | Will be intimated later |

**Date of Submission of original documents such as Bid Security Declaration, Cost of Bid document and Affidavit: Dt** 17.08.2022 **at 11.30 A.M. to** 20.08.2022 **at 5.30 P.M.**
Further details can be seen from the website **www.pmgsytenders.gov.in**

**Sd./- Chief Construction Engineer, Rural Works Circle, Kendrapara- Jajpur**
**OIPR-25129/11/0020/2223**



**POLICE COMMISSIONERATE BHUBANESWAR-CUTTACK**
**ODISHA SPECIAL ARMED POLICE**
**7TH BATTALION, BHUBANESWAR**

ପ୍ରାପ୍ତେଷୁ,

**ଶ୍ରୀ ଭୀମସେନ ନାୟକ**, ସିପାହୀ ନଂ. ୮୬୧
ପିତା: ଜଗନ୍ନାଥ ନାୟକ,
ଗ୍ରାମ: ନନ୍ଦଳା, ପୋ.ଅ.: ରାମଲେଙ୍କା
ଥାନା: କୃଷ୍ଣପ୍ରସାଦ, ଜିଲ୍ଲା: ପୁରୀ

No. D-112: ଏତଦ୍ଦ୍ୱରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆପଣ ତା୨୭।୦୫।୨୦୨୨ରିଖ ପୂର୍ବାହ୍ନଠାରୁ ତା୦୧।୦୬।୨୦୨୨ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୬ଦିନ ପାଇଁ ସାମୟିକ ଛୁଟିରେ ଥିଲେ। ଆପଣଙ୍କୁ ତା୦୨।୦୬।୨୦୨୨ରିଖ ପୂର୍ବାହ୍ନରେ କର୍ତ୍ତବ୍ୟରେ ଯୋଗ ଦେବାର ଥିଲା, କିନ୍ତୁ ଆପଣ କିଛି ନ ଜଣାଇ ଅନୁପସ୍ଥିତ ଅଛନ୍ତି। କର୍ତ୍ତବ୍ୟରେ ଯୋଗ ଦେବା ନିମନ୍ତେ ଆପଣଙ୍କ ପାଖକୁ କାର୍ଯ୍ୟାଳୟ ପତ୍ରସଂଖ୍ୟା ୮୯୩/ଆର୍.ଓ., ତା୦୭।୦୬।୨୦୨୨, ୮୯୪/ଆର୍.ଓ., ତା୦୭।୦୬।୨୦୨୨ ଏବଂ ୮୯୫/ଆର୍.ଓ., ତା୦୭।୦୬।୨୦୨୨ ମାଧ୍ୟମରେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ମାତ୍ର ଏହା ସତ୍ତ୍ୱେ ଆପଣ ନିଜ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି କି ଅନୁପସ୍ଥିତ ବିଷୟରେ କାର୍ଯ୍ୟାଳୟକୁ ଅବଗତ କରୁନାହାନ୍ତି।
ଏଣୁ ଆପଣଙ୍କୁ ଏହି ବିଜ୍ଞାପନ ଦ୍ୱାରା ଅବଗତ କରାଇ ଦିଆଯାଉଅଛି କି ଆପଣ ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିମ୍ନ ଲିଖିତ କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ, ନଚେତ୍ ଆପଣଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଆରକ୍ଷୀ ଉପ-ଆୟୁକ୍ତ (ସଶସ୍ତ୍ର), (ଭାରପ୍ରାପ୍ତ)
ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱର
OIPR-12121/11/0009/2223



**ZILLA SWASTHYA SAMITI, SUNDARGARH**
**DISTRICT PROGRAMME MANAGEMENT UNIT, NHM**
**O/o- CDM & PHO, SUNDARGARH, DIST- SUNDARGARH**
No. 3106 **ADVERTISEMENT** Date:19/07/2022

**No.E-336:**Applications are invited from eligible candidate for filling up of the following contractual positions under ZillaSwasthyaSamiti, Sundargarh.All the positions are purely temporary in nature, subject to renewal and co-terminus with the scheme as per the terms&conditions of OSH & FW Society. Lower age limit for all the positions is 21 Years as on 01.07.2022.

| Sl. No. | Name of the post | Vacancy | Remuneration& Performance Incentive (P.I) | Remarks |
|---|---|---|---|---|
| 1 | District Programme Coordinator (DPC) ,NTEP | 1 No. | Rs.30,018 + Performance Incentive | Applications are invited through Regd. Post / Speed Post only on or before 05/08/2022 up to 5.00 pm |
| 2 | Senior Treatment Supervisor ( STS), NTEP | 2 Nos. | Rs.21,174 + Performance Incentive | |

The interested eligible candidates for the above said posts are required to submit application in the prescribed format along with copy of self-attested photocopies of required testimonials to the **Office of the CDM& PHO, Sundargarh, District Headquarter Hospital, Sundargarh, Pin Code -770001 on or before dtd. 05/08/2022 up to 05.00 P.M through registered post/speed post only and the application must be superscribed with the name of the post applied for.** The details eligibility criteria, remuneration & application form can be downloaded from the official website of Sundargarh District i.e. **www.sundergarh.nic.in** Incomplete application in any form and application received after the due date will summarily be rejected. The undersigned reserves the right to cancel any or all the applications without assigning any reason thereof. The vacancy as mentioned may vary during the time of actual engagement.

**Sd/- Chief District Medical & PHO cum District Mission Director, NHM, Sundargarh**



**ZILLA SWASTHYA SAMITI, SUNDARGARH**
**DISTRICT PROGRAMME MANAGEMENT UNIT, NHM**
**O/o- CDM & PHO, SUNDARGARH, DIST- SUNDARGARH**
No. 3107 **IN-HOUSE ADVERTISEMENT** Date:19/07/2022

Applications are invited from the contractual employees currently working under NHM in the same position of OSH & FW society in other district, desiring to be posted in Sundargarh District against the vacant position mentioned below.

| Sl. No. | Name of the positions | No. of Vacancy | Remarks |
|---|---|---|---|
| 1 | RMNCH/FP Counsellor | 1 No. | Dt.29.07.2022, Regd.Time 11.00 A.M. to 1.00 P.M. |

Interested In-house candidates of NHM may login www.sundergarh.nic.in for details terms and conditions & application form etc. The eligible candidates may attend at office of the Chief District Medical & Public Health Officer, Sundargarh on dt- 29/07/2022 from 11.00 A.M to 01.00 P.M along with the required documents and application form. No candidates shall be allowed beyond the schedule time. The undersigned reserves the right to cancel / reject any or all the applications without assigning any reason thereof.

**Sd/- Chief District Medical & PHO cum DMD, Sundargarh**
**OIPR-10100/11/0016/2223**



**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MAHANADI NORTH DIVISION-I, JAGATPUR, CUTTACK**
E-mail ID:- exengr.mnd@gmail.com
**'e' Procurement Notice No- MND-04/2022-23**

**No.A-412:**The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e- procurement portal www.tendersorissa.gov.in. The tender submission process will be completely online.
**BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO- 9100 DATED 17.07.2020.**

1. Nature of Work : Road works in Canals & River Embankments
2. Total No. of Works : 10 (Ten) works
3. Bid Identification No : MND-04/2022-23
4. Tender Cost : Between Rs. 9.00 Lakhs to Rs. 75.00 Lakhs •
5. EMD : **Bid Security declaration to be furnished in the format given in Annexure-B of Section-6 of Technical Bid document**
6. Period of completion : Two Months
7. Other Details : As noted below

a) Procurement Officer : Superintending Engineer, Mahanadi North Division-1,Jagatpur email: exengr.mnd@gmail.com Ph:- 0671-2491546
b) Availability of Tender On-line for bidding : 10.00 Hours of 21.07.2022 to17.00 Hours of 30.07.2022
c) Last date & time of submission of bid document : 17.00 Hours of 30.07.2022
d) Date, time & place of Opening of Bid : 01.08.2022 at 11.30 Hours in the O/o the Superintending Engineer, Mahanadi North Division-I, Jagatpur
e) Date of Lottery (if required): 06.08.2022 at 11.30 Hours

Further details can be seen from the Govt. website **"https://tendersodisha.gov.in"**

**Sd./- Superintending Engineer,**
**Mahanadi North Division-I, Jagatpur**
**OIPR-32003/11/0006/2223**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଜୁଲାଇ ୨୨/୨୦୨୨ Sambalpur, Friday, July 22/ 2022




# ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ଅନ୍ନୁ ରାଣୀ

**ଇଯୁଜିନ, ୨୧।୭, (ପି.ଟି):** ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ଆଉ ଜଣେ ଭାରତୀୟ ଖେଳାଳି। ପୂର୍ବରୁ ଅବିନାଶ ସାବଲେ ଓ ମୁରଲୀ ଶ୍ରୀଶଙ୍କର ଫାଇନାଲରେ ପ୍ରବେଶ କରିଥିବା ବେଳେ ଗୁରୁବାର ମହିଳା ଜାଭେଲିନ୍ ଥ୍ରୋୟର୍ ଅନ୍ନୁ ରାଣୀ ଫାଇନାଲରେ ପ୍ରବେଶ କରିଛନ୍ତି। ନିଜର ଶେଷ ପ୍ରୟାସରେ ଅନ୍ନୁ ୫୯.୬୦ ମିଟର ଦୂର ଥ୍ରୋ କରିବା ସହିତ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲେ। ଅନ୍ନୁଙ୍କ ପ୍ରଥମ ଥ୍ରୋ ଫାଉଲ ରହିଥିବା ବେଳେ ଦ୍ୱିତୀୟ ଥ୍ରୋ ୫୫.୩୫ ମିଟର ରହିଥିଲା। ଏହାପରେ ନିଜର ଅନ୍ତିମ ଥ୍ରୋରେ ୫୯.୬୦ ମିଟର ଦୂରତା ହାସଲ କରିବା ସହିତ ଫାଇନାଲରେ ପହଞ୍ଚିଥିଲେ। ଅନ୍ନୁଙ୍କ ସିଜିନର ଶ୍ରେଷ୍ଠ ପ୍ରଦର୍ଶନ ଠାରୁ ଏହା କମ ରହିଥିଲେ ହେଁ ଫାଇନାଲ ରାଉଣ୍ଡ ପାଇଁ ଯଥେଷ୍ଟ ରହିଥିଲା।

୨୯ ବର୍ଷୀୟ ଏହି ଜାତୀୟ ରେକର୍ଡଧାରୀ ଖେଳାଳିଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୬୩.୮୨ ମିଟର ରହିଛି। ଗ୍ରୁପ୍ ବିରେ ୫ ନମ୍ବର ସ୍ଥାନରେ ରହିଥିଲେ ଅନ୍ନୁ। ତୃତୀୟ ଥର ପାଇଁ ବିଶ୍ୱ ଚାମ୍ପିୟନଶିପରେ ଅଂଶଗ୍ରହଣ କରୁଥିବା ଅନ୍ନୁ କ୍ରମାଗତ ଦ୍ୱିତୀୟ ଥର ପାଇଁ ଫାଇନାଲ ବର୍ଥ ସୁରକ୍ଷିତ ରଖିଛନ୍ତି।













Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ଶତପଥୀ